


ମାଧୁରୀ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସାଡର୍
▶ଭିତର ପୃଷ୍ଠାରେ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-45 ◆FRIDAY ◆8 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୪୫ ◆ଶୁକ୍ରବାର ◆୮ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଚାଷୀଙ୍କୁ ଶୋଷୁଛି ବୀମା କମ୍ପାନୀ

# ନେଉଛି ଅଧିକ; ଦେଉଛି କମ୍

**ପ୍ରିମିୟମ୍ ଦେୟ ତୁଳନାରେ କ୍ଷତିପୂରଣ ରାଶି ଯଥେଷ୍ଟ କମ୍**

**୯ ବର୍ଷରେ କମ୍ପାନୀ ନେଇଛନ୍ତି ୧୨ ହଜାର କୋଟିର ପ୍ରିମିୟମ୍**

■ **ଭୁବନେଶ୍ୱର,୭।୮ (ସମିସ):** ଫସଲବୀମା ପ୍ରିମିୟମ ବାବଦରେ କମ୍ପାନୀଗୁଡ଼ିକ ପ୍ରତିବର୍ଷ କୋଟି କୋଟି ଟଙ୍କା ନେଉଛନ୍ତି। ହେଲେ ଫସଲ କ୍ଷତି ଆଧାରରେ ଚାଷୀମାନଙ୍କୁ କ୍ଷତିପୂରଣ ଦେଉ ନାହାନ୍ତି। କ୍ଷତିପୂରଣ ଟଙ୍କା ପାଇବା ପାଇଁ ଚାଷୀଙ୍କୁ ଧାଇଁଧାଇଁ ଶେଷରେ ନିରାଶ ହେବାକୁ ପଡୁଛି ଓ ଯେଉଁମାନେ କ୍ଷତିପୂରଣର ଜଟିଳ ପ୍ରକ୍ରିୟାକୁ କୌଣସି ପ୍ରକାର ଶେଷ କରୁଛନ୍ତି, ସେମାନଙ୍କୁ ଯେତିକି ଅର୍ଥ ମିଳୁଛି ତାହା କ୍ଷତି ତୁଳନାରେ ଯଥେଷ୍ଟ କମ୍। ଏପରିକି କମ୍ପାନୀଗୁଡ଼ିକ ବୀମା ପ୍ରିମିୟମ ବାବଦରେ ଯେତିକି ଟଙ୍କା ନେଉଛନ୍ତି ତାହାର ଚାରିଭାଗରୁ ଭାଗେ ବି କ୍ଷତିପୂରଣ ମିଳୁନାହିଁ। ଯାହାକୁ ନେଇ ଚାଷୀଙ୍କ ମନରେ ଅସନ୍ତୋଷ ବଢୁଛି ଏବଂ ଫସଲବୀମାର କାର୍ଯ୍ୟକାରୀତା ଓ ଏହାର ସଫଳତାକୁ ନେଇ ସରକାରଙ୍କ ଶ୍ରେୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗତ ୨୦୨୪ରେ ଗଞ୍ଜାମ ଜିଲ୍ଲାର ୧ଲକ୍ଷ ୪୫ ହଜାର ୭୧୬ଜଣ ଚାଷୀ ବୀମା କରିଥିଲେ। ଏହି ବାବଦରେ ଚାଷୀଙ୍କର ୭୬ କୋଟି ୩୪ ଲକ୍ଷ ୧ ହଜାର ପ୍ରିମିୟମ ଟଙ୍କା ବୀମା କମ୍ପାନୀ ପାଇଥିଲା। ମାତ୍ର ସେହିବର୍ଷ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ ହୋଇଥିଲା ଓ କ୍ଷତିପୂରଣ ପାଇବାକୁ ଲୋକେ କ୍ଲେମ୍ କରିଥିଲେ। ବୀମା କମ୍ପାନୀ ଫସଲ କ୍ଷତି ପାଇଁ ଚାଷୀଙ୍କୁ କ୍ଲେମ ଅନୁଯାୟୀ କ୍ଷତିପୂରଣ ସହାୟତା ଦେବା ତ ଦୂରର କଥା, ପ୍ରିମିୟମ ବାବଦକୁ ଖର୍ଚ୍ଚ ହୋଇଥିବା ଟଙ୍କାର ଯଥେଷ୍ଟ କମ୍ ଅର୍ଥାତ ମାତ୍ର ୧୦କୋଟି ୧୨ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଚାଷୀଙ୍କୁ କ୍ଷତିପୂରଣ ବାବଦକୁ ସମୁଦ୍ରକୁ ଶଙ୍ଖେ ଟଙ୍କା ଦେଇ ରାଜ୍ୟ ଓ ଜିଲ୍ଲା ପ୍ରଶାସନ, ସରକାର ଓ କମ୍ପାନୀର ମିଳିଭଗତରେ ▶ପୃଷ୍ଠା-୭

ଏନ୍‌ଡିଏ ବୈଠକରେ ଉପରାଷ୍ଟ୍ରପତି ଚୟନ ନିଷ୍ପତ୍ତି

# ମୋଦୀ ବାଛିବେ ପ୍ରାର୍ଥୀ

■ **ନୂଆଦିଲ୍ଲୀ, ୭।୮ (ଏଜେନ୍ସି):** ଆସନ୍ତା ସେପଟେମ୍ବର ୯ ତାରିଖରେ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନ ଲାଗି ନିର୍ବାଚନ କମିସନ ଆଜି ବିଜ୍ଞପ୍ତି ଜାରି କରିଛନ୍ତି। ଏହାସହିତ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ତେବେ ଜଗଦୀପ ଧନଖଡ଼ଙ୍କ ଇସ୍ତଫା ପରେ ଖାଲିପଡ଼ିଥିବା ଉପରାଷ୍ଟ୍ରପତି ପଦରେ କିଏ ବସିବ, ତାହାକୁ ନେଇ କସରତ ଆରମ୍ଭ ହୋଇଯାଇଛି। ସଂଖ୍ୟା ଦୃଷ୍ଟିରୁ କ୍ଷମତାସୀନ ଏନ୍‌ଡିଏ ଆଗୁଆ ଥିବାରୁ ଏହାର ପ୍ରାର୍ଥୀ ଉପରାଷ୍ଟ୍ରପତି ହେବା ପ୍ରାୟ ନିଶ୍ଚିତ। ଏନ୍‌ଡିଏ ପ୍ରାର୍ଥୀ ବାଛିବା ଲାଗି ମେଣ୍ଟ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିଜେପି ସଭାପତି ଜେପି ନଡ୍ଡାଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ସେମାନେ ଯାହାକୁ ପ୍ରାର୍ଥୀ କରିବେ, ତାହାକୁ ଏନ୍‌ଡିଏ ଗ୍ରହଣ କରିବ। ଆଜି ଏଠାରେ ଅନୁଷ୍ଠିତ ଏନ୍‌ଡିଏ ନେତାମାନଙ୍କ ବୈଠକରେ ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସୂଚନା ଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ। କେନ୍ଦ୍ର ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅମିତ ଶାହ, ଜେପି ନଡ୍ଡା, ଲଲନ ସିଂହ, ଶ୍ରୀକାନ୍ତ ସିନ୍ଦେ, ଶ୍ରୀକୃଷ୍ଣା ଦେବରାୟାଲୁ ଏବଂ ଚିରାଗ ପାଶ୍ୱାନ ପ୍ରମୁଖ ଉପସ୍ଥିତ ଥିଲେ।

ଆଜି ନିର୍ବାଚନ କମିସନ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ ଚଳିତ ମାସ ୨୧ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ କରାଯାଇପାରିବ। ୨୨ ତାରିଖରେ ପ୍ରାର୍ଥିପତ୍ରର ଯାଞ୍ଚ କରାଯିବ। ୨୫ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯାଇପାରିବ। ▶ପୃଷ୍ଠା-୭

**ସରକାରୀ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର**

# ୩୭ ପ୍ରତିଶତ ଡାକ୍ତର ପଦ ଖାଲି

■ **ଭୁବନେଶ୍ୱର, ୭।୮ (ସମିସ):** ଦୁଇ ଦିନ ତଳେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଭେଟି ମେଡିକାଲ ସିଟ୍ ସଂଖ୍ୟା ବୃଦ୍ଧି କରିବା ପାଇଁ ନିବେଦନ କରିଛନ୍ତି। ମାତ୍ର ରାଜ୍ୟରେ ହଜାର ହଜାର ସଂଖ୍ୟାରେ ଡାକ୍ତର ଓ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଥିଲେ ବି ସେଥିପ୍ରତି ମନ୍ତ୍ରୀ କିମ୍ବା ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେଉନାହାନ୍ତି। ଫଳସ୍ୱରୂପ ସାମାନ୍ୟତମ ସ୍ୱାସ୍ଥ୍ୟ ସମସ୍ୟା ହେଲେ ବି ରୋଗୀମାନେ ବାଧହୋଇ ଭୁବନେଶ୍ୱର,

**୫୫% ବିଶେଷଜ୍ଞ ଡାକ୍ତର ନାହାନ୍ତି**

କଟକ ଆଦି ସହରକୁ ଦୌଡୁଛନ୍ତି। କିଛି ରୋଗୀ 'ଗୋପବନ୍ଧୁ' ଓ 'ଆୟୁଷ୍ମାନ' ଯୋଜନାରେ ସହାୟତା ପାଉଥିବାବେଳେ ଆଉ କିଛି ରୋଗୀ ଘରୋଇ ଡାକ୍ତରଖାନାକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏମିତିକି 'ଆୟୁଷ୍ମାନ' କାର୍ଡରେ ମାତ୍ରାଧିକ ସମସ୍ୟା ହେତୁ ଲୋକମାନେ ନିଜର ଜମିବାଡ଼ି ବିକ୍ରି କରି ଘରୋଇ ଡାକ୍ତରଖାନାରେ ଚିକିତ୍ସା ଖର୍ଚ୍ଚ ତୁଲାଉଛନ୍ତି।

ଗତ ମାର୍ଚ୍ଚ ମାସରେ ସରକାର ବିଧାନସଭାରେ ଦେଇଥିବା ▶ପୃଷ୍ଠା-୭

**ଗୁଣି ସନ୍ଦେହରେ ମାରି ପୋତିଦେବା ଘଟଣା**


# ମାଟି ଖୋଳି ଶବ ଉଦ୍ଧାର; ୯ ଗିରଫ



■ **ମୋହନା, ୭।୮ (ସମିସ):** ଗୁଣି ସନ୍ଦେହରେ ଯୁବକଙ୍କୁ ହତ୍ୟା କରି ଜଙ୍ଗଲରେ ପୋତିଦେଲେ। ଗଜପତି ଜିଲ୍ଲା ମୋହନା ଥାନା କୁସୁମପୁର ଗାଁରୁ ଏଭଳି ଏକ ଅଭିଯୋଗ ଆସିଛି। ମୃତକ ହେଲେ, ଜିରାଙ୍ଗ ପଞ୍ଚାୟତ କମଳାପୁର ଗାଁର କରୁଣାକର ଦଳାଇ। ପୁଲିସ୍ ଆଜି ମାଟି ଖୋଳି ▶ପୃଷ୍ଠା-୭

**ପଚ୍ଚାମୁଣ୍ଡାଇରେ ଛାତ୍ରୀ ଆତ୍ମାହୁତି ଘଟଣାରେ ନବୀନଙ୍କ କ୍ଷୋଭ**

# ଆଉ କେତେ ଚିତା ଜଳିଲେ ଜାଗିବେ ରାଜ୍ୟ ସରକାର ?



■ **ଭୁବନେଶ୍ୱର, ୭।୮ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ପଚ୍ଚାମୁଣ୍ଡାଇରେ ଜଣେ + ୩ ଛାତ୍ରୀ ଆତ୍ମାହୁତି କରିବା ଘଟଣା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଥିବା ବେଳେ ଏହାକୁ ନେଇ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ରାଜ୍ୟ ବିଜେପି ସରକାର ଜାଗ୍ରତ ହେବା ପୂର୍ବରୁ ଆଉ କେତେ ଚିତା ଜଳିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ପ୍ରତିଦିନ ମହିଳା ବିରୋଧୀ ଅତ୍ୟାଚାର, ଅପରାଧ ସାମ୍ନାକୁ ଆସୁଥିବା ବେଳେ ଆତ୍ମାହୁତି ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏପରି ସ୍ପର୍ଶକାତର, ସମ୍ବେଦନଶୀଳ ଘଟଣା ରୋକିବାରେ ▶ପୃଷ୍ଠା-୭




## ଅହମଦାବାଦ ବିମାନ ଦୁର୍ଘଟଣା
# ୬୦ ପୀଡିତ ପରିବାର ଆମେରିକା କୋର୍ଟ ଯିବେ

ଅହମଦାବାଦ, ୭।୮(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ଜୀବନ ହରାଇଥିବା ଯାତ୍ରୀଙ୍କ ୬୦ ପରିବାର ବୋଇଂ କମ୍ପାନୀ ବିରୋଧରେ କୋର୍ଟ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ଦୁର୍ଘଟଣାଗ୍ରସ୍ତ ବିମାନର ନିର୍ମାତା କମ୍ପାନୀ ବୋଇଂ ବିରୋଧରେ ଆମେରିକା କୋର୍ଟରେ ମକଦ୍ଦମା କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏଥିପାଇଁ ସେମାନେ ଆମେରିକାର ଜଣାଶୁଣା ଓକିଲ ତଥା ଆଇନ ବିଶେଷଜ୍ଞ ମାଇକ ଆଣ୍ଡ୍ରୁଯ୍‌ଜ୍‌ଙ୍କୁ ନିୟୋଜିତ କରିଛନ୍ତି। ଦୁର୍ଘଟଣା ଯାଞ୍ଚ ନେଇ ଏହି ପୀଡିତ ପରିବାରଗୁଡିକ ପ୍ରଶ୍ନ ଉଠାଇଛନ୍ତି।। ବିମାନ କକ୍‌ପିଟ୍‌ର ଭଏସ ରେକର୍ଡର ଓ ଫ୍ଲାଇଟ୍ ଡାଟା ରେକର୍ଡର ତଥ୍ୟ ଦେବାକୁ ପୀଡିତ ପରିବାରଗୁଡିକ ଦାବି କରିଛନ୍ତି। ଏହାଦ୍ୱାରା ସ୍ୱାଧୀନ ଭାବେ ସ୍ୱତନ୍ତ୍ର ଯାଞ୍ଚ କରିହେବ ବୋଲି ପରିବାର ତରଫରୁ କୁହାଯାଇଛି। ଆଣ୍ଡ୍ରୁଯ୍‌ଜ ଗୁରୁତର ଭାବେ ଆହତ ଓ ମୃତ୍ୟୁବରଣ କରିଥିବା ମାମଲାରେ ବିଶେଷଜ୍ଞ ଭାବେ ଜଣାଶୁଣା। ଏହାପୂର୍ବରୁ ସେ କେତୋଟି ଟ୍ରକ୍ ଓ କାର ନିର୍ମାତା କମ୍ପାନୀ ବିରୋଧରେ କେସ ଲଢି ସାରିଛନ୍ତି। ଉଲ୍ଲେଖଥାଉକି ଜୁନ୍ ୧୨ରେ ଅହରାହ୍ଣ ୧.୩୮ ରେ ଅହମଦାବାଦ ବିମାନ ବନ୍ଦରରୁ ଟେକ୍‌ଅଫ୍ କରିବାର କିଛି ସେକେଣ୍ଡ ପରେ ଏୟାର ଇଣ୍ଡିଆ ବିମାନ ୧୭୧ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ବିମାନ ଯାତ୍ରୀ, କ୍ରୁ ମେମ୍ବରଙ୍କ ସମେତ ଏଥିରେ ମୋଟ୍ ୨୭୦ଜଣ ମୃତ୍ୟୁବରଣ କରିଥିଲେ। ଗୁଜରାଟ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ମଧ୍ୟ ଏଥିରେ ମୃତ୍ୟୁବରଣ କରିଥିଲେ।

## ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କୁ ପନ୍ନୁର ହତ୍ୟା ଧମକ

ଅମୃତସର, ୭।୮(ଏଜେନ୍ସି): ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନଙ୍କୁ ହତ୍ୟା ଧମକ ମିଳିଛି। ଜଣାଶୁଣା ଖଲିସ୍ତାନୀ ଆତଙ୍କୀ ସଂଗଠନ 'ଶିଖ ଫର ଜଷ୍ଟିସ୍' (ଏସ୍‌ଏଫ୍‌ଜେ) ମୁଖ୍ୟ ଗୁରପତବନ୍ତ ସିଂହ ପନ୍ନୁ ଏହି ହତ୍ୟା ଧମକ ଦେଇଛି। ଏ ନେଇ ସେ ସୋସିଆଲ ମିଡିଆରେ ଏକ ଭିଡିଓ ମଧ୍ୟ ଜାରି କରିଛି। ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ପାଳନ ଅବସରରେ ଭଗବନ୍ତ ମାନ ନିଶାଣରେ ରହିବେ ବୋଲି ସେ ଧମକ ଦେଇଛି। ସ୍ୱାଧୀନତା ଦିବସରେ ଭଗବନ୍ତ ତ୍ରିରଙ୍ଗା ଉଡାଇବାକୁ ଆମେ ବିରୋଧ କରୁଛୁ ବୋଲି ସେ ଭିଡିଓରେ କହିଛି। ସେ ଲ୍ୟାଣ୍ଡ ପୁଲିଂ ପଲିସିକୁ ନେଇ ଲୋକଙ୍କୁ ଉସ୍‌କାଇବାକୁ ମଧ୍ୟ ପ୍ରୟାସ କରିଛି। ସେହିପରି ସେ ଅମୃତସର ବସଷ୍ଟାଣ୍ଡ ନିକଟସ୍ଥ ମନ୍ଦିର, କୋର୍ଟ ପରିସର ଓ ଖାଲସା କଲେଜର ଦିଆଲିରେ 'ଖଲିସ୍ତାନୀ ଏସ୍‌ଏଫ୍‌ଜେ ରେଫରେଣ୍ଡମ ଓ ଭଗବନ୍ତ ମାନ ମୁର୍ଦ୍ଦାବାଦ'ର ସ୍ଲୋଗାନ ଲେଖାଇଛି ବୋଲି ସେ ଦାବି କରିଛି। ପନ୍ନୁ ଭାରତର ସ୍ୱାଧୀନତା ଦିବସକୁ ବିରୋଧ କରୁଛି। ତେଣୁ ସେ ଏହାକୁ ପାଳନ କରିବାକୁ ମଧ୍ୟ ଖୋଲାଖୋଲି ଭାବେ ବିରୋଧ କରୁଛି ବୋଲି ଭିଡିଓରେ କହିଛି।

## ପ୍ରୟାଗରାଜରେ ଏନ୍‌କାଉଣ୍ଟର; ଗ୍ୟାଙ୍ଗଷ୍ଟର ନିହତ

ଲକ୍ଷ୍ନୌ, ୭।୮(ଏଜେନ୍ସି): ଉତ୍ତରପ୍ରଦେଶର ପ୍ରୟାଗରାଜ୍‌ରେ ସ୍ପେଶିଆଲ ଟ୍ୟାକ୍ସ ଫୋର୍ସ (ଏସ୍‌ଟିଏଫ୍) ଝାଡଖଣ୍ଡର କୁଖ୍ୟାତ ଗ୍ୟାଙ୍ଗଷ୍ଟର ଛୋଟୁ ଧନବାଦିଆ ଉର୍ଫ ଆଶିଷ ରଞ୍ଜନକୁ ଏନ୍‌କାଉଣ୍ଟର କରିଛି। ଆଶିଷ ନାମରେ ୪ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସର୍ଭିଲାନ୍ସ ଜରିଆରେ ତା'ର ଠିକଣାକୁ ଠାବ କରାଯାଇଥିଲା। ସ୍ଥାନୀୟ ଶଙ୍କରଗଡ଼ ସ୍ଥିତ ଶିବରାଜ ଛକରେ ତାକୁ ଏସ୍‌ଟିଏଫ୍ ଘେରାଉ କରିଥିଲା। ସେ ବାଇକ୍‌ରେ ଯାଉଥିବା ବେଳେ ତା'ର ପିଛା କରାଯାଇଥିଲା। କିନ୍ତୁ କିଛି ବାଟ ଯାଇ ସେ ଏକେ-୪୭ରେ ଆଖିବୁଜା ଗୁଳି ଚଳାଇଥିଲା। ଏସ୍‌ଟିଏଫ୍‌ର ପାଲଟା ଗୁଳିରେ ସେ ଆହତ ହୋଇଥିଲା। ତାକୁ ହସ୍ପିଟାଲ ନିଆଯାଇଥିଲା କିନ୍ତୁ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ୧୦ ମିନିଟର ଏହି ଏନ୍‌କାଉଣ୍ଟରରେ ୪୬ ରାଉଣ୍ଡ ଫାୟାରିଂ ହୋଇଥିଲା। ତାଠାରୁ ଏକେ-୪୭ ଓ ୯ ଏମ୍‌ଏମ୍‌ର ଗୁଳି ଜବତ କରାଯାଇଛି।

## ଖାଇକୁ ଖସିଲା ସିଆରପିଏଫ୍ ଗାଡ଼ି: ୩ ଯବାନ ମୃତ

ନୂଆଦିଲ୍ଲୀ, ୭।୮(ଏଜେନ୍ସି): ଜମ୍ମୁ- କଶ୍ମୀରର ଉର୍ଦ୍ଧ୍ୱମପୁର ଜିଲ୍ଲାର ବସନ୍ତଗଡ଼ ଅଞ୍ଚଳରେ ଗୁରୁବାର ସକାଳ ୧୦.୩୦ରେ ସିଆରପିଏଫ୍‌ର ଏକ ଗାଡ଼ି ୨୦୦ ଫୁଟ ଗଭୀର ଖାଇରେ ଖସିପଡ଼ିଛି। ଏହି ଦୁର୍ଘଟଣା ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫ ଜଣଙ୍କ ସ୍ଥିତି ଗମ୍ଭୀର ରହିଛି ବୋଲି ସ୍ଥାନୀୟ ପ୍ରଶାସନ ତରଫରୁ କୁହାଯାଇଛି। ଯବାନମାନଙ୍କୁ ନେଇ ଏହି ଗାଡି ଆସୁଥିଲା। ତେବେ ନିୟନ୍ତ୍ରଣ ହରାଇ ଗାଡି ଖାଇକୁ ଖସିଥିଲା ବୋଲି ସିଆରପିଏଫ୍ ଅଧିକାରୀମାନେ ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ୩ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଲ୍ଲେଖଥାଉ କି, ପୂର୍ବରୁ ଜୁଲାଇ ୧୬ରେ ଲଦାଖରେ ଏକ ମିନି ବସ ଖାଇରେ ଖସି ପଡ଼ିବା ଫଳରେ ୨ ଜଣଙ୍କ ମୃତ୍ୟୁବରଣ କରିଥିବା ବେଳେ ୮ ଜଣ ଗୁରୁତର ଭାବେ ଆହତ ହୋଇଥିଲେ।

## ୫ ସାଥୀଙ୍କୁ ଗୁଳି ମାରିଲେ ଯବାନ

ୱାସିଂଟନ, ୭।୮(ଏଜେନ୍ସି): ଆମେରିକାର ଜର୍ଜିଆ ରାଜ୍ୟର ଫର୍ଟ ଷ୍ଟିୱାର୍ଟସ୍ଥିତ ସେନା କ୍ୟାମ୍ପ।ରେ ଜଣେ ସୈନିକ ନିଜ ପର୍ସନାଲ ହ୍ୟାଣ୍ଡଗନ୍‌ରେ ନିଜର ସାଥି ସୈନିକମାନଙ୍କୁ ଟାର୍ଗେଟ କରି ଆଖିବୁଜା ଗୁଳିମାଡ କରିଥିଲେ। ଆକ୍ରମଣକାରୀ ସୈନିକଙ୍କ ନାମ କ୍ୱୋରୋନେଲିଅସ ରାଡଫର୍ଡ ବୋଲି ଜଣାଯାଇଛି। ଏହି ଘଟଣାରେ ୫ ଜଣ ସୈନିକ ଆହତ ହୋଇଛନ୍ତି। ଆଟଲାଣ୍ଟର ଦକ୍ଷିଣପୂର୍ବ ଦିଗରେ ଫର୍ଟ ଷ୍ଟିୱାର୍ଟ ୩୮୬ କିମି ଦୂରରେ ଅବସ୍ଥିତ। ଭାରତୀୟ ସମୟ ଅନୁସାରେ ବୁଧବାର ରାତି ୮.୨୬ରେ ଏହି ଘଟଣା ଘଟିଥିଲା। ଆକ୍ରମଣ କରିବା ମାତ୍ରେ ହିଁ ରାଡଫର୍ଡଙ୍କୁ ଅନ୍ୟ ସୈନିକମାନେ କାବୁ କରି ନେଇଥିଲେ। ଆହତ ସୈନିକଙ୍କୁ କମ୍ୟୁନିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ନିର୍ବାଚନ କମିସନଙ୍କ ବିରୋଧରେ ରାହୁଲଙ୍କ 'ଭୋଟ ଚୋରି' ଅଭିଯୋଗ
# କର୍ଣ୍ଣାଟକରେ ଭୟଙ୍କର ଜାଲିଆତି

ନୂଆଦିଲ୍ଲୀ, ୭।୮(ଏଜେନ୍ସି): ଜାଲ ଭୋଟର, ଜାଲ ଠିକଣା, ଜାଲ୍ ଫଟୋ, ଗୋଟିଏ ଠିକଣାରେ ବହୁ ସଂଖ୍ୟକ ଭୋଟର। ନିର୍ବାଚନ କମିସନ ବିରୋଧରେ ଏଭଳି ଗୁରୁତର ଅଭିଯୋଗ ଆଣିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ସେ କହିଛନ୍ତି ଯେ ବିଜେପିକୁ ଜିତାଇବା ଲାଗି କମିସନ ବଡ଼ ଧରଣର ଜାଲିଆତି କରିଛନ୍ତି। କର୍ଣ୍ଣାଟକରେ ଏକ ଲୋକସଭା ନିର୍ବାଚନମଣ୍ଡଳୀରେ ହୋଇଥିବା ଭୋଟ ଜାଲିଆତିର ଉଦାହରଣ ଦେଇ ସେ କହିଛନ୍ତି ଯେ ଏଠାରେ ଗୋଟିଏ ବିଧାନସଭା ନିର୍ବାଚନମଣ୍ଡଳୀରେ ଏକ ଲକ୍ଷ ଭୋଟ୍ ଚୋରି କରାଯାଇଛି।

ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ରାହୁଲ କହିଛନ୍ତି ଯେ ଗୋଟିଏ ନିର୍ଦ୍ଦିଷ୍ଟ ଦଳକୁ ଜିତାଇବା ଲାଗି ଭୋଟର ତାଲିକାରେ ହଜାର ହଜାର ଜାଲ ଭୋଟରଙ୍କୁ ସାମିଲ କରାଯାଇଛି। କର୍ଣ୍ଣାଟକର କେନ୍ଦ୍ରୀୟ ବାଙ୍ଗାଲୋର ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମହାଦେବପୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ହୋଇଥିବା ଜାଲିଆତିର ଉଦାହରଣ ଦେଇ ସେ କହିଛନ୍ତି ଯେ ଏଠାରେ ୬ ଲକ୍ଷ ୫୦ ହଜାର ଭୋଟର ଥିବା ବେଳେ ଏକ ଲକ୍ଷରୁ ଅଧିକ ଭୋଟ୍ ଜାଲିଆତି ହୋଇଛି। ୨୦୨୪ ସାଧାରଣ ନିର୍ବାଚନରେ ଏହି ଲୋକସଭା ଆସନରେ କଂଗ୍ରେସ ପ୍ରାର୍ଥୀ ଗଣତି ବେଳେ ପ୍ରାୟ ସବୁସ୍ଥାନରେ ଆଗୁଆ ଥିବା ବେଳେ ଫଳାଫଳ ଘୋଷଣା ବେଳେ ବିଜେପି ପ୍ରାର୍ଥୀଙ୍କୁ ୩୨ ହାର ୭୦୭ ଭୋଟରେ ବିଜୟୀ ଘୋଷଣା କରାଗଲା। କଂଗ୍ରେସ ପ୍ରାର୍ଥୀ ୬,୨୬,୨୦୮ ଭୋଟ୍ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ୬,୫୮,୯୧୫ ଭୋଟ୍ ପାଇଥିଲେ। ଏହାର ରହସ୍ୟ ଜାଣିବା ଲାଗି କଂଗ୍ରେସ ପକ୍ଷରୁ ନିଜସ୍ୱ ଉଦ୍ୟମରେ ଅନୁସନ୍ଧାନ କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ ଏହି ଲୋକସଭା ଆସନର ୭ଟି ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ଆଗୁଆ ଥିବା ବେଳେ ମହାଦେବପୁରା ବିଧାନସଭା ଆସନରେ ବହୁତ ପଛରେ ରହିଥିଲେ। ଏହି ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ୧ ଲକ୍ଷ ୧୪ ହଜାର ଭୋଟରେ ହାରିଯାଇଥିଲେ। ରାହୁଲ କହିଲେ ଯେ ଏହି ନିର୍ବାଚନମଣ୍ଡଳୀରେ ଏକ ଲକ୍ଷରୁ ଅଧିକ ଭୋଟ ଜାଲିଆତି



### ଗୋଟିଏ ବିଧାନସଭା ଆସନରେ ଏକ ଲକ୍ଷ ଭୋଟରଙ୍କୁ ନେଇ ଉଠାଇଲେ ପ୍ରଶ୍ନ

### ଅଭିଯୋଗକୁ ଖଣ୍ଡନ କଲେ ନିର୍ବାଚନ କମିସନ

### ସତ୍ୟପାଠ ଜରିଆରେ ତଥ୍ୟ ପ୍ରମାଣ ଦିଅ

ହୋଇଛି। ଏଠାରେ ୧୧ ହଜାର ୯୬୫ ଡୁପ୍ଲିକେଟ୍ ଭୋଟର ଅଛନ୍ତି। ୪୦ ହଜାର ୯ ଜଣ ଏମିତି ଭୋଟର ଅଛନ୍ତି, ଯାହାର ଠିକଣା ଠିକ୍ ନାହିଁ। ଗୋଟିଏ ଗୋଟିଏ ଠିକଣାରେ ୧୦ ହଜାର ୪୫୨ ଭୋଟରଙ୍କର ନାମ ରହିଛି। ପୁଣି ୪୧୩୨ ଏମିତି ଭୋଟର ରହିଛନ୍ତି ଯେଉଁମାନଙ୍କର ଫଟୋ ଇନ୍‌ଭାଲିଡ୍ ରହିଛି। ଏହାସହିତ ଫର୍ମ-୬ର ଅପବ୍ୟବହାର କରାଯାଇ ୩୩ ହଜାର ୬୯୨ ନୂଆ ଭୋଟରଙ୍କୁ ସାମିଲ କରାଯାଇଛି। ନୂଆ ଭୋଟରମମାନଙ୍କ ମଧ୍ୟରେ ଅଧିକାଂଶ ବ୍ୟକ୍ତି ହେଉଛନ୍ତି ବୟସ୍କ।

ରାହୁଲ କହିଲେ ଯେ ତାଙ୍କ ଦଳ ପକ୍ଷରୁ ନିର୍ବାଚନ କମିସନଙ୍କୁ ଏସଂପର୍କରେ ତଥ୍ୟ ମଗାଯାଇଥିଲା। କିନ୍ତୁ କମିସନ ଭୋଟର ତାଲିକା ଇଲେକଟ୍ରୋନିକ ଫର୍ମାଟରେ ନଦେଇ କାଗଜରେ ଦେଇଛନ୍ତି। ଏହି କାଗଜ ତାଲିକାର ଉଚ୍ଚତା ହେଉଛି ୭ ଫୁଟ୍। ଇଲେକଟ୍ରୋନିକ ଫର୍ମାଟରେ ଦେଇଥିଲେ ଜାଲିଆତି ୩୦ ସେକଣ୍ଡରେ ଧରାପଡ଼ି ଯାଇଥାନ୍ତା। କିନ୍ତୁ ବିଭ୍ରାନ୍ତ କରିବା ଲାଗି କାଗଜ ଫର୍ମାଟରେ ଦିଆଯାଇଛି। କାଗଜ ତଥ୍ୟରେ ଜାଲିଆତି ଧରିବା ଏକ କଷ୍ଟସାଧ୍ୟ ବ୍ୟାପାର। ଭୋଟର ତଥ୍ୟ ଯାଞ୍ଚ କରାଇନଦେବା ଲାଗି ରାଜନୈତିକ ଦଳଙ୍କୁ ଏଭଳି କାଗଜରେ ତଥ୍ୟ ଦେଉଛନ୍ତି କମିସନ। ତଥାପି ଏହି କାଗଜ ତଥ୍ୟକୁ ନେଇ ଯାଞ୍ଚ କରିବା ଲାଗି କଂଗ୍ରେସ ଟିମ୍‌କୁ ୬ ମାସ ଲାଗିଗଲା ବୋଲି ରାହୁଲ କହିଛନ୍ତି।

୨୦୨୪ ଲୋକସଭା ନିର୍ବାଚନରେ ବିଜେପି ଓ କଂଗ୍ରେସ ମଧ୍ୟରେ କଡା ଟକ୍କର ହୋଇଥିଲା। ବିଜେପି (୨୪୦) ନିଜ ଦମରେ ସରକାର ଗଠନ କରିପାରି ନଥିଲା। ସରକାର ପାଇଁ ଅନ୍ୟ ଦଳଙ୍କର ସହାୟତା ।ନେଇଥିଲା। କିନ୍ତୁ ଏହାପରେ ହରିଆଣା, ମହାରାଷ୍ଟ୍ର ଓ ଦିଲ୍ଲୀରେ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେପିକୁ ଅପ୍ରତ୍ୟାଶିତ ସଫଳତା ମିଳିଥିଲା। ଏହା କେବଳ ରାଜନୈତିକ ଦଳଙ୍କୁ ନୁହେଁ, ଏକଜିଟ୍ ପୋଲ୍ ସଂସ୍ଥାମାନଙ୍କୁ ମଧ୍ୟ ବିସ୍ମିତ କରିଥିଲା। ଏହାକୁ ନେଇ ସନ୍ଦେହ ବଢ଼ିବାରୁ କଂଗ୍ରେସ ପକ୍ଷରୁ ଅନୁସନ୍ଧାନ ଆରମ୍ଭ ହୋଇଥିଲା। ଭୋଟର ତାଲିକାରେ ଜାଲ ଭୋଟରଙ୍କୁ ସାମିଲ କରାଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି।

ତେବେ ନିର୍ବାଚନ କମିସନ ରାହୁଲଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। କମିସନ କହିଛନ୍ତି ଯେ କଂଗ୍ରେସ ନେତା ସତ୍ୟପାଠ ମାଧ୍ୟମରେ ତଥ୍ୟ ପ୍ରମାଣ ଦାଲଖ କରନ୍ତୁ। ସଂସ୍ଥା ବିରୋଧରେ ଦେଶବାସୀଙ୍କୁ ବିଭ୍ରାନ୍ତ ନକରିବା ଲାଗି କହିଛନ୍ତି।

## ଜଷ୍ଟିସ ବର୍ମାଙ୍କ ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୭।୮(ଏଜେନ୍ସି): ବାସବଭନରୁ ନଗଦ ଟଙ୍କା ଜବତ ମାମଲାରେ ଫସିଥିବା ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ଆବେଦନକୁ ଆଜି ଖାରଜ କରିଦେଇଛନ୍ତି ସୁପ୍ରିମ କୋର୍ଟ। ଏହି ମାମଲାରେ ଜଷ୍ଟିସ ବର୍ମା ତାଙ୍କ ବିରୋଧରେ କୋର୍ଟ ଯାଞ୍ଚ କମିଟି ଦେଇଥିବା ରିପୋର୍ଟକୁ ଚ୍ୟାଲେଞ୍ଜ କରି ପିଟିସନ ଦାୟର କରିଥି।ଲେ। କିନ୍ତୁ ସ।ର୍ବୋଚ୍ଚ ଅଦାଲତ ଏହି ପିଟିସନକୁ ଖାରଜ କରି।ଦେଇଛନ୍ତି। ଫଳ।ରେ ଜଷ୍ଟିସ ବର୍ମାଙ୍କ ବିରୋଧରେ ସଂସଦରେ ମହାଭିଯୋଗ ପ୍ରକ୍ରିୟା ଚାଲୁ ରହିବ ବୋଲି ସ୍ପଷ୍ଟ ହୋଇଯାଇଛି।

ଜଷ୍ଟିସ ବର୍ମା ତାଙ୍କ ବାସଭବନରେ ଅଧାଜଳା ନଗଦ ଟଙ୍କା ଜବତ ମାମଲାରେ ଇନ୍ ହାଉସ୍ କମିଟିର ରିପୋର୍ଟ ଓ ମହାଭିଯୋଗ ନେଇ ହୋଇଥିବା ସୁପାରିସ୍‌କୁ ରଦ୍ଦ କରିବାକୁ ସୁପ୍ରିମକୋର୍ଟରେ ଅପିଲ କରିଥିଲେ। ଏହି ରିପୋର୍ଟରେ ଜଷ୍ଟିସ ବର୍ମାଙ୍କୁ ଦୋଷୀ ବୋଲି ଉଲ୍ଲେଖ କରାଯାଇଥିଲା। ଜଷ୍ଟିସ ବର୍ମାଙ୍କ ଆବେଦନ ଖାରଜ ହେବା ପରେ ଏବେ ଦୁଇଟି ସମ୍ଭାବନା ସୃଷ୍ଟି ହୋଇଛି। ପ୍ରଥମଟି ହେଲା ସେ ଇସ୍ତଫା ଦେବେ। ଯଦି ଏହା ହୁଏ, ତେବେ ସେ ମହାଭିଯୋଗକୁ ସାମ୍ନା କରିବାରୁ ବର୍ତ୍ତିଯିବେ ଓ ଅବସରପ୍ରାପ୍ତ ବିଚାରପତି ଭାବେ ସେ ପେନ୍‌ସନ ପାଇବେ। କିନ୍ତୁ ଯଦି ମହାଭିଯୋଗ ଜରିଆରେ ତାଙ୍କୁ ପଦରୁ ହଟା ଯାଏ ତେବେ ସେ ପେନସନ ସହିତ ଅନ୍ୟସବୁ ସୁବିଧାରୁ ବଞ୍ଚିତ ହେବେ। କିନ୍ତୁ ସେ ଇସ୍ତଫା ଦେବେ ନାହିଁ ବୋଲି ବହୁ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି।

ସେପଟେ ଜଷ୍ଟିସ ବର୍ମାଙ୍କ ବିରୋଧରେ ସଂସଦର ମହାଭିଯୋଗ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଚଳିତ ଅଧିବେଶନରେ ଲୋକସଭାର ୧୫୨ ସାଂସଦ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବରେ ହସ୍ତାକ୍ଷର କରିଥିଲେ।

## ଉତ୍ତରାଖଣ୍ଡ ବିପତ୍ତି: ୧୭୪ ଉଦ୍ଧାର, ୫୯ ନିଖୋଜ



ନୂଆଦିଲ୍ଲୀ, ୭।୮(ଏଜେନ୍ସି): ବାଦଲ ଫଟା ବର୍ଷା ଜନିତ ବନ୍ୟା, ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାକୁ ଏକପ୍ରକାର ଧ୍ୱଂସ ସ୍ତୂପରେ ପରିଣତ କରିଛି। ମଙ୍ଗଳବାର ଆସିଥିବା ଏହି ବନ୍ୟା ଓ କାଦୁଅ ସୁଅରେ ଉତ୍ତରକାଶୀର ଧରାଲୀ ଓ ହର୍ଶୀଲ ଗାଁ ସମ୍ପୂର୍ଣ୍ଣ ଭାବେ ମାଟିରେ ମିସିଯାଇଥିଲା। ଉଦ୍ଧାର କାର୍ଯ୍ୟ ପାଇଁ ହେଲିକପ୍ଟର ନିୟୋଜିତ କରାଯାଇଛି। ୨୭୪ ଜଣ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଛି। ଏମାନଙ୍କ ମଧ୍ୟରେ ଗୁଜରାଟର ୧୩୧ ଓ ମହାରାଷ୍ଟ୍ରର ୧୨୩ ସାମିଲ ରହିଛନ୍ତି। ଏମାନେ ଗଙ୍ଗୋତ୍ରୀ ଓ ଅନ୍ୟ ଅଞ୍ଚଳରେ ଫସି ରହିଥିଲେ। ସେହିପରି ୯ ଯବାନ ଓ ୫୦ ନାଗରିକ ସମେତ ୫୯ ଜଣ ଏପର୍ଯ୍ୟନ୍ତ ନିଖୋଜ ରହିଛନ୍ତି। ଭାରତୀୟସେନାରଚିନୁକହେଲିକପ୍ଟରକୁଉଦ୍ଧାରକାର୍ଯ୍ୟରେ ନିୟୋଜିତ କରାଯାଇଛି। ଏୟାର ଲିଫ୍ଟିଂ ପାଇଁ ଅର୍ଦ୍ଧସୈନିକ ବଳର ଯବାନମାନଙ୍କୁ ଓ ଏକାଧିକ ମେଡିକାଲ ଟିମ୍‌ଗୁଡିକୁ ନିୟୋଜିତ କରାଯାଇଛି। ରୁଷିଆ ନିର୍ମିତ ଏମ୍‌ଆଇ-୧୭ ହେଲିକପ୍ଟରକୁ ମଧ୍ୟ ବ୍ୟବହାର କରାଯାଉଛି। ଆଇଟିବିପି ଏହି ହେଲିକପ୍ଟର ସଞ୍ଚାଳନ କରୁଛି। ଗୁରୁବାର ସକାଳ ୧୦ଟା ସୁଦ୍ଧା ପ୍ରଭାବିତ ଅଞ୍ଚଳଗୁଡିକରୁ ୬୧ ଜଣ ଲୋକଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ଜଣଙ୍କୁ ଜରୁରୀକାଳୀନ ଚିକିତ୍ସା ପାଇଁ ହସ୍ପିଟାଲକୁ ହଲିକପ୍ଟର ମାଧ୍ୟମରେ ନିଆଯାଇଥିଲା। ଭୂସ୍ଖଳନ ଯୋଗୁଁ ଜିଲ୍ଲାର ବିଭିନ୍ନ ମୁଖ୍ୟ ସଡକ ବନ୍ଦ ହୋଇଛି। ବୁଧବାର ଧରାଲୀରୁ ୧୯୦ଜଣଙ୍କୁ ଉଦ୍ଧାର କରାଯାଇଥିଲା। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ମାତିଲ ହେଲିପ୍ୟାଡ୍ ବୁଲି ଦେଖିଛନ୍ତି ଓ ଏୟାରଲିଫ୍ଟ ହୋଇଥିବା ଲୋକଙ୍କୁ ଭେଟିଛନ୍ତି। ପ୍ରଭାବିତ ଲୋକଙ୍କୁ ସବୁ ପ୍ରକାର ସାହଯ୍ୟ ସହଯୋଗ ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ପାର୍ବତ୍ୟାଞ୍ଚଳରେ ମାଟି କିମ୍ବା କାଦୁଅ ତଳେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବାକୁ ଅଭିଯାନ ଚାଲୁ ରହିଛି। କେତେକାଞ୍ଚଳରେ ଉଦ୍ଧାରକାରୀ ଦଳ ପହଞ୍ଚିବାରେ ସକ୍ଷମ ହୋଇନାହାନ୍ତି। ହର୍ଶୀଲ ଉପତ୍ୟାକାକୁ ମଧ୍ୟ ଯିବା ସମ୍ଭବ ହୋଇପାରିନାହିଁ। ୧୦୦ମି ଲମ୍ବ ଲୁହା ନିର୍ମିତ ପୋଲ ଭୁଶୁଡିବା ଫଳରେ ଏହି ସ୍ଥାନ ଏପର୍ଯ୍ୟନ୍ତ ଅପହଞ୍ଚ ରହିଛି।

## ୟୁପିରେ ୩୬୦ ଘର ଭୁଶୁଡିଛି, ୨ ଦିନରେ ୧୬ ମୃତ

ନୂଆଦିଲ୍ଲୀ, ୭।୮(ଏଜେନ୍ସି): ହିମାଚଳ ପ୍ରଦେଶରେ ଗତ ଦୁଇଦିନ ହେବ ପ୍ରବଳ ବର୍ଷା ଜାରି ରହିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଶିମଳା ଜିଲ୍ଲାରେ ବୁଧବାର ରାତି ୧୦.୧୫ରେ ବାଦଲ ଫଟା ବର୍ଷା ହୋଇଥିଲା। ଫଳରେ ନାଗୋଲି ନଦୀରେ ଭୟଙ୍କର ବନ୍ୟା ଆସିଛି। ବୁଧବାର ମଣ୍ଡିର ଦବାଡାରେ ଚଣ୍ଡିଗଡ଼- ମାନାଲୀ ଫୋରଲେନ୍ ଫ୍ଲାଇଓଭରରେ ଭୂସ୍ଖଳନ କାରଣରୁ ଫାଟ ସୃଷ୍ଟି ହୋଇଛି। ଫଳରେ ମଣ୍ଡି- ମନାଲୀ, ଚଣ୍ଡିଗଡ଼- ସମ୍ଲା ଫୋରଲେନ୍ ସମେତ ୫୩୩ ସଡକ ବନ୍ଦ ହୋଇଛି। ସେପଟେ ଉତ୍ତରପ୍ରଦେଶରେ ପ୍ରବଳ ବର୍ଷା କାରଣରୁ ପ୍ରାୟସବୁ ନଦୀରେ ବନ୍ୟା ଆସିଛି। ପ୍ରୟାଗରାଜ, ବାରଣାସୀ ସମେତ ୨୪ ଜିଲ୍ଲାରେ ୧, ୨୪୫ ଗାଁ ବନ୍ୟା ଘେରରେ ରହିଛି। ବର୍ଷା କାରଣରୁ ୟୁପିରେ ୩୬୦ ଘର ଭୁଶୁଡିଛି। ଗତ ଦୁଇଦିନରେ ହୋଇଥିବା ବର୍ଷା ଯୋଗୁଁ ୧୬ ଲୋକଙ୍କ ମୃତ୍ୟୁ ହୋଇଛି। ବିହାରର ଗଙ୍ଗା ଓ ସୋନ ନଦୀରେ ମଧ୍ୟ ବନ୍ୟା ଆସିଛି। ବିହାର ଓ ଝାଡଖଣ୍ଡ ସମେତ ୧୨ଟି ରାଜ୍ୟରେ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ଉତ୍ତରାଖଣ୍ଡ ଓ ହିମାଚଳ ସମେତ ୧୧ଟି ରାଜ୍ୟରେ ୟେଲୋ ଆଲର୍ଟ ଜାରି କରାଯାଇଛି।


## ପୁଣି ଆମେରିକା ଯିବେ ପାକ୍ ସେନାମୁଖ୍ୟ ଅସିମ ମୁନୀର୍

କରାଚୀ, ୭।୮(ଏଜେନ୍ସି): ପାକିସ୍ତାନ ସେନାଧକ୍ଷ ଅସିମ ମୁନୀର ଚଳିତ ସପ୍ତାହ ପୁଣି ଆମେରିକା ଗସ୍ତରେ ଯିବେ। ସେ ସିଇଏନ୍‌ଟିସିଓଏମ୍ (ସେଣ୍ଟ୍ରାଲ କମାଣ୍ଡ)ର ନୂଆ ମୁଖ୍ୟଙ୍କ ନିଯୁକ୍ତି ସମାରୋହରେ ଯୋଗ ଦେବେ। ଦୁଇମାସ ମଧ୍ୟରେ ସେ ଦ୍ୱିତୀୟଥର ପାଇଁ ଆମେରିକା ଗସ୍ତ କରିବେ। ପୂର୍ବରୁ ସେ ଜୁନ୍ ୧୪ରେ ଆମେରିକା ଗସ୍ତରେ ଯାଇଥିଲେ। ସେ ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ହ୍ୱାଇଟ୍ ହାଉସ୍‌ରେ ଦୁଇଘଣ୍ଟା ଲଞ୍ଚ୍ ମିଟିଂରେ ସାମିଲ ହୋଇଥିଲେ। ବନ୍ଦ କୋଠାରୀରେ ଏହି ବୈଠକ ବସିଥିଲା। ପ୍ରଥମଥର ପାଇଁ କୌଣସି ଆମେରିକାର ରାଷ୍ଟ୍ରପତି ସେତେବେଳେ ପାକିସ୍ତାନ ସେନାମୁଖ୍ୟଙ୍କ ସହ ବୈଠକରେ ମିଳିତ ହୋଇଥିଲେ। ମୁନୀର ସେତେବେଳେ ଭାରତ ସହିତ ହୋଇଥିବା ଅସ୍ତ୍ରବିରତିର ଶ୍ରେୟ ଟ୍ରମ୍ପଙ୍କୁ ପ୍ରଦାନ କରିଥିଲେ। କେବଳ ସେତିକି ନୁ।ହେଁ, ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦେବାକୁ ସେ ପ୍ରସ୍ତାବ ଦେଇ ଚର୍ଚ୍ଚା ସୃଷ୍ଟି କରିଥିଲେ।

## ଆୟର୍ଲାଣ୍ଡରେ ଭାରତୀୟ ବାଳିକାକୁ ଚୁଟି ଟାଣି ଆକ୍ରମଣ

ଡବ୍ଲିନ୍, ୭।୮(ଏଜେନ୍ସି): ଆମେରିକା, ଅଷ୍ଟ୍ରେଲିଆ, ବ୍ରିଟେନ ପରେ ଏବେ ଆୟର୍ଲାଣ୍ଡରେ ମଧ୍ୟ ଭାରତୀୟ ନାଗରିକମାନେ ବର୍ଣ୍ଣବୈଷମ୍ୟ ଭେଦଭାବର ଶିକାର ହେଉଛନ୍ତି। ଏହି ୟୁରୋପୀୟ ଦେଶରେ ଜଣେ ୬ ବର୍ଷର ଭାରତୀୟ ନାବାଳିକା ବର୍ଣ୍ଣବେଷମ୍ୟ ଭେଦଭାବର ଶିକାର ହୋଇଛନ୍ତି। ଏହି ଭାରତୀୟ ବାଳିକା ହେଉଛନ୍ତି ନିଆ ନବୀନ।। ନିଆଙ୍କ ପରିବାର କେରଳର କୋଟାୟାମରୁ ଯାଇ ଆୟର୍ଲାଣ୍ଡରେ ରହୁଛନ୍ତି। ଆୟର୍ଲାଣ୍ଡର ଦକ୍ଷିଣ ପୂର୍ବରେ ଥିବା ୱାଟରଫର୍ଡ ସିଟିରେ ନିଆ ତାଙ୍କ ଘର ବାହାରେ ଖେଳୁଥିଲେ। ଏତିକି ବେଳେ ୧୨ରୁ ୧୪ ବର୍ଷର କେତେଜଣ ପିଲା ଆସି ନିଆଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ଅସନା ଓ ଭାରତ ଫେରିଯାଅ ବୋଲି କହିଥିଲେ। ସେମାନେ ନିଆଙ୍କ ମୁହଁକୁ ମୁଥ ମାରିଥିଲେ। ପୁଣି ପିଲାମାନେ ତାଙ୍କ ବେକକୁ ଧକ୍କା ମାରିବା ସହ ଚୁଟି ମଧ୍ୟ ଟାଣିଥିଲେ ଥିଲେ ବୋଲି ତାଙ୍କ ମା ଅନୁପା ଅଚୁଥାନ 'ଆଇରିଶ ମିରର'କୁ କହିଛନ୍ତି। ଜଣେ ନର୍ସ ଭାବେ ଅନୁପା ୮ ବର୍ଷ ହେବ ସ୍ୱାମୀଙ୍କ ସହ ଆୟର୍ଲାଣ୍ଡରେ ରହୁଛନ୍ତି। ନିକଟରେ ତାଙ୍କୁ ଆୟର୍ଲାଣ୍ଡର ନାଗରିକତା ମିଳିଛି। ଗତ ସୋମବାର ଏହି ଘଟଣା ଘଟିବା ପର୍ଯ୍ୟନ୍ତ ସବୁକିଛି ଠିକ୍‌ଠାକ୍ ଥିଲା ବୋଲି ସେ କହିଛନ୍ତି। ଏହି ପିଲାମାନେ ଅନୁପାଙ୍କୁ ମଧ୍ୟ ପରିହାଶ କରିଥିଲେ। ଅବଶ୍ୟ ଆୟର୍ଲାଣ୍ଡରେ ପୂର୍ବରୁ ମଧ୍ୟ ଏଭଳି ଘଟଣା ଘଟିଛି। ଏହି ଘଟଣା ପରେ ଡବ୍ଲିନସ୍ଥିତ ଭାରତୀୟ ଦୂତାବାସ ସେଠାରେ ରହୁଥିବା ଭାରତୀୟ ନାଗରିକଙ୍କୁ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛି।

## ବର୍ଷ ଶେଷରେ ଭାରତ ଆସିବେ ପୁତିନ



ନୂଆଦିଲ୍ଲୀ/ ମସ୍କୋ, ୭।୮(ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଚଳିତ ବର୍ଷ ଶେଷ ଆଡ଼କୁ ଭାରତ ଗସ୍ତରେ ଆସିବେ। ଭାରତର ରାଷ୍ଟ୍ରୀୟ ନିରାପତ୍ତା ଉପଦେଷ୍ଟା ଅଜିତ ଡୋଭାଲ ଏହି ସୂଚନା ଦେଇଛନ୍ତି। ଡୋଭାଲ ଆଜି ରାଷ୍ଟ୍ରପତି ପୁତିନଙ୍କୁ ମଧ୍ୟ ଭେଟିଛନ୍ତି। ରୁଷ ସହିତ ସଂପର୍କକୁ ନେଇ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ କ୍ଷୁବ୍ଧ ହୋଇ ଭାରତ ଉପରେ ଅତ୍ୟଧିକ ଶୁଳ୍କ ଲଦୁଥିବା ବେଳେ ପୁତିନଙ୍କ ଭାରତ ଗସ୍ତକାର୍ଯ୍ୟକ୍ରମ ଏବଂ ମସ୍କୋରେ ପୁତିନଙ୍କ ସହିତ ଡୋଭାଲଙ୍କ ସାକ୍ଷାତ ବିଶେଷ ଗୁରୁତ୍ୱ ବହନ କରୁଛି।

ଏହାପୂର୍ବରୁ ଡୋଭାଲ ଆଜି ରୁଷ୍ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁଙ୍କୁ ଭେଟିଥିଲେ। ଏବେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଯଥେଷ୍ଟ ଉନ୍ନତି ହୋଇଛି ଓ ଏହାକୁ ଆମେ ସମ୍ମାନ କରୁଛୁ। ଦୁଇ ଦେଶ ମଧ୍ୟରେ ଏକ ଦୃଢ ତଥା ଉତ୍ତମ ବୁଝାମଣା ରହିଛି ଓ ଏହାକୁ ଆଗେଇ ନେବୁ ବୋଲି ଡୋଭାଲ ସାକ୍ଷାତ ଅବସରରେ ଶୋଇଗୁଙ୍କୁ କହିଛନ୍ତି।

ଅପରେସନ ସିନ୍ଦୂର ପରେ ଏହା ଡୋଭାଲଙ୍କର ପ୍ରଥମ ମସ୍କୋ ଗସ୍ତ। ପୁତିନ ୨୦୨୧ ଡିସେମ୍ବର ୬ରେ ଶେଷଥର ପାଇଁ ଭାରତ ଆସିଥିଲେ। ସେ ମାତ୍ର ୪ ଘଣ୍ଟା

### ପୁତିନଙ୍କୁ ଭେଟିଲେ ଡୋଭାଲ

ପାଇଁ ଭାରତ ଆସିଥିଲେ। ସେତେବେଳେ ଭାରତ ଓ ରୁଷ୍ ମଧ୍ୟରେ ୨୮ଟି ବୁଝାମଣା ଚୁକ୍ତି ହୋଇଥିଲା। ୨୦୨୨ରେ ୟୁକ୍ରେନ ବିପକ୍ଷରେ ଯୁଦ୍ଧ ଆରମ୍ଭ ହେବା ପରେ ପୁତିନ ପ୍ରଥମଥର ପାଇଁ ଭାରତ ଗସ୍ତରେ ଆସିବେ। ଗତ ୨୦୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇଥର ରୁଷିଆ ଗସ୍ତରେ ଯାଇଥିଲେ। ଭାରତ ରୁଷିଆର ଦ୍ୱିତୀୟ ସର୍ବାଧିକ ତୈଳ କ୍ରେତା ରହିଆସିଛି। ୟୁକ୍ରେନ ଯୁଦ୍ଧ ପୂର୍ବରୁ ଭାରତ ୦.୨ ପ୍ରତିଶତ ତୈଳ ଆମଦାନୀ କରୁଥିଲା। କିନ୍ତୁ ଏବେ ଏହା ବୃଦ୍ଧିପାଇଁ ୪୫ ପ୍ରତିଶତରେ ପହଞ୍ଚିଛି।

## ଖୁବ୍‌ଶୀଘ୍ର ଟ୍ରମ୍ପ-ପୁତିନ ସାକ୍ଷାତ



ମସ୍କୋ, ୭।୮(ଏଜେନ୍ସି): ଖୁବଶୀଘ୍ର ଆମେରିକା ଓ ରୁଷିଆ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭ୍ଲାଦିମିର ପୁତିନଙ୍କ ମଧ୍ୟରେ ସାକ୍ଷାତ ହେବାକୁ ଯାଉଛି। ଏ ସଂକ୍ରାନ୍ତରେ ରୁଷିଆ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ କ୍ରେମଲିନର ଅଧିକାରୀମାନେ ଗୁରୁବାର ସୂଚନା ଦେଇଛନ୍ତି। ଏହି ବୈଠକ ଆସନ୍ତା ସପ୍ତାହରେ ବସିବ। ୟୁକ୍ରେନ ବିପକ୍ଷରେ ଯୁଦ୍ଧ ଶେଷ କରିବାକୁ ରୁଷିଆକୁ ଟ୍ରମ୍ପ ଅଗଷ୍ଟ ୮ ସୁଦ୍ଧା ଡେଡ୍‌ଲାଇନ୍ ଧାର୍ଯ୍ୟ କରିଛନ୍ତି। ଯୁଦ୍ଧ ରୋକିବା ନେଇ ଏହି ବୈଠକରେ ଆଲୋଚନା ହେବ ବୋଲି କୁହାଯାଇଛି। ତେବେ ଏହି ବୈଠକରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ଯୋଗ ଦେବେ କି ନା ସେ ନେଇ କିଛି କୁହାଯାଇନାହିଁ। ଏହି ବୈଠକ କେଉଁଠାରେ ବସିବ ସେ ନେଇ ସହମତି ହୋଇ ସାରିଛି ଓ ଏ ନେଇ ଖୁବଶୀଘ୍ର ଘୋଷଣା କରାଯିବ ବୋଲି ପୁତିନଙ୍କ ବୈଦେଶିକ ବିଭାଗର ପରାମର୍ଶ ଦାତା ୟୁରୀ ଓସାକୋଭ କହିଛନ୍ତି। ଚଳିତବର୍ଷ ଦ୍ୱିତୀୟଥର ପାଇଁ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଟ୍ରମ୍ପ ପ୍ରଥମଥର ପାଇଁ ପୁତିନଙ୍କୁ ଭେଟିବେ। ୨୦୨୧ ପରେ ଦୁଇ ଦେଶ ମଧ୍ୟରେ ପ୍ରଥମଥର ପାଇଁ ଶିଖର ବୈଠକ ବସିବ। ସେତେବେଳର ରାଷ୍ଟ୍ରପତି ଜୋ ବାଇଡେନ ଓ ପୁତିନ ଜେନିଭାରେ ବୈଠକରେ ଏକାଠି ହୋଇଥିଲେ। ୟୁକେନ ଓ ରୁଷିଆ ମଧ୍ୟରେ ଚାଲିଥିବା ଯୁଦ୍ଧ ଦୃଷ୍ଟିକୋଣରୁ ଏହି ବୈଠକ ବେଶ୍ ଗୁରୁତ୍ୱ ବହନ କରିବ।

# ମାଧୁରୀ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସାଡର୍

ଭୁବନେଶ୍ୱର,୭।୮ (ସମିସ): ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସାଡର ଭାବେ ଲୋକପ୍ରିୟ ଚଳଚ୍ଚିତ୍ର ଅଭିନେତ୍ରୀ ମାଧୁରୀ ଦୀକ୍ଷିତ କାର୍ଯ୍ୟ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଗୁରୁବାର ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଜନତା ମଇଦାନରେ ଆୟୋଜିତ ହସ୍ତତନ୍ତ ମେଳା 'ଏକତା'କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ହସ୍ତତନ୍ତ ହେଉଛି ଓଡ଼ିଆ ଅସ୍ମିତାର ଏକ ପ୍ରମୁଖ ସ୍ତମ୍ଭ। ଆମର 'ହସ୍ତତନ୍ତ କ୍ଷେତ୍ର' କେବଳ ଏକ ଆର୍ଥିକ ସ୍ତମ୍ଭ ନୁହେଁ; ବରଂ ଏହା ଜାତୀୟ ଗର୍ବ ଓ ଗରିମାର ପ୍ରତୀକ। ମାଧୁରୀ ଦୀକ୍ଷିତଙ୍କ ସକ୍ରିୟ ସହଯୋଗରେ ଓଡ଼ିଶା ହସ୍ତତନ୍ତରୁ ପ୍ରସ୍ତୁତ ପୋଷାକ ଦେଶବିଦେଶର ଫେସନ୍ ଜଗତରେ ପ୍ରତିଷ୍ଠା ଅର୍ଜନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



- ହସ୍ତତନ୍ତ କେବଳ ଜୀବିକା ନୁହେଁ; ଆମ ଜୀବନଶୈଳୀର ଅଭିନ୍ନ ଅଙ୍ଗ: ମାଧୁରୀ
- ଆମ ହସ୍ତତନ୍ତ ହେଉଛି ଓଡ଼ିଆ ଅସ୍ମିତାର ଏକ ପ୍ରମୁଖ ସ୍ତମ୍ଭ: ମୁଖ୍ୟମନ୍ତ୍ରୀ

ଏହି ଅବସରରେ ରାଜ୍ୟରେ ଟେକ୍ସଟାଇଲ ଶିଳ୍ପ ପ୍ରତିଷ୍ଠା ପାଇଁ ୭ ହଜାର ୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ସହ ୩୩ଟି ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହା ମାଧ୍ୟମରେ ଟେକ୍ସଟାଇଲ କ୍ଷେତ୍ରରେ ୫୩ ହଜାର ୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ବରଗଡ଼, କଟକରେ ଡାଇ ହାଉସ୍, ଗୋଦାମ, ଡିଜାଇନ୍ ଷ୍ଟୁଡିଓ, ଗୁଣବତ୍ତା ନିୟନ୍ତ୍ରଣ ପରୀକ୍ଷାଗାର ଭଳି ସାଧାରଣ ସୁବିଧା ସହିତ ହସ୍ତତନ୍ତ ପାର୍କ ବିକଶିତ କରାଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ମାଧୁରୀ ଦୀକ୍ଷିତ ଉପସ୍ଥିତ ରହି କହିଥିଲେ ଯେ ହସ୍ତତନ୍ତ କେବଳ ଜୀବିକା ନୁହେଁ; ଏହା ହେଉଛି ଆମ ସଂସ୍କୃତି ଓ ଆମ ଜୀବନଶୈଳୀର ଏକ ଅଭିନ୍ନ ଅଙ୍ଗ। ଏହି ଅବସରରେ ରାଜ୍ୟର ହସ୍ତତନ୍ତ ବୁଣାକାରମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ହସ୍ତତନ୍ତ ଦିବସର ମାସ୍କଟ "ରେଶା" ଏବଂ ହସ୍ତତନ୍ତ ଶିଳ୍ପ ଉପରେ ଆଧାରିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ୍ ତାପସ କୁମାର ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ପ୍ରେମଚାନ୍ଦ ଚୌଧାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବଳଙ୍ଗା ନାବାଳିକାଙ୍କୁ ନ୍ୟାୟ, ଅଭିଯୁକ୍ତଙ୍କୁ ଗିରଫ ଦାବି

# ବିଜେଡିର ହରତାଳ, ଜିଲ୍ଲାବାସୀଙ୍କ ପୂର୍ଣ୍ଣ ସମର୍ଥନ

ପୁରୀ,୭।୮ (ସମିସ): ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟପ୍ରଦାନ, ଅଭିଯୁକ୍ତଙ୍କୁ ଗିରଫ ଦାବି ଏବଂ ରାଜ୍ୟରେ ବଢ଼ିଚାଲିଥିବା ନାରୀ ନିର୍ଯାତନା ବିରୋଧରେ ବିଜୁ ଜନତା ଦଳ ପକ୍ଷରୁ ପୁରୀ ଜିଲ୍ଲାରେ ହରତାଳ କରାଯାଇଛି। ଗୁରୁବାର ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପୁରୀ ବନ୍ଦକୁ ପୂର୍ଣ୍ଣ ସମର୍ଥନ ଦେଇଛନ୍ତି ଜିଲ୍ଲାବାସୀ। ପୁରୀରୁ ପିପିଲି, ବ୍ରହ୍ମଗିରିରୁ ଅସ୍ତରଙ୍ଗ ଜିଲ୍ଲାର ୧୧ଟି ବ୍ଲକ୍, ଗୋଟିଏ ପୌରସଂସ୍ଥା ଏବଂ ୩ଟି ଏନ୍‌ଏସିରେ ପୁରୀ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ସ୍ୱତଃପ୍ରବୃତ୍ତ ଭାବେ ବ୍ୟବସାୟୀମାନେ ସେମାନଙ୍କ ବ୍ୟାବସାୟିକ ପ୍ରତିଷ୍ଠାନ ବନ୍ଦ କରିଥିବା ବେଳେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ବିଜେଡି ନେତା ଓ କର୍ମୀ ରାସ୍ତାରେ ବସି ଶାନ୍ତିପୂର୍ଣ୍ଣ ଭାବେ ହରତାଳ କରିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ।

ରାଜ୍ୟରେ ନାରୀ ଓ ଛାତ୍ରୀ ନିର୍ଯାତନା ଅପରାଧ ଦିନକୁ ଦିନ ବଢ଼ିବାରେ ଲାଗିଛି। ନିକଟରେ ଗୋପାଳପୁର ବେଳାଭୂମିରେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମଦାହ କରିବା, ବଳଙ୍ଗା ନାବାଳିକାଙ୍କୁ ଜିଅନ୍ତା ଜାଳିଦେବା, କେନ୍ଦ୍ରାପଡ଼ାରେ ପୁଲିସକୁ ନ୍ୟାୟ ପାଇଁ ଗୁହାରି କରି ଜଣେ ଛାତ୍ରୀ ଆତ୍ମଦାହ କରିବା ଏମିତି ଅନେକ ଘଟଣା ନାରୀ ନିର୍ଯାତନାର ଜ୍ୱଳନ୍ତ ଉଦାହରଣ। ଏହି ସମସ୍ତ ଘଟଣାର ନିରପେକ୍ଷ ଓ ଏକ ନ୍ୟାୟିକ ତଦନ୍ତ କରାଯାଇ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରାଯିବା ସହିତ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ଦାବି କରିଥିଲେ ବିଜେଡି କର୍ମୀ।



### ଗଡ଼ିଲାନି ଗାଡ଼ି, ଖୋଲିଲାନି ବ୍ୟାବସାୟିକ ପ୍ରତିଷ୍ଠାନ

ଉଦ୍‌ବେଗର ବିଷୟ ହେଉଛି, ପୁରୀ ଜିଲ୍ଲା ବଳଙ୍ଗାରେ ଜଣେ ନାବାଳିକାଙ୍କୁ ଜିଅନ୍ତା ଜାଳିବା ଘଟଣା ଉପରୁ ଏ ପର୍ଯ୍ୟନ୍ତ ପରଦା ହଟିପାରି ନାହିଁ। ଦୀର୍ଘ ୧୫ଦିନ ମୃତ୍ୟୁ ସଂଗ୍ରାମ କରି ପୀଡ଼ିତା ହାରିଯାଇଥିଲେ ହେଁ ତାଙ୍କୁ ନ୍ୟାୟ ମିଳି ପାରିନାହିଁ। ଏହାର ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯାଇ ନଥିବା ବେଳେ ଦୋଷୀଙ୍କୁ ଧରିବାରେ ପୁଲିସ ବିଫଳ ହୋଇଛି। ଓଡ଼ିଶାର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ଦୁର୍ବଳ ତଦନ୍ତ ପ୍ରକ୍ରିୟା ଅପରାଧୀମାନଙ୍କୁ ଅଧିକ ଅପରାଧ କରିବା ପାଇଁ ପ୍ରୋତ୍ସାହିତ କରୁଛି ବୋଲି ହରତାଳକାରୀ ନାରାବାଜି ଦେଇଥିଲେ।

ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ଅଠରନଳାଠାରୁ ବାଇକ୍ ଶୋଭାଯାତ୍ରା ବାହାରିଥିଲା। ଏଥିରେ ଶହଶହ ଦଳୀୟ କର୍ମୀ ସାମିଲ ହୋଇ ସହର ପରିକ୍ରମା କରିଥିଲେ। ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ମୋହନ ମାଝୀ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଶ୍ରୀ ଖୁଣ୍ଟିଆ କହିଥିଲେ, ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ପକ୍ଷରୁ ଯେଉଁ ୬ ଘଣ୍ଟିଆ ହରତାଳ ଡାକରା ଦିଆଯାଇଥିଲା, ତାହାକୁ ପୁରୀବସୀ ଦୃଢ଼ ସମର୍ଥନ ଦେଇଛନ୍ତି। ରାଜ୍ୟରେ ମହିଳା, ଛାତ୍ର ଆଉ ସୁରକ୍ଷିତ ମନେ କରୁନାହାନ୍ତି। ଏଫ୍‌ଏମ୍ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ଭଉଣୀ ଅଭିଯୋଗ ନେଇ ସ୍ଥାନୀୟ ବିଧାୟକ, ସାଂସଦଙ୍କ ପାଖକୁ ଗଲେ। ହେଲେ କେହି ନ ଶୁଣିବାକୁ ବାଧ ହୋଇ ସେ ଆତ୍ମହତ୍ୟା କଲେ। ବଳଙ୍ଗାରେ ଦୁର୍ବୃତ୍ତମାନେ ନାବାଳିକାଙ୍କୁ ଉଠାଇ ନେଇ ନିଆଁ ଲଗାଇଦେଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୀଡ଼ିତାଙ୍କୁ ଭେଟିବା ପରେ ଗଣମାଧ୍ୟମକୁ କହିଥିଲେ ସେ ସୁସ୍ଥ ହୋଇଆସୁଛନ୍ତି। ହେଲେ ହଠାତ୍ ଏମିତି କ'ଣ ହେଲା ସେ ଆଖି ବୁଜିଦେଲେ। ଏହି ଘଟଣାରେ ପୁଲିସର ତଦନ୍ତ ଦିଗହରା ହୋଇଛି। ବିଜେପି ସରକାର ଚାପରେ ପୁଲିସ ଚେପା ହୋଇଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କୁ ଗିରଫ କରାଯାଉ। ନାରୀଙ୍କୁ ସୁରକ୍ଷା ଦେବାରେ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି। ଗତକାଲି କେନ୍ଦ୍ରାପଡ଼ାରେ ଜଣେ ଭଉଣୀ ପୁଲିସଠାରୁ ନ୍ୟାୟ ନ ପାଇବା ଫଳରେ ବାଧ ହୋଇ ନିଜେ ଆତ୍ମାହୁତି କରିଛନ୍ତି। କିଛି ଦିନ ପୂର୍ବରୁ ଗୋପାଳପୁରରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା। ରାଜ୍ୟରେ ପ୍ରତିଦିନ ମହିଳା ନିର୍ଯାତନା, ଦୁଷ୍କର୍ମ ବଢ଼ି ଚାଲିଛି। ନୈତିକତା ଦୃଷ୍ଟିରେ ମୋହନ ମାଝୀ ସରକାର ଇସ୍ତଫା ଦାବି କରିଥିଲେ ଶ୍ରୀ ଖୁଣ୍ଟିଆ।

ସେହିପରି ପୁରୀ ବିଧାୟକ ସୁନୀଲ ମହାନ୍ତି କହିଥିଲେ, ରାଜ୍ୟରେ ଆଇନଶୃଙ୍ଖଳା ବୋଲି କିଛି ନାହିଁ। ପ୍ରତିଦିନ ମହିଳାଙ୍କ ଉପରେ ନିର୍ଯାତନା ବଢ଼ି ଚାଲିଛି। ଗୋପାଳପୁରରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି, ବଳଙ୍ଗାରେ ନାବାଳିକାଙ୍କୁ ଜାଳିଦେବା ପରେ ବୁଧବାର କେନ୍ଦ୍ରାପଡ଼ାରେ ନ୍ୟାୟ ନ ମିଳିବାରୁ ଜଣେ ଛାତ୍ରୀ ଆତ୍ମଦାହ କରିଛନ୍ତି। ନିଶା କାରବାର ବଢୁଛି, ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ସାଧାରଣ ଲୋକେ ଆଜି ଭୟଭୀତ। ତଦନ୍ତ ପ୍ରକ୍ରିୟାରେ ସ୍ୱଚ୍ଛତା ରହୁ ନ ଥିବାରୁ ଅପରାଧୀମାନଙ୍କ ସାହସ ବଢୁଛି। ଏହାର ପ୍ରତିବାଦରେ ବିଜୁ ଜନତା ଦଳ ଜିଲ୍ଲାରେ ହରତାଳ କରିଥିଲା, ଏହାକୁ ଜନସାଧାରଣ ଦୃଢ଼ ସମର୍ଥନ ଜଣାଇଛନ୍ତି ବୋଲି କହିଛନ୍ତି ବିଧାୟକ ଶ୍ରୀ ମହାନ୍ତି। ପୁରୀରେ ବିଜେଡି ନେତା ଦିବାକର ପାତ୍ର, ଶାନ୍ତିଲତା ପ୍ରଧାନ, ଗୌରହରି ପ୍ରଧାନ, ରବିଶଙ୍କର ପ୍ରତିହାରୀ ପ୍ରମୁଖ ହରତାଳରେ ସାମିଲ୍ ହୋଇଥିଲେ।

## ଏଫ୍‌ଏମ୍ ଛାତ୍ରୀ ମୃତ୍ୟୁ ତଦନ୍ତରୁ ଅନ୍ତର ହେଲେ ଆଇଜି ସାଇନି

# ଶାସକ ଦଳକୁ ସମ୍ପୃକ୍ତି ଧରାପଡ଼ିବା ଭୟ: ବିଜେଡି

ଭୁବନେଶ୍ୱର,୭।୮ (ସମିସ): ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ ତଦନ୍ତ ଦାୟିତ୍ୱରେ ଥିବା ଆଇଜି ଏସ୍. ସାଇନି ହଠାତ୍ ଛୁଟିରେ ଯିବା ଓ ତାଙ୍କ ସ୍ଥାନରେ ଅନ୍ୟ ଏକ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ ନିଷ୍ପତ୍ତି ସାଧାରଣରେ ସଂଶୟ ସୃଷ୍ଟି କରିଛି। ଏହାଦ୍ୱାରା ତଦନ୍ତ ବାଟବଣା ହେବା ନେଇ ସନ୍ଦେହ ପ୍ରକାଶ କରିଛି ବିଜେଡି। ଏବିଭିପିର ୨ ସଦସ୍ୟଙ୍କୁ ଗିରଫର ୨୪ ଘଣ୍ଟା ମଧ୍ୟରେ ସାଇନି ଦାୟିତ୍ୱରୁ ଅପସରି ଯିବାକୁ ସମଗ୍ର ରାଜ୍ୟବାସୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏବିଭିପି ଓ ଶାସକ ଦଳର ସମ୍ପୃକ୍ତି ସାର୍ବଜନୀନ ହେବା ଭୟରେ ସରକାରଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟ ହୋଇଛି ବୋଲି ବିଜେଡି ଅଭିଯୋଗ କରିଛି ।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ ପ୍ରଥମରୁ ବାଲେଶ୍ୱର ପୁଲିସକୁ କ୍ଲିନ୍‌ଚିଟ୍ ଦେଇଥିବା କ୍ରାଇମବ୍ରାଞ୍ଚ ଡିଜି ପରବର୍ତ୍ତୀ ସମୟରେ ଆଇଜି ଏସ୍. ସାଇନିଙ୍କୁ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାର ତଦନ୍ତ ଦାୟିତ୍ୱ ନ୍ୟସ୍ତ କରିଥିଲେ। ସୌମ୍ୟାଶ୍ରୀଙ୍କ ମୃତ୍ୟୁରେ ଏବିଭିପିର ସମ୍ପୃକ୍ତି ବାବଦରେ କ୍ରାଇମବ୍ରାଞ୍ଚ ଖୁଲାସା କରିବା ସହ ଏବିଭିପିର ୨ ଜଣ କର୍ମକର୍ତ୍ତାଙ୍କୁ ଗିରଫ କରିଥିଲା।



**୨ ଏବିଭିପି ସଦସ୍ୟଙ୍କ ଗିରଫର ୨୪ ଘଣ୍ଟା ମଧ୍ୟରେ ଛୁଟିରେ ଗଲେ ଆଇଜି**

ଏହି ଗିରଫଦାରୀ ପରେ ଏବିଭିପି ଓ ବିଜେପିର କୁତ୍ସିତ ଚେହେରା ପଦାକୁ ଆସିଥିଲା । ଏଥିରେ ଆହୁରି କିଛି ଏବିଭିପି ସଦସ୍ୟ ଓ ବିଜେପିର ନେତାମାନଙ୍କ ସମ୍ପୃକ୍ତି ରହିଛି ବୋଲି ସନ୍ଦେହ ପ୍ରକାଶ ପାଇଥିଲା । ତଦନ୍ତ ଆଗକୁ ବଢ଼ିଲେ ଏବିଭିପି ଓ ବିଜେପିର ନେତାଙ୍କ ସମ୍ପୃକ୍ତି ପଦାକୁ ଆସିବାର ଭୟ ଥିବାରୁ ଏସ୍. ସାଇନିଙ୍କୁ ତଦନ୍ତ ପ୍ରକ୍ରିୟାରୁ ଅନ୍ତର କରାଯାଇଛି ବୋଲି ଡ. ସାମନ୍ତସିଂହାର ଅଭିଯୋଗ କରିଥିଲେ।

ବିଧାୟକ ଶ୍ରୀ ଦାସ କହିଥିଲେ ଯେ ବିରୋଧୀ ଦଳ ଏବଂ ଗଣମାଧ୍ୟମର ଚାପରେ ଘଟଣାର ୨୨ ଦିନ ପରେ ୨ ଜଣ ଏବିଭିପି କର୍ମକର୍ତ୍ତାଙ୍କୁ ୩ ତାରିଖ ରାତିରେ ଗିରଫ କରାଯାଇଥିଲା। ଏହାର ୨୪ ଘଣ୍ଟା ମଧ୍ୟରେ ଏସ୍. ସାଇନି ଛୁଟିରେ ଯାଇଥିଲେ। ଏହାପରେ ସ୍ପଷ୍ଟ ହୋଇଛି ଯେ ଘଟଣାରେ ବିଜେପିର ବଡ଼ ନେତାଙ୍କ ସମ୍ପୃକ୍ତି ଖୁଲାସା ହେବା ଆଶଙ୍କାରେ ସରକାର ଭୟଭୀତ ହୋଇ ଏଭଳି ଷଡ଼ଯନ୍ତ୍ର କରିଛନ୍ତି। ତେଣୁ ସୌମ୍ୟାଶ୍ରୀ ମୃତ୍ୟୁ ଭଳି ଗୋଟିଏ ସମ୍ବେଦନଶୀଳ ଘଟଣାରେ ଅଚାନକ ତଦନ୍ତ ଅଧିକାରୀଙ୍କୁ ଛୁଟିରେ ପଠାଇ ତାଙ୍କ ସ୍ଥାନରେ ଅନ୍ୟ ଜଣେ କନିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କେଉଁ ସ୍ୱାର୍ଥରେ କରାଯାଇଛି ରାଜ୍ୟ ସରକାର ତୁରନ୍ତ ସ୍ପଷ୍ଟୀକରଣ ଦିଅନ୍ତୁ । ସୌମ୍ୟାଶ୍ରୀଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ବିଜେଡି ଲଢ଼େଇ ଜାରି ରଖିବ ବୋଲି ଶ୍ରୀ ଦାସ କହିଥିଲେ।

# ଗୋ-ହତ୍ୟା ନିଷେଧ ପାଇଁ ପଦକ୍ଷେପ ନିଅ: ହାଇକୋର୍ଟ

କଟକ, ୭।୮ (ସମିସ): ରାଜ୍ୟରେ ପ୍ରଚଳିତ ଆଇନ ଅନୁସାରେ ଗୋ-ହତ୍ୟା ନିଷେଧ। ଓଡ଼ିଶା ଗୋ-ହତ୍ୟା ନିରୋଧ ଆଇନ ୧୯୬୦ରେ ଏହା ଉଲ୍ଲେଖ ଥିବା ବେଳେ ଏହି ଆଇନ ଅନୁସାରେ ଗୋ-ହତ୍ୟା ନିଷେଧ ପାଇଁ ପଦକ୍ଷେପ ନେବାକୁ ହାଇକୋର୍ଟ ଆଜି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଗୋ ଜ୍ଞାନ ଫାଉଣ୍ଡେସନ୍ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ସେହିଭଳି ଓଡ଼ିଶା ଗୋହତ୍ୟା ନିରୋଧ ଆଇନ-୧୯୬୦ର ଧାରା ୩ ଅନୁସାରେ ସମ୍ପୂର୍ଣ୍ଣ ଗାଇ ହତ୍ୟାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଅନ୍ୟପଟରେ କେବଳ ଗୋରୁ ବା ବଳଦ ହତ୍ୟା ପାଇଁ ପ୍ରାଧିକୃତ ଅଧିକାରୀଙ୍କଠାରୁ ପ୍ରମାଣପତ୍ର ଆଣିବା ପରେ ହିଁ ଅନୁମତି ମିଳିପାରିବ ବୋଲି ଉକ୍ତ ଆଇନରେ ବ୍ୟବସ୍ଥା ରହିଛି। ତେବେ କଟକ ସହରରେ ଗୋ-ହତ୍ୟା ପାଇଁ କୌଣସି ପ୍ରମାଣପତ୍ର ଜାରି ହୋଇନାହିଁ। ସେହିପରି ଏଥିପାଇଁ କୌଣସି ଅନୁମତି ଦିଆଯାଉନାହିଁ କିମ୍ବା ସରକାରଙ୍କ ପକ୍ଷରୁ କେହି ପ୍ରାଧିକୃତ ଅଧିକାରୀ ମଧ୍ୟ ନିଯୁକ୍ତ ହୋଇନଥିବା ନେଇ ପୂର୍ବରୁ କଟକ ମହାନଗର ନିଗମ ପ୍ରଶାସନ ପକ୍ଷରୁ ସତ୍ୟପାଠ ଦିଆଯାଇଥିଲା। ଆଜି ମାମଲାର ଶୁଣାଣି ବେଳେ ଏହି ପ୍ରାଧିକୃତ ଅଧିକାରୀଙ୍କ ନିଯୁକ୍ତି ଦିଗରେ କ'ଣ ପଦକ୍ଷେପ ନିଆଯାଇଛି, ତାହା ମଧ୍ୟ ସ୍ପଷ୍ଟ ହୋଇନଥିଲା। ପରବର୍ତ୍ତୀ ଶୁଣାଣି ସମୟରେ ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ଜବାବ ଦାଖଲ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି। ସେପ୍ଟେମ୍ବର୧କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ ହୋଇଛି।

ମାମଲାରୁ ପ୍ରକାଶ ଯେ ଓଡ଼ିଆ ବଜାର, ଜନତାଗଳି, ଦିୱାନ ବଜାର ଓ ହାତୀପୋଖରୀ ଆଦି କେତେକ ଅଞ୍ଚଳରେ ଗୋ-ହତ୍ୟା ପାଇଁ ବେଆଇନ ଭାବେ ଚାଲୁଥିବା କଂସେଇଖାନାକୁ ସ୍ଥାନୀୟ ପୁଲିସ ସହଯୋଗରେ ବନ୍ଦ କରିବା ସହ ୬ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଗତ ୨୦୧୯ ମାର୍ଚ୍ଚ ୨୫ରେ ସିଏମସିକୁ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ। କିନ୍ତୁ, ଏହି ନିର୍ଦ୍ଦେଶ ପାଳନ ହୋଇ ନଥିବା ବେଳେ ଉପରୋକ୍ତ ଅଞ୍ଚଳର କଂସେଇଖାନାରେ ଆଇନ ଉଲ୍ଲଂଘନ ପୂର୍ବକ ଗୋହତ୍ୟା କରାଯାଇ ଆସୁଥିବା ଆବେଦନକାରୀ ଅଭିଯୋଗ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମୃଣାଳିନୀ ପାଢ଼ୀ ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ପୀୟୂଷ ପଣ୍ଡା ସହାୟତା କରୁଛନ୍ତି।

# ଆଜି ଡିଜିପି ଅଫିସ୍ ଘେରିବ କଂଗ୍ରେସ

ଭୁବନେଶ୍ୱର,୭।୮ (ସମିସ): ରାଜ୍ୟରେ ବଢୁଥିବା ମହିଳା ହିଂସା ଓ ନାରୀଙ୍କୁ ନ୍ୟାୟ ଦାବି କରି ଶୁକ୍ରବାର ସକାଳ ୧୦ଟାରେ କଟକ ଡିଜିପି ଅଫିସ ଘେରଉ କରିବାକୁ ରାଜ୍ୟ କଂଗ୍ରେସ ନିଷ୍ପତ୍ତି ନେଇଛି। ଏନେଇ ଗୁରୁବାର କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି ଯେ ଗୋଟିଏ ମାସ ମଧ୍ୟରେ ରାଜ୍ୟରେ ଦୁଇ ଜଣ ଯୁବତୀ ଆତ୍ମାହୁତି କରିଛନ୍ତି ଏବଂ ଅନ୍ୟ ଜଣଙ୍କୁ ଦୁର୍ବୃତ୍ତ ପୋଡ଼ି ଦେଇଛନ୍ତି। ପୁଲିସ ଏବଂ ସରକାର ପୂର୍ବରୁ ସାମାନ୍ୟ ପଦକ୍ଷେପ ନେଇଥିଲେ ଏଭଳି ହୃଦୟବିଦାରକ ଘଟଣା ଦେଖିବାକୁ ମିଳି ନ ଥା'ନ୍ତା। ସରକାର କିମ୍ବା ପ୍ରଶାସନ ଅଭିଯୁକ୍ତଙ୍କୁ କାଠଗଡ଼ାକୁ ଆଣିବାରେ କୌଣସି ତତ୍ପରତା ଦେଖାଉ ନାହାନ୍ତି। ତେଣୁ ଅପରାଧୀ ନିର୍ଭୟରେ ତାଙ୍କ ଅମାନୁଷିକ କାର୍ଯ୍ୟକଳାପ କରି ଚାଲିଛନ୍ତି। ପୁଲିସ ତଦନ୍ତ କରୁଛି; କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ମୁଖ୍ୟ ଅପରାଧୀମାନଙ୍କୁ ଧରିପାରୁନି। ପ୍ରକୃତରେ ପୁଲିସ ଅଭିଯୁକ୍ତଙ୍କୁ ଧରିପାରୁନି କି ଧରିବାକୁ ଚାହୁଁନି ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି।

ଅନ୍ୟପଟେ ନାରୀ ନିର୍ଯାତନା ଏବଂ ଏହାକୁ ନେଇ ଚାଲିଥିବା ତଦନ୍ତ ପ୍ରକ୍ରିୟାରେ ପୁଲିସ ବୈମାତୃକ ମନୋଭାବ ପ୍ରଦର୍ଶନ କରୁଛି ବୋଲି କଂଗ୍ରେସ ମୁଖପାତ୍ର ଆଇନଜୀବୀ ନିଶିକାନ୍ତ ମିଶ୍ର କହିଛନ୍ତି। ଏମିତି କି ବଳଙ୍ଗା ପୀଡ଼ିତାଙ୍କ ମାଆ ଦେଇଥିବା ଏତଲା ଓ ବିଏନ୍‌ଏସ ଅନୁସାରେ ତଦନ୍ତ ନ କରି ସରକାର ଦେଇଥିବା ସଂଳାପ ଅନୁସାରେ ପୁଲିସ ତଦନ୍ତ କରୁଛି ବୋଲି ଶ୍ରୀ ମିଶ୍ର ସରକାରଙ୍କୁ ନିଶାଣ କରିଛନ୍ତି। ପୁଲିସ ବିଜେପି ଏବଂ ତାଙ୍କ ସରକାରକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ସମସ୍ତ ନୀତି ନିୟମକୁ ଉଲଂଘନ କରି ତଦନ୍ତ କରୁଛି। ଏପରିକି ତଦନ୍ତ ଚାଲୁଥିବା ସମୟରେ ତଦନ୍ତର ସ୍ଥିତି ସମ୍ପର୍କରେ ଲୋକ ଲୋଚନରେ ପ୍ରକାଶ କରିବା ସୂଚନା ଅଧିକାର ପରିସରରୁ ବାହାରେ ରଖାଯାଇଥିବା ସ୍ଥଳେ ପୁଲିସର ସାମାଜିକ ଗଣମାଧ୍ୟମରେ ଏଭଳି ମନ୍ତବ୍ୟ ନିନ୍ଦନୀୟ ଏବଂ ଦୁର୍ଭାଗ୍ୟଜନକ ବୋଲି ମୁଖପାତ୍ର ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି।



# ହାଇୱା ଧକ୍କାରେ ବାପା-ଝିଅ ମୃତ

କୁଜଙ୍ଗ, ୭।୮ (ସମିସ): କୁଜଙ୍ଗରେ ଆଜି ଏକ ହୃଦୟବିଦାରକ ଘଟଣା ଘଟିଛି। ଏକ ହାଇୱା ଧକ୍କାରେ ବାପା-ଝିଅଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ, କୁଜଙ୍ଗ ଥାନା ଅନ୍ତର୍ଗତ ବାଗୋଇ ପଞ୍ଚାୟତ ଷଣ୍ଢପୁର ଗ୍ରାମର ରାଜକିଶୋର ବିଶ୍ୱାଳ ଓ ତାଙ୍କ ଝିଅ ଲୋରି ବିଶ୍ୱାଳ। ଲୋରି ପାରାଦୀପସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲରୁ ପାଠ ପଢ଼େ। ସ୍କୁଲ ଛୁଟି ପରେ ଆଜି ଉଭୟ ବାପ-ଝିଅ ଘରକୁ ଫେରୁଥିବା ବେଳେ କୋଠିଆସାହି ଗଡ଼ା ନିକଟରେ ଏକ ହାଇୱା ସେମାନଙ୍କୁ ଚାପି ଦେଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ କଟକ-ପାରାଦୀପ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ବୁଝାସୁଝା କରିବା ପରେ ଅବରୋଧ ହଟିଥିଲା।

## ପଟ୍ଟାମୁଣ୍ଡାଇରେ ଛାତ୍ରୀ ଆତ୍ମଦାହ ଘଟଣା

# ଗାଁ ମଶାଣିରେ ଜଳିଲା ସଂଗୀତାଙ୍କ ଜୁଇ

କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ,୭।୮ (ସମିସ): ପୁରୁଷବନ୍ଧୁ ଦ୍ୱାରା ଉତ୍ପୀଡ଼ନର ଶିକାର ହୋଇ ଆତ୍ମାହୁତି ଦେଇଥିବା କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ କାଠିଆପଡ଼ା ଗ୍ରାମର ଛାତ୍ରୀ ସଙ୍ଗୀତା ପରିଡ଼ାଙ୍କ ମୃତଦେହ ଆଜି କଟକ ବଡ଼ ମେଡିକାଲରେ ବ୍ୟବଚ୍ଛେଦ ହୋଇଛି। ଆଜି କଡା ସୁରକ୍ଷାବଳୟ ଭିତରେ

- ଏସ୍‌ସିବିରେ ଶବ ବ୍ୟବଚ୍ଛେଦ; ଭିସେରା ନମୁନା ସଂଗ୍ରହ
- ଥାନା ଏଏସ୍‌ଆଇଙ୍କୁ ହେଡ୍‌କ୍ୱାର୍ଟର୍ସ ବଦଳି
- ବାପା-ମା' ଓ ଗ୍ରାମବାସୀଙ୍କ ବୟାନ ରେକର୍ଡ
- ପରିବାରଲୋକଙ୍କୁ ଭେଟିଲେ ବିଜେଡି, କଂଗ୍ରେସ, ବିଜେପି ଓ ବାମପନ୍ଥୀ ଦଳ

ସଙ୍ଗୀତାଙ୍କ ମୃତଦେହ କଟକ ବଡ ମେଡିକାଲ ଅଣାଯାଇଥିଲା। କେନ୍ଦ୍ରାପଡା ପୁଲିସର ଗୋଟିଏ ସେକ୍ସନ ଫୋର୍ସ ଏଠାରେ ନିୟୋଜିତ ହୋଇଥିଲେ। ଅପରାହ୍ନରେ ଶବ ବ୍ୟବଚ୍ଛେଦ ହୋଇଥିଲା। ବ୍ୟବଚ୍ଛେଦ ସମୟରେ କେନ୍ଦ୍ରାପଡ଼ା ଜିଲ୍ଲା ଏସପି କାର୍ଯ୍ୟାଳୟର ଜଣେ ଆଇଆଇସିଙ୍କ ନେତୃତ୍ୱରେ ମହିଳା ଏସଆଇ, ଜିଲ୍ଲା ସାଇଣ୍ଟିଫିକ ଅଫିସର ଓ ଜଣେ ଡାକ୍ତର ଉପସ୍ଥିତ ଥିଲେ। ଶରୀର ସମ୍ପୂର୍ଣ୍ଣ ଜଳିଯାଇଥିବା ଏସ୍‌ସିବି ମେଡିକାଲର ଏଫଏମଟି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅନ୍ୟପଟେ ପୀଡ଼ିତାଙ୍କ ଭିସେରା ନମୂନା ସଂଗ୍ରହ ହୋଇଥିବା ବେଳେ ଏହାକୁ



ଭୁବନେଶ୍ୱର ରସୁଲଗଡ଼ ଫରେନସିକ୍ ସାଇନ୍ସ ଲାବ୍ରୋଟୋରୀ ପଠାଯିବାକୁ ସ୍ଥିର ହୋଇଛି। ପରେ ଗାଁ ମଶାଣିରେ ଏକ ଶୋକାକୁଳ ପରିବେଶରେ ସଂଗୀତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି। ଅପରପକ୍ଷେ, ଆଜି ବିଜେଡି, କଂଗ୍ରେସ, ବିଜେପି ଓ ବାମପନ୍ଥୀ ଦଳର ପ୍ରତିନିଧିମାନେ କାଠିଆପଡ଼ା ଗ୍ରାମକୁ ଯାଇ ପୀଡ଼ିତାଙ୍କ ପରିବାରଲୋକଙ୍କୁ ଭେଟି ଆଲୋଚନା କରିଛନ୍ତି।

ସେହିପରି, ସଂଗୀତାଙ୍କ ମୃତ୍ୟୁ ଉପରକୁ ପରଦା ହଟାଇବା ପାଇଁ ପୁଲିସ ସମସ୍ତ ଦିଗକୁ ଛାନଭିନ୍ କରିଛି। ଗତକାଲି ପୁଲିସ ସଂଗୀତାଙ୍କ ପ୍ରେମିକ ଘର ଉପରେ ଚଢ଼ଉ କରିଥିଲେ ମଧ୍ୟ ସେ କୌଶଳକ୍ରମେ ଫେରାର୍ ହୋଇଯାଇଥିଲା। ଆଜି ପଟ୍ଟାମୁଣ୍ଡାଇ ଆଦର୍ଶ ଓ ଗ୍ରାମାଞ୍ଚଳ ଥାନା ଦାୟିତ୍ୱରେ ଥିବା ଆଇଆଇସି ବନ୍ଦନା ପାତ୍ର କାଠିଆପଡ଼ା ଗ୍ରାମକୁ ଯାଇ ସଂଗୀତାଙ୍କ ବାପା-ମାଆଙ୍କୁ ପଚରାଉଚରା କରିବା ସହ ପଡ଼ୋଶୀ ଓ ଗ୍ରାମବାସୀଙ୍କ ବୟାନ ରେକର୍ଡ କରିଛନ୍ତି। ସେହିପରି ଏହି ଘଟଣାରେ ଗ୍ରାମାଞ୍ଚଳ ଥାନା ଏଏସ୍‌ଆଇ ଶୈଳେନ୍ଦ୍ର ମୋହନ ପଲାଇଙ୍କୁ ହେଡ୍‌କ୍ୱାର୍ଟର୍‌କୁ ବଦଳି କରାଯାଇଛି। ଅପରପକ୍ଷେ, କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘଟଣା ଉପରେ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ପ୍ରାଥମିକ ତଦନ୍ତରେ ଏହା ଏକ ଆତ୍ମହତ୍ୟା ବୋଲି ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସମସ୍ତ କଥା ଜଣାପଡ଼ିବ। ସବୁ ଦିଗକୁ ନେଇ ପୁଲିସ ତଦନ୍ତ ଚଳାଇଛି। ପୁଲିସ ବିରୋଧରେ ଯେଉଁ ଅଭିଯୋଗ ହୋଇଛି, ତାହାକୁ ମଧ୍ୟ ଲିଖିତ ଭାବେ ପରିବାରଲୋକେ ଦେଇନାହାନ୍ତି। ଏବେ ତଦନ୍ତ ଚାଲିଛି ଓ ଏହା ଶେଷ ହେବା ପରେ କିଏ ଅପରାଧୀ, କିଏ ଆତ୍ମହତ୍ୟା ପାଇଁ ବାଧ କରିଛି ତାହା ଜଣାପଡ଼ିବ ବୋଲି କହିଛନ୍ତି।

## ବେଗୁନିଆ ବିଜେପିରେ ଗୋଷ୍ଠୀକନ୍ଦଳ ଉଗ୍ର

# ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳିଙ୍କୁ ଆକ୍ରମଣ

ଖୋର୍ଦ୍ଧା,୭।୮ (ସମିସ): ବେଳକୁ ବେଳ ବେଗୁନିଆ ବିଜେପିରେ କୁହୁଳୁଛି କନ୍ଦଳ ନିଆଁ। ବିଗତ ଦିନରେ ନିର୍ବାଚନମଣ୍ଡଳୀ ଭିତରେ ଛକାପଞ୍ଝା ଲାଗିଥିବା ବେଳେ ଗୁରୁବାର ଏହା ଉଗ୍ରରୂପ ନେଇଥିଲା। ଗୁରୁବାର ଚାଷୀଙ୍କ ଅଭିଯୋଗ ନେଇ ଖୋର୍ଦ୍ଧା ଡିଆର୍‌ସିଏସ୍ ଅଫିସ ଆସିଥିବା ବେଗୁନିଆ ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳିଙ୍କୁ ଖୋର୍ଦ୍ଧା ବିଧାୟକଙ୍କ ଏକାନ୍ତ ଅନୁଗତମାନେ ଆକ୍ରମଣ କରିବା ସହ ହତ୍ୟା ଧମକ ଦେଇଥିଲେ। ଏଥିସହ ଶ୍ରୀ ବିଜୁଳିଙ୍କ ଫର୍ଚୁନର ଗାଡ଼ିକୁ ଭାଙ୍ଗିବା ସହ ତାଙ୍କ ସୁନାଚେନ୍ ଛିଡ଼ାଇ ନେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ତେବେ କାଉନସିଲର୍ କମଳ ପ୍ରଧାନ, ଛାତ୍ରନେତା ବିଶ୍ୱଦୀପ, ଅଂଶୁମାନ ଦିନ ଦିପହରରେ ରାସ୍ତା ଉପରେ ଗୁଣ୍ଡାଗିରି କରିଥିବା ବେଳେ ଆର୍‌ଡି ବଙ୍ଗଳାକୁ ସେମାନେ ଦୀର୍ଘ ଦିନ ଧରି ଆଡ୍ଡାସ୍ଥଳୀ କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବା ସୂଚନା ଦେଇଛି। ଶ୍ରୀ ବିଜୁଳିଙ୍କ ଅଭିଯୋଗ ଉପରେ ଆଦର୍ଶ ଥାନା ପୁଲିସ ମାମଲା ରୁଜୁ କରି ସିସିଟିଭି ଫୁଟେଜ୍‌କୁ ଆଧାର କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁସାରେ, ଗୁରୁବାର ବେଗୁନିଆ ବ୍ଲକ୍ ଛତ୍ରପଡ଼ା ସେବା ସମବାୟ ସମିତିର ୪୦ରୁ ୫୦ଜଣ ଚାଷୀଙ୍କୁ ସାଙ୍ଗରେ ଧରି ଶ୍ରୀ ବିଜୁଳି ସମବାୟ ସମିତି ସମୂହ ଉପନିବନ୍ଧକଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସେଠାରେ ଚାଷୀଙ୍କ ହିତ ଦୃଷ୍ଟିରୁ ପଞ୍ଜୀକରଣ କାର୍ଯ୍ୟ ଛତ୍ରପଡ଼ା କଳିଙ୍ଗ କ୍ଲବ୍‌ଠାରେ ଶୁଭାରମ୍ଭ କରିବା ନିମନ୍ତେ ଆଲୋଚନା କରି କାର୍ଯ୍ୟାଳୟରୁ ବାହାରୁଥିଲେ। ଏହି ସମୟରେ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଡାକବଙ୍ଗଳା ଭିତରୁ ଯୋଜନା ମୁତାବକ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଅନୁଗତ ସାରୁଅ କାଠ ଖୁଣ୍ଟିଆର ବିଶ୍ୱଜିତ



ଭୁଜବଳ ତାଙ୍କୁ ବିଧାୟକଙ୍କ ସହ କଥା ହେବାକୁ ଫୋନ୍ ଲଗାଇ ଧରାଇଥିଲେ। ସେ ଫୋନ୍ ଧରିବାରେ ବିଧାୟକ ଶ୍ରୀ ଜଗଦେବ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବେଗୁନିଆରେ ବେଶୀ ରାଜନୀତି କରୁଛୁ ବୋଲି କହିଥିଲେ। ବେଗୁନିଆ ନ ମାଡ଼ିବାକୁ ପୂର୍ବରୁ ଧମକ ଦେଇଥିବା ବେଳେ କାହିଁକି ଗଲୁ ପ୍ରଶ୍ନ କରିବା ସହ ଜୀବନରେ ମାରିବାକୁ ପୂର୍ବରୁ ଧମକ ଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ମାତ୍ର ଶ୍ରୀ ବିଜୁଳି କିଛି ନ କହି ଫୋନ୍ କାଟିଦେବାରେ ସାନପଦର ଗ୍ରାମର ଅଂଶୁମାନ ପଟ୍ଟନାୟକ ତାଙ୍କ କଲର ଧରି ଆକ୍ରମଣ କରିଥିଲେ। ବେକରେ ଥିବା ୩୯ ଗ୍ରାମ୍ ଓଜନର ଏକ ସୁନାଚେନ୍‌କୁ ଛଡ଼ାଇ ନେଇ ବେଗୁନିଆ ଗଲେ ବୋମା ପକାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲା।

ପାଖରେ ଥିବା ଖୋର୍ଦ୍ଧା ପୌର ପରିଷଦର କାଉନସିଲର କମଳ ପ୍ରଧାନ(ଅଖୁ) ଏବଂ ଡଙ୍ଗରପଡ଼ାର

- ଖୋର୍ଦ୍ଧା ବିଧାୟକଙ୍କ ଅନୁଗତ ଭିଆଇଲେ କାଣ୍ଡ
- ଭାଙ୍ଗିଲେ ଗାଡ଼ି, ଛିଡ଼ାଇନେଲେ ସୁନାଚେନ୍
- କାଉନ୍‌ସିଲର କମଳ ପ୍ରଧାନ, ଛାତ୍ରନେତା ବିଶ୍ୱଦୀପ, ଅଂଶୁମାନ ଦେଖାଇଲେ ଗୁଣ୍ଡାରାଜ୍

ବିଶ୍ୱଦୀପ ପ୍ରଧାନଙ୍କ ସମେତ ୭ରୁ ୮ଜଣ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିବା ସହ ତାଙ୍କ ଫର୍ଚୁନର ଗାଡ଼ି (ଓଡି.୦୨ଡିବି-୮୭୮୭)କୁ ଲୁହାରଡ୍, ଠେଙ୍ଗା ଓ ପଥରମାଡ଼ କରି ଭଙ୍ଗାରୁଜା କରିଥିଲେ। ଏଥିସହିତ ବେଗୁନିଆ ମାଟି ମାଡ଼ିଲେ ହତ୍ୟା ଧମକ ଦେଇ ଚାଲିଯାଇଥିବାବେଳେ ଶ୍ରୀ ବିଜୁଳିଙ୍କ ଜୀବନ ପ୍ରତି ବିପଦ ଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଘଟଣାକୁ ପୁଲିସ ଗୁରୁତ୍ୱର ସହ ନେଇ ନମ୍ବର ୩୩୩/୨୫ରେ ଏକ ମାମଲା ରୁଜୁ କରି ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ୍‌କୁ ଆଧାର କରି ତଦନ୍ତ ଚଳାଇଛି।

ସକାଳ
THE SAKALA



# କାଠିଆପଡ଼ା ଛାତ୍ରୀ ଆତ୍ମଦାହ ଘଟଣା

## ପରିବାରକୁ ଭେଟିଲେ ବିଜେଡି ପ୍ରତିନିଧି ଦଳ



**ପଟ୍ଟାମୁଣ୍ଡାଇ, ୭।୮ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ପଡ଼ା ପଞ୍ଚାୟତର କାଠିଆପଡ଼ା ଛାତ୍ରୀ ଆତ୍ମଦାହ ଘଟଣାରେ ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ରାଜ୍ୟ ବିଜେଡି ତଥ୍ୟ ଅନୁସନ୍ଧାନକାରୀ ଦଳ ପୀଡ଼ିତା ଛାତ୍ରୀଙ୍କ ପରିବାରକୁ ଭେଟି ଆଲୋଚନା କରିଛନ୍ତି। ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ସହିତ ଆଜି ସନ୍ଧ୍ୟାରେ କାଠିଆପଡ଼ା ଗାଁରେ ରାଜ୍ୟ ବିଜେଡି ଟିମ୍ ପହଞ୍ଚି ଆଲୋଚନା କରିବା ସହ ସ୍ଥିତି ଅନୁଧ୍ୟାନ କରିଥିଲା। ଏହି ଟିମ୍‌ରେ ପୂର୍ବତନ ମହିଳା, ଶିଶୁ ବିକାଶ ଓ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ସାଂସଦ ଡା ରାଜଶ୍ରୀ ମଲିକ, ରାଜ୍ୟ ମହିଳା ବିଜେଡି ସାଧାରଣ ସମ୍ପାଦିକା ଲୋରା ମହାପାତ୍ର, ରାଜ୍ୟ ବିଜେଡି ସଂଖ୍ୟାଲଘୁ ସାମ୍ମୁଖ୍ୟ ଆବାହକ ରଜୁୱାନା ବେଗମ ସାମିଲ ଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭୋଳ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ରୋଶନା ସାହୁ ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପ୍ରମୁଖ ସାମିଲ ଥିଲେ। କାଠିଆପଡ଼ା ଗାଁରେ ପହଞ୍ଚି ମୃତା ଛାତ୍ରୀ ପରିବାରକୁ ଭେଟି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ପୁଲିସ ଅବହେଳା ପାଇଁ ସମ୍ପୃକ୍ତା କଲେଜ ଛାତ୍ରୀଙ୍କ ଅମୂଲ୍ୟ ଜୀବନ ଯାଇଛି ବୋଲି ରାଜ୍ୟ ବିଜେଡି ଟିମ ଅନୁଭବ କରିବା ସହିତ କର୍ତ୍ତବ୍ୟରେ ଅବହେଳା କରିଥିବା ପୁଲିସ ଅଫିସରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ମୃତ ପରିବାରକୁ ଉପଯୁକ୍ତ କ୍ଷତିପୂରଣ, ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଓ ଦୋଷୀକୁ କଠୋର ଦଣ୍ଡ ବିଧାନ ପାଇଁ ରାଜ୍ୟ ବିଜେଡି ଟିମ ସରକାରଙ୍କ ନିକଟରେ ଦାବି କରିଛି।

## କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କଲା ବିଜେଡି



**କେନ୍ଦ୍ରାପଡ଼ା, ୭।୮ (ସମିସ):** ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗ୍ରାମର ଛାତ୍ରୀ ପି ଡି ସଙ୍ଗୀତା ନିଆଁରେ ପୋଡି ମୃତ୍ୟୁ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରାଯିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ବିଜେଡିର ଶତାଧିକ କର୍ମୀ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ଦେଇଛନ୍ତି। ଏହି ସ୍ମାରକପତ୍ରରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଦ୍ରୁତଗତିରେ ଭୁଶୁଡି ପଡୁଛି। ନାରୀ ନିର୍ଯାତନା, ଦୁଷ୍କର୍ମ ଆଦି ଜଘନ୍ୟ ଅପରାଧ ନିରବଚ୍ଛିନ୍ନ ଭାବେ ଘଟିଚାଲିଛି। ନାରୀ ସୁରକ୍ଷା କ୍ଷେତ୍ରରେ ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ। ପୁଲିସର ଅଭାବନୀୟ ରାଜନୀତିକରଣ ହେତୁ ଆଇନର ଶାସନ ବାଟ ହୁଡିଛି। ଅଯୋଗ୍ୟ, ଅପାରଗ ତଥା ପଇସାଖୋର ପୁଲିସ ଅଧିକାରୀ ସରକାରଙ୍କ ବାହୁଛାୟାର ସୁରକ୍ଷା ପାଇ ଆଇନର ଶାସନକୁ ଫୁ କରିଚାଲିଛନ୍ତି। ବିଜୁ ଜନତା ଦଳ ଏହାର ଦୃଢ଼ ପ୍ରତିବାଦ କରୁଛି। ଦକ୍ଷ ଓ ନିରପେକ୍ଷ ପୁଲିସ ଅଧିକାରୀଙ୍କୁ ପରକାରୀ ଆକ୍ରୋଶରୁ ମୁକ୍ତ କରିବାକୁ ଦାବି କରୁଛି। ପୁଲିସ ନିଷ୍କ୍ରିୟତା ତଥା ସଙ୍ଗୀନ ଅପରାଧ ଓ ଅପରାଧୀଙ୍କ ପ୍ରତି ଉଦାସୀନତା ହେତୁ ଆମ୍ଭ କେନ୍ଦ୍ରାପଡ଼ା ଜିଲ୍ଲାର କାଠିଆପଡ଼ା ଗ୍ରାମର ଜଣେ +୩ ରାଜନୀତି ବିଜ୍ଞାନ ସ୍ନାତକ ଛାତ୍ରୀ ପି.ବି. ସଙ୍ଗୀତାଙ୍କ ମୂଲ୍ୟବାନ ଜୀବନ ବଳି ପଡ଼ିଛି। ପୀଡ଼ିତାଙ୍କ ପିତାଙ୍କ ଅଭିଯୋଗ ଅନୁସାରେ ୬ ମାସ ତଳେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ତାଙ୍କ ପକ୍ଷରୁ ତାଙ୍କ ଝିଅକୁ ବ୍ଲାକ୍‌ମେଲ୍ କରୁଥିବା ଅଭିଯୁକ୍ତଙ୍କ ବିରୁଦ୍ଧରେ ଯଦି ତତ୍‌କ୍ଷଣାତ୍ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାନ୍ତା, ଏକ ଦୁର୍ଲ୍ଲଭ ଜୀବନ ରକ୍ଷା କରାଯାଇପାରିଥା'ନ୍ତା। ଅଭିଯୋଗର ତଦନ୍ତ ମଧ୍ୟ ଏଡ଼ାଇ ଦିଆଗଲା। ଏହା ଚରମ ଦାୟିତ୍ୱହୀନତା ବ୍ୟତୀତ କ'ଣ ହୋଇପାରେ। କାଠିଆପଡ଼ାର ଛାତ୍ରୀ ପୋଡ଼ି ଏକକ ଘଟଣା ନୁହେଁ, ଫକୀରମୋହନ କଲେଜର ସୌମ୍ୟାଶ୍ରୀ, ବଲାଙ୍ଗୀର ପରେ କାଠିଆପଡ଼ାର ପି.ଡ଼ି. ସଙ୍ଗୀତା। ମାତ୍ର ୧ ମାସ ମଧ୍ୟରେ ତିନିଟି ଲୋମହର୍ଷଣକାରୀ ଅଘଟଣ କେବଳ ବିଜେଡିକୁ ନୁହେଁ ସମଗ୍ର ରାଜ୍ୟବାସୀଙ୍କୁ ପୀଡିତ କରିଛି। ସୁତରାଂ ଆଇନର ଶାସନର ପୁନରୁଦ୍ଧାର, ପୁଲିସ ପ୍ରଶାସନର ଦକ୍ଷତା ସାଙ୍ଗକୁ ନିରପେକ୍ଷତା ପୁନଃପ୍ରତିଷ୍ଠା ଓ ଆମ କାଠିଆପଡ଼ାର ପୀଡ଼ିତାଙ୍କୁ ନ୍ୟାୟ ପାଇଁ ଆମ୍ଭେ ନିମ୍ନମତେ ଆପଣଙ୍କ ନିକଟରେ ଦାବି ଉପସ୍ଥାପନ କରୁଛୁ। କାଠିଆପଡ଼ା ଘଟଣାରେ ପୁଲିସ ଅଧିକାରୀଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବନ କରାଯାଉ। ଏହି ଘଟଣାରେ ନିରପେକ୍ଷ ତଦନ୍ତ କ୍ଲାଇମବ୍ରାଞ୍ଚକୁ ଦିଆଯାଉ। ଘଟଣାର ଗମ୍ଭୀରତାକୁ ଉପଲବ୍ଧି କରିବାରେ ଯଦି ବ୍ୟର୍ଥ ହୁଅନ୍ତି ତେବେ କେନ୍ଦ୍ରାପଡ଼ା ବିଜୁ ଜନତା ଦଳ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାନେତ୍ରୀ ଲିଲିତା ଦାସ, ଜିଲ୍ଲା ବିଜେଡି ଶିବପ୍ରସାଦ ଭଳ, କେନ୍ଦ୍ରାପଡ଼ା ପୌରାଧକ୍ଷା ସରିତା ସାହୁ, ଜିଲ୍ଲା ମହିଳା ସଭାନେତ୍ରୀ ରୋସନା ସାହୁ, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବ୍ଲକ ସଭାପତି ଆଲୋକ ସାହୁ, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ପ୍ରିୟଦର୍ଶିନୀ ତରାଇ, ରଶ୍ମିରଞ୍ଜନ ରାଉତ, ହିରଣ୍ୟ ପଣ୍ଡା, ଉମେଶ ନାୟକ, ପ୍ରଭାତ ଉଡାନ ସିଂ, ମୁକ୍ତାର ଖାଁ, ନିରଞ୍ଜନ ବାରିକ ପ୍ରମୁଖ ଯୋଗଦେଇଥିଲେ।

## ବାମପନ୍ଥୀ ନେତାଙ୍କ ଘଟଣାସ୍ଥଳ ପରିଦର୍ଶନ



ବଡ଼ପଡ଼ା ପଞ୍ଚାୟତ ଛାତ୍ରୀ ମୃତ୍ୟୁ ଘଟଣାର ସ୍ଥିତି ଅନୁସନ୍ଧାନ ପାଇଁ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି ବାମପନ୍ଥୀ ଦଳ ନେତା। ଜିଲ୍ଲା ସିପିଏମ ଜିଲ୍ଲା ସମ୍ପାଦକ ଗୟାଧର ଧଳଙ୍କ ନେତୃତ୍ୱରେ ନରୋତ୍ତମ ପାର୍ଥସାରଥୀ, ସୋମନାଥ ବିଶ୍ୱାଳ, ଜିଲ୍ଲା କୃଷକ ସଭା ସମ୍ପାଦକ ବିଜୟ ଦାସ, ଦାଶରଥୀ ସାହୁ, ଗୁଣମଣି ବେହେରା ପ୍ରମୁଖ କାଠିଆପଡ଼ା ଗାଁକୁ ଯାଇ ମୃତା ଛାତ୍ରୀ ପରିବାର ଲୋକଙ୍କୁ ଭେଟି ଆଲୋଚନା କରିବା ସହିତ ଏହି ମାମଲାର ନ୍ୟାୟିକ ତଦନ୍ତ କରି ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ବିଧାନ ପାଇଁ ଦାବି କରିଥିଲେ।

## ବିଜେପି ପ୍ରତିନିଧି ଦଳର ସ୍ଥିତି ଅନୁଧ୍ୟାନ



କାଠିଆପଡ଼ା ଗ୍ରାମରେ ନିଆଁରେ ପୋଡି ହୋଇ ଛାତ୍ରୀ ମୃତ୍ୟୁ ଘଟଣାର ଅନୁଧ୍ୟାନ କରିଛି ଶାସକ ବିଜେପି ଟିମ। କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ସେଠୀ, କେନ୍ଦ୍ରାପଡ଼ା ବିଧାନସଭା ସଭା ବିଜେପି ପ୍ରାର୍ଥୀ ଗୀତାଞ୍ଜଳି ସେଠୀ, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ନାରୀନେତ୍ରୀ କାନନବାଳା ଦାସ, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଉପିନ ରାଉତ ଓ ଅମିତାଭ ସୁଆର, ସମ୍ପାଦକ ଚନ୍ଦନ ପାତ୍ର, ଯୁବନେତା ଅଭିଷେକ ଦାସ ଓ ସ୍ୱାଗତ ଦାସ ପ୍ରମୁଖ ମୃତା ଛାତ୍ରୀଙ୍କ ପରିବାରକୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିବା ସହିତ ଉପଯୁକ୍ତ ତଦନ୍ତ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାରଙ୍କଠାରେ ଦାବି କରିଥିଲେ। ଅନ୍ୟପକ୍ଷରେ ରାଜନଗର ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରା, ବରିଷ୍ଠ ବିଜେପି ନେତା ମିଟୁ ମନୋଜ ନାୟକ, ସଞ୍ଜୟ ସ୍ୱାଇଁ ପ୍ରମୁଖ ମୃତା ଛାତ୍ରୀଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ପ୍ରକୃତ ଦୋଷୀକୁ ଦଣ୍ଡବିଧାନ କରାଯିବାକୁ ପଦକ୍ଷେପ ନେବାପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ଏସପିଙ୍କୁ ବିଜେପି ବିଧାୟକ ପ୍ରାର୍ଥୀ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ।

## ଏସ୍‌ପିଙ୍କ ସହ ପିସିସି ଟିମ୍‌ର ଆଲୋଚନା



**କେନ୍ଦ୍ରାପଡ଼ା:** ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗ୍ରାମର ଛାତ୍ରୀ ପି ଡି ସଙ୍ଗୀତାଙ୍କ ଆତ୍ମଦାହ ଘଟଣାରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶରେ ପିସିସି ଉପସଭାପତି ସସ୍ମିତା ବେହେରାଙ୍କ ନେତୃତ୍ୱରେ ଗଠିତ ତଥ୍ୟ ଅନୁସନ୍ଧାନକାରୀ ଦଳର ମୁଖପାତ୍ର ସୋନାଲି ସାହୁ, ମନୀଷା ଦାଶ ପଟ୍ଟନାୟକ, ଜୟଶ୍ରୀ ପାତ୍ର, ମଧୁସ୍ମିତା ଆଚାର୍ଯ୍ୟ, ଅମ୍ରିତା ଦାସ ଓ ପିସିସି କୋଷାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ଲୋକସଭା କଂଗ୍ରେସ ପ୍ରାର୍ଥୀ ଇଂ ସିଦ୍ଧାଥ ସ୍ୱରୁର୍ପ ଦାସ, ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ ଦାସ, ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ପ୍ରଦୀପ ପ୍ରଧାନ, ଦିଲ୍ଲୀପ ପ୍ରଧାନ, ଆଶିଷ ଲେଙ୍କା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଏହାର ବିଚାର ବିଭାଗୀୟ ତଦନ୍ତ କରିଛନ୍ତି।

## କାଠିଆପଡ଼ା ଗ୍ରାମରେ କଂଗ୍ରେସ ଟିମ୍



ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗ୍ରାମରେ ପହଞ୍ଚି ପୋଡ଼ି ହୋଇ ମୃତ୍ୟୁବରଣ କରିଥିବା ଛାତ୍ରୀ ପିଡି ସଙ୍ଗୀତାଙ୍କ ପରିବାରକୁ ଭେଟି ଏହି ସମବେଦନଶୀଳ ମାମଲାର ଅନୁଧ୍ୟାନ କରିଛି ପିସିସି ଟିମ୍। ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶରେ ପିସିସି ଉପସଭାପତି ସସ୍ମିତା ବେହେରାଙ୍କ ନେତୃତ୍ୱରେ ଗଠିତ ତଥ୍ୟ ଅନୁସନ୍ଧାନକାରୀ ଦଳ ସଦସ୍ୟା ପିସିସି ମୁଖପାତ୍ର ସୋନାଲି ସାହୁ, ମନୀଷା ଦାଶ ପଟ୍ଟନାୟକ ଓ ଜୟଶ୍ରୀ ପାତ୍ର, ମଧୁସ୍ମିତା ଆଚାର୍ଯ୍ୟ, ଅମ୍ରିତା ଦାସ, ପିସିସି କୋଷାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ଲୋକସଭା କଂଗ୍ରେସ ପ୍ରାର୍ଥୀ ଇଂ ସିଦ୍ଧାର୍ଥ ଦାସ, ବିଧାନସଭା ପ୍ରାର୍ଥୀ ପୂର୍ବତନ ବିଧାୟିକା ସିପ୍ରା ମଲିକ, ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ ଦାଶ, ରାଜନଗର ନିର୍ବାଚନମଣ୍ଡଳୀ କଂଗ୍ରେସ ଯୁବନେତା ପ୍ରଶାନ୍ତ ରାଉତ, ପୂର୍ବତନ ଜିଲ୍ଲା ଯୁବକଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ବରିଷ୍ଠ ନେତା ଧନେଶ୍ୱର ଦାସ ଓ ଯୁବ ନେତା ପ୍ରଦୀପ ପ୍ରଧାନ ପ୍ରମୁଖ କାଠିଆପଡ଼ା ଗ୍ରାମରେ ପହଞ୍ଚି ମୃତା ଛାତ୍ରୀଙ୍କ ବାପା ଶଶୀକାନ୍ତ ପରିଡ଼ାଙ୍କୁ ଭେଟି ଆଲୋଚନା କରିବା ସହ ଏହାର ବିଚାର ବିଭାଗୀୟ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ସେହିପରି ରାଜନଗର ବିଧାନସଭା କଂଗ୍ରେସ ପ୍ରାର୍ଥୀ ଅଶୋକ ପ୍ରତିହାରୀ ଓ ଜିଲ୍ଲା ଓବିସି ଅଧ୍ୟକ୍ଷ ମଳୟ ଦାସ ମଧ୍ୟ ମୃତା ଛାତ୍ରୀଙ୍କ ପରିବାରକୁ ସ୍ୱତନ୍ତ୍ର ଭାବେ ଭେଟିବା ସହିତ ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

## ମହିଳା ଶ୍ରମିକ ମୃତ

**ବାଲିକୁଦା, ୭।୮ (ସମିସ):** ବନ୍ଦର ସାମୁଦ୍ରିକ ଥାନା ଅଧୀନ ମରିଚପୁର ଗ୍ରାମକୁ ଦିନ ଶ୍ରମିକ ଭାବେ ଧାନ ରୋଇବା ପାଇଁ ଆସିଥିବା ମୟୂରଭଞ୍ଜ ଜିଲ୍ଲା ସାତକୋଶିଆ ଯାମୁନଣ୍ଡା ଗ୍ରାମର ୭୫ ବର୍ଷୀୟା ବୃଦ୍ଧା ବାସନ୍ତୀ ନାୟକଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମରିଚପୁର ଗ୍ରାମର ସନ୍ତୋଷ ମହାନ୍ତି ନିଜର ଜମି ଚାଷ କରିବା ପାଇଁ ମୟୂରଭଞ୍ଜ ଅଞ୍ଚଳରୁ ପ୍ରାୟ ୧୫ ଜଣ ଶ୍ରମିକ ଆଣିଥିଲେ। ତେବେ ଆଜି କାର୍ଯ୍ୟ କରିବା ସମୟରେ ବୃଦ୍ଧା ବାସନ୍ତୀ ଅସୁସ୍ଥ ଅନୁଭବ କରିବା ସହ କାର୍ଯ୍ୟ ବନ୍ଦ କରି ଗୋଟିଏ ସ୍ଥାନରେ ବସିଥିଲେ। ଏହି ସମୟରେ ପେଟ ଯନ୍ତ୍ରଣା ଓ ପ୍ରବଳ କାଶ ହେବା ସହ ସେ ଅଚେତ ହୋଇ ପଡ଼ିଥିଲେ। ସାଥିରେ ଆସିଥିବା ସହଯୋଗୀ ଓ ସନ୍ତୋଷ ତୁରନ୍ତ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ପରିବାର ଲୋକଙ୍କ ସହ କାର୍ଯ୍ୟରତ ଡାକ୍ତର ଅବଗତ କରାଇଥିବା ସୂଚନା ମିଳିଛି।

### ରାସ୍ତା କାମ ନିମ୍ନମାନର; ଗ୍ରାମ୍ୟ ଉନ୍ନୟନ ବିଭାଗ ସହନିର୍ବାହୀ ଯନ୍ତ୍ରୀ ଅଟକ

## ୧୫ ଦିନ ମଧ୍ୟରେ ରାସ୍ତା ନିର୍ମାଣ କରିବାକୁ ପ୍ରତିଶ୍ରୁତି ପରେ ଛାଡ଼ ପାଇଲେ



**ମାଳିପୁର, ୭।୮ (ସମିସ):** ରାସ୍ତା ନିର୍ମାଣରେ ଠକେଇ ଓ ନିମ୍ନମାନର କାମ କରାଯାଇଥିବାରୁ ପ୍ରକଳ୍ପ ସ୍ଥାନକୁ ଯାଇଥିବା ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ସହନିର୍ବାହୀ ଯନ୍ତ୍ରୀଙ୍କୁ ଗ୍ରାମବାସୀ ଅଟକ ରଖିବା ଓ ପନ୍ଦର ଦିନ ମଧ୍ୟରେ ରାସ୍ତା ମରାମତି କରିବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀଙ୍କ କବଳରୁ ଛାଡ଼ ପାଇବା ଘଟଣା ସ୍ଥାନୀୟ ଅଞ୍ଚଳରେ ମୁଖ୍ୟ ଆଲୋଚ୍ୟ ବିଷୟ ପାଲଟିଛି।

ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ବଳଭଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ବାଲିପାଟଣା ଗ୍ରାମରେ ଗତ ବର୍ଷକ ତଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କରାଯାଇଥିଲା। କାର୍ଯ୍ୟ ଆରମ୍ଭରୁ ନିମ୍ନମାନର କାର୍ଯ୍ୟ ହେଉଥିବା ଓ ଭବିଷ୍ୟତରେ ଜଳ ନିଷ୍କାସନର ସମସ୍ୟା ଉପୁଜିବ ବୋଲି ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ। ବିଭାଗ ପକ୍ଷରୁ କେହି କର୍ଣ୍ଣପାତ କରି ନ ଥିଲେ। ଫଳରେ ଠିକାଦାର ଜବରଦସ୍ତ ତାଙ୍କର ମନୋମୁଖୀ କାର୍ଯ୍ୟ କରି ରାସ୍ତା କାମ ସାରି ଦେଇଥିଲେ। ପରବର୍ତ୍ତୀ ସମୟରେ ବର୍ଷାଋତୁ ଆରମ୍ଭ ହୋଇଯିବାରୁ ଗାଁ ଦାଣ୍ଡରେ ଆଣ୍ଠୁଏ ଉଚ୍ଚତାର ପାଣି ଜମି ଯାତାୟତରେ ବାଧା ସୃଷ୍ଟି କରିବା ସହିତ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ମଶା, ମାଛିଙ୍କ ପାଦୁର୍ଭାବରେ ଗ୍ରାମବାସୀ ଅତିଷ୍ଠ ହୋଇ ପଡ଼ିଥିବାବେଳେ ବିଭାଗୀୟ ଅଧିକାରୀଙ୍କୁ ଭେଟି ଗ୍ରାମବାସୀ ସମସ୍ୟାର ସମାଧାନ ପାଇଁ ଲିଖିତ ଅଭିଯୋଗ କରିଥିଲେ। କେହି ଅଧିକାରୀ ଗ୍ରାମରେ ପହଞ୍ଚି ସମସ୍ୟା ବିଷୟରେ ବୁଝିବାକୁ ଚେଷ୍ଟା କରି ନ ଥିଲେ। ଆଜି ହଠାତ କେତେକ ବିଭାଗୀୟ କର୍ମଚାରୀ ଆସି ଉକ୍ତ ରାସ୍ତାର ମାପଚୁପ କରୁଥିବାବେଳେ ଗ୍ରାମବାସୀ ସେମାନଙ୍କର ପରିଚୟ ମାଗିଥିଲେ। କର୍ମଚାରୀ ଜାଣିଶୁଣି ପରିଚୟ ଗୋପନ ରଖି ଏଣୁତେଣୁ ଉତ୍ତର ଦେଇଥିଲେ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଗ୍ରାମବାସୀ ସମ୍ପୃକ୍ତ କର୍ମଚାରୀଙ୍କୁ ଅଟକ ରଖି ବିଭାଗୀୟ ଅଧିକାରୀଙ୍କୁ ଘଟଣାସ୍ଥଳକୁ ଡାକିବାକୁ କହିଥିଲେ। କର୍ମଚାରୀ ଦୀର୍ଘ ସମୟ ଅଟକ ରହିବା ପରେ ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗର ସହନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ରାଉତ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ହେଁ ଉତ୍ୟକ୍ତ ଗ୍ରାମବାସୀ ତାଙ୍କୁ ମଧ୍ୟ ଅଟକ ରଖିଥିଲେ। ରାସ୍ତା ମରାମତି କାମ ଶୀଘ୍ର ଶେଷ କରିବାକୁ ଲିଖିତ ପ୍ରତିଶ୍ରୁତି ନ ଦେଲେ ଛଡାଯିବ ନାହିଁ ବୋଲି ଗ୍ରାମବାସୀ ଅଡ଼ି ବସିଥିଲେ। ଯଥାଶୀଘ୍ର ଏଷ୍ଟିମେଟ ହିସାବରେ ରାସ୍ତା କାମ କରିବାକୁ ଗ୍ରାମର ଦେବାଶିଷ ରାଉଳ, ଦୁଃଶାସନ ବେହେରା, ଦେବବ୍ରତ ରାଉଳ, କାଶୀନାଥ ବେହେରା, ଶ୍ରୀଧର ସାହୁ, ଭରତ ବେହେରା, ଅଭିଷେକ ନାୟକ ପ୍ରମୁଖ ଶତାଧିକ ଗ୍ରମବାସୀ ଦାବି କରିଥିଲେ। ବାଧ୍ୟ ହୋଇ ସହନିର୍ବାହୀ ଯନ୍ତ୍ରୀ ଶ୍ରୀ ରାଉତ ପନ୍ଦର ଦିନ ମଧ୍ୟରେ ରାସ୍ତା କାର୍ଯ୍ୟ ସଠିକ ଭାବେ ସମ୍ପୂର୍ଣ୍ଣ କରିବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଅଟକ ଥିବା ସହନିର୍ବାହୀ ଯନ୍ତ୍ରୀ ଓ କର୍ମଚାରୀଙ୍କୁ ଛାଡ଼ିଥିଲେ।

## ଭାବଗତ ଟୁଙ୍ଗି ପୁନରୁଦ୍ଧାର ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ



**ଡେରାବିଶ, ୭।୮ (ସମିସ):** ଡେରାବିଶ ବ୍ଲକ ଅଞ୍ଚଳରେ ଥିବା ଭାଗବତ ଟୁଙ୍ଗିର ପୁନରୁଦ୍ଧାର କରିବା ପାଇଁ ଭାଗବତ ଟୁଙ୍ଗି ପ୍ରଚାର ସମିତି ସଦସ୍ୟ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଭେଟି ଅନୁରୋଧ କରିଛନ୍ତି। ଏହି ଉପଲକ୍ଷେ ଗତକାଲି ଭାଗବତ ଟୁଙ୍ଗି ପ୍ରଚାର ସମିତିର ରାଜ୍ୟ ସଭାପତି ନଙ୍ଗୁଳି ବାବାଙ୍କ ନେତୃତ୍ୱରେ ରାଜ୍ୟ ଉପସଭାପତି ସୁବ୍ରତ ରାଉତ, ଜିଲ୍ଲା ସଭାପତି ସୁରେନ୍ଦ୍ର ନାଥ ଶତପଥୀ, ପ୍ରକୃତିବନ୍ଧୁ ଜେନାମଣି ବଳ, ଡେରାବିଶ ବ୍ଲକ ସଭାପତି ଯଶୋବନ୍ତ ନାରାୟଣ ପଣ୍ଡା ପ୍ରମୁଖ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କୁ ଭେଟି ଉତ୍ତରୀୟ ଓ ପୁଷ୍ପ ବୃକ୍ଷ ପ୍ରଦାନ କରିଥିଲେ। ଏଥିସହିତ ଡେରାବିଶ ବ୍ଲକ ସମେତ କେନ୍ଦ୍ରାପଡ଼ା ଜିଲ୍ଲାର ୯ଟି ବ୍ଲକରେ ରହିଥିବା ଭାଗବତ ଟୁଙ୍ଗିର ପୁନରୁଦ୍ଧାର କରିବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରଥିଲେ। ଗ୍ରାମାଞ୍ଚଳରେ ଭାଗବତ ଟୁଙ୍ଗିର ପୁନରୁଦ୍ଧାର କରାଗଲେ ଗ୍ରାମବାସୀ ସନ୍ଧ୍ୟାରେ ଟୁଙ୍ଗିରେ ଏକତ୍ରିତ ହୋଇ ପୁରାଣ ଚର୍ଚ୍ଚା କରିବା ଦ୍ୱାରା ସେମାନଙ୍କଠାରେ ଧର୍ମୀୟ ଚେତନା ଜାଗ୍ରତ ହେବା ସହ ପରସ୍ପର ମଧ୍ୟରେ ସହୃଦୟତା ସୃଷ୍ଟି ହୋଇପାରିବ। ଏଥିଯୋଗୁଁ ଗ୍ରାମରେ ପରସ୍ପର ମଧ୍ୟରେ ଘଟୁଥିବା ଛୋଟଛୋଟ ଘଟଣାକୁ ନେଇ ଉପୁଜୁଥିବା ବିବାଦର ଆପୋଷ ସମାଧାନ ହୋଇପାରିବ। ଏଥିସହିତ ସଂଘର ସଦସ୍ୟ ଜିଲ୍ଲା ସଂସ୍କୃତି ବିଭାଗ ଅଧିକାରୀଙ୍କୁ ଭେଟି ସେମାନଙ୍କ ଦାବି ଜଣାଇଥିଲେ।

## ଶ୍ରୀକ୍ଷେତ୍ରରୁ ତୁଳସୀକ୍ଷେତ୍ର ଆସିଲା ପାଟରାକ୍ଷୀ

କେନ୍ଦ୍ରାପଡ଼ା, ୭।୮ (ସମିସ)



ଶ୍ରୀକ୍ଷେତ୍ର ପୁରୀରୁ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ପାଇଁ ପାଟରାକ୍ଷୀ ଆସିଛି। ଆମ ସଂସ୍କୃତିର ଅନନ୍ୟ ପର୍ବ ହେଉଛି ପବିତ୍ର ରକ୍ଷା ବନ୍ଧନ। ଏହି ଦିନରେ ସମସ୍ତ ଭଗିନୀ ତାଙ୍କ ଭାଇଙ୍କ ହସ୍ତରେ ରକ୍ଷା ବନ୍ଧନ କରିଥା'ନ୍ତି। ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ମା' ସୁଭଦ୍ରା ରକ୍ଷା ବନ୍ଧନ କରିଥା'ନ୍ତି। ଏହିଦିନ ମଧ୍ୟ ମହାପ୍ରଭୁ ସିଦ୍ଧ ବଳଦେବଜୀଉଙ୍କ ଜନ୍ମ ଦିବସ। ପୁରୀ ଶ୍ରୀକ୍ଷେତ୍ରରୁ ମା' ସୁଭଦ୍ରା ପ୍ରତିବର୍ଷ ତାଙ୍କ ବଡ଼ଭାଇ କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ରର ଅଧିପତି ଶ୍ରୀଶ୍ରୀ ବଳଦେବଜୀଉଙ୍କ ନିକଟକୁ ପାଟରାକ୍ଷୀ ପଠାଇଥା'ନ୍ତି। ସେହି ପରମ୍ପରା ଅନୁସାରେ ପାଟରାକ୍ଷୀ ଶୋଭାଯାତ୍ରା ମହାଆଡ଼ମ୍ବରରେ ଶ୍ରୀକ୍ଷେତ୍ର ପୁରୀରୁ ବାହାରି ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାରେ ଗୁରୁବାର ପହଞ୍ଚିଛି। ପ୍ରତିବର୍ଷ ଶ୍ରୀଜଗନ୍ନାଥ ପାଟସେବା ବିକାଶ ପରିଷଦ ପକ୍ଷରୁ ଏହି ଭବ୍ୟ ଆୟୋଜନ କରାଯାଇଥାଏ। ତୁଳସୀ କ୍ଷେତ୍ରାଧୀପତିଙ୍କ ନିକଟକୁ ଆସିଥିବା ଏହି ପାଟରାକ୍ଷୀ କେନ୍ଦ୍ରାପଡ଼ା ସହରର ତିନିମୁହାଣି ଛକରେ ପହଞ୍ଚିବା ପରେ ସେହି ପାଟରାକ୍ଷୀକୁ ସହରର ସମସ୍ତ ସ୍ଥାନରେ ଭବ୍ୟ ସ୍ୱାଗତ କରାଯାଇଥିଲା।

ଚଳିତ ବର୍ଷ ପରିଷଦର ଆନ୍ତର୍ଜାତିକ ସଭାପତି ତଥା ମା' ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାଶମହାପାତ୍ର, ପାଟସେବା ସଙ୍ଘ ପକ୍ଷରୁ ସୁରେଶ କୁମାର ପାଣିଗ୍ରାହୀ, ହିମାଂଶୁ ଶେଖର ସାହୁ, ବିଜୟ ପୃଷ୍ଟି, ଶୁଭେନ୍ଦୁ ସାହୁ, ଦୁର୍ଗାଚରଣ ବେହେରା, ରାଜ୍ୟ ସଭାପତି ଆଶିଷ ସାହୁ, କାର୍ଯ୍ୟକାରୀ ସଭାପତି ବିଭୁପ୍ରସାଦ ପୃଷ୍ଟି ଓ ଅନ୍ୟ ସଦସ୍ୟଙ୍କ ଦ୍ୱାରା ଆସିଥିବା ଏହି ରାକ୍ଷୀକୁ ସିଦ୍ଧ ବଳଦେବଜୀଉ ଦେବତ୍ତୋର ସଂସ୍ଥା ଓ ବଳଦେବ ସେନା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମନ୍ଦିର ଦେବତ୍ତୋର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଟ୍ରଷ୍ଟ ବୋର୍ଡ ସଦସ୍ୟ ଧିରେନ୍ ସାହୁ, ହୃଷିକେଶ ରଥ, ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, ସୁପରଭାଇଜର ନୃସିଂହ ଚରଣ ପତ୍ରୀ ଓ ଜ୍ୟୋତିରଞ୍ଜନ ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ମା' ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାଶମହାପାତ୍ର ପାଟରାକ୍ଷୀକୁ ବଡ଼ପଣ୍ଡା ମାଧବ ଚନ୍ଦ୍ର ପତ୍ରୀଙ୍କୁ ପ୍ରଦାନ କରିଥି। ସେହି ପାଟରାକ୍ଷୀକୁ ଭଣ୍ଡାର ଗୃହରେ ରଖାଯାଇଥିଲା। ଆସନ୍ତା ଶନିବାର ରକ୍ଷାବନ୍ଧନ ଓ ଶ୍ରୀବଳଦେବଜୀଉଙ୍କ ଜନ୍ମ ଉତ୍ସବରେ ଶ୍ରୀଜୀଉଙ୍କୁ ଏହି ପାଟରାକ୍ଷୀ ଲାଗି କରାଯିବ। ବଳଦେବ ସେନା ପକ୍ଷରୁ ସବୁ ବର୍ଷ ପରି ଚଳିତବର୍ଷ ମଧ୍ୟ ପାଟରାକ୍ଷୀ ଶୋଭାଯାତ୍ରାରେ ଆସିଥିବା ଭକ୍ତ ବୃନ୍ଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ପାରମ୍ପରିକ ବାଦ୍ୟ ଓ ଘଣ୍ଟିଘଣ୍ଟାର ଆୟୋଜନ କରାଯାଇ ଯାତ୍ରୀ ନିବାସରୁ ଶ୍ରୀବଳଦେବଜୀଉଙ୍କ ସିଂହଦ୍ୱାର ନିକଟକୁ ପାଛୋଟି ନିଆଯାଇଥିଲା। ବରିଷ୍ଠ ଦଇତାପତି ମା' ସୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର ଓ ଅନ୍ୟ ସଦସ୍ୟଙ୍କୁ ଉତ୍ତରୀୟ ଓ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ଆମ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ସ୍ୱରୂପ ପୁରୀ ସେବାୟତଙ୍କ ପକ୍ଷରୁ ବଳଦେବ ସେନାକୁ ଶ୍ରୀମହାପ୍ରସାଦ ଓ ରାକ୍ଷୀ ପ୍ରଦାନ କରାଯାଇଥିଲା। ଏହି ସମୟରେ ସେନାର ସଭାପତି ପପୁନ କୁମାର ସ୍ୱାଇଁ, ସମ୍ପାଦକ ଅମର ବାରିକ, ଉପସଭାପତି ନିରଞ୍ଜନ ସୁଆର, ଉପଦେଷ୍ଟା ନିରଞ୍ଜନ ମେକାପ, ଗଗନ ବିହାରୀ ମନ୍ତ୍ରୀ, ସଦସ୍ୟ ହିମାଂଶୁ ରାଉତ, ଅନୀଶ ସୂତାର, ଉମେଶ ବେହେରା, ଆଶୁତୋଷ ପଣ୍ଡା, ଲଲାଟେନ୍ଦୁ ବେହେରା, ପ୍ରକାଶ ଗୋଛାୟତ, ଆଲୋକ ସାହୁ, ଚନ୍ଦନ ସ୍ୱାଇଁ, ବିଚିତ୍ର ମହାରଣା ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କାମାକ୍ଷାନଗର,୭।୮(ସମିସ): ମହାବିରୋଡ୍ ଥାନା ଘାଗରାମୁଣ୍ଡା ପଞ୍ଚାୟତ ଖନ୍ଦା ଗ୍ରାମ ପଦ୍ମପୁରପଡ଼ାର ଶିବ ଚାତାର (୩୨)ଙ୍କ ଝୁଲନ୍ତା ମୃତଦେହ ତାଙ୍କ ଘରୁ ଉଦ୍ଧାର ହୋଇଛି। ପାରିବାରିକ କଳହରୁ ଶିବ ନିଜ ପୁରୁଣା ଘରେ ରଶିରେ ଝୁଲି ଆତ୍ମହତ୍ୟା କରିଥିବା କୁହାଯାଉଛି। ଏ ସଂକ୍ରାନ୍ତରେ ପରିବାର ପକ୍ଷରୁ ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ମେଡିକାଲକୁ ପଠାଇଛି। ଏ ନେଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ କାଶୀନାଥ ହାଁସଦା କହିଛନ୍ତି।

## ପେଣ୍ଡ୍ରୋବସା ଆଇଟିଆଇରୁ ଚୋରି ବେଳେ ୪ ଗିରଫ

**୨ ଗାଡ଼ି ଜବତ**

ପାଲଲହଡ଼ା,୭।୮(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଡିମିରିଆ ପଞ୍ଚାୟତ ପେଣ୍ଡ୍ରୋବସାସ୍ଥିତ ଆଇଟିଆଇ ପରିସରରୁ ଲୁହା ସାମଗ୍ରୀ ଚୋରି ଅଭିଯୋଗରେ ପାଲଲହଡ଼ା ଥାନା ପୁଲିସ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଭଦ୍ରକ ଜିଲ୍ଲା ବନ୍ତ ଥାନା ଅଞ୍ଚଳର ସୟଦ ହାମିଦୁଲ୍ଲାହ, ମିର ମନିରୁଦ୍ଦିନ, କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଜଗମୋହନପୁର ଅଞ୍ଚଳର ଏମଡି ସଫିକ ଆନସାରୀ ଏବଂ ପାଲଲହଡ଼ା ଥାନା ଅଞ୍ଚଳର କ୍ଷେତ୍ରବାସୀ ରାଜହଂସ। ଏମାନଙ୍କ ନିକଟରୁ ପୁଲିସ ୨ ଗାଡ଼ି ଜବତ କରିଛି। ପେଣ୍ଡ୍ରୋବସାଠାରେ ପୂର୍ବତନ ବିଧାୟକ ବିଭୁ ଦାସଙ୍କ ଦ୍ୱାରା ନିର୍ମିତ ଏହି ଆଇଟିଆଇ ସେଣ୍ଟର ଦୀର୍ଘଦିନ ଧରି ବନ୍ଦ ରହିଥିଲା। ପରବର୍ତୀ ସମୟରେ ପୂର୍ବତନ ବିଧାୟକ ଏହି ସଂସ୍ଥାର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ସରକାରଙ୍କୁ ଦାନ କରିଦେଇଥିଲେ। ବର୍ତ୍ତମାନ ଏହି ସମ୍ପତ୍ତି ପାଲଲହଡ଼ା ବ୍ଲକ ସାମାଜିକ ମଙ୍ଗଳ ବିଭାଗ ଅଧୀନରେ ରହିଛି। ତେବେ ବୁଧବାର ଏହି ସ୍ଥାନରୁ କିଛି ଦୁର୍ବୃତ୍ତ ଚୋରି କରୁଥିବା ବିଶେଷ ସୂତ୍ରରୁ ଖବର ପାଇ ବ୍ଲକ ସାମାଜିକ ମଙ୍ଗଳ ଅଧିକାରିଣୀ ଘଟଣାସ୍ଥଳକୁ ଯାଇଥିଲେ। ଆଇଟିଆଇ କେନ୍ଦ୍ର ଭିତରେ ଦୁଇଟି ପିକଅପ୍ ଗାଡ଼ି ଥିବା ବେଳେ କେନ୍ଦ୍ରର ଫିଟର ୱର୍କସପରୁ ବିଭିନ୍ନ ଯନ୍ତ୍ରାଂଶକୁ ଦୁର୍ବୃତ୍ତ କାଟୁଥିବା ଦେଖି ସେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି କଟାଯାଇଥିବା ବିଭିନ୍ନ ଲୁହା ସାମଗ୍ରୀ ସମେତ ଗ୍ୟାସ୍ କଟର, ୪ଟି ଅକ୍ସିଜେନ ସିଲିଣ୍ଡର, ଗୋଟିଏ ଘରୋଇ ଗ୍ୟାସ ସିଲିଣ୍ଡର, ଅନ୍ୟାନ୍ୟ ଯନ୍ତ୍ରାଂଶ ସହ ୨ଟି ପିକଅପ ଗାଡ଼ି ଜବତ କରିବା ସହ ଚୋରିରେ ସମ୍ପୃକ୍ତ ଚାରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ କହିଛନ୍ତି।

## ବ୍ରଜପାତରେ ଚାଷୀ ମୃତ

ବଆଁରପାଳ,୭।୮(ସମିସ): ବଆଁରପାଳ ବ୍ଲକ ବୁଢ଼ାପଙ୍କ ପଞ୍ଚାୟତ ବଡ଼ପାଟଣା ଗ୍ରାମରେ ବ୍ରଜପାତରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବଡ଼ପାଟଣାର ସଦାନନ୍ଦ ଭୂତିଆ (୬୦)। ଗୁରୁବାର ଦିନ ଅପରାହ୍ନ ୨ଟା ବେଳେ ଅଚାନକ ବର୍ଷା ସାଙ୍ଗକୁ ବ୍ରଜପାତ ହୋଇଥିଲା। ଏହି ସମୟରେ ସଦାନନ୍ଦ ବିଲରେ କାମ କରୁଥିବା ବେଳେ ବ୍ରଜପାତର ଶିକାର ହୋଇଥିଲେ। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ବଆଁରପାଳ ଥାନା ଅଧିକାରୀ ଦୁଷ୍ମନ୍ତ ସିଂ ଓ ଆରଆଇ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଡାକ୍ତରଖାନା ନିଆଯାଇଛି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ପୂର୍ବତନ ସରପଞ୍ଚ ଉଚ୍ଛବ ଦେହୁରୀ ଏବଂ ଗ୍ରାମବାସୀ ଦାବି କରିଛନ୍ତି।

## ଗୋଦାମରୁ ୪୦ଲକ୍ଷ ଟଙ୍କାର ସାମଗ୍ରୀ ଚୋରି

ହିନ୍ଦୋଳ/ଖଜୁରିଆକଟା,୭।୮(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ବାଲିମି ଥାନା ଅନ୍ତର୍ଗତ ହିନ୍ଦୁସ୍ଥାନ ଗୋଦାମରୁ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସାତମାଇଲ ଛକ ନିକଟ ଓଡି ୧୯ ହୋଟେଲ ସମ୍ମୁଖରେ ବାଲିମି ଥାନା ଅଞ୍ଚଳର ବସନ୍ତ ସାହୁଙ୍କର ହିନ୍ଦୁସ୍ତାନ କମ୍ପାନୀର ଏକ ଗୋଦାମ ରହିଛି। ବୁଧବାର ରାତିରେ ଡକାୟତମାନେ ଦୋକାନ ପଛପାଖ କବାଟ ତାଡ଼ି ଭିତରେ ଥିବା ତେଲ, ସାବୁନ, ବିଭିନ୍ନ ପ୍ରକାର କ୍ରିମ ଚୋରି କରିନେଇଥିବା ନେଇ ବସନ୍ତ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାସ୍ଥଳକୁ ଆସି ତଦନ୍ତ କରିଛି। ଶୁକ୍ରବାର ସାଇଣ୍ଟିଫିକ ଟିମ ଆସି ତଦନ୍ତ କରିବ ବୋଲି ପୁଲିସ କହିଛି। ଅନ୍ୟପଟେ ଡକାୟତମାନେ ଗୋଦାମରେ ଲାଗିଥିବା ସିସି କ୍ୟାମେରାର ହାର୍ଡଡିସ୍କ ନେଇଯାଇଛନ୍ତି।

## ପୁଲିସର ଅତର୍କିତ ଚଢ଼ଉ, ଦମ୍ପତି ଅଟକ

ଅନୁଗୋଳ/କଣିହାଁ,୭।୮(ସମିସ): କଣିହାଁ ଥାନା କମରେଇ ପଞ୍ଚାୟତ ଦଣ୍ଡସିଂହା ଗ୍ରାମରେ ଗୁରୁବାର ପୁଲିସ ଅତର୍କିତ ଚଢ଼ଉ କରିଛି। ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ କଣିହାଁ ଓ ଏନଟିପିସି ଥାନା ପୁଲିସ ମିଳିତ ଭାବେ ଚଢ଼ଉ କରି ଗ୍ରାମର ଜଣେ ବ୍ୟକ୍ତି ଓ ତାଙ୍କ ସ୍ତ୍ରୀକୁ ଅଟକ ରଖି ତଦନ୍ତ ଚଳାଇଛି। ଆସନ୍ତା କାଲି ସବିଶେଷ ସୂଚନା ଦିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ତେବେ ଏହି ଦମ୍ପତିଙ୍କଠାରୁ ବିପୁଳ ପରିମାଣର ବ୍ରାଉନସୁଗର ଜବତ ହୋଇଥିବା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ସାଦା ପୋଷାକରେ ପୁଲିସ ପ୍ରଥମେ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରକୁ ଯାଇଥିଲେ। ପରେ ତିନି ଗାଡ଼ିରେ ପୁଲିସ ବାହିନୀ ଅତର୍କିତ ଚଢ଼ଉ କରିଥିଲେ। ତେବେ ଘଟଣା ସମ୍ପର୍କରେ ଆଜି କୌଣସି ସୂଚନା ଦେବାକୁ ପୁଲିସ ଅନିଚ୍ଛା ପ୍ରକାଶ କରିଛି।

# ନାବାଳିକା ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ

- ହେଲ୍ପଲାଇନ ନମ୍ବର ନାମକୁ ମାତ୍ର
- ଡିଇଓ ବି ଶୁଣିଲେନି, ଜିଲ୍ଲାପାଳଙ୍କୁ ଅଭିଯୋଗ
- ଏସପିଙ୍କ ନିର୍ଦ୍ଦେଶ କ୍ରମେ ମାମଲା ରୁଜୁ
- ଫୋନ ଟ୍ରାକିଂ ପରେ ଅଭିଯୁକ୍ତ ଅଟକ

ଢେଙ୍କାନାଳ,୭।୮(ସମିସ)

ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ମୃଦଙ୍ଗା ପଞ୍ଚାୟତ ଅଁଳାଝରୀ ଜଗେଶ୍ୱର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମନୋଜ କୁମାର ବାରିକ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଶିଶୁ ହେଲ୍ପଲାଇନ ନମ୍ବର ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ନ୍ୟାୟ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ପରିବାର ଲୋକ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲ୍ଲାପାଳଙ୍କ ହସ୍ତକ୍ଷେପ ତଥା ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଏ ନେଇ ଭୁବନ ଥାନାରେ ଗୁରୁବାର ସନ୍ଧ୍ୟାରେ ମାମଲା ରୁଜୁ କରାଯାଇଛି। ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅଭିଯୁକ୍ତ ଶିକ୍ଷକଙ୍କ ଫୋନ ଟ୍ରାକିଂ କରାଯାଇ ପୁଲିସ ତାଙ୍କୁ ଢେଙ୍କାନାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରୁ ଉଠାଇ ଆଣି ଅଟକ ରଖାଯାଇଥିଲା। ପରେ ତାଙ୍କୁ ଭୁବନ ଥାନାକୁ ଅଣାଯାଇଛି।

ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ, ମନୋଜ ନିଜ ମୁହଁ ପୋଛିବା ପାଇଁ ଝିଅପିଲାମାନଙ୍କୁ ଓଢ଼ଣୀ ମାଗନ୍ତି। ନିର୍ଯାତନା ଅସହ୍ୟ ହେବାରୁ ପୀଡ଼ିତା ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ବିଦ୍ୟାଳୟ ପରିଚାଳନା କମିଟିକୁ ଅବଗତ କରିଥିଲେ। ଜୁଲାଇ ୩୦ରେ ପରିଚାଳନା କମିଟିର ଜରୁରୀ ବୈଠକ ବସିଥିଲା। ଏ ନେଇ ହେଲ୍ପଲାଇନ ନମ୍ବର ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ ମଧ୍ୟ କରାଯାଇଥିଲା। ତେବେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ପରିବାର ଲୋକେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଟ୍ରକ ଧକ୍କାରେ ଅଟୋ ଚୂରମାର ; ଅଳ୍ପକେ ବର୍ତ୍ତିଲେ ଦମ୍ପତି



ତାଳଚେର,୭।୮(ସମିସ): ୧୪୯ ନମ୍ବର ଜାତୀୟ ରାଜପଥର ତାଳଚେର ବାଇପାସ୍ ଟ୍ରାଫିକ ଛକଠାରୁ ୩ଶହ ମିଟର ଦୂର ପବିତ୍ର ମୋହନ ଛକରେ ଟ୍ରକ ଧକ୍କାରେ ଅଟୋ ଚୂରମାର ହୋଇଯାଇଛି। ତେବେ ଅଟୋରେ ବସିଥିବା ଦମ୍ପତି ଅଳ୍ପକେ ବର୍ତ୍ତିଯାଇଛନ୍ତି। ୧୪୯ ନମ୍ବର ଜାତୀୟ ରାଜପଥରେ ହଜାର ହଜାର ଟ୍ରକ ଚଳାଚଳ ଯୋଗୁଁ ଟ୍ରାଫିକ ସମସ୍ୟା ଉତ୍କଟ ହେବା ସହ ଧୂଳିଧୂଆଁରେ ଅଞ୍ଚଳବାସୀ ତ୍ରାହିତ୍ରାହି ଡାକ ଦେଉଛନ୍ତି। ତେବେ ଏହାକୁ କେହି କର୍ଣ୍ଣପାତ କରୁ ନ ଥିବାରୁ ଲୋକେ କେବଳ ଭଗବାନଙ୍କ ଭରସାରେ ଯାଉଛନ୍ତି। ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏହି ରାଜପଥର ୪ଥାକିଆ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପରେ ଟେଣ୍ଡର କରି ଅଞ୍ଚଳବାସୀଙ୍କୁ କେବଳ ଆଶ୍ୱାସନା ଦିଆଯିବା ସାର ହୋଇଛି। ଫଳରେ ଏହି ରାଜପଥରେ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟି ଅକାଳରେ ଲୋକଙ୍କ ଜୀବନ ଯାଉଥିବା ବେଳେ ଆଉ କିଛି ଅକର୍ମଣ୍ୟ ହୋଇ ଭାଗ୍ୟକୁ ଆଦରି ଜୀବନ ବିତାଉଛନ୍ତି। ଏଠାରୁ ବିଭିନ୍ନ କ୍ଷେତ୍ରରୁ ପ୍ରଚୁର ପରିମାଣରେ ରାଜସ୍ୱ ଯାଉଥିଲେ ହେଁ ଏହି ରାଜପଥର ଉନ୍ନତି ନ ହେବା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଆଉ କେତେ ଦୁର୍ଘଟଣା ଘଟିଲେ ସରକାର ତଥା ଏନଏଚଆଇର ଚେତାପଶିବ ତାହା ଦେଖିବାକୁ ବାକି ରହିଲା।


## ସିବିଆଇ ଅଧିକାରୀ ପରିଚୟ ଦେଇ ଲୁଟିନେଲେ ସୁନା ଅଳଙ୍କାର




ଅନୁଗୋଳ,୭।୮(ସମିସ): ନିଜକୁ ସିବିଆଇ ଅଧିକାରୀ ପରିଚୟ ଦେଇ ଅନୁଗୋଳର ଜଣେ ବ୍ୟକ୍ତିଙ୍କ ପାଖରୁ ସୁନା ଅଳଙ୍କାର ଠକି ନେଇଛନ୍ତି ଦୁର୍ବୃତ୍ତ। ହୁଲୁରିସିଂହାର କ୍ଷୀରୋଦ ପ୍ରଧାନ (୫୫) ଗୁରୁବାର ପୂର୍ବାହ୍ନ ସାଢ଼େ ୧୧ଟା ବେଳେ ବଜାରରୁ ଘରକୁ ଫେରୁଥିବା ସମୟରେ ହରିମହୁରୀ ଛକ ନିକଟରେ ତାଙ୍କୁ ୨ ଅଜଣା ବ୍ୟକ୍ତି ଅଟକାଇଥିଲେ। ନିଜକୁ ସିବିଆଇ ଅଧିକାରୀ ବୋଲି ପରିଚୟ ଦେଇ ପରିଚୟପତ୍ର ଦେଖାଇଥିଲେ। ସେମାନେ ପୁଲିସ ପରି ପୋଷାକ ପିନ୍ଧିଥିବାରୁ କ୍ଷୀରୋଦ ବି ସେମାନଙ୍କୁ ବିଶ୍ୱାସ କରିଥିଲେ। ପରେ ସେମାନେ କ୍ଷୀରୋଦଙ୍କୁ ପିନ୍ଧିଥିବା ସୁନା ଅଳଙ୍କାର ଖୋଲି ଗାଡ଼ି ଭିତରେ ରଖିବା ପାଇଁ କହିଥିଲେ। ତାଙ୍କ କଥା ଅନୁସାରେ, କ୍ଷୀରୋଦ ପିନ୍ଧିଥିବା ୩୦ ଗ୍ରାମ୍ ଓଜନର ସୁନାଚେନ, ୨୦ ଗ୍ରାମ୍‌ର ସୁନାମୁଦି ଖୋଲି ସେମାନଙ୍କ ହାତକୁ ବଢ଼ାଇ ଦେଇଥିଲେ। ସେମାନେ ଏକ କାଗଜ ପ୍ୟାକେଟ୍‌ରେ ଏହାକୁ ଭର୍ତ୍ତି କରି କ୍ଷୀରୋଦଙ୍କ ଗାଡ଼ି ଡିକିରେ ରଖି ଦେଇଥିଲେ। ହେଲେ ଘରେ ଆସି ଦେଖିଲା ବେଳକୁ କାଗଜ ପ୍ୟାକେଟ୍‌ରେ ୪ ଖଣ୍ଡ ଛୋଟ ଛୋଟ ପଥର ରହିଥିଲା। ଏଣୁ ଠକେଇର ଶିକାର ହୋଇଥିବା ଜାଣିବା ପରେ ସେ ଅନୁଗୋଳ ଥାନାରେ ଏତଲା ଦେଇଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଦେଶୀ ବନ୍ଧୁକ କାରଖାନା ଠାବ

**● ବନ୍ଧୁକ ସହ ବିଭିନ୍ନ ସରଞ୍ଜାମ ଜବତ; ଜଣେ ଗିରଫ**




କଣିହାଁ,୭।୮(ସମିସ): କଣିହାଁ ବ୍ଲକ ରେଙ୍ଗାଳି ଥାନା ପୁଲିସ ଗୁରୁବାର ଏକ ଦେଶୀ ବନ୍ଧୁକ କାରଖାନା ଠାବ କରିଛି। ଗୋଟିଏ ଦେଶୀ ବନ୍ଧୁକ ଏବଂ ବନ୍ଧୁକ ତିଆରି ସାମଗ୍ରୀ ଜବତ କରିବା ସହ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲିପଶି ପଞ୍ଚାୟତ ପଳାସବାହାଳି ଗ୍ରାମର ବାବୁଲି ପେଣ୍ଟେଇ (୨୮)। ପଳାସବାହାଳି ଗ୍ରାମରେ ଦେଶୀ ବନ୍ଧୁକ ତିଆରି ହେଉଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ଥାନା ଅଧିକାରୀ ଜୟନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ପୁଲିସ ସଦଳବଳ ଗ୍ରାମରେ ଚଢ଼ଉ କରି ବାବୁଲିଙ୍କ ଘରୁ ଗୋଟିଏ ଦେଶୀ ବନ୍ଧୁକ ସହ ଏକ ପୁରୁଣା ଦେଶୀ ବନ୍ଧୁକର କିଛି ଅଂଶ, ଦୁଇଟି କ୍ଲିନିଂ ରଡ୍, ଗନ ବ୍ୟାରେଲ, ଲୁହା ପଲିସ ଫାଇଲ ପ୍ରଭୃତି ଜବତ କରିଥିଲା। ଏଥିସହ ବାବୁଲିଙ୍କୁ ଆଜି ଗିରଫ କରିଥିଲା।

**● ଆମ୍ବୁଲାନ୍ସ ଚାଳକଙ୍କ ଅମାନବିକତା**

## ବାନ୍ତି କଲେ ବୋଲି ଗାଡ଼ି ସଫା କରାଇଲେ



ଅନୁଗୋଳ,୭।୮(ସମିସ): ଜନନୀ ଏକ୍ସପ୍ରେସରେ ଆସିଥିବା ଜଣେ ମହିଳା ରୋଗୀ ବାନ୍ତି କଲେ ବୋଲି ଆମ୍ବୁଲାନ୍ସ ଚାଳକ ତାଙ୍କୁ ମେଡିକାଲରେ ଭର୍ତ୍ତି କରିବା ପରିବର୍ତ୍ତେ ଆଗ ବାନ୍ତି ସଫା କରିବାକୁ ନିର୍ଦ୍ଦେଶ ଦେବା ଭଳି ଏକ ସମ୍ବେଦନଶୀଳ ତଥା ଅମାନବୀୟ ଘଟଣା ଗୁରୁବାର ସନ୍ଧ୍ୟାରେ ଦେଖିବାକୁ ମିଳିଛି। ସନ୍ଧ୍ୟା ପ୍ରାୟ ୮ଟାରେ ଆମ୍ବୁଲାନ୍ସ ଡାକ୍ତରଖାନା କୋଠା ସାମନାରେ ଲାଗିଥିଲା। ରୋଗୀ ଜଣକ କିଏ, କୋଉଠୁ ଆସିଥିଲେ ତାହା ଜଣାପଡ଼ିନାହିଁ। କିନ୍ତୁ ମହିଳା ଜଣକ ଧୀରେ ଧୀରେ ଚାଲି ଚାଲି ମେଡିକାଲ ଭିତରକୁ ଯାଉଥିବା ବେଳେ ଚାଳକ ତାଙ୍କୁ ବାନ୍ତି ଧୋଇବାକୁ ତାଗିଦ୍ କରିଥିଲେ। ମହିଳା ରୋଗୀ ଜଣକ ବଡ଼ କଷ୍ଟରେ ନିକଟସ୍ଥ ଟ୍ୟାପ୍‌ରୁ ପାଣି ଆଣି ଗାଡ଼ି ଧୋଇବା ପରେ ଚାଳକ ତାଙ୍କୁ ଛାଡ଼ିଥିଲେ। ପଥର ହୃଦୟର ଚାଳକଙ୍କ ଏହି କାଣ୍ଡ ସେଠାରେ ଠିଆ ହୋଇଥିବା କିଛି ଲୋକ ମୋବାଇଲ କ୍ୟାମେରାରେ କଏଦ କରିଥିଲେ। ଏହି ଘଟଣା ଅନେକଙ୍କୁ ମର୍ମାହତ କରିଥିବା ବେଳେ ସିଡିଏମଓ ଏହାର ତଦନ୍ତ କରିବାକୁ ଦାବି ହେଉଛି।

## ଲକ୍ଷ୍ମୀ ବଜାର ବଣିକ ସଙ୍ଘର ବାର୍ଷିକ ବୈଠକ



କଣିହାଁ,୭।୮(ସମିସ): କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଲକ୍ଷ୍ମୀ ବଜାର ବଣିକ ସଂଘର ବାର୍ଷିକ ସାଧାରଣ ବୈଠକ ରାଧାକୃଷ୍ଣ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ବଣିକ ସଂଘ ସଭାପତି ଶତ୍ରୁଘ୍ନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପୂର୍ବ ବର୍ଷର ଆୟବ୍ୟୟ ହିସାବ ସହ ଚଳିତ ବର୍ଷ କିପରି ଗଜଲକ୍ଷ୍ମୀ ପୂଜା ପାଳନ କରାଯିବ ସେ ସମ୍ପର୍କରେ ବ୍ୟବସାୟୀମାନେ ଆଲୋଚନା କରିଥିଲେ। ଏହି ଅବସରରେ ବଣିକ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବେ ଇନ୍ଦ୍ରମଣି ସାହୁ, ସମ୍ପାଦକ ଭାବେ ପ୍ରଶାନ୍ତ ନନ୍ଦ ସାହୁ ଓ କୋଷାଧ୍ୟକ୍ଷ ଭାବେ ପ୍ରମୋଦ କୁମାର ବେହେରାଙ୍କୁ ଚୟନ କରାଯାଇଛି। ପୂର୍ବତନ ସମ୍ପାଦକ ଅକ୍ଷୟ ସାହୁ ନବନିର୍ବାଚିତ ସଦସ୍ୟଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ବୈଠକରେ ବଣିକ ସଂଘର ସମସ୍ତ ବ୍ୟବସାୟୀ ଯୋଗଦେଇଥିଲେ।

# ଜିନ୍ଦଲ ଷ୍ଟିଲ୍ ପକ୍ଷରୁ ଓପି ଜିନ୍ଦଲଙ୍କ ୯୫ତମ ଜୟନ୍ତୀ ପାଳିତ



ଅନୁଗୋଳ,୭।୮(ସମିସ)

ଜିନ୍ଦଲ ଷ୍ଟିଲ୍ ଅନୁଗୋଳ ପକ୍ଷରୁ ଏହାର ପ୍ରତିଷ୍ଠାତା ଓମ୍‌ପ୍ରକାଶ ଜିନ୍ଦଲ (ବାଉଜୀ)ଙ୍କ ୯୫ତମ ଜନ୍ମବାର୍ଷିକୀ ପାଳନ କରାଯାଇଛି। ଶିଳ୍ପ ସ୍ୱାବଲମ୍ବନ ମାଧ୍ୟମରେ ରାଷ୍ଟ୍ର ନିର୍ମାଣରେ ବାଉଜୀଙ୍କ ଐତିହ୍ୟକୁ ମନେ ପକାଇ ଅନୁଗୋଳ ପ୍ଲାଣ୍ଟ ଏବଂ ଟାଉନସିପରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହିତ ଏକାଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲ କର୍ମଚାରୀ ଏବଂ ସେମାନଙ୍କ ପରିବାର ମଧ୍ୟରେ ସ୍ୱାସ୍ଥ୍ୟ ଏବଂ ଫିଟନେସକୁ ପ୍ରୋତ୍ସାହିତ କରିବା ପାଇଁ ଜିନ୍ଦଲ ନଗରରେ ନୂତନ ଭାବରେ ବିକଶିତ ସୁଇମିଂ ପୁଲକୁ ଉତ୍ସର୍ଗ କରିଥିଲେ। ସମାବେଶକୁ ସମ୍ବୋଧିତ କରି ଜିନ୍ଦଲ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ଜିନ୍ଦଲ ନଗରରେ ଉପଲବ୍ଧ ଏହି ସୁବିଧାର ଲାଭ ଉଠାଇ ସୁସ୍ଥ ରହିବା ଏବଂ ଡାକ୍ତରଙ୍କଠାରୁ ଦୂରରେ ରହିବାକୁ ଉତ୍ସାହିତ କରିଥିଲେ। ବାପା ଓପି ଜିନ୍ଦଲଙ୍କୁ ସ୍ମରଣ କରି ନବୀନ ଜିନ୍ଦଲ ତାଙ୍କ ସୋସିଆଲ ମିଡିଆ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ "ବାଉଜୀ, କେବଳ ଜଣେ ମହାନ ଶିଳ୍ପପତି ନ ଥିଲେ ବରଂ ସେ ଜଣେ ପ୍ରକୃତ କର୍ମଯୋଗୀ, ଜନସେବକ, ସମାଜ ସଂସ୍କାରକ ଏବଂ ଆତ୍ମନିର୍ଭର ଭାରତର ଦୂରଦୃଷ୍ଟିସମ୍ପନ୍ନ ବାର୍ତ୍ତାବାହକ ମଧ୍ୟ ଥିଲେ। ତାଙ୍କ ଚିନ୍ତାଧାରା, ମୂଲ୍ୟବୋଧ ଏବଂ ନୀତି ଆଜି ମଧ୍ୟ ଆମକୁ ମାର୍ଗଦର୍ଶନ କରିଆସୁଛି। ତାଙ୍କ ଜନ୍ମବାର୍ଷିକୀରେ ଆମେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।" ଉପାଧ୍ୟକ୍ଷ ଭିଆର ଶର୍ମା ନବୀନ ଜିନ୍ଦଲ ସ୍କିଲ୍ ସେଣ୍ଟର ଫର ଆଡଭାନ୍ସଡ୍ ୱେଲ୍ଡିଂ ଟେକ୍ନୋଲୋଜିର ଉଦଘାଟନ କରିଥିଲେ। ଏହି କେନ୍ଦ୍ର ମଧ୍ୟରେ ବର୍ତ୍ତମାନ କମ୍ପାନୀରେ କାର୍ଯ୍ୟ କରୁଥିବା ଶ୍ରମଜୀବୀମାନେ ସେମାନଙ୍କ କାର୍ଯ୍ୟ କୁଶଳତା ବୃଦ୍ଧି କରିପାରିବେ। ଜିନ୍ଦଲ ଷ୍ଟିଲର ଅନୁଓଇଳ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମାଲହାନ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତ୍ତଲଙ୍କ ସମେତ ସମସ୍ତ ବିଭାଗୀୟ ମୁଖ୍ୟ, କର୍ମଚାରୀ ଏବଂ ନିକଟବର୍ତ୍ତୀ ଅଞ୍ଚଳର ଗ୍ରାମବାସୀ ଓପି ଜିନ୍ଦଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିନ୍ଦଲ ଫାଉଣ୍ଡେସନ୍ ପକ୍ଷରୁ ଏହି ଅବସରରେ ଜିଲ୍ଲାର ଅନେକ ବୃଦ୍ଧାଶ୍ରମରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଓପି ଜିନ୍ଦଲ ସ୍କୁଲ ଏବଂ ଡିଏଭି ସାବିତ୍ରୀ ଜିନ୍ଦଲ ସ୍କୁଲର ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନେ ବାଉଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସାମୂହିକ ପ୍ରାର୍ଥନା କରିଥିଲେ।

## ଓପି ଜିନ୍ଦଲ ଫୁଟବଲ କପ୍ ଉଦ୍‌ଘାଟିତ

## ଆଠମଲ୍ଲିକକୁ ହରାଇଲା ଝାରସୁଗୁଡ଼ା



ଅନୁଗୋଳ,୭।୮(ସମିସ): ଓପି ଜିନ୍ଦଲଙ୍କ ଜୟନ୍ତୀ ଅବସରରେ ଗୁରୁବାର ଅପରାହ୍ନରେ ଜିଲ୍ଲାସ୍ତରୀୟ ଓପି ଜିନ୍ଦଲ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଗୋଳ କଦମ ପଡ଼ିଆରେ ଉଦଘାଟିତ ହୋଇଛି। ଉଦଘାଟନୀ ମ୍ୟାଚ୍ ଆଠମଲ୍ଲିକ ଓ ଝାରସୁଗୁଡ଼ା ମଧ୍ୟରେ ଖେଳାଯାଇଥିଲା। ରୋମାଞ୍ଚକର ଏହି ମ୍ୟାଚ୍‌ରେ ଝାରସୁଗୁଡ଼ା ଦଳ ବିଜୟୀ ହୋଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଫଳରେ ପେନାଲଟି ସୁଟ୍-ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଝାରସୁଗୁଡ଼ା ୪ ଗୋଲ କରିବାରେ ସକ୍ଷମ ହୋଇଥିବା ବେଳେ ଆଠମଲ୍ଲିକ ମାତ୍ର ୨ଟି ଗୋଲ ଦେଇପାରିଥିଲା। ଝାରସୁଗୁଡ଼ା ଦଳର ରାମ ହାଁସଦା ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ସମ୍ମାନିତ ଅତିଥି ଭାବେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିନ୍ଦଲ ଷ୍ଟିଲର ସଭାପତି ଅତୁଲ ଦୁବେ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ସିଠ, ଅନୁଗୋଳ କ୍ରିକେଟ ଆସୋସିଏସନ ସମ୍ପାଦକ ସାଗରନାଥ ମିଶ୍ର, ଜିଲ୍ଲା କ୍ରୀଡ଼ା ସଂସଦ ସଦସ୍ୟ ଅଧିବକ୍ତା ପ୍ରଦୀପ ଦେବତା, ଶ୍ରୀ ରୁଚିର କୁମାର ଦାସ, ଜିନ୍ଦଲ ଫାଉଣ୍ଡେସନର ସହକାରୀ ମହାସଚିବ ମୈତ୍ରେୟୀ ମିଶ୍ର ଏବଂ ଜିନ୍ଦଲ ଷ୍ଟିଲର ସିଏସଆର ଜିଏମ ଜୟନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବଛା ବଛା ୧୨ଟି ଦଳ ଭାଗ ନେଇଛନ୍ତି। ଆସନ୍ତା ୧୮ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ।


**TPWODL**

**TP WESTERN ODISHA DISTRIBUTION LIMITED**

(A Joint Venture of Tata Power and Government of Odisha)

Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**TN.TPWODL/TP/O/SITC/2500001039 Date. 07.08.2025**

TP Western Odisha Distribution Limited, invites tender quotations (in 2part bidding) from eligible vendors/suppliers for the following package :

**2 Year RC for SITC of 2 KVA UPS Along with Other Accessories.**

Interested bidders are to submit Tender Participation Fee and Authorization Letter through email on or before **18th August 2025, 18:00Hrs,** after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in the tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Head-Contracts & Procurement**

ସକାଳ
THE SAKALA

# ସମ୍ପାଦକୀୟ



ଆମେ ସଂଯୋଗର ସେତୁ ତୁଳନାରେ ଅଧିକ ବିଭାଜନର କାନ୍ଥ ନିର୍ମାଣ କରିଚାଲିଛୁ।
-ଆଇଜାକ୍ ନିଉଟନ୍

## ସଂସଦରେ 'ସାର୍'

ବିହାରରେ ଆସନ୍ନ ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଭୋଟର ତାଲିକା ସଂଶୋଧନ ପାଇଁ ଜୁନ୍ ୨୫ ତାରିଖରୁ ଯେଉଁ ସ୍ୱତନ୍ତ୍ର ଅଭିଯାନ(ସ୍ପେଶାଲ୍ ଇଣ୍ଟେନ୍‌ସିଭ୍ ରିଭିଜନ୍-ସାର) ଆରମ୍ଭ ହୋଇଥିଲା ତାହା ଗତ ଜୁଲାଇ ୨୫ ତାରିଖରେ ସମାପ୍ତ ହୋଇଛି। ସଂଶୋଧିତ ଭୋଟର ତାଲିକାରୁ ପ୍ରାୟ ୬୫ ଲକ୍ଷ ଭୋଟର ବାଦ୍ ପଡ଼ିଥିବା ଜଣାପଡ଼ିଛି। ସମସ୍ତ ନକଲି, ଦ୍ୱୈତ ଓ ଭୂତ ଭୋଟରମାନଙ୍କୁ ବାଦ୍ ଦିଆଯାଇଥିବା ନିର୍ବାଚନ ଆୟୋଗ ପକ୍ଷରୁ ସ୍ପଷ୍ଟୀକରଣରେ କୁହାଯାଇଛି। ଅପରପକ୍ଷରେ ଅନେକ ବୈଧ ଭୋଟର ନିର୍ବାଚନ ଆୟୋଗଙ୍କ ଦ୍ୱାରା ଲୋଡ଼ା ଯାଇଥିବା ପର୍ଯ୍ୟାପ୍ତ ପ୍ରମାଣପତ୍ର ସୀମିତ ସମୟ ଭିତରେ ଦାଖଲ କରିପାରିନଥିବାରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଛି। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଏ ସମ୍ପର୍କରେ ନିର୍ବାଚନ ଆୟୋଗଙ୍କୁ ରିପୋର୍ଟ ତଲବ କରିଛନ୍ତି। ପ୍ରସଙ୍ଗର ଜଟିଳତା ଦୃଷ୍ଟିରୁ ଆଗାମୀ ଦିନରେ ଏହା ଆହୁରି ସମସ୍ୟା ସୃଷ୍ଟି କରିପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି।

'ସାର'ର ପ୍ରଭାବ ସବୁଠାରୁ ଅଧିକ ଅନୁଭୂତ ହୋଇଛି ଦେଶର ସଂସଦ ଉପରେ। ମୌସୁମୀ ଅଧିବେଶନ ଆରମ୍ଭରୁ 'ସାର'କୁ ନେଇ ଉଭୟ ଗୃହରେ ହଟ୍ଟଗୋଳ ଲାଗି ରହିଥିବା ବେଳେ କେବଳ 'ଅପରେସନ୍ ସିନ୍ଦୂର' ବିତର୍କକୁ ବାଦ୍ ଦେଇ ଗୃହରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇପାରିନାହିଁ କି ଗୃହକାର୍ଯ୍ୟ ସ୍ୱାଭାବିକ ହୋଇପାରୁନାହିଁ। ବିରୋଧୀ ଏହି ପ୍ରସଙ୍ଗରେ ଆଲୋଚନା ଦାବି କରୁଥିବା ବେଳେ ସରକାରୀ କଳ ମଧ୍ୟ ନିଜ ଜିଦ୍‌ରେ ଅଟଳ ରହିଛି। ଏଭଳି ଅସ୍ୱାଭାବିକ ସ୍ଥିତିରେ କିନ୍ତୁ କେତେକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ବିନା ଆଲୋଚନା ଓ ବିତର୍କରେ ଉପସ୍ଥାପିତ ଓ ପାରିତ ହୋଇଯାଉଛି। ସଂସଦୀୟ ଗଣତନ୍ତ୍ରରେ ଏହା ଏକ ଅବାଞ୍ଛିତ ଅଧ୍ୟାୟ ସୃଷ୍ଟି କରିଛି।

ଆମେ ପୂର୍ବରୁ ମଧ୍ୟ ଏହି ସ୍ତମ୍ଭରେ ଉଲ୍ଲେଖ କରିଥିଲୁ ଯେ ନିର୍ବାଚନକୁ ସ୍ୱଚ୍ଛ ଓ ଅବାଧ କରିବା ପାଇଁ ଭୋଟର ତାଲିକା ତ୍ରୁଟିଶୂନ୍ୟ ହେବା ସ୍ୱାଗତଯୋଗ୍ୟ। କିନ୍ତୁ ଏହି ସ୍ୱତନ୍ତ୍ର ସଂଶୋଧନ ଅଭିଯାନ ପାଇଁ ଯେଉଁ ସମୟ ସୀମା ଧାର୍ଯ୍ୟ କରାଯାଇଥିଲା ତାହା ଯଥେଷ୍ଟ ନଥିଲା। ବିହାର ଭଳି ଏକ ଅବିକଶିତ ତଥା ଜନବହୁଳ ରାଜ୍ୟରେ ଦୁର୍ଗମ ଅଞ୍ଚଳର ଅପାଠୁଆ ଲୋକମାନେ 'ସାର'ରେ ଅଧିକ କ୍ଷତିଗ୍ରସ୍ତ ହେବେ ଏବଂ ବୈଧ ଭୋଟରମାନେ ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ହରାଇପାରନ୍ତି ବୋଲି ଆମେ ଆଶଙ୍କା କରିଥିଲୁ। ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପରେ ସେହି ଆଶଙ୍କା କେତେକାଂଶରେ ସତ ହୋଇଥିବା ଅଭିଯୋଗ ଆସୁଛି। ତେବେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପୀଠରେ ଏହି ମାମଲା ବିଚାରାଧୀନ ଥିବାରୁ ଏବଂ ନିର୍ବାଚନ ଆୟୋଗ ଅଦାଲତରେ ଏ ସମ୍ପର୍କରେ ସ୍ପଷ୍ଟୀକରଣ ରଖିବାକୁ ଯାଉଥିବାରୁ ଆମେ ନିଜସ୍ୱ ମତ ଦେବା ଅନୁଚିତ ହେବ।

ସମ୍ପ୍ରତି 'ସାର'କୁ ନେଇ ସଂସଦରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଉପରେ କିଛିଟା ଆଲୋଚନା କରିବା। ସଂସଦ ସମ୍ପୂର୍ଣ୍ଣ ରୂପେ ନୀତି ନିର୍ଦ୍ଧାରକଙ୍କ ସ୍ୱାଧିକାର କ୍ଷେତ୍ର ହୋଇଥିବାରୁ ଆମେ ସେମାନଙ୍କୁ ଗୃହ ମଧ୍ୟସ୍ଥ କାର୍ଯ୍ୟଧାରା ଓ ଆଚରଣରେ ଉଚିତ/ଅନୁଚିତର ପାଠ ପଢ଼ାଇବା ଧୃଷ୍ଟତା ହେବ। କିନ୍ତୁ ସେମାନଙ୍କୁ ଯେଉଁ ଭୋଟରମାନେ ସେମାନଙ୍କ ପ୍ରତିନିଧି ଭାବେ ନୀତି ନିର୍ଦ୍ଧାରଣ ପାଇଁ ଭୋଟ ଦେଇ ସଂସଦକୁ ପଠାଇଛନ୍ତି ସେମାନଙ୍କ ପ୍ରତି ବା ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀ ପ୍ରତି ଯେ କେତେକ ଉତ୍ତରଦାୟିତ୍ୱ ରହିଛି, ତାହାକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ। ତେଣୁ ସଂସଦୀୟ କାର୍ଯ୍ୟକ୍ରମ ବ୍ୟାହତ ହେଲେ କିମ୍ବା ଦୀର୍ଘସମୟ ଧରି ଅଚଳ ହେଲେ କିମ୍ବା ବାରମ୍ବାର ହଟ୍ଟଗୋଳ ହେଲେ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ସଚେତନ ନାଗରିକଙ୍କ ମନରେ କେତେକ ବିରୋଧାଭାସ ସୃଷ୍ଟି ହେବା ସ୍ୱାଭାବିକ।

ଜନତାଜନାର୍ଦ୍ଦନଙ୍କ ଦୃଷ୍ଟିକୋଣରୁ ଯେତେଦୂର ମନେ ହୁଏ ବିରୋଧୀ ଦଳର ନ୍ୟାଯ୍ୟ ଦାବିକୁ ଶାସକ ଦଳ ଯଦି ଉଦ୍ଦେଶ୍ୟମୂଳକ ଭାବେ ଏଡ଼ାଇ ଚାଲନ୍ତି ତେବେ ଗୃହରେ ଅଚଳାବସ୍ଥା ସୃଷ୍ଟି ହେବ। ଅପରପକ୍ଷରେ ଯଦି କେବଳ ବିରୋଧ ଆଳରେ ହଟ୍ଟଗୋଳ ସୃଷ୍ଟି ଉଦ୍ୟମ ହୁଏ ତେବେ ସରକାରୀ ଦଳକୁ ଉତ୍ତରଦାୟୀ କରିବାର ସୁଯୋଗ ମଉଳି ଯିବ। ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଉତ୍ତର ସରକାରୀ ଦଳରୁ ମିଳିପାରିବ ନାହିଁ। ଆଲୋଚନା ନ ହୋଇ ଅନେକ ଗୁରୁତ୍ୱପୂର୍ଣ୍ଣ ବିଧେୟକପାରିତ ହୋଇଯିବ। ସଂସଦ ଅଚଳ ହେଲେ ମଧ୍ୟ ଅମଲାତନ୍ତ୍ରକୁ ଆରାମ କରିବାର ସୁଯୋଗ ମିଳୁଛି ବୋଲି କେତେକ ନୀତିନିର୍ଦ୍ଧାରକଙ୍କ ମତ ମଧ୍ୟ ଗ୍ରହଣଯୋଗ୍ୟ। ଏହାଦ୍ୱାରା ରାଜକୋଷୀୟ ଅପଚୟ ମଧ୍ୟ ଚିନ୍ତାଜନକ।

ବିଧାନପାଳିକା ଅଚଳ ହେଲେ ଶାସକ ଓ ବିରୋଧୀ ତୁଳନାରେ ଗଣତନ୍ତ୍ର ହିଁ ଅଧିକ କ୍ଷତିଗ୍ରସ୍ତ ହୁଏ। ଜଣେ ଜଣେ ଜନପ୍ରତିନିଧି ଲକ୍ଷଲକ୍ଷ ଲୋକଙ୍କ ପ୍ରତିନିଧିତ୍ୱ କରନ୍ତି। ବିଧାନପାଳିକା ହେଉଛି ଗଣତନ୍ତ୍ରକୁ ସଚଳ ଓ କାର୍ଯ୍ୟକ୍ଷମ କରୁଥିବା ଏକ କ୍ଷେତ୍ର। ଯଦି ତାହା ଅଚଳ ହୋଇଯାଏ ତେବେ ଗଣତାନ୍ତ୍ରିକ ବ୍ୟବସ୍ଥା ହିଁ ଅଚଳ ହୋଇପଡ଼ିବ ବୋଲି ଧରାଯିବ। ବିଧାନପାଳିକାରେ କେହି ଶତ୍ରୁ କିମ୍ବା ମିତ୍ର ନୁହନ୍ତି। ସମସ୍ତେ ଜନାଦେଶ ବଳରେ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର ବା ଅଞ୍ଚଳକୁ ଦେଶର ଗଣତନ୍ତ୍ର ପାଇଁ ପ୍ରତିନିଧିତ୍ୱ କରୁଛନ୍ତି। ଦଳଗତ ଓ ଆଦର୍ଶଗତ ଦୃଷ୍ଟିରୁ ବିରୋଧାଭାସ ଥାଇପାରେ। କିନ୍ତୁ ତାହା ଆକ୍ରୋଶର ରୂପ ନେବା ଗଣତନ୍ତ୍ର ପାଇଁ ହିତକର ନୁହେଁ।

ଏବେ ସଂସଦ ଭିତରେ ଯାହା ଘଟୁଛି ତାହା ସାରାବିଶ୍ୱର ଲୋକ ଦେଖୁଛନ୍ତି। ସାମ୍ବାଦିକମାନେ କିଛି ଗଠନମୂଳକ ଆଲୋଚନାକୁ ଲିପିବଦ୍ଧ କରିବାକୁ ସକାଳୁ ରାତି ଯାଏଁ ଚାହିଁ ବସୁଛନ୍ତି। ଦେଶର ଯୁବପିଢ଼ି ନୀତି ନିର୍ଦ୍ଧାରକମାନଙ୍କଠାରୁ ପ୍ରେରଣାଦାୟୀ ବକ୍ତୃତା, ତର୍କ, ବିତର୍କ ଶୁଣିବା ପାଇଁ ଆଗ୍ରହୀ ହୋଇ ଚାହୁଁଛନ୍ତି। ଏଠାରେ ସଂସଦୀୟ ମନ୍ତ୍ରୀ କିରଣ ରିଜ୍ଜୁଙ୍କ ଏକ ମନ୍ତବ୍ୟକୁ ଉଦ୍ଧାର କରାଯାଇପାରେ - 'ନକାରାତ୍ମକତା ପ୍ରଚାରସର୍ବସ୍ୱ ହୋଇପାରେ ଗଠନମୂଳକ କଦାପି ହୋଇପାରିବ ନାହିଁ।' ଏହା ସମସ୍ତ ନୀତି ନିର୍ଦ୍ଧାରକ ସ୍ମରଣକୁ ଆଣିବା ଉଚିତ।

ଆମେ ଏଠାରେ ଗଣତନ୍ତ୍ରର ଏକ ଦାୟିତ୍ୱପୂର୍ଣ୍ଣ ସ୍ତମ୍ଭ ଭାବରେ ଉଲ୍ଲେଖ କରିବା ଉଚିତ ମଣୁଛୁ ଯେ ଦେଶର ଯେକୌଣସି ଅଞ୍ଚଳର ଯେଉଁ ସମସ୍ୟା ହେଉ ତାହା ସଂସଦରେ ଗୁରୁତ୍ୱ ପାଇବା ଦରକାର। ଠିକ୍ ସେହି ସମୟରେ 'ସାର' ଭଳି ଏକ ପ୍ରସଙ୍ଗରେ ଅବଶିଷ୍ଟ ଭାରତର ସମସ୍ୟା ଓ ପ୍ରସଙ୍ଗ ଯେ ଉପେକ୍ଷିତ ହେବା କଥା ନୁହେଁ। ଏ ଦିଗରେ ଉଭୟ ପକ୍ଷ ଧ୍ୟାନ ଦେବାକୁ ଆମର ସଂଭ୍ରମ ଅନୁରୋଧ।

## ଅଦୃଶ୍ୟ ଲେଖକର କଥା ଓ ବ୍ୟଥା

**ରାକେଶ ପଣ୍ଡା**

ଜଣେ ଲେଖକଙ୍କର ବିଭିନ୍ନ ପ୍ରକାରର ଲେଖା ପଢ଼ି ପାଠକ ଆନନ୍ଦ ଲାଭ କରିଥାଏ। ତା'ର ମନ ଓ ହୃଦୟକୁ ସ୍ପର୍ଶ କରୁଥିବା ଲେଖାଟିକୁ ନିକଟରେ ପାଇ ସେ ସ୍ୱାଭାବିକ ଭାବରେ ଆତ୍ମବିଭୋର ହୋଇପଡ଼େ। ଏଥିସହ ଉକ୍ତ ଲେଖାର ସୃଷ୍ଟି କର୍ତ୍ତା ବା ଲେଖକଟିକୁ ମଧ୍ୟ ସେ ହୃଦୟରୁ ଭଲପାଇ ବସେ। ଅନେକ ଶୁଭେଚ୍ଛା, ଶୁଭକାମନା ଓ ଆଶୀର୍ବାଦ ଅଜାଡ଼ି ଦିଏ। କିନ୍ତୁ ପାଠକର ଅଜାଣତରେ ବେଳେବେଳେ ଏମିତି ଘଟିଥାଏ ଯେ ଉକ୍ତ ଲେଖାଟିର ଲେଖକ ବୋଲାଉ ଥିବା ଅବା ପରିଚୟ ପାଇଥିବା ବ୍ୟକ୍ତି ଜଣଙ୍କ ତା'ର ପ୍ରକୃତ ସ୍ରଷ୍ଟା ହୋଇ ନଥା'ନ୍ତି! ଏହାଛଡ଼ା ଅନେକ ସମୟରେ ବଡ଼ ବଡ଼ ମଞ୍ଚ ଉପରେ ଏବଂ ଜନବହୁଳ ସାଧାରଣସଭାରେ ମଞ୍ଚାସୀନ ପ୍ରତିଷ୍ଠିତ ଅତିଥିବୃନ୍ଦ ସେଠାରେ ଉପସ୍ଥିତ ଜନତାଙ୍କୁ ପ୍ରଦାନ କରୁଥିବା ଭାଷଣ ମଧ୍ୟ ତାଙ୍କର ନିଜର ଲେଖା ବା ସୃଜନ ହୋଇ ନ ଥାଏ। ଯାହାକି ଜଣେ ଅଦୃଶ୍ୟ ତଥା ଅଜ୍ଞାତ ଲେଖକଙ୍କ ଦ୍ୱାରା ରଚନା କରାଯାଇଥାଏ। ଉକ୍ତ ବିଷୟବସ୍ତୁଟି ସାମାନ୍ୟ ବିତର୍କମୂଳକ ହେଲେ ମଧ୍ୟ ଏହା ଏକ ସଂବେଦନଶୀଳ ବାସ୍ତବତାକୁ ବହନ କରିଥାଏ।

ପୂର୍ବକାଳରେ ବିଶିଷ୍ଟ କବି/ଲେଖକମାନେ ପୃଷ୍ଠପୋଷକତା ଓ ଅନୁଗ୍ରହ ପାଇବା ପାଇଁ ନିଜ ରଚନାକୁ ରାଜାମହାରାଜାଙ୍କ ନାମରେ ଭଣିତା କରୁଥିଲେ, ଯାହା ସେମାନଙ୍କ ଗ୍ରନ୍ଥାବଳୀ ବା ସୃଜନକୃତିରେ ଦେଖିବାକୁ ମିଳେ। ଯୋଗୀ ଅରବିନ୍ଦ ମଧ୍ୟ ଯୁବାବସ୍ଥାରେ ଜନୈକ ରାଜାଙ୍କ ପାଇଁ ପ୍ରଚ୍ଛଦପଟ୍ଟ ଭାବେ ଲେଖୁଥିବା କୁହାଯାଏ। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବାକୁ ପଡ଼େ ଯେ ଏହି ଧାରା ଏବେ ମଧ୍ୟ ଜାରି ରହିଛି। ଦାରିଦ୍ର୍ୟ, ଅଭାବ ଓ ଅନାହାରରେ ଜୀବନ ବିତାଉଥିବା ମା' ଟିଏ ଯେପରି ନିଜର ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ କିମ୍ବା ଚିକିତ୍ସା ପାଇଁ କେଇଟା ଟଙ୍କା ବିନିମୟରେ ନିଜ ଜନ୍ମିତ ସନ୍ତାନକୁ ଜଣେ ଧନୀଲୋକର ହାତକୁ ଟେକି ଦେଇଥାଏ; ଠିକ୍ ସେହିପରି ନିଜର ଲେଖନୀକୁ ନେଇ ଆର୍ଥିକ ଅନଟନ ମଧ୍ୟରେ ବଞ୍ଚୁଥିବା କେତେ ଜଣ ଅଭାବୀ ଲେଖକ ବେଳେବେଳେ ନିଜର ଲେଖିକୀୟ କୃତି ତଥା ମାନସ ସନ୍ତାନକୁ କିଛି ଟଙ୍କା ପାଇଁ ସମାଜର ପ୍ରତିଷ୍ଠିତ ଲୋକଙ୍କ ନାମରେ ଉତ୍ସର୍ଗ କରିଦିଅନ୍ତି। ପରବର୍ତ୍ତୀ ସମୟରେ ସେହି ପ୍ରତିଷ୍ଠିତ ବ୍ୟକ୍ତିଙ୍କ ନାଁରେ ଉକ୍ତ ଲେଖାଟି ପ୍ରକାଶିତ ହୋଇ ସମାଜରେ ପାଠକୀୟ ଆଦୃତି ସହିତ ଏକ ନୂତନ ପରିଚୟ ଲାଭ କରିଥାଏ। ଲେଖାର ସୃଜନରେ ପରିଶ୍ରମ ଓ ସୃଜନଶୀଳତା ଜଣେ ବ୍ୟକ୍ତିଙ୍କର ଥାଏ, କିନ୍ତୁ ପରିଚୟ ଅନ୍ୟ ଜଣେ ମଣିଷର ହୋଇଥାଏ। ଏହି ପରିପ୍ରେକ୍ଷୀରେ ବିଶିଷ୍ଟ ଆମେରିକୀୟ ଲେଖକ କେଭିନ୍ ଟ୍ରୁଡୋଙ୍କ ଦ୍ୱାରା ରଚିତ ଏକ କାର୍ଯ୍ୟକ୍ରମ 'ୟୋର ୱିସ ଇଜ ୟୋର କମାଣ୍ଡ'ରେ ସେ ପ୍ରକାଶ କରିଛନ୍ତି ଯେ 'ଅତି ଧନୀ ଲୋକ କିମ୍ବା ଲେଖକମାନେ ବହି ଲେଖନ୍ତି ନାହିଁ। ସେମାନେ ଜାଣନ୍ତି ନାହିଁ ଯେ ସେମାନଙ୍କ ନାମରେ ପ୍ରକାଶ ହୋଇଥିବା ପୁସ୍ତକଗୁଡ଼ିକରେ କ'ଣ ଲେଖା ଅଛି। କାରଣ ସେମାନେ ଅଦୃଶ୍ୟ ଲେଖକ(ଘୋଷ୍ଟ ରାଇଟର)ଙ୍କ ଉପରେ ନିର୍ଭର କରନ୍ତି।

କିଛିଦିନ ତଳେ ଗୋଟିଏ ଅଜଣା ଫୋନ ନମ୍ବରରୁ ଜଣେ ଅଚିହ୍ନା ବ୍ୟକ୍ତି ମୋତେ କଲ୍ କରିଥିଲେ ଏବଂ ନିଜର ପରିଚୟ ଜଣେ ନାମୀ ଲୋକ ଭାବରେ ପ୍ରଦାନ କରି କହିଲେ ଯେ, 'ଆପଣଙ୍କ ଲେଖା ଅତି ଉଚ୍ଚକୋଟୀର। ମୋତେ ପଢ଼ିବାକୁ ଭଲ ଲାଗେ। ଆପଣ ୧୦୦୦ ଶବ୍ଦର ଗୋଟିଏ ନିବନ୍ଧ ମୋ ପାଇଁ ଲେଖିବେ କି? ଲେଖାଟି ମୋ ନାମରେ ରହିବ, ଯେଉଁଥିପାଇଁ ମୁଁ ଆପଣଙ୍କୁ ୨୦୦୦ ଟଙ୍କା ଦେବି। ତା'ସହ ଯଦି କେବେ କୌଣସି ବ୍ୟକ୍ତିଗତ କ୍ଷେତ୍ରରେ କିଛି ସହଯୋଗ ଦରକାର ହୁଏ ତେବେ ତାହା ମଧ୍ୟ ମୁଁ କରିବି। ପ୍ରତିଉତ୍ତରରେ ଧନ୍ୟବାଦ ଜ୍ଞାପନ ସହ ମୁଁ ଉକ୍ତ ବ୍ୟକ୍ତି ଜଣଙ୍କୁ କହିଲି, 'ଲେଖିବା ମୋର ପେସା ନୁହେଁ, ନିଶା। ଜୀବନ ବଞ୍ଚିବାର ଭିନ୍ନ କାରଣ ମଧ୍ୟ। ପ୍ରତିଟି ଲେଖାକୁ ମୁଁ ଅନ୍ତରଆତ୍ମାରୁ ଜନ୍ମ ଦିଏ, ଯାହା କି ମୋର ଗୋଟିଏ ସନ୍ତାନ ସଦୃଶ। ଜଣେ ଜନ୍ମଦାତା କିଛି ଟଙ୍କା ଓ ବ୍ୟକ୍ତିଗତ ସ୍ୱାର୍ଥ ତଥା ଲାଭ ପାଇଁ କ'ଣ କେବେ ନିଜର ସନ୍ତାନକୁ ବିକ୍ରି କରିପାରେ କି? ଯେଉଁ ଭାବନା ଆପଣଙ୍କ ମନକୁ ଆଜି ଗ୍ରାସ କରିଛି ତାହା ଗୋଟିଏ ଲେଖକ ପାଇଁ ବଡ଼ ଅପମାନ ଓ ସମାଜ ପାଇଁ ଅପରାଧ। ଯଦି ଲେଖକୀୟ ଦକ୍ଷତା ଓ ସୃଜନଶୀଳତା ଆପଣଙ୍କ ନାହିଁ, ତେବେ ଲେଖକ ହେବା ନିମନ୍ତେ ଆପଣ କିପରି ଚିନ୍ତା କରୁଛନ୍ତି ଏବଂ କିପରି ଏହାର ବ୍ୟବସାୟୀକରଣ କରୁଛନ୍ତି?' ଏହାପରେ ଉକ୍ତ ବିଷୟକୁ ନେଇ ମୁଁ କିଛି ପ୍ରତିଷ୍ଠିତ ସମୀକ୍ଷକ ଓ ଲେଖକଙ୍କଠାରୁ ଘଟଣା ସମ୍ବନ୍ଧରେ ଆହୁରି ଅଧିକ ଜାଣିବା ନିମନ୍ତେ ପ୍ରୟାସ କଲି। ମୁଁ ଜାଣିପାରିଲି ଯେ ବାସ୍ତବରେ ଜଣେ ଲେଖକର ସୃଜନଶୀଳତା ଓ ଲେଖକୀୟ ସୃଷ୍ଟିର କିଣା-ବିକା ହେଉଛି। ଯେଉଁଥିପାଇଁ, ସମାଜରେ ଏକ ଅଦୃଶ୍ୟ ବଜାର ମଧ୍ୟ କାର୍ଯ୍ୟ କରୁଛି। କିଛିତଥ୍ୟ ଅନୁସାରେ, ଏହି ଧାରା ପ୍ରାୟତଃ ୧୮୦୦ ଦଶକର ଶେଷ ଭାଗରୁ ଚାଲିଆସୁଛି। ଆଜିକାଲି ଏହି ଲେଖକମାନଙ୍କୁ ସାଧାରଣତଃ ଆଜିର ସମାଜର କ୍ଷମତାଧାରୀ ଓ ପ୍ରତିଷ୍ଠିତ ବ୍ୟକ୍ତିମାନେ ନିଯୁକ୍ତି ଦିଅନ୍ତି, ଯେଉଁମାନଙ୍କ ପାଖରେ ନିଜର ପୁସ୍ତକ, ପ୍ରବନ୍ଧ କିମ୍ବା ଭାଷଣ ପ୍ରସ୍ତୁତ କରିବା ପାଇଁ ସମୟ କିମ୍ବା ଦକ୍ଷତାର ଅଭାବ ରହିଥାଏ। ତେବେ ନିଜର ଭାବନାକୁ ଶବ୍ଦରେ ରୂପାନ୍ତରିତ କରିବାର ଯନ୍ତ୍ରଣା, ଉଦ୍ୟମ ଓ ପରିଶ୍ରମକୁ ଜଣେ ଲେଖକ ହିସାବରେ ମୁଁ ଅତି ଗଭୀରତାର ସହ ବୁଝିଥାଏ। ଯେଉଁ ଲେଖକଟି କିଛି ଟଙ୍କା ପାଇଁ ନିଜର ଲେଖାକୁ ବିକ୍ରି କରିଦିଏ, ତା'ର ଅନ୍ତରରେ ସୃଷ୍ଟି ହେଉଥିବା ଉକ୍ତ ବେଦନା ଓ ପରିସ୍ଥିତି କଥା ଚିନ୍ତା କରି ମୋ ଆଖିରୁ ଦୁଇ ଧାର ଲୁହ ଖସି ଆସିଲା। ତେବେ ନୈତିକତା ଆଧାରରେ ଏହି ବିଷୟବସ୍ତୁ ତଥା କାର୍ଯ୍ୟକଳାପ କେତେ ଯଥାର୍ଥ, ତାହା ମୋ ମନର ପ୍ରଶ୍ନଘେର ମଧ୍ୟରେ ଆଲୋଡ଼ନ ସୃଷ୍ଟି କରୁଛି।

ଏହି ପରିପ୍ରେକ୍ଷୀରେ, ଆଜିର ସମୟରେ ଲେଖନୀକୁ ପେସା ଭାବରେ ଗ୍ରହଣ କରିଥିବା ଲେଖକମାନଙ୍କୁ ଯଦି ତାଙ୍କର ସଠିକ ପାରିଶ୍ରମିକ ମିଳିବାର କିଛି ସରକାରୀ ଓ ବେସରକାରୀ ବନ୍ଦୋବସ୍ତ କରାଯା'ନ୍ତା, ତେବେ ଉକ୍ତ ଅଜ୍ଞାତ ଓ ଅଦୃଶ୍ୟ ଲେଖକଟି ପରଦା ପଛର ନାୟକ ଭାବରେ ରହିଯାଇ ନିଜର ପରିଚୟକୁ ସୁପ୍ତ ରଖନ୍ତା ନାହିଁ। ଏକ ସାମାଜିକ ପରିଚୟ ସହ ପାଠକମାନଙ୍କର ଭଲପାଇବାକୁ ସେ ସିଧାସଳଖ ଭାବରେ ଲାଭ କରିପାରନ୍ତା। ଏତଦ୍‌ବ୍ୟତୀତ, ଆଜିର କ୍ଷମତାଧାରୀ ଓ ପ୍ରତିଷ୍ଠିତ ବ୍ୟକ୍ତି, ଯେଉଁମାନେ କି ଅନ୍ୟର ଲେଖାକୁ ଅର୍ଥ ଓ କ୍ଷମତାରେ କ୍ରୟ କରି ନିଜର ନାମ ସହ ପ୍ରକାଶିତ କରିବାକୁ ରୁଚି ରଖନ୍ତି, ସେମାନେ ନିଜ ମନ, ହୃଦୟ ଓ ଚିନ୍ତାଧାରାକୁ ସାମାନ୍ୟ ବଡ଼ କରି ନିଃସ୍ୱାର୍ଥପର ଭାବରେ ଅଭାବୀ ଲେଖକଟିଏକୁ କିଛି ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ଜରୁରୀ। ଲେଖକଟିର କଲମ ଚାଳନାକୁ ସହଯୋଗ ଓ ତ୍ୱରାନ୍ୱିତ କରିବା ପୂର୍ବକ ତା'ର ହାତଲେଖାଗୁଡ଼ିକୁ ପୁସ୍ତକ ଆକାରରେ ପ୍ରକାଶିତ କରି ଲୋକଲୋଚନକୁ ଆଣିବା ନିମନ୍ତେ ପ୍ରୟାସ କରିବା ଉଚିତ। ଏହା ଏକ ଶିକ୍ଷିତ, ସମନ୍ୱିତ ଓ ସୁସ୍ଥ ସମାଜ ଗଠନ ଦିଗରେ ବଡ଼ କାରକ ସାଜିବ ବୋଲି ଅନୁମାନ କରାଯାଏ।

ବନ୍ଧାଲୋ(କଟକ), ମୋ: ୯୩୩୭୮ ୯୭୬୫୦

## ବ୍ୟବସ୍ଥା ଓ ବିଶ୍ୱାସ

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଗତିଶୀଳ ଜୀବନର ଭିଡ଼ ଭିତରେ ଅନେକ ଅପ୍ରତ୍ୟାଶିତ ଘଟଣା ସାଧାରଣ ହେବାରେ ଲାଗିଛି। ଧାର୍ମିକ ସମାବେଶରେ, ଟ୍ରେନ୍ ଚଢ଼ିବା ସମୟରେ, ଆଉ କେତେବେଳେ ଦେବାଳୟରେ। ଏହା ପରିତାପର ବିଷୟ ଯେ ଏହି ଘଟଣାଗୁଡ଼ିକରୁ କୌଣସି ଶିକ୍ଷା ନିଆଯାଉନାହିଁ। ପ୍ରତ୍ୟେକ ଥର ପୁଙ୍ଖାନୁପୁଙ୍ଖ ତଦନ୍ତ, କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଭବିଷ୍ୟତରେ ସତର୍କତାମୂଳକ ପଦକ୍ଷେପ ନେବା ପାଇଁ ଦାବି କରାଯାଏ। କିନ୍ତୁ ଫଳାଫଳ ଶୂନ୍। ହରିଦ୍ୱାରର ପ୍ରସିଦ୍ଧ ମନସା ଦେବୀ ମନ୍ଦିରରେ ୨୭ ଜୁଲାଇର ଘଟଣା ଦୁଃଖଦ। ଘଟଣାସ୍ଥଳରେ ୮ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ପ୍ରାୟ ୩୦ ଜଣ ଆହତ ହୋଇଥିଲେ। ତା' ପରଦିନ ଉତ୍ତରପ୍ରଦେଶର ବାରବାଙ୍କି ଜିଲ୍ଲାର ଆବାଶନେଶ୍ୱର ମନ୍ଦିରରେ ସମାନ ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ଘଟିଲା। ମନେହୁଏ ଦଳାଚକଟାର ଏକ କ୍ରମ ଆରମ୍ଭ ହୋଇଛି ଏବଂ ବ୍ୟବସ୍ଥାଗତ ତ୍ରୁଟି ସଜାଡ଼ି ହୋଇପାରୁନାହିଁ।

ହରିଦ୍ୱାରର ଘଟଣା ପ୍ରଥମ ନଥିଲା। ପୂର୍ବରୁ ୧୯୮୬ କୁମ୍ଭମେଳାରେ ଦଳାଚକଟାରେ ପ୍ରାୟ ୨୦୦ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୧୧ ମସିହାରେ ହର କି ପେଡ଼ିରେ ୨୦ ଜଣ, ଶାନ୍ତିକୁଞ୍ଜର ଏକ କାର୍ଯ୍ୟକ୍ରମରେ ୨୦ ଜଣଙ୍କ ମୃତ୍ୟୁ ଘଟିବା ସହିତ ୫୦ ଜଣ ଆହତ ହୋଇଥିଲେ। ଏହି ଦୁର୍ଘଟଣାଗୁଡ଼ିକର କାରଣ ପ୍ରାୟ ସମାନ। ମହାକୁମ୍ଭ ପ୍ରୟାଗରାଜର ମୌନୀ ଅମାବାସ୍ୟା ଅବସରରେ ଭକ୍ତଙ୍କ ପ୍ରବଳ ଭିଡ଼ ମଧ୍ୟରେ ଘଟିଥିବା ଦୁର୍ଘଟଣା ଏବଂ ତା'ପରେ ଟ୍ରେନ ବିଳମ୍ବ, ପ୍ଲାଟଫର୍ମରେ ସଂଖ୍ୟାଧିକ ଲୋକଙ୍କ ଯୋଗୁଁ ଦିଲ୍ଲୀ ରେଳ ଷ୍ଟେସନର ଅପ୍ରୀତିକର ଘଟଣା କୁପରିଚାଳନା ଓ ବିଶୃଙ୍ଖଳାକୁ ଇଙ୍ଗିତ କରେ। ଏହା ପରେ ପରେ ବାଙ୍ଗାଲୋର ଆଇପିଏଲ୍ ବିଜୟ ପାଳନ ପାଇଁ ଆୟୋଜିତ କାର୍ଯ୍ୟକ୍ରମର ଦୁର୍ଘଟଣାରେ ସମସ୍ତେ ସ୍ତବ୍ଧ ହେଲେ। ପୂର୍ବରୁ ୨୦୨୪ ମସିହାରେ ଉତ୍ତର ପ୍ରଦେଶର ହାଥରସରେ ଜଣେ ଆତ୍ମ ଘୋଷିତ ବାବାଙ୍କ ସତସଙ୍ଗରେ ଦଳାଚକଟା ଘଟି ୧୨୧ ରୁ ଅଧିକଙ୍କର ମୃତ୍ୟୁ ହୋଇଥିଲା। ୨୦୨୨ ମସିହାରେ ବୈଷ୍ଣୋ ଦେବୀ ମନ୍ଦିରରେ ନୂତନ ବର୍ଷ ଅବସରରେ ୧୨ ଜଣ ଭକ୍ତ ପ୍ରାଣ ହରାଇଥିଲେ। ୨୦୦୮ ମସିହାରେ ହିମାଚଳ ପ୍ରଦେଶର ନୈନା ଦେବୀ ମନ୍ଦିରରେ ପଥର ଧସିବା ଗୁଜବ ଯୋଗୁଁ ଦଳାଚକଟା ହୋଇଥିଲା, ଯେଉଁଥିରେ ୧୬୨ ଜଣଙ୍କର ମୃତ୍ୟୁ ହୋଇଥିଲା। ଚଳିତ ବର୍ଷ ପୁରୀ ରଥଯାତ୍ରା ଭିତରେ ୩ଜଣ ଶ୍ରଦ୍ଧାଳୁ ଜୀବନ ହାରିଲେ। ସେହିପରି ଜାନୁଆରୀ ୨୦୨୫ ରେ ତିରୁପତି ମନ୍ଦିରର ଟୋକନ୍ ବଣ୍ଟନ କେନ୍ଦ୍ରରେ ହଠାତ୍ ଭିଡ଼ ଜମିଗଲା ଏବଂ ପୁଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ବିଫଳ ହୁଅନ୍ତେ ୬ ଜଣ ପ୍ରାଣ ହରାଇଲେ। ପ୍ରଶ୍ନ ଉଠେ ଟୋକନ୍ ବଣ୍ଟନ ଭଳି ଡିଜିଟାଲ୍ ନିୟନ୍ତ୍ରିତ କାର୍ଯ୍ୟରେ ମଧ୍ୟ ଏତେ ବିଶାଳ ଭିଡ଼ କିପରି ହେଲା?

ଏହି ଘଟଣାଗୁଡ଼ିକ କେବଳ ସଂଖ୍ୟା ନୁହେଁ. ବରଂ ବ୍ୟବସ୍ଥାଗତ ବିଫଳତାର ପ୍ରମାଣ। ପ୍ରଶ୍ନ ହେଉଛି ଏପରି କେତେ ଘଟଣା ପରେ ସଚେତନ ହେବା? ମନସା ଦେବୀ ମନ୍ଦିରରେ ଦଳାଚକଟାର କାରଣ ବିଦ୍ୟୁତ୍ କରେଣ୍ଟ ବ୍ୟାପିବା ଗୁଜବ ବୋଲି କୁହାଯାଉଛି। ପ୍ରଶାସନିକ କର୍ମଚାରୀମାନେ ଏପରି ଆଶଙ୍କାକୁ ପୂର୍ବାନୁମାନ କରିବାରେ ଏତେ ଅସମର୍ଥ କାହିଁକି? ଏପରି ଘଟଣା ଦେଶବ୍ୟାପୀ ଧାର୍ମିକ ସ୍ଥଳ ଏବଂ ସାର୍ବଜନୀନ ସମାବେଶରେ ହୋଇଥିବା ମାରାତ୍ମକ ଦଳାଚକଟାର ଆଉ ଏକ ସଂଖ୍ୟା। ମନ୍ଦିର, ରେଳ ଷ୍ଟେସନ ଓ ମହାକୁମ୍ଭ ଭଳି ସ୍ଥାନରେ ଚଳିତ ବର୍ଷ ଏପର୍ଯ୍ୟନ୍ତ ୮୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି। ଉଲ୍ଲେଖନୀୟ ଯେ ମନସା ଦେବୀ ମନ୍ଦିରର ଅଘଟଣ ଗୁଜବରୁ ସୃଷ୍ଟି ହୋଇନଥିଲା ବରଂ ବର୍ଷ ବର୍ଷର ଅସାବଧାନତା ପରିଣାମ।

ଏହାର ଗୋଟିଏ କାରଣ ସରକାର ଓ ଧାର୍ମିକ ସଂଗଠନଗୁଡ଼ିକ ଯେତେ ଅଧିକ ଭିଡ଼ ଏକାଠି କରିପାରିବେ ସେତେ ବଡ଼ ସଫଳତା ସାଉଁଟିବେ। ଭକ୍ତଙ୍କ ସଂଖ୍ୟା ଲକ୍ଷ ଓ କୋଟିରେ ଗଣନା କରାଯାଏ ଏବଂ ଏହା ଅନୁମାନ କରାଯାଏ ଯେ ବିଶ୍ୱାସ ଯେତେ ବ୍ୟାପକ ହେବ ସେତେ ଅଧିକ ମାନ୍ୟତା ମିଳିବ। ପ୍ରଶାସନ ପ୍ରାୟତଃ ଦାବି କରେ ପର୍ଯ୍ୟାପ୍ତ ବ୍ୟବସ୍ଥା ହୋଇଛି, ସିସି ଟିଭି କ୍ୟାମେରା ଲଗାଛି, ପୁଲିସ ଫୋର୍ସ ନିୟୋଜିତ ହୋଇଛନ୍ତି, ରୁଟ୍ ପ୍ଲାନ୍ ପ୍ରସ୍ତୁତ। ତେବେ ଏତେ ସବୁ ପରେ ଦୁର୍ଘଟଣା ଘଟି ଅନେକ ମୃତାହତ ହୁଅନ୍ତି କାହିଁକି? ବାସ୍ତବତା ହେଉଛି ଅଧିକାଂଶ ଧାର୍ମିକ କାର୍ଯ୍ୟକ୍ରମରେ ଭିଡ଼ର ସଠିକ୍ ପୂର୍ବାନୁମାନ କରାଯାଏ ନାହିଁ। ଆୟୋଜକମାନେ ଭିଡ଼ ବିଷୟରେ କୌଣସି ବୈଜ୍ଞାନିକ ଆକଳନ କରନ୍ତି ନାହିଁ। କୁମ୍ଭ ମେଳା ଘଟଣା ଏହାର ଜ୍ୱଳନ୍ତ ଉଦାହରଣ।

ଧାର୍ମିକ କାର୍ଯ୍ୟକ୍ରମ, ବିଶେଷ ଅବସରରେ ଲକ୍ଷ ଲକ୍ଷ ଭକ୍ତ ଏକତ୍ରିତ ହୁଅନ୍ତି। ଭିଡ଼ର ଏକାଗ୍ରତା ପ୍ରଶାସନ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରେ। ଯୋଜନାର ଅଭାବ ଯୋଗୁଁ ଏସବୁ ପ୍ରାୟତଃ ଅନିଶ୍ଚିତ ହୋଇଯାଏ। ଏପରିସ୍ଥିତିରେ ଗୁଜବ କିମ୍ବା ଅପ୍ରତ୍ୟାଶିତ ପରିସ୍ଥିତି ଦଳାଚକଟା ଭଳି ଦୁଃଖଦ ଘଟଣା ଘଟାଇଥାଏ। ଗତ ଗୋଟିଏ ବର୍ଷ ମଧ୍ୟରେ ଅନେକ ଦୁର୍ଘଟଣା ପ୍ରମାଣ କରିଛି ଯେ ଆମର ପ୍ରଶାସନିକ ପ୍ରସ୍ତୁତି, ବୈଷୟିକ ବ୍ୟବସ୍ଥା ଅପର୍ଯ୍ୟାପ୍ତ। ପ୍ରକୃତରେ ଅନେକ ଧାର୍ମିକ ସ୍ଥାନରେ ପଥଗୁଡ଼ିକ ବହୁତ ସଂକୀର୍ଣ୍ଣ ଏବଂ ପ୍ରସ୍ଥାନ-ପ୍ରବେଶ ସମାନ ପଥରେ ହୋଇଥାଏ। ଏହା ଅବ୍ୟବସ୍ଥିତ ଭିଡ଼ ସୃଷ୍ଟି କରେ। ପ୍ରଶାସନିକ ସ୍ତରରେ କରାଯାଇଥିବା ଅସମ୍ପୂର୍ଣ୍ଣ ଓ ଯାନ୍ତ୍ରିକ ପ୍ରସ୍ତୁତି ପ୍ରାୟତଃ କାଗଜପତ୍ରରେ ସୀମିତ ରହିଯାଏ।

ଏସବୁ ଏଡ଼ାଇବା ପାଇଁ ଭିଡ଼ ସ୍ଥାନରେ ଏକ ବ୍ୟବହାରିକ ନିୟନ୍ତ୍ରଣ ନୀତି କାର୍ଯ୍ୟକାରୀ କରିବା ଜରୁରୀ। ବାସ୍ତବ-ସମୟ ମନିଟରିଂ ଏବଂ ବୈଷୟିକ ନିରୀକ୍ଷଣ ହେବା ଉଚିତ। ଯେପରି ବିମାନବନ୍ଦର କିମ୍ବା ବଡ଼ ଷ୍ଟାଡିୟମରେ କ୍ୟାମେରା, ସେନ୍ସର ଓ ଏଆଇ ଆଧାରିତ ମନିଟରିଂ ଥାଏ, ଧାର୍ମିକ ସ୍ଥଳରେ ମଧ୍ୟ ସମାନ ବ୍ୟବସ୍ଥା କରାଯିବା ଉଚିତ। ଲୋକଙ୍କ ସଂଖ୍ୟାର ଲାଇଭ୍ ଟ୍ରାକିଂ, ସିସିଟିଭି ବିଶ୍ଳେଷଣ ଏବଂ ଭିଡ଼ର ଗତିବିଧି ଉପରେ ନଜର ରଖି ପରିସ୍ଥିତିକୁ ସମୟ ମଧ୍ୟରେ ନିୟନ୍ତ୍ରଣ କରାଯାଇପାରିବ। ପ୍ରମୁଖ ଧାର୍ମିକ ସ୍ଥଳ ଏବଂ କାର୍ଯ୍ୟକ୍ରମ ପାଇଁ ସର୍ବନିମ୍ନ ମାନଦଣ୍ଡ ସ୍ଥିର କରାଯିବା ଉଚିତ। ଯେପରିକି ପ୍ରବେଶ ଏବଂ ପ୍ରସ୍ଥାନ ପଥ ସଂଖ୍ୟା, ଯୋଗାଯୋଗ ବ୍ୟବସ୍ଥା, ଅଡିଓ-ଭିଡିଓ ସୂଚନା ବ୍ୟବସ୍ଥା, ପ୍ରାଥମିକ ଚିକିତ୍ସା କେନ୍ଦ୍ର ଇତ୍ୟାଦି। ଭକ୍ତମାନେ ଭିଡ଼ରେ କିପରି ଚାଲିବେ, କ'ଣ କରିବେ ନାହିଁ, ଗୁଜବ ପ୍ରତି କିପରି ପ୍ରତିକ୍ରିୟା ପ୍ରକାଶ କରିବେ ନାହିଁ, କେଉଁ ସଙ୍କେତଗୁଡ଼ିକ ପ୍ରତି ଧ୍ୟାନ ଦେବେ ସେ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଉଚିତ। ଛୋଟ ଭିଡିଓ, ରେଡିଓ ବାର୍ତ୍ତା, ମନ୍ଦିରରେ ପୋଷ୍ଟର, ସ୍ଥାନୀୟ ଟିଭିରେ ବିଜ୍ଞାପନ, ଏସବୁ ସହାୟକ ହୋଇପାରେ। ଏହାବ୍ୟତୀତ ଆଇନ ପ୍ରଣୟନ ଏବଂ ଦାୟିତ୍ୱର ସୁଚାରୁ ବଣ୍ଟନ ହେବା ଆବଶ୍ୟକ। ସାମଗ୍ରିକ ଭାବରେ ପ୍ରତିଥର ଦୁର୍ଘଟଣା ପରେ ବୟାନ ଆସେ, କ୍ଷତିପୂରଣ ଘୋଷଣା କରାଯାଏ, ତଦନ୍ତ ଆୟୋଗ ଗଠନ ହୁଏ। କିନ୍ତୁ ପୁଣି ସେହି ଅବହେଳାର ପୁନରାବୃତ୍ତି।

ବର୍ତ୍ତମାନ ଏକ ସକ୍ରିୟ ନୀତି ଗ୍ରହଣ କରିବା ସମୟର ଆବଶ୍ୟକତା। ପ୍ରତ୍ୟେକ ଘଟଣାକୁ ଏକ ପ୍ରକଳ୍ପ ଭାବରେ ଦେଖାଯିବା ଉଚିତ। ଯାହାର ଲକ୍ଷ୍ୟ କେବଳ ଧାର୍ମିକ ରୀତି ପାଳନ ନୁହେଁ, ବରଂ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କ ସୁରକ୍ଷା ନିଶ୍ଚିତ ହୋଇପାରୁଥିବ। ବିଶ୍ୱାସ ଓ ସୁରକ୍ଷାର ସନ୍ତୁଳନ ସେତେବେଳେ ହାସଲ ହେବ, ଯେତେବେଳେ ନୀତି, ପ୍ରଯୁକ୍ତିବିଦ୍ୟା, ପ୍ରଶାସନ ଏବଂ ଜନସାଧାରଣ ସମନ୍ୱିତ ଭାବରେ ଏକାଠି କାମ କରିବେ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ବିଭୀଷଣ ମନ୍ଦିର

**ଓଜସ୍ୱିନୀ**

**ବିଚିତ୍ର ବିଶ୍ୱାସ**

ରାମାୟଣର କଥାବସ୍ତୁ ଆଧାରରେ ରାବଣଙ୍କ ଭ୍ରାତା ବିଭୀଷଣ ମହାନ ରାମଭକ୍ତ ହେଲେ ମଧ୍ୟ ସଦାସର୍ବଦା ତାଙ୍କର ଚରିତ୍ର ପ୍ରତାରଣାର କଳଙ୍କ ବହନ କରିଆସିଛି। କାରଣ ବିଭୀଷଣଙ୍କ ପାଇଁ ହିଁ ଅସୁରରାଜ ରାବଣ ନିହତ ହୋଇଥିଲେ। ତେଣୁ ଆଜି ମଧ୍ୟ ପାରିବାରିକ ବିବାଦ ମଧ୍ୟରେ ବିଭୀଷଣଙ୍କ ଉଦାହରଣ ଦେଇ 'ଘର ଢିଙ୍କି କୁମ୍ଭୀର', 'ଭାଇ ଭଗାରୀ' ଭଳି ଆପ୍ତବାକ୍ୟ ବ୍ୟବହାର କରାଯାଉଛି। ଏସବୁ ସତ୍ତ୍ୱେ ଭାରତର ଗୋଟିଏ ସ୍ଥାନରେ ବିଭୀଷଣଙ୍କ ମନ୍ଦିର ଅଛି। ଶ୍ରଦ୍ଧାଳୁମାନେ ବିଭୀଷଣଙ୍କୁ ପରମ ରାମଭକ୍ତ ଭାବେ ବିଧିପୂର୍ବକ ପୂଜାର୍ଚ୍ଚନା କରି ଆଶିଷ ପ୍ରାର୍ଥନା କରୁଛନ୍ତି।

ବିଭୀଷଣଙ୍କ ଏହି ମନ୍ଦିର ରାଜସ୍ଥାନର କୋଟା ଜିଲ୍ଲା ଅନ୍ତର୍ଗତ କେଥୁନ୍‌ଠାରେ ରହିଛି। କୋଟା ରେଳୱେ ଷ୍ଟେସନ୍‌ରୁ ଏହାର ଦୂରତା ପ୍ରାୟ ୨୦ କିଲୋମିଟର। ଏହି ମନ୍ଦିର ପ୍ରାୟ ୫୦୦୦ବର୍ଷ ପୂର୍ବେ ନିର୍ମିତ ବୋଲି ଗବେଷକମାନେ ମତ ଦିଅନ୍ତି। ଏଠାରେ ବିଭୀଷଣଙ୍କର ମସ୍ତକର ଏକ ବିଶାଳ ପ୍ରତିମା ପୂଜିତ ହେଉଛି ଏବଂ ସମ୍ପୂର୍ଣ୍ଣ ଶରୀର ଭୂମି ଭିତରେ ଅଛି ବୋଲି କୁହାଯାଉଛି। ଆଶ୍ଚର୍ଯ୍ୟର କଥା ହେଉଛି, ଏହି ମସ୍ତକ ପ୍ରତିମା ବର୍ଷକୁ ବର୍ଷ ଚାଉଳ ଦାନା ପ୍ରାୟ ଭୂମିରେ ନିମ୍ନଗାମୀ ହେଉଛି ବୋଲି ମନ୍ଦିରର ପୂଜାରୀ ଓ ପ୍ରତ୍ୟକ୍ଷଦର୍ଶୀମାନେ କହନ୍ତି। ମନ୍ଦିରର ଜିର୍ଣ୍ଣୋଦ୍ଧାର ମହାରାଜା ଦୁର୍ଜନ ସିଂହଙ୍କ ଶାସନ ସମୟରେ ଗୌତମ ପରିବାର ଦ୍ୱାରା ନିର୍ମାଣ କରାଯାଇଥିଲା। ତେଣୁ ଆଜି ମଧ୍ୟ ଉକ୍ତ ପରିବାରର ବଂଶଜ ନବରାତ୍ର ସମୟରେ ଏହି ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା କରିଆସୁଛନ୍ତି। କେବଳ ରାଜସ୍ଥାନରେ ହିଁ ବିଭୀଷଣଙ୍କ ଏହି ମନ୍ଦିର କାହିଁକି ଓ କିପରି ନିର୍ମାଣ ହେଲା, ସେ ସମ୍ପର୍କରେ ଗୋଟିଏ ସୁନ୍ଦର ଲୋକକଥା ରହିଛି।

ରଘୁକୁଳ ନନ୍ଦନ ଶ୍ରୀରାମ ବନବାସରୁ ଫେରିବା ପରେ ରାଜ୍ୟାଭିଷେକ ସମୟରେ ତିନିଲୋକର ଦେବଦେବୀଙ୍କ ସହିତ ସମସ୍ତ ପ୍ରାଣୀ ଧରାପୃଷ୍ଠରେ ଅବତରଣ କରିଥିଲେ। ଏହି ସମୟରେ ଦେବ ଦେବ ମହାଦେବ ହନୁମାନଙ୍କୁ କହିଲେ ଯେ, ସେ ସମ୍ପୂର୍ଣ୍ଣ ମୃତ୍ୟୁଲୋକ ଭ୍ରମଣ କରିବାକୁ ଚାହାନ୍ତି। ଏହାକୁ ବିଭୀଷଣ ଶୁଣୁଥିଲେ ଏବଂ ସେ ଗୋଟିଏ ଭାର ପ୍ରସ୍ତୁତ କରି ମହାଦେବ ଓ ହନୁମାନଙ୍କୁ ଦୁଇପଟେ ବସାଇ ଭାରତ ଭ୍ରମଣ କରାଇବା ପାଇଁ ମହାଦେବଙ୍କୁ ଅନୁମତି ଭିକ୍ଷା କଲେ। ବିଭୀଷଣଙ୍କ ଏତାଦୃଶ ଆଗ୍ରହରେ ମହାଦେବ ସ୍ୱୀକୃତି ପ୍ରଦାନ କରିବା ସହିତ ଗୋଟିଏ ସର୍ତ୍ତ ରଖିଲେ। ସର୍ତ୍ତ ଅନୁଯାୟୀ ଯେଉଁଠାରେ ଭାର ଭୂମି ସ୍ପର୍ଶ କରିବ, ସେଠାରେ ଯାତ୍ରା ସମାପ୍ତ ହେବ ଏବଂ ମହାଦେବ ଓ ହନୁମାନ ସେଠାରେ ହିଁ ବିରାଜମାନ ହେବେ। ଏହି ସର୍ତ୍ତରେ ରାଜି ହୋଇ ବିଭୀଷଣ ଗୋଟିଏ ବିଶାଳ ଭାର ପ୍ରସ୍ତୁତ କଲେ, ଯାହାର ଲମ୍ବା ୮ କୋଶ(ପ୍ରାୟ ୩୨ କିଲୋମିଟର) ଥିଲା। ମହାଦେବ ଓ ହନୁମାନଙ୍କୁ ଭାରର ଦୁଇପଟେ ବସାଇ ବିଭୀଷଣ ଯାତ୍ରା ଆରମ୍ଭ କଲେ। ଏକଦା ବିଭୀଷଣ ରାଜସ୍ଥାନର କେଥୁନ୍ (ପ୍ରାଚୀନ ନଗର କେଥୁନପୁର) ମଧ୍ୟ ଦେଇ ଯାତ୍ରା କରୁଥିବା ସମୟରେ ମହାଦେବ ବସିଥିବା ଭାର ଭୂମିକୁ ସ୍ପର୍ଶ କଲା। ଏହି ସ୍ଥାନ କେଥୁନ୍‌ଠାରୁ ୪ କୋଶ ଅର୍ଥାତ୍ ୧୬ କିଲୋମିଟର ଦୂର ସ୍ଥିତ ଚାର୍ ଚୋମାରେ ଅବସ୍ଥିତ। ମହାଦେବ ସର୍ତ୍ତ ଅନୁଯାୟୀ ସେଠାରେ ହିଁ ବିରାଜମାନ ହେଲେ ଏବଂ ହୋଇ ସ୍ଥାନର ନାମାନୁସାରେ ଚୋମେଶ୍ୱର ମହାଦେବ ଭାବେ ପୂଜା ପାଇଲେ। ଏଠାରେ ପୂଜା ପାଉଥିବା ଶିବଲିଙ୍ଗ ପଞ୍ଚମୁଖୀ ହୋଇଥିବାରୁ ଶିବଙ୍କ ପାଞ୍ଚଟି ସ୍ୱରୂପ ଏବଂ ପଞ୍ଚଭୂତର ପ୍ରତୀକ ବୋଲି ବିଶ୍ୱାସ ରହିଛି। ଭାରର ଅନ୍ୟ ପଟେ ବସିଥିବା ହନୁମାନଙ୍କ ଭ୍ରମଣ ଯାତ୍ରା କୋଟାର ରଙ୍ଗବାଡ଼ି ନାମକ ସ୍ଥାନରେ ଅଟକି ଯାଇଥିଲା। ତେଣୁ ଏଠାରେ ରାମଭକ୍ତ ହନୁମାନଙ୍କ ଏକ ଭବ୍ୟ ମନ୍ଦିର ଅଛି। ଯେଉଁଠି ବିଭୀଷଣ ଠିଆ ହୋଇଥିଲେ ଉକ୍ତ ସ୍ଥାନରେ ବିଭୀଷଣଙ୍କ ମନ୍ଦିର ନିର୍ମାଣ ହେଲା।

ପ୍ରତିବର୍ଷ ହୋଲି ସମୟରେ କେଥୁନ୍‌ରେ ୭ଦିନ ଧରି ବିଭୀଷଣ ମେଳାର ଆୟୋଜନ ହୋଇଥାଏ। ସାରା ଭାରତରେ କେବଳ ହୋଲିକା ଦହନ ଆୟୋଜନ କରାଯାଉଥିବାବେଳେ କେଥୁନ୍‌ରେ ହିରଣ୍ୟକଶିପୁ ଦହନ ମଧ୍ୟ କରାଯାଏ। ହୋଲିକା ଦହନ ପରଦିନ ହିରଣ୍ୟକଶିପୁର ପୁତ୍ତଳିକାକୁ ଦହନ କରାଯାଏ। ରାମଭକ୍ତ ବିଭୀଷଣଙ୍କ କୃପା ପ୍ରାପ୍ତ କରିବା ପାଇଁ ବହୁ ଦୂରଦୂରାନ୍ତରୁ ଭକ୍ତଙ୍କ ସୁଅ ଛୁଟିଥାଏ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମହଙ୍ଗା ପଡ଼ିଲା ଅଦାଲତଙ୍କ ଆଦେଶ ଅବମାନନା

# ଡିଇଓଙ୍କୁ ହାଇକୋର୍ଟରେ ହାଜର କରାଇବେ ଆଇଆଇସି

କଟକ,୭।୮ (ସମିସ): ଅଦାଲତଙ୍କ ଆଦେଶ ଅବମାନନା କରିବା କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ହାଇକୋର୍ଟଙ୍କ ଆଦେଶ ପାଳନ ପୂର୍ବକ ଡିଇଓଙ୍କ ତରଫରୁ ସତ୍ୟପାଠ ଦିଆଯାଇନଥିଲା କି ଶୁଣାଣି ସମୟରେ ଡିଇଓ ହାଜର ହୋଇନଥିଲେ । ହାଇକୋର୍ଟ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଆସନ୍ତା ଅଗଷ୍ଟ ୧୩ରେ କଳାହାଣ୍ଡି ଡିଇଓଙ୍କୁ ହାଜର କରାଇବା ପାଇଁ ଭବାନୀପାଟଣା ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ.କେ. ବେହେରାଙ୍କ ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କୁ ବିଳମ୍ବରେ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯାଇଥିବା ପାଇଁ ଆବେଦନକାରୀଙ୍କୁ ତିନି ମାସ ମଧ୍ୟରେ ଏହି ଅର୍ଥ ଉପରେ ୬ ପ୍ରତିଶତ ସୁଧ ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୨୦୨୩, ସେପ୍ଟେମ୍ବର ୨୯ ରେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନଥିଲା। ଏହାପରେ ଆବେଦନକାରୀ କଳାହାଣ୍ଡି ଡିଇଓଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଦାୟର କରିଥିଲେ। ୨୦୨୪, ମେ ୨୦ରେ ହାଇକୋର୍ଟ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଡିଇଓଙ୍କୁ ନୋଟିସ୍ ଜାରି କରିଥିଲେ। ଗତ ଅଗଷ୍ଟ ୬ ସୁଦ୍ଧା ପୂର୍ବ ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହୁଏ ତେବେ ପ୍ରତିପକ୍ଷ ଡିଇଓ ପରବର୍ତ୍ତୀ ତାରିଖରେ ବ୍ୟକ୍ତିଗତ ଭାବେ ହାଜର ହେବେ ବୋଲି ହାଇକୋର୍ଟ ଜୁଲାଇ ୧୦ରେ କହିଥିଲେ। ଏଥିପାଇଁ ପୁଣି ଅଧିକ ସମୟ ଲୋଡ଼ି ଲେଖାଯାଇଥିବା ଅଗଷ୍ଟ ୫ର ଏକ ଚିଠି ପ୍ରତିପକ୍ଷଙ୍କ ତରଫରୁ ଉପସ୍ଥାପନ କରାଯାଇଥିଲା। ଏଣୁ ଆସନ୍ତା ଅଗଷ୍ଟ ୧୩ରେ ପ୍ରତିପକ୍ଷ ସମ୍ପୃକ୍ତ ଡିଇଓଙ୍କୁ ହାଜର କରାଇବା ପାଇଁ ଭବାନୀପାଟଣା ଥାନା ଆଇଆଇସିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ରାଜ୍ୟରେ କାଁ ଭାଁ ବର୍ଷା ସମ୍ଭାବନା

ଭୁବନେଶ୍ୱର,୭।୮ (ସମିସ): ବଙ୍ଗଳାଦେଶ ଉପକୂଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ କୋହଲା ପାଗ ସାଙ୍ଗକୁ କିଛି କିଛି ସ୍ଥାନରେ ବର୍ଷା ଅନୁଭୂତ ହୋଇଛି। ଧୀରେ ଧୀରେ ପ୍ରଭାବ କମିବା ସହ ଓଡ଼ିଶାରେ ମଧ୍ୟ ପୁଣି ପାଗ ସ୍ୱାଭାବିକ ହେବା ନେଇ ଆକଳନ କରାଯାଉଛି। ଅନ୍ୟପଟେ ଗୁରୁବାର ରାଜ୍ୟର ଅନେକ ସ୍ଥାନରେ ଟାଣ ଖରା ସାଙ୍ଗକୁ ଭୀଷଣ ଗୁଳୁଗୁଳି ହୋଇଛି। ପାରଳାଖେମୁଣ୍ଡିରେ ଦିନର ସର୍ବାଧିକ ତାପମାତ୍ରା ୩୭ ଡିଗ୍ରୀ ଛୁଇଁଥିବା ବେଳେ ଟିଟଲାଗଡ଼ ଓ ବୌଦ୍ଧ ଆଦିରେ ତାମପାତ୍ରା ୩୬ ଡିଗ୍ରୀ ଉପରେ ରହିଛି। ତାତି ଓ ଗୁଳୁଗୁଳି ସାଙ୍ଗକୁ କିଛି ସ୍ଥାନରେ ଅପରାହ୍ଣରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ଅନୁଭୂତ ହୋଇଛି। ଅନୁଗୁଳରେ ୨୯ ମିମି, ଛତ୍ରପୁରରେ ୨୮ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବଲାଙ୍ଗିରରେ ୨୧ ମିମି ବର୍ଷା ରେକର୍ଡ ହୋଇଛି। ଶୁକ୍ରବାର ମୟୂରଭଞ୍ଜ ଓ କେନ୍ଦୁଝରର କିଛି ଅଞ୍ଚଳରେ ବର୍ଷା ଆଶଙ୍କା ରହିଥିବା ବେଳେ ରାଜ୍ୟର ଅନ୍ୟ କେତେକ ଅଞ୍ଚଳରି ବୁଜିଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଅନ୍ୟପଟେ ଆସନ୍ତା ୧୩ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବା ସହ ଏହା ପରେ ରାଜ୍ୟରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବା ନେଇ ଆକଳନ କରାଯାଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନେଉଛି ଅଧିକ...

ଚାଷୀଙ୍କ ପ୍ରିମିୟମ ଟଙ୍କାରୁ ୬୫ କୋଟି ଟଙ୍କା ଫାଇଦା ଉଠାଇଛନ୍ତି ବୋଲି ଅଭିଯୋଗ ହୋଇଛି। ଭାତହାଣ୍ଡିରୁ ଗୋଟିଏ ଚାଉଳ ଚିପିବା ଭଳି ସାରା ରାଜ୍ୟରେ ଏହି ସ୍ଥିତି ସୃଷ୍ଟି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମୀୟ କୁମାର ପଟ୍ଟନାୟକ କହିଛନ୍ତି ପ୍ରଧାନମନ୍ତ୍ରୀ ଫସଲବୀମା ଚାଷୀ ପାଇଁ ରକ୍ଷା କବଚ ବୋଲି କହି ଏହି ଯୋଜନାଟି ୨୦୧୬ ଖରିଫ୍‌ଠାରୁ କେନ୍ଦ୍ର ସରକାର କାର୍ଯ୍ୟକାରୀ କରିଥିଲେ। ଦେଶର କୋଟି କୋଟି ଚାଷୀ ଏହି ଯୋଜନା ଦ୍ୱାରା ଉପକୃତ ହେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଓ ତାଙ୍କ ସରକାର ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ବାସ୍ତବ ଠାରୁ ଏହା ସମ୍ପୂର୍ଣ ଭିନ୍ନ। ଏହି ଯୋଜନାରେ ଚାଷୀ ଲାଭବାନ ହେବା ପରିବର୍ତ୍ତେ ଘରୋଇ ବୀମା କମ୍ପାନୀ ଓ ସରକାର ଦୀର୍ଘ ୯ ବର୍ଷ ହେଲା ଫାଇଦା ଉଠାଇ ଚାଲିଛନ୍ତି।

ଓଡ଼ିଶାରେ ଗତ ୯ ବର୍ଷ ମଧ୍ୟରେ ୫୩ ଲକ୍ଷ ଚାଷୀଙ୍କ ମଧ୍ୟରୁ ପ୍ରାୟ ୨୨ ଲକ୍ଷ ଋଣୀ ଓ ଅଣଋଣୀ ଚାଷୀଙ୍କ ପ୍ରାୟ ୧୨ ହଜାର ୧୦୦ କୋଟି ଟଙ୍କା ପ୍ରିମିୟମର ୫ ହଜାର କୋଟି ଟଙ୍କା କମ୍ପାନୀ ଓ ସରକାରର ଫାଇଦା ଉଠାଯାଇଛି। ପୂର୍ବରୁ ସରକାରଙ୍କ କର୍ତ୍ତୃତ୍ୱାଧୀନ ବୀମା କମ୍ପାନୀ ଚାଷୀଙ୍କୁ ପ୍ରକୃତ କ୍ଷତିପୂରଣ ଦେଉଥିଲେ; କିନ୍ତୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କାର୍ଯ୍ୟକାରୀ ହେବାଠାରୁ ଚାଷୀ ଲାଭବାନ ହେବା ପରିବର୍ତ୍ତେ ସରକାର ଓ ଘରୋଇ କମ୍ପାନୀମାନେ ଲାଭଖୋର ପାଲଟିଛନ୍ତି ବୋଲି ଅଭିଯୋଗ ହୋଇଛି। କାରଣ ବର୍ତ୍ତମାନ ଚାଷୀମାନେ ନିଜ ଚାଷର ୩୩ ପ୍ରତିଶତ କ୍ଷତି ହେବା ପରେ କ୍ଷତିପୂରଣ ପାଇଁ ଆବେଦନ କରି ପାରୁଛନ୍ତି। ଏହାସହିତ ପଞ୍ଜିକରଣ ପାଇଁ ୩ ଦିନ ସମୟ ମିଳୁଥିବା ବେଳେ ଏଥିରେ ଅନେକ ଜଟିଳ ପ୍ରକ୍ରିୟା ଛନ୍ଦି ଦିଆଯାଉଛି। ଯେଉଁଥିପାଇଁ ଅନେକ ଯୋଗ୍ୟ ଚାଷୀ ବୀମା କରି ମଧ୍ୟ ସଠିକ୍ ପରିମାଣରେ କ୍ଷତିପୂରଣ ପାଇବାରୁ ବଞ୍ଚିତ ରହୁଛନ୍ତି।

### ଆଉ କେତେ...

ରାଜ୍ୟ ସରକାର ଏକପ୍ରକାର ଉପାୟଶୂନ୍ୟ ହୋଇ ପଡ଼ିଛନ୍ତି ବୋଲି ନବୀନ କହିଛନ୍ତି। ନିଜ ଏକ୍ସ ଏକାଉଣ୍ଟରେ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ପଟ୍ଟାମୁଣ୍ଡାଇର ଆଉ ଜଣେ ଝିଅ ନ୍ୟାୟ ପାଇଁ ନିବେଦନ କରିବା ପରେ ହତାଶାରେ ନିଜକୁ ନିଆଁ ଲଗାଇ ଦେଇଥିବା ଜାଣି ମୁଁ ଗଭୀର ଦୁଃଖିତ ଏବଂ ମର୍ମାହତ। ଦୁଃଖର ଏହି ମୁହୂର୍ତ୍ତରେ ଯୁବତୀଙ୍କ ପ୍ରତି ମୋର ସମବେଦନା ଏବଂ ପରିବାର ସଦସ୍ୟଙ୍କୁ ସହାନଭୂତି ଜଣାଉଛି। ଏହି ଅପୂରଣୀୟ କ୍ଷତି ସହିବା ପାଇଁ ଭଗବାନ ତାଙ୍କ ପରିବାର ସଦସ୍ୟଙ୍କୁ ଶକ୍ତି ଦିଅନ୍ତୁ। ମାତ୍ର ଗୋଟିଏ ମାସ ମଧ୍ୟରେ ସମାନ ପରିସ୍ଥିତିରେ ରାଜ୍ୟର ତିନି ଜଣ ଝିଅ ଜୀବନ ହରାଇଛନ୍ତି। ପ୍ରତ୍ୟେକଟି ନିରୀହ ଜୀବନ ଅଦିନରେ ଝଡ଼ିଯିବା ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ଦର୍ଶାଉଛି। ଏହା ରାଜ୍ୟ ବିଜେପି ସରକାରଙ୍କ ଏକ ଭୟଙ୍କର ଅବହେଳା ବୋଲି ନିଜ କ୍ଷୋଭକ୍ତିରେ ନବୀନ କହିଛନ୍ତି।

ନବୀନ ଆହୁରି ମଧ୍ୟ କହିଛନ୍ତି ଯେ ଆମ ମାଟିର ତିନି ଜଣ ଝିଅ ସ୍ୱଷ୍ଟ ଦିବାଲୋକରେ ମୃତ୍ୟୁବରଣ କରିବାର କାରଣ ହେଉଛି ଯେ ପ୍ରଶାସନ ପ୍ରତ୍ୟେକ ସମୟରେ ସେମାନଙ୍କ ଚିତ୍କାର, ନିବେଦନ ଶୁଣିବାରେ ବିଫଳ ହୋଇଛି। ପ୍ରାୟ ପ୍ରତିଦିନ ରାଜ୍ୟ ସାରା ମହିଳାମାନଙ୍କ ବିରୁଦ୍ଧରେ ଏପରି ଅନେକ ଜଘନ୍ୟ ଅପରାଧ ସାମ୍ନାକୁ ଆସୁଛି। ରାଜ୍ୟ ବିଜେପି ସରକାର ଜାଗ୍ରତ ହେବା ପୂର୍ବରୁ ଆଉ କେତେଜଣଙ୍କ ଚିତା ଜଳିବାକୁ ପଡିବ। ବିଜେପି ସରକାର କାର୍ଯ୍ୟାନୁଷ୍ଠାନ ନେବା ଆଗରୁ ଆଉ କେତେ ମାଆଙ୍କୁ ସେମାନଙ୍କ ଝିଅଙ୍କ ଚିତାଭସ୍ମ ଧରିବାକୁ ପଡ଼ିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି।

### ମୋଦୀ ବାଛିବେ ...

ଆବଶ୍ୟକ ପଡ଼ିଲେ ସେପଟେମ୍ବର ୯ ତାରିଖରେ ମତଦାନ ହେବ।

ଲୋକସଭା ଏବଂ ରାଜ୍ୟସଭାର ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜ୍ ଏହି ଉପରାଷ୍ଟ୍ରପତି ନିର୍ବାଚନରେ ଭାଗ ନେବେ। ଲୋକସଭା ଏବଂ ରାଜ୍ୟସଭାର ମୋଟ୍ ସଭ୍ୟସଂଖ୍ୟା ୭୮୬ ଥିବା ବେଳେ ନିର୍ବାଚନ ଜିତିବା ଲାଗି ୩୯୪ ଭୋଟ୍ ଦରକାର। ବିଜେପି ଏହାର ସହଯୋଗୀଙ୍କୁ ନେଇ ଗଠିତ ଏନ୍‌ଡିଏ ପାଖରେ ୪୨୨ ଜଣ ସଭ୍ୟଙ୍କ ସମର୍ଥନ ଥିବାରୁ ଏହାର ପ୍ରାର୍ଥୀ ବିଜୟୀ ହେବା ପ୍ରାୟ ନିଶ୍ଚିତ। ତେବେ ବିରୋଧୀ ଦଳ ମଧ୍ୟ ନିଜ ଆଡୁ ପ୍ରାର୍ଥୀ ଦେବାକୁ ଘୋଷଣା କରିଛନ୍ତି।

### ୩୭ ପ୍ରତିଶତ...

ତଥ୍ୟ ମୁତାବକ, ରାଜ୍ୟର ମୋଟ ମଞ୍ଜୁରୀପ୍ରାପ୍ତ ଡାକ୍ତରଙ୍କ ସଂଖ୍ୟା ୧୫,୭୭୪ ଥିବାବେଳେ ସେଥିମଧ୍ୟରୁ ୫୮୩୪ ଡାକ୍ତର ପଦବୀ ଖାଲିପଡ଼ିଛି। ଅର୍ଥାତ୍ ପାଖାପାଖି ୩୭ ପ୍ରତିଶତ ଡାକ୍ତର ପଦବୀ ରାଜ୍ୟର ସରକାରୀ ଡାକ୍ତରଖାନାଗୁଡ଼ିକରେ ଖାଲି ପଡ଼ିଛି। ରାଜ୍ୟର ୩୦ଟି ଜିଲ୍ଲାରେ ଥିବା ସରକାରୀ ଡାକ୍ତରଖାନାଗୁଡ଼ିକ ପାଇଁ ୨୮୨୩ଟି ମଞ୍ଜୁରୀପ୍ରାପ୍ତ ବିଶେଷଜ୍ଞ ଡାକ୍ତର ପଦବୀ ଥିବାବେଳେ ସେଥିମଧ୍ୟରୁ ୧୫୪୦ ପଦବୀରେ ଡାକ୍ତର ନାହାନ୍ତି। ଅର୍ଥାତ୍ ରାଜ୍ୟର ସରକାରୀ ଡାକ୍ତରଖାନାଗୁଡ଼ିକରେ ପାଖାପାଖି ୫୫ ପ୍ରତିଶତ ବିଶେଷଜ୍ଞ ଡାକ୍ତର ନାହାନ୍ତି। ସୁନ୍ଦରଗଡ଼, ରାୟଗଡ଼ା, ନୂଆପଡ଼ା, ନବରଙ୍ଗପୁର, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, କେନ୍ଦୁଝର, କନ୍ଧମାଳ, କଳାହାଣ୍ଡି, ଗଞ୍ଜାମ, ଗଜପତି, ଢେଙ୍କାନାଳ, ଦେବଗଡ଼, ବୌଦ୍ଧ, ବଲାଙ୍ଗିର, ବରଗଡ଼ ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡ଼ିକରେ ଅଧାରୁ ଅଧିକ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଛି। ସେହିପରି ରାଜ୍ୟରେ ୩୨୦ଟି ଭେଷଜ ବିଶେଷଜ୍ଞ ପଦବୀ ଖାଲି ପଡ଼ିଥିବାବେଳେ ୨୩୫ଟି ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ପଦବୀରେ ଡାକ୍ତର ନାହାନ୍ତି। ଶିଶୁମାନଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ସରକାର ଚିନ୍ତିତ ଥିବାବେଳେ ଗତ ମାର୍ଚ୍ଚ ପହିଲା ସୁଦ୍ଧା ଓଡ଼ିଶାରେ ୫୯୧ଟି ମଞ୍ଜୁରୀପ୍ରାପ୍ତ ଶିଶୁ ରୋଗ ବିଶେଷଜ୍ଞ ପଦବୀ ମଧ୍ୟରୁ ୩୬୯ଟି ଖାଲି ପଡ଼ିଥିଲା। ବିଭିନ୍ନ କାରଣରୁ ଅସ୍ତ୍ରୋପଚାର ଚିକିତ୍ସା ଉପରେ ଚାପ ବଢୁଥିବାବେଳେ ରାଜ୍ୟରେ ୫୦୦ ମଞ୍ଜୁରୀପ୍ରାପ୍ତ ଶଲ୍ୟ ବିଶେଷଜ୍ଞ ପଦବୀ ମଧ୍ୟରୁ ୩୪୨ଟି ଖାଲି ପଡିଥିଲା। ଅଧାରୁ ଅଧିକ ନିଶ୍ଚେତକ ବିଶେଷଜ୍ଞ ପଦବୀ ଆମ ରାଜ୍ୟରେ ଖାଲି ପଡ଼ିଥିବାବେଳେ ନିଦାନ, ହୃଦରୋଗ, ଟିବି ଆଦି ବିଶେଷଜ୍ଞ ପଦବୀ ମଧ୍ୟ ଅଧାରୁ ଅଧିକ ଖାଲି ପଡିଛି।

ସରକାରୀ ମେଡିକାଲ୍ କଲେଜଗୁଡ଼ିକରେ ବି ସ୍ଥିତି ସେତେଟା ଭଲ ନାହିଁ। ୧୫ଟି ସରକାରୀ ମେଡିକାଲ କଲେଜରେ ପ୍ରାୟ ୧୦୦ ପ୍ରଫେସର ପଦବୀ, ପାଖାପାଖି ୨୦୦ ସହଯୋଗୀ ପ୍ରଫେସର ପଦବୀ ଓ ୯୦ରୁ ଅଧିକ ସହକାରୀ ପ୍ରଫେସର ପଦବୀ ମଧ୍ୟ ଖାଲି ଥିବା ଜଣାପଡ଼ିଛି। ମୋଟାମୋଟି ଭାବେ ସରକାରୀ ମେଡିକାଲ୍ କଲେଜଗୁଡ଼ିକରେ ବିଭିନ୍ନ ପାହ୍ୟାର ପାଖାପାଖି ୧୦୦୦ ଡାକ୍ତର ଓ ଡାକ୍ତରୀ ଶିକ୍ଷକ ପଦବୀ ଖାଲି ପଡ଼ିଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁସାରେ, ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର, ଉପଖଣ୍ଡସ୍ତରୀୟ ଓ ଜିଲ୍ଲାସ୍ତରୀୟ ଡାକ୍ତରଖାନାଗୁଡ଼ିକରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ପରିଲକ୍ଷିତ ହେଉଥିବାରୁ ବହୁ କ୍ଷେତ୍ରରେ ରୋଗୀମାନଙ୍କୁ ସରକାରୀ ମେଡିକାଲ୍ କଲେଜ ଓ ଅନ୍ୟ ଡାକ୍ତରଖାନାଗୁଡ଼ିକୁ ପଠାଇବାକୁ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରମାନେ ବାଧ୍ୟ ହେଉଛନ୍ତି। ସରକାରୀ ଡାକ୍ତରଖାନା ଓ ସରକାରୀ ମେଡିକାଲ କଲେଜଗୁଡ଼ିକ ଉପରେ ସଂଖ୍ୟାଧିକ ରୋଗୀ ଭରସା କରୁଥିବା ବେଳେ ପର୍ଯ୍ୟାପ୍ତ ସଂଖ୍ୟକ ଡାକ୍ତର, ବିଶେଷଜ୍ଞ ଓ ଡାକ୍ତରୀ ଶିକ୍ଷକ ନ ଥିବାରୁ ବାଧ୍ୟ ହୋଇ ଅନେକ କ୍ଷେତ୍ରରେ ରୋଗୀମାନଙ୍କୁ ବ୍ୟୟବହୁଳ କର୍ପୋରେଟ୍ ହସ୍ପିଟାଲମାନଙ୍କୁ ଯାଇ ଲୋକେ ତଳିତଳାନ୍ତ ହେଉଛନ୍ତି।

### ମାଟି ଖୋଳି...

ତାଙ୍କ ଶବ ଉଦ୍ଧାର କରିବା ସହ ଏହି ଘଟଣାରେ ୯ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ, କୁସୁମପୁର ଗ୍ରାମର ଲକ୍ଷ୍ମଣ ମଳିକ, କିଶୋର ମଳିକ, ବନମାଳୀ ମଳିକ, ମୋହନ ମଳିକ, କାଳିଆ ମଳିକ, ସନ୍ତୋଷ ମଳିକ, ଚୈତନ୍ୟ ମଳିକ, ତ୍ରମ୍ବନାଥ ମଳିକ ଏବଂ ଦାମୋଦର ମଳିକ। ଆସନ୍ତାକାଲି ସେମାନଙ୍କୁ କୋର୍ଟଚାଲାଣ କରାଯିବ। ଏହି ହତ୍ୟାକାଣ୍ଡରେ ଆଉ କିଛି ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଛି, ସେମାନଙ୍କୁ ଗିରଫ କରାଯିବ ବୋଲି ପୁଲିସ କହିଛନ୍ତି।

ସୂଚନାନୁଯାୟୀ, କରୁଣାକର ୮ ମାସ ହେଲା କୁସୁମପୁର ଗାଁରେ ରହି ଲୋକଙ୍କୁ ଚେରମୂଳି ଔଷଧ ଦେଉଥିଲେ। କିଛି ଦିନ ତଳେ ଗାଁର ନିରଞ୍ଜନ ମଳିକଙ୍କ ୧୧ ବର୍ଷର ନାବାଳକ ପୁଅକୁ କୁକୁର କାମୁଡ଼ିଥିଲା। କରୁଣାକର ନାବାଳକଜଣଙ୍କୁ ଚେରମୂଳି ଔଷଧ ଦେଇଥିଲେ। କିନ୍ତୁ ପରେ ନାବାଳକର ମୃତ୍ୟୁ ହୋଇଯାଇଥିଲା। ଏଥିପାଇଁ ଗାଁ ଲୋକେ କରୁଣାକରଙ୍କୁ ଦାୟୀ କରିବା ସହ ସେ ହିଁ ଗୁଣି କରି ନାବାଳକକୁ ମାରିଦେଇଥିବା ସନ୍ଦେହ କରିଥିଲେ। ତେଣୁ ସେମାନେ ତାଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ।

ଗତ ଜୁଲାଇ ୨୮ ତାରିଖରେ କିଛି ଗାଁ ଲୋକେ କରୁଣାକର ରହୁଥିବା ଗାଁ ପାଖ କୁଡ଼ିଆରୁ ତାଙ୍କୁ ଉଠାଇ ଆଣି ଗ୍ରାମ ଅଙ୍ଗନବାଡ଼ି କେନ୍ଦ୍ରରେ ୨ ଦିନ ରଖି ହାତଗୋଡ଼ ବାନ୍ଧି ମାଡ଼ ମାରିଥିଲେ। ପରେ ତାଙ୍କୁ ହତ୍ୟା କରି ଗାଁ ପାଖ ଜଙ୍ଗଲରେ ପୋତି ଦେଇଥିଲେ। କରୁଣାକରଙ୍କ ଭାଉଜ ସବିତା ମଳିକ ଏନେଇ ମୋହନା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ମାଜିଷ୍ଟ୍ରେଟ୍ ତଥା ମୋହନା ତହସିଲଦାର ଚକ୍ରଧର ପାଢ଼ୀଙ୍କ ଉପସ୍ଥିତିରେ ଅଭିଯୁକ୍ତଙ୍କ ଦ୍ୱାରା ଚିହ୍ନଟ ମୃତଦେହ ପୋତା ଯାଇଥିବା ସ୍ଥାନରୁ ମାଟି ଖୋଳି ଉଦ୍ଧାର କରିଥିଲା। ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲ ପଠାଯାଇଥିବା ବେଳେ ହତ୍ୟାରେ ବ୍ୟବହୃତ କାଠଫାଳିଆ ଏବଂ ମୃତଦେହ ପୋତିବାକୁ ବ୍ୟବହୃତ ଦୁଇଟି ଶାବଳ ଏବଂ କୋଡ଼ିକୁ ପୁଲିସ ଜବତ କରିଛି।

ଉଲ୍ଲେଖଯୋଗ୍ୟ, ଗତ ରବିବାର ସମାନ ଧରଣର ଏକ ଘଟଣା ସାମ୍ନାକୁ ଆସିଥିଲା। ଗୁଣି ସନ୍ଦେହରେ ମୋହନା ଥାନା ରାଚାଗୁଡ଼ା ଗ୍ରାମର ଗୋପାଳ ମଳିକଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୁଲିସ୍ ୧୪ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିଲା।

# ସ୍ୱାମୀର ଠେଙ୍ଗା ମାଡ଼ରେ ସ୍ତ୍ରୀ ମୃତ

ରାୟଗଡ଼ା, ୭।୮ (ସମିସ): ରାୟଗଡ଼ା ଜିଲ୍ଲା ଶେଷଖାଲ ଥାନା ଅନ୍ତର୍ଗତ ଗାଜିଗାଁ ପଞ୍ଚାୟତର ଗାଣ୍ଡାବାଲସା ଗ୍ରାମରେ ଆଜି ଠେଙ୍ଗାରେ ପିଟି ସ୍ତ୍ରୀକୁ ହତ୍ୟା କରିଛି ସ୍ୱାମୀ। ମୃତ ମହିଳାଜଣଙ୍କ ହେଲେ, ସିନ୍ଧେ କଣ୍ଡାଗରି(୪୫)। ତେବେ ସ୍ୱାମୀ ମାଲୟା କଣ୍ଡାଗରୀ ଜଣେ ମାନସିକ ଅନଗ୍ରସର ବୋଲି ଗ୍ରାମବାସୀ ପକ୍ଷରୁ ଜଣାପଡିଛି। ଏଥିପୂର୍ବରୁ ସେ ନିଜ ସ୍ତ୍ରୀଙ୍କୁ ବାଡ଼େଇବା ଏବଂ ନିଜେ ଆତ୍ମହତ୍ୟା ପାଇଁ ଚେଷ୍ଟା କରିବା ଭଳି ଘଟଣା ଘଟିଥିବା ପଡ଼ୋଶୀ ପ୍ରକାଶ କରିଛନ୍ତି। ଘଟଣାରୁ ପ୍ରକାଶ ଯେ ଆଜି ଦିନ ପ୍ରାୟ ୧୨ଟାରେ ସ୍ତ୍ରୀ ସିନ୍ଧେ ଧାନ ବିଲରେ କାମ କରୁଥିବା ଦେଖି ସ୍ୱାମୀ ମାଲେୟା ସ୍ତ୍ରୀକୁ ଘରକୁ ଡାକି ଆଣି ଠେଙ୍ଗାରେ ଆକ୍ରମଣ କରି ଜୀବନରେ ମାରି ଦେଇଥିଲା। ସିନ୍ଧେଙ୍କ ପୁଅ କିରଣ ଡଙ୍ଗରରୁ ଫେରି ଦେଖିବା ବେଳେ ମା'ଙ୍କ ମୃତଦେହ ପଡ଼ିଥିଲା। ବାରମ୍ବାର ଠେଙ୍ଗାରେ ପିଟିବାରୁ ସିନ୍ଧେଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଖୋଦ୍ ହତ୍ୟାକାରୀ ମଳୟା ପ୍ରକାଶ କରିଛି। ଏନେଇ ଶେଷଖାଲ ଥାନା ପୁଲିସ ସୂଚନା ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ମାଲେୟାକୁ ଗିରଫ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ମୃତଦେହ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଏସ୍‌ଡିପିଓ ଗୌରହରି ସାହୁ ସୂଚନା ଦେଇଛନ୍ତି।

**AFFIDAVIT**

By virtue of an affidavit sworn before The Executive Magistrate, Nandapur, Dist.- Koraput vide no.61 dated 06.08.2025 I, Kameswar Das, S/o- Sreenibasa Das resident of Vill.- Hataguda, Po.- Panthulunga, Ps.- Padwa, Dist.- koraput, Odisha, Pin- 764038 declare that I have changed my name from **Kameswar Hantala** to **Kameswar das**. Henceforth, I shall be known as **Kameswar Das** for all purposes.

Sd/- **Kameswar Das**

## NOTICE

M/s. JYOTI ENTERPRISERS a partnership firm address at Plot No. 1353, H/O- DIPTI KUMARI SAMANTRAY, CMC HOLDING NO. 995B/4, WARD NO. 24(27), SANKARPUR, P.O- ARUNDOYA MARKET, P.S- BADAMBDI, CUTTACK, PIN-753012, DIST-CUTTACK, STATE-ODISHA registered as FIRM as NO. 7201900168 of 2019 Dt. 07.02.2019 before the Registrar of Firm, ODISHA. By a public Notice it is hereby informed that M/s. JYOTI ENTERPRISERS is a partnership firm which is re-constituted on dt. 01.04.2024 due to retirement of a 2nd partner named SRI MRUTYUNJAYA DASH, by virtue of a Retirement Notice to present Partner SRI JAYADEBA MOHANTY, Managing Partner and also a declaration of No Objection Certificate of retirement executed before the Notary Public, Cuttack on dt. 01.04.2024 and stated as retiring partner (SRI MRUTYUNJAYA DASH) unanimously agreed to leave the above FIRM and confirm that all financial dues, liabilities, or obligations owed to me by the partnership firm up to the date of my retirement have been settled to my satisfaction. I have no objection if the remaining partner, namely SRI JAYADEBA MOHANTY, Managing Partner, continue to operate the partnership firm under the same name and structure and also a new partner may admit as Incoming Partner named SMT. SUJATA MOHANTY. By this notice it informs to the public in general that, one partner of M/s JYOTI ENTERPRISERS is retiring named SRI MRUTYUNJAYA DASH and SMT. SUJATA MOHANTY admit as incoming Partner.

B-376

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ-୪, ଭୁବନେଶ୍ୱର
**Office of the Superintending Engineer,**
**Bhubaneswar ( R&B ) Division No. IV,**
**Nirman Soudha, Unit-V, Bhubaneswar**

E-mail ID- eernb4bbsr@gmail.com
Tel - (0674)-2390245

**INVITATIONS FOR BIDS THROUGH e-Procurement**
**No. 6581/ Date 04.08.2025**
**Bid Identification No.- C.C. (R&B)- 04**
**e-Procurement Notice No. 12 of 2025-26**

| | | |
|---|---|---|
| 1 | Name of the Work | 1 No. Building Work |
| 2 | Total No of works | 1 No. Building Work |
| 3 | Estimated Cost | Rs.71,06,500.00 |
| 4 | Class of Contractor | Authorised Manufacturer or Supplier |
| 5 | Period of Completion | 1 (One) Calendar Month |
| 6 | Type of Tender | Double Cover System Tender |
| 7 | Date & time of availability of bid document in the portal | Dt.13.8.2025 to Dt.25.8.2025 up to 17.30 Hours. |
| 8 | Last Date & Time for Receipt of bids in the Portal | Dt.25.8.2025 at 17.30 Hours. |
| 9 | Opening of Bid through online | Dt.26.8.2025 at 11.30 Hours |
| 10 | Name & Address of the Officer inviting Bid | Er.Sundara Madhaba Padhi, Additional Chief Engineer, Bhubaneswar (R&B) Division No IV, Bhubaneswar |

Further details can be seen from the e-procurement portal https://tendersorissa.gov.in

The Tender Inviting Authority reserves the right to reject / cancel / modify the tender at any time without assigning any reason thereof.

*N.B: Subsequent corrigendum / addendum if required shall be available in the website as indicated above*

OIPR-34090/11/0016/2526

Additional Chief Engineer,
BBSR (R&B) Division No. IV, BBSR

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, ANANDAPUR**
E-Mail:- eerw_anandapur@yahoo.co.in

O-556

**NOTICE INVITING TENDER**
**NATIONAL COMPETITIVE BIDDING THROUGH e-PROCUREMENT NOTICE**
**On line-02 /EE/RW/AND/2025-26**
**Construction of Sub-Centre Building**

No. 4939 Date: 06.08.2025 //

**Executive Engineer, Rural Works Division, Anandapur** on behalf of **Government of Odisha invites PERCENTAGE (%) RATE tender for Building work through** e-Procurement as per annexure in **Double Cover system.** The bid should be submitted on-line in the website **www.tendersorissa.gov.in** by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of the works for drawal of agreement in percentage P1 contract forms of Government of Odisha. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in: O/o the S. E., R.W. Division, Anandapur | |
|---|---|---|---|---|---|---|
| | | From | To | | Technical Bid | Finalcial Bid |
| | | | | | Double Cover | |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division, Anandapur | NCB-On line 02/ EE/ RW / AND/ 2025-26 | Dt.13.08.25 at 10.00 A.M. | Dt.22.08.25 upto 5.30 P.M. | Dt.21.08.25 up to 5.30 P.M. | Dt.25.08.25 at 11.30 A.M. | |

OIPR-25055/14/0020/2526

Executive Engineer
R.W. Division, Anandapur

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର
ସା: କୁଳଡେରା, ପୋ.: ମାଣ୍ଡୁଆ, ଜିଲ୍ଲା: କେନ୍ଦୁଝର-୭୫୮୦୧୪

**ସର୍ବସାଧାରଣ ବିଜ୍ଞପ୍ତି**

**ମୋଟର ଗାଡିର FRESH REGISTRATION CERTIFICATE ନିର୍ଗମନ ପାଇଁ ପଞ୍ଜୀକୃତ ଗାଡିମାଲିକ ମାନଙ୍କୁ FORM-37 ନୋଟିସ୍ ଜାରି**

ଏତଦ୍ୱାରା ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ବଡ଼ବିଲ, ଜିଲ୍ଲା: କେନ୍ଦୁଝର ନିମ୍ନୋକ୍ତ ପଞ୍ଜୀକୃତ ଗାଡିଗୁଡ଼ିକର ମାଲିକ ମାନଙ୍କୁ ଅବଗତ କରାଉଛନ୍ତି କି ସେମାନେ ଅର୍ଥ ଲଗାଣକାରି ସଂସ୍ଥା ମାନଙ୍କର ସହାୟତାରେ କିଣି ଥିବା ଉକ୍ତ ଗାଡିଗୁଡ଼ିକର ଋଣ କିସ୍ତି ପ୍ରଦାନରେ ଖିଲାପ କାରଣରୁ ସମ୍ପୃକ୍ତ ଅର୍ଥ ଲଗାଣକାରୀ ସଂସ୍ଥା ଗାଡିଗୁଡ଼ିକୁ ଜବତ କରିବା ପୂର୍ବକ ଗାଡିଗୁଡ଼ିକର ତୁମ୍ଭ / ତୁମ୍ଭ ସଂସ୍ଥା ନାମରେ ଥିବା ରେଜିଷ୍ଟ୍ରେଶନ ସାର୍ଟିଫିକେଟ ରଦ୍ଦ କରିବା ସହିତ ଉକ୍ତ ଅର୍ଥ ଲଗାଣକାରୀ ସଂସ୍ଥା ନାମରେ **FRESH REGISTRATION CERTIFICATE** ଜାରି କରିବା ପାଇଁ ଗାଡି ପଞ୍ଜୀକରଣ ଅଧିକାରୀ, ବଡ଼ବିଲ, ଜିଲ୍ଲା: କେନ୍ଦୁଝର ନିକଟରେ **FORM-36** ରେ ଦରଖାସ୍ତ କରିଅଛନ୍ତି। ନିୟମ ଅନୁଯାୟୀ **FRESH REGISTRATION CERTIFICATE** ଜାରି କରିବା ନିମନ୍ତେ ସମ୍ପୃକ୍ତ ଅର୍ଥ ଲଗାଣକାରୀ ସଂସ୍ଥା କରିଥିବା ଦରଖାସ୍ତ ବାବଦରେ ତୁମ୍ଭର ମତାମତ ଉତ୍ତର ଆଞ୍ଚଳିକ ପରିବହନ ଅଧିକାରୀ, କେନ୍ଦୁଝରଙ୍କ ଠାରେ ଉପସ୍ଥାପନ ନିମନ୍ତେ ତୁମ୍ଭ ନିକଟକୁ **FORM-37** ରେ ନୋଟିସଗୁଡ଼ିକ ଗାଡିର ପ୍ରଦତ୍ତ ଠିକଣାରେ ପୋଷ୍ଟାଲ ରେଜିଷ୍ଟ୍ରି ଡାକ ଜରିଆରେ ପ୍ରେରଣ କରଯାଇଥିଲା। କିନ୍ତୁ ଆପଣ ଉକ୍ତ ଠିକଣାରେ ନ ଥିବା ଟିପ୍ପଣୀ ସହିତ ପୋଷ୍ଟାଲ ସଂସ୍ଥା **FORM-37** ରେ ପଠାଯାଇଥିବା ନୋଟିସଗୁଡ଼ିକୁ ଉକ୍ତ କାର୍ଯ୍ୟାଳୟକୁ ଫେରସ୍ତ କରିଅଛନ୍ତି।

| କ୍ର. ସଂ. | ଗାଡିଗୁଡ଼ିକର ପଞ୍ଜୀକୃତ ନମ୍ବର | ପଞ୍ଜୀକୃତ ଗାଡି ମାଲିକମାନଙ୍କର ନାମ ଏବଂ ଠିକଣା | ପ୍ରେରଣ କରାଯାଇଥିବା FORM-37 ନୋଟିସର ପତ୍ର ସଂଖ୍ୟା ଓ ତାରିଖ | ସମ୍ପୃକ୍ତ ଗାଡିର ଅର୍ଥ ଲଗାଣକାରୀ ସଂସ୍ଥାମାନଙ୍କର ନାମ |
|---|---|---|---|---|
| 1. | OD09P3246 | Sanjay Singh, S/o: Bansraj Singh, D B Singh, Hudisahi, Joda, Dist.: Keonjhar, Odisha-758034 | No. 87 /Dt.03.06.2025. AND No.1025 / Dt.19.06.2025 | BANK OF INDIA, JODA BRANCH, JODA, KEONJHAR |

ଅତଏବ, ଖବର କାଗଜ ବିଜ୍ଞାପନ ମାଧ୍ୟମରେ ଉପରୋକ୍ତ ଗାଡିଗୁଡ଼ିକର ମାଲିକ ମାନଙ୍କୁ ଅବଗତ କରାଯାଉଅଛି କି ଉକ୍ତ ବିଜ୍ଞାପନ ପ୍ରକାଶ ହେବାର ୧୫ ଦିନ ମଧ୍ୟରେ **FORM-37** ର ନୋଟିସ୍ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ବଡ଼ବିଲ, ଜିଲ୍ଲା: କେନ୍ଦୁଝରଙ୍କ କାର୍ଯ୍ୟାଳୟରୁ ବ୍ୟକ୍ତିଗତ ଗ୍ରହଣ କରିବା ସହିତ ନୋଟିସର ଉତ୍ତର ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ବଡ଼ବିଲ, ଜିଲ୍ଲା: କେନ୍ଦୁଝରଙ୍କୁ ସେହି ୧୫ ଦିନ ମଧ୍ୟରେ ପ୍ରଦାନ କରିବା ହେବେ। ଯଦି **FORM-37** ନୋଟିସର ଉତ୍ତର ଆପଣଙ୍କ ଠାରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପ୍ରାପ୍ତ ନହୁଏ ତେବେ ଗ୍ରହଣ କରାଯିବକି ଉକ୍ତ ନୋଟିସ୍ ବିରୁଦ୍ଧରେ ତୁମ୍ଭର କିଛି କହିବାର ନାହିଁ। ନିୟମ ଅନୁସାରେ ତୁମ୍ଭ / ତୁମ୍ଭ ସଂସ୍ଥା ନାମରେ ଥିବା ଉକ୍ତ ଗାଡିଗୁଡ଼ିକର ରେଜିଷ୍ଟ୍ରେସନ ସାର୍ଟିଫିକେଟ ରଦ୍ଦ କରିବା ସହିତ ସମ୍ପୃକ୍ତ ଅର୍ଥ ଲଗାଣକାରୀ ସଂସ୍ଥା ନାମରେ **FRESH REGISTRATION CERTIFICATE** ଜାରି କରାଯିବ।

ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ
ବଡ଼ବିଲ, ଜିଲ୍ଲା: କେନ୍ଦୁଝର

**AFFIDAVIT**

By virtue of an affidavit sworn before The Executive Magistrate, Umerkote, Nabarangpur vide no.5225 dated 05.08.2025 I, Jaimani Jal, W/o- Late Ramachandra Jal resident of Vill.- D.N.k. Umerkote, Po./Ps.- Umerkote, Nabarangpur, Odisha declare that I have changed my name from **Jayamani Jal** to **Jaimani Jal**. Henceforth, I shall be known as **Jaimani Jal** for all purposes.

Sd/- **Jaimani Jal**

**AFFIDAVIT**

By virtue of an affidavit sworn before The Executive Magistrate, Nandapur, Dist.- Koraput vide no.62 dated 07.08.2025 I, Madhaba Muduli, S/o- Sida Muduli resident of Vill.- Burudiput, Po.- Semala, Ps.- Nandapur, Dist.- koraput, Odisha, Pin- 764037 declare that I have changed my name from **Madhaba Khora** to **Madhaba Muduli**. Henceforth, I shall be known as **Madhaba Muduli** for all purposes.

Sd/- **Madhaba Muduli**

**AFFIDAVIT**

I Sharmistha Jena, W/o- Ashish Kumar Patra resident of Plot No-1297/2739, Sarada Niwas, Kapilaprasad, Bhubaneswar, P.S.- Airfield, Dist.- Khordha, Odisha, declare by this affidavit No-311243 dtd.31/07/2025 that, I want to change my son's name from **Adeytya Patra** to **Adeitya Patra**. Henceforth he will be known as **Adeitya Patra** for all future purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 04.08.2025, I **Venkata Ramana Patnala,** Address: Flat No.: 305, Block-B, Sai Samarpan Enclave, Gadakana, Chandrasekharpur, Bhubaneswar, Dist.: Khordha, PIN-751016, Odisha, declare that I have changed my name from P. Venkata Ramana to **Venkata Ramana Patnala.** Henceforth, I shall be known as **Venkata Ramana Patnala** for all purposes.

**Venkata Ramana Patnala**

**AFFIDAVIT**

By virtue of an affidavit before the Notary Public, Jeypore, Dist.- Koraput, I HARSH KUMAR PAREKH, S/o- GAUTAM CHAND PAREKH, resident of Main Road, Po/PS- KOTPAD, Dt-Koraput, Odisha -764058, Odisha declare by this Affidavit No.757, Dated - 05/08/2025, that now onwards I shall be known as **HARSH PAREKH** for all future purpose.

**AFFIDAVIT**

By virtue of an affidavit before the Notary Public, Jeypore, Dist.- Koraput, I CHINARI RAJENDRA PRASAD SUBUDHI, S/o- CHINARI KRUSHNA MURTY SUBUDHI, resident of KUMBHA BAZAR, Po/PS- DARINGBADI, Dt-KANDHAMAL, Odisha -762 014, Odisha declare by this Affidavit No.787, Dated - 06/08/2025, that now onwards I shall be known as **CH RAJENDRA PRASAD SUBUDHI** for all future purpose.

**AFFIDAVIT**

By virtue of an affidavit before the Notary Public, Jeypore, Dist.- Koraput, I CHINARI RUKMUNI SUBUDHI, W/o- CH RAJENDRA PRASAD SUBUDHI , resident of KUMBHA BAZAR, Po/PS- DARINGBADI, Dt-KANDHAMAL, Odisha -762 014, Odisha declare by this Affidavit No.755, Dated - 05/08/2025, that now onwards I shall be known as **CH ROJARANI SUBUDHI** for all future purpose.

**AFFIDAVIT**

By virtue of an affidavit sworn before Executive Magistrate, Baripada, Mayurbhanj, dated 06-08-2025 I, Mamata Naik, At-Bijaykrushnachandrapur, PO-Deuli, PS-Chandua, Dist-Mayurbhanj, Pin- 757021 declare that I have changed the name of my son from ATUTOSH BEHERA to ASUTOSH BEHERA. Henceforth, he shall be known as **ASUTOSH BEHERA** for all purposes.

**Mamata Naik**

**AFFIDAVIT**

By virtue of an affidavit sworn before Executive Magistrate, Baripada, Mayurbhanj, dated 03-06-2025 I, Sukulal Tudu, Address AT- Bhola, PO-Saluadahr, PS-Suliapada, Dist-Mayurbhanj, Pin- 757022 declare that I have changed the name of my son from Phranchis Tudu to Franchish Tudu. Henceforth, he shall be known as **Franchish Tudu** for all purposes.

**Sukulal Tudu**

**AFFIDAVIT**

By virtue of an affidavit before the Notary Public, Jeypore, Dist.- Koraput, I GOUTAM CHANDJI PARAKH, S/o KHOOBCHAND PAREKH, resident of Main Road, Po/PS-KOTPAD, Dt-Koraput, odisha - 764 058, Odisha declare by this Affidavit No.786, Dated - 06/08/2025, that now onwards I shall be known as **GAUTAM CHAND PAREKH** for all future purpose.

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 04.08.2025 I **Jyotchna Patnala,** Address Flat No.: 305, Block-B, Sai Samarpan Enclave, Gadakana, Chandrasekharpur, Bhubaneswar, Dist.: Khordha, PIN-751016, Odisha, declare that I have changed my name from P. Jyotchna to **Jyotchna Patnala.** Henceforth, I shall be known as **Jyotchna Patnala** for all purposes.

**Jyotchna Patnala**

**AFFIDAVIT**

By virtue of an affidavit (CF No. 01, date- 07/08/2025) sworn before The Executive Magistrate, Padampur. I, **Lilima Mahananda** (new name), resident of At-Dangarmunda, PS- Gaisilat, Dist- Bargarh, Odisha declare that I have changed my name from **Nili Mahananda** (old name) to **Lilima Mahananda** (new name). Henceforth, I shall be known as **Lilima Mahananda** (new name), D/o Gobinda Mahananda for all future purposes.

**Lilima Mahananda**

**AFFIDAVIT**

By virtue of an affidavit sworn before Executive Magistrate, Banpur, vide no- 2866, dated 21/07/2025 I, **Rajani Nayak,** W/o- Ranjita Nayak of Address At- Bhapur, Po- Badasireipur, Ps- Banpur, Dist- Khordha declare that I have changed my name from **Kahari Dei** to **Rajani Nayak.** Henceforth, I shall be known as **Rajani Nayak** for all purposes.

**Rajani Nayak**

**AFFIDAVIT**

I, Rahul Kumar Jain, aged about 31 years, S/o- Binod Kumar Jain, resident of Tushura, Po- Tusra, Ps- Tushura, Dist- Bolangir, Odisha, Pin- 767030 declare by this affidavit No. 1576, dtd. 07/08/2025, that now onwards I shall be known as **RAHUL JAIN** for all future purposes.

**AFFIDAVIT**

I, **Sofia Bibi,** D/o: Sheik Mobarak W/o Sk Zabir, resident of At: Nandol, Po: Bhatapada, Ps: Salipur, Tehsil: Salipur Dist: Cuttack Odisha declare by this affidavit No.3103 dtd: 05/08/2025 that my name is mentioned as Sufiya Khatoon D/o: Shaikh Mobarak in Transfer Certificate. I declare that **Sufiya Khatoon** and **Sofia Bibi** is one and same person.

**Sd/- Sofia Bibi**

**AFFIDAVIT**

I, **SK. ZABIR,** S/o SK. Razak resident of At: Nandol, Po: Bhatapada, Ps: Salipur, Tehsil: Salipur Dist: Cuttack Odisha declare by this affidavit No. 3104 dtd: 05/08/2025 that my name is mentioned as Shaik Zabir S/o: Shaik Razaque in Transfer Certificate. I declare that **SK. Zabir** and **Shaik Zabir** is one and same person.

**Sd/- SK Zabir**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated- 06.08.2025, I **Deepanjali Nayak,** W/o- Ashok Nayak, resident of At- Patanebalipatana, Po.- Kunjuri, PS.- Khordha Sadar, Dist.- Khordha, Odisha- 752056 declare that I have changed my name from **Deepanjili Nayak** to **Deepanjali Nayak.** Henceforth I shall be known as **DEEPANJALI NAYAK** for all purposes.

**Deepanjali Nayak**

### ସରିଛି ଅବଧି, ସରୁନି କାମ

# ରାଜନଗର-ଡାଙ୍ଗମାଳ ରାସ୍ତା ମରଣଯନ୍ତା

ରାଜନଗର, ୭।୮ (ସମିସ):




ଭିତରକନିକା ଜାତୀୟ ଉଦ୍ୟାନକୁ ଆସିବା ପାଇଁ ଥିବା ଏକମାତ୍ର ଥିବା ଅବସ୍ଥା ଶୋଚନୀୟ ହେତୁ ନର୍କ ଯନ୍ତ୍ରଣା ଭୋଗୀ ଫେରୁଛନ୍ତି ଲୋକେ। ମାତ୍ର ୯ କିମି ରାସ୍ତା ଅତିକ୍ରମ କରିବାକୁ ୧ ଘଣ୍ଟାରୁ ଅଧିକ ସମୟ ଲାଗୁଛି। ରାସ୍ତା ନିର୍ମାଣ ସରିବାର ଅବଧି ୨ ବର୍ଷ ପୂର୍ବେ ସରିଥିଲେ ମଧ୍ୟ ୨୦ ପ୍ରତିଶତ କାମ ସମ୍ପୂର୍ଣ୍ଣ ହୋଇନି। ଏହାକୁ ନେଇ କେବଳ ପର୍ଯ୍ୟଟକ ନୁହଁନ୍ତି, ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ବଢିବାରେ ଲାଗିଛି।

ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନକୁ ସ୍ଥଳଭାଗରେ ସଂଯୋଗ କରୁଥିବା ରାଜନଗର-ଡାଙ୍ଗମାଳ ଏକମାତ୍ର ରାସ୍ତା। ଏହି ରାସ୍ତାକୁ ଚକାଚକ କରିବା ପାଇଁ ୨୦୨୨ରେ ଟେଣ୍ଡର ମାଧ୍ୟମରେ ଠିକାଦାର ନିଯୁକ୍ତି କରାଯାଇଥିଲା। ୯ କୋଟି ୯୦ ଲକ୍ଷ ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ କାମ ଅଗଷ୍ଟ ୨୦୨୩ ସୁଦ୍ଧା ସାରିବା ପାଇଁ ଠିକାଦାର ସହ ଚୁକ୍ତି କରାଯାଇଥିଲା। ରାସ୍ତା ନିର୍ମାଣ ଅବଧି ୧୭ ମାସ ତଳୁ ପୂରି ସାରିଲାଣି। ମାତ୍ର ୯ କିମି ରାସ୍ତାରୁ ସମୁଦାୟ ଦେଢ କିମି ରାସ୍ତାକାମ ଏଯାଏଁ ସମ୍ପୂର୍ଣ୍ଣ ହୋଇପାରିନି। ଯେଉଁ ମନ୍ଥର ଗତିରେ ଏହି ରାସ୍ତା କାମ ଚାଲିଛି ଏହି କାମ ଶେଷ ହେବାକୁ ୩୦ ବର୍ଷରୁ ଅଧିକ ସମୟ ଲାଗିବ ବୋଲି ଚର୍ଚ୍ଚା ହେଉଛି। ୫୦/୧୦୦ ମିଟର ରାସ୍ତା କାମ କରି ଠିକାଦାର ମାସେ ଦୁଇମାସ ପାଇଁ ଗାଏବ ହୋଇଯାଉଥିବାବେଳେ ଏପଟେ ଖଣ୍ଡିଆ ଖାବରା ରାସ୍ତାରେ ଦେଶ ବିଦେଶର ପର୍ଯ୍ୟଟକ ନାହିଁ ନ ଥିବା ହୀନସ୍ତା ଭୋଗୁଛନ୍ତି। ଯେତିକି ବି କାମ ହୋଇଛି, ତାହା ନିମ୍ନମାନର କାମ ହେଉଥିବା ଅଭିଯୋଗ ହୋଇଛି।

ଏହି ରାସ୍ତା ନିର୍ମାଣ ପାଇଁ ୯ କୋଟି ୮୯ ଲକ୍ଷ ୯୧ ହଜାର ୮୧୮ ଟଙ୍କା ବ୍ୟୟରେ ରାସ୍ତା ପୁନଃନିର୍ମାଣ ପାଇଁ ଠିକାଦାର ସହ ଚୁକ୍ତି କରାଯାଇଛି। ଦେଶ ବିଦେଶର ପର୍ଯ୍ୟଟକ ଭିତରକନିକା ଆସିବାକୁ ହେଲେ ଏକମାତ୍ର ସ୍ଥଳପଥରେ ରାସ୍ତା ରହିଛି। ରାଜନଗରରୁ ଡାଙ୍ଗମାଳ ଭାୟା ନଳିତାପାଟିଆ ଦେଇ ପର୍ଯ୍ୟଟକ ଭିତରକନିକାକୁ ଆସିଥା'ନ୍ତି। ଏହି ରାସ୍ତାର ଖୋଲାରୁ ଡାଙ୍ଗମାଳ ଭାୟା ନଳିତାପାଟିଆ ୯ କିମି ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତୀକରଣ ପାଇଁ ଠିକାଦାର ନିଯୁକ୍ତି କରାଯାଇଛି। ୨୦୨୨ ଅକ୍ଟୋବର ୧୪ ତାରିଖରୁ ରାସ୍ତା କାମ ଆରମ୍ଭ ହୋଇ ୨୦୨୩ ଅଗଷ୍ଟ ୧୩ ତାରିଖରେ ଶେଷ ହେବାକୁ ଠିକାଦାରଙ୍କ ସହ ଚୁକ୍ତି କରାଯାଇଥିଲା। ରାସ୍ତା ନିର୍ମାଣ ସରିବାର ଅବଧି ୨ ବର୍ଷ ତଳୁ ପୂରି ସାରିଛି। ମାତ୍ର ୯ କିମି ରାସ୍ତାରୁ ଆଜି ସୁଦ୍ଧା ଦୁଇ କିମି ରାସ୍ତା ନିର୍ମାଣ ସରିନି। ଭିତରକନିକା ଜାତୀୟ ଉଦ୍ୟାନର ମୁଖ୍ୟ ଫାଟକ ନିକଟରୁ ରାସ୍ତାକୁ ଚଉଡା କରି କଂକ୍ରିଟ କାମ ୩ ବର୍ଷ ତଳୁ ଆରମ୍ଭ ହୋଇଥିଲା। ଆଜି ସୁଦ୍ଧା ଜାତୀୟ ଉଦ୍ୟାନର ମୁଖ୍ୟ ଫାଟକରୁ ନଳିତାପାଟିଆ ଯାଏଁ ରାସ୍ତାକାମ ଏଯାଏଁ ସରିନି। ଏହି ୯ କିମି ରାସ୍ତାକୁ ୩.୭୫ ମିଟରରୁ ୫.୫ ମିଟର ଚଉଡା କରିବା ପାଇଁ ଏଷ୍ଟିମେଣ୍ଟରେ ବ୍ୟୟବରାଦ ରହିଛି। ଜାତୀୟ ଉଦ୍ୟାନ ମୁଖ୍ୟ ଫାଟକରୁ ନଳିତାପାଟିଆ ଯାଏଁ ରାସ୍ତାକୁ କଂକ୍ରିଟକରଣ କରାଯିବ ଓ ନଳିତାପାଟିଆରୁ ଖୋଲା ଯାଏଁ ରାସ୍ତା ରାସ୍ତା ପିଚୁ ରାସ୍ତା କରିବା ପାଇଁ ବ୍ୟୟବରାଦ ରହିଛି। ଏହି ରାସ୍ତା ଭିତରକନିକାକୁ ଆସୁଥିବା ପର୍ଯ୍ୟଟକଙ୍କ ସହିତ ୮ଟି ପଞ୍ଚାୟତର ଲୋକେ ଯା'ଆସ କରିଥା'ନ୍ତି। ମାତ୍ର ଠିକାଦାର ମାସେ ଦୁଇମାସ ଅନ୍ତରରେ ୫୦/୧୦୦ ମିଟର ଢଳେଇ କାମ କରି ଛୁ' ମାରିବା ଯୋଗୁଁ ରାସ୍ତା ଯାତାୟାତ ଅନୁପଯୋଗୀ ହୋଇପଡିଛି। ଏହି ରାସ୍ତା ଉପରେ ନିର୍ଭରଶୀଳ ଈଶ୍ୱରପୁର, ଡାଙ୍ଗମାଳ, କୃଷ୍ଣନଗର, ତାଳଚୁଆ, ବାଘମାରୀ, କେରୁଆଁପାଳ, ରଙ୍ଗଣୀ, ଖମାରସାହି ପଞ୍ଚାୟତବାସୀ ହୀନସ୍ତା ହେଉଥିବାବେଳେ ଏବେ ପର୍ଯ୍ୟଟକ ନାହିଁ ନ ଥିବା ସମସ୍ୟାରେ ପଡୁଛନ୍ତି। ଖାଲ ଢିପରେ ଏହି ରାସ୍ତା ଭରିଥିଲେ ମଧ୍ୟ ଠିକାଦାର କାମ ନ କରି ଛୁ' ମାରିଥିବାରୁ ରାଜନଗରବାସୀ ହୀନସ୍ତା ଭୋଗୁଛନ୍ତି।

## ସାମାନ୍ୟ କଥାରେ ମୁଣ୍ଡଫଟା ମାରପିଟ୍



ପଞ୍ଚୁପାଣ୍ଡବ, ୭।୮ (ସମିସ): ଡେରାବିଶ ଥାନା ଅଧୀନରେ ଥିବା ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରାଜନଗର ଗ୍ରାମରେ ସାମାନ୍ୟ କଥାରେ ମୁଣ୍ଡ ଫଟାଫଟି ହୋଇ ଡେରାବିଶ ଥାନାରେ ଅଭିଯୋଗ ହୋଇଛି। ରଞ୍ଜନ ଦାଶ ଥାନାରେ ଅଭିଯୋଗ କରିଛନ୍ତି ଯେ, ରାତି ପ୍ରାୟ ଆଠଟା ବେଳେ ମୋ' ବଡ଼ବାପାଙ୍କ ପୁଅ ଚନ୍ଦନ ଦାଶ (ସନ୍ତୋଷ) ମୋତେ ଗାଳିଗୁଲଜ କରୁଥିବାବେଳେ ମୁଁ ବିରୋଧ କରିଥିଲି। ଏତିକି କଥାରେ ସେ ହଠାତ୍ ମୋ' ପାଖକୁ ଆସି ମରାଧରା କଲାବେଳେ ପାଖରେ ଥିବା ବୁବୁନା ଦାଶ, ଚୁମନ୍ ଓ ନମିତା ସମସ୍ତେ ମିଶି ମୋତେ ଶାବଳ ଓ କଟୁରୀରେ ମାଡ଼ ମାରିବା ସହ ମୋ ମୁଣ୍ଡକୁ ଫଟେଇ ଦେଇଛନ୍ତି। ମୋତେ ମୋ' ପରିବାର ଲୋକେ ଡେରାବିଶ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ। ଅନ୍ୟପକ୍ଷରେ ଚନ୍ଦନ ଦାଶଙ୍କ ମୁଣ୍ଡ ଫାଟି ଥିବାବେଳେ ସେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ପରିବାର ଲୋକେ କହିଛନ୍ତି। ଦୁଇ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିବାବେଳେ ଥାନା ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡିଛି। ଏମାନେ ପ୍ରତିଦିନ ମଦ ପିଇ ମାରପିଟ୍ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି।

## ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ



ରାଜନଗର, ୭।୮ (ସମିସ): ରାଜନଗରସ୍ଥ ପ୍ରଜପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ବ୍ରହ୍ମାକୁମାର ପ୍ରସନ୍ନ ଭାଇଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ନିର୍ମଳା ଭଉଣୀ ରକ୍ଷା ବନ୍ଧନ ଉତ୍ସବର ଆଭିମୁଖ୍ୟ ଉପରେ ବିସ୍ତୃତ ବିବରଣୀ ସହ ପରମପିତାଙ୍କ ଦିବ୍ୟବାଣୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ରାଜନଗର ତହସିଲଦାର ଯୀଶୁକ୍ରିଷ୍ଟ ଦାସ ଯୋଗଦେଇ ରକ୍ଷା ବନ୍ଧନ ଉତ୍ସବର ପୌରାଣିକ, ଆଧ୍ୟାତ୍ମିକ ଭାବଧାରା ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ ପଞ୍ଚାୟତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ର, ସମ୍ମାନିତ ଅତିଥି ଭାବେ ବିଡିଓ ଅନିରୁଦ୍ଧ ବେହେରା, ସାମ୍ବାଦିକ ଭାସ୍କର ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ରକ୍ଷାବନ୍ଧନର ଏକ ସଂକଳ୍ପ ପତ୍ର ଅତିଥି ଓ ଉପସ୍ଥିତ ଶ୍ରଦ୍ଧାଳୁ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମକୁମାର ରାଜା ଭାଇ, ବ୍ରହ୍ମକୁମାରୀ ସରୋଜିନୀ ଭଉଣୀ, ପ୍ରଭାସିନୀ ଭଉଣୀ, ଶୋଭା ଭଉଣୀ, ଲିଜା ଭଉଣୀ, ନମିତା ଭଉଣୀ ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ବ୍ରହ୍ମ କୁମାର ମାନସ ଭାଇ ପରିଚାଳନା କରିଥିଲେ।

### ● ନଦୀକୁ ଡେଇଁ ଯୁବକ ନିଖୋଜ ଘଟଣା

## ୧୧ ଦିନ ପରେ ମିଳିଲା ମୃତଦେହ



ରାଜନଗର, ୭।୮ (ସମିସ): ଗତମାସ ୨୮ ତାରିଖ ରାତିରେ ନଦୀକୁ ଡେଇଁ ନିଖୋଜ ଥିବା ଯୁବକଙ୍କ ମୃତଦେହ ମିଳିଛି। ଦୀର୍ଘ ୧୧ ଦିନ ପରେ ଭିତରକନିକା ଜାତୀୟ ଉଦ୍ୟାନର କଳିଭଞ୍ଜଡିଆ ଦୀପରେ ଯୁବକଙ୍କ ମୃତଦେହ ଭାସୁଥିବା ଠାବ କରାଯାଇଛି। ମୃତଦେହ ମିଳିବା ପରେ ଏହାକୁ ଉଦ୍ଧାର କରି କୂଳକୁ ଆଣିବା ପ୍ରକ୍ରିୟା ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ଆରମ୍ଭ ହୋଇଛି। ମୃତଦେହ ଆଜି ଉଦ୍ଧାର କରାଯିବ ଓ ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପାଇଁ ଆଳି ପଠାଯିବ ବୋଲି ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ନଳିତାପାଟିଆ ଗାଁର ବନମାଳୀ ନାୟକଙ୍କ ପୁଅ ଚୈତନ୍ୟ ନାୟକ ରାଜ୍ୟ ବାହାରେ ଦାଦନ ଖଟନ୍ତି। ମାସେ ପୂର୍ବେ ତାଙ୍କ ପରିବାରର ସ୍ୱାମୀସ୍ତ୍ରୀ ବନ୍ଦ ଘର ଭିତରେ ଆତ୍ମହତ୍ୟା କରିଥିବାରୁ ଶୁଦ୍ଧି ହେବା ପାଇଁ ଗାଁକୁ ଆସିଥିଲେ। ଗତମାସ ୨୮ ତାରିଖ ରାତି ପ୍ରାୟ ୯ ଘଟିକା ସମୟରେ ଗାଁ ନିକଟରେ ବହି ଯାଇଥିବା ବୈତରଣୀ ନଦୀ ନିକଟକୁ ଚାଲି ଚାଲି ଆସିଥିଲେ। ନଳିତାପାଟିଆ ଘାଟ ନିକଟରେ ଗାଁର ଅନ୍ୟମାନେ ୭ /୮ ଜଣ ବସିଥିଲେ। ସେମାନଙ୍କ ଆଗରେ ହଠାତ ନଦୀକୁ ଡେଇଁ ପଡ଼ିଥିଲେ। ଯୁବକ ଜଣଙ୍କ ଅବିବାହିତ ଥିବାବେଳେ କାହିଁକି ନଦୀକୁ ଡେଇଁଲେ ତାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଲାଗି ରହିଛି। ସେହିଦିନଠାରୁ ସେ ନିଖୋଜ ଥିଲେ। ଆଜି ତାଙ୍କ ମୃତଦେହ ମିଳିଛି।

## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ

ରାଜନଗର, ୭।୮ (ସମିସ): ରାଜନଗର ବ୍ଲକ୍ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଛି। ଗୁରୁବାର ଅପରାହ୍ନରେ ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଏହି ଉତ୍ସବର ଆୟୋଜନ କରଯାଇଥିଲା। ସଂଘର



ସଭାପତି କୃପାସିନ୍ଧୁ ସାମଲଙ୍କ ପୌରୋହିତ୍ୟ ଓ ସମ୍ପାଦକ ବିଜୟ ଜେନାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତହସିଲଦାର ଯିଶୁକ୍ରିଷ୍ଟ ଦାସ, ମୁଖ୍ୟବକ୍ତା ଆଇଆଇସି ନରେଶ ସାହୁ, ବରେଣ୍ୟ ଅତିଥି ଭାବେ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର, ପ୍ରାଧ୍ୟାପକ ସତ୍ୟବାଦୀ ଜେନା, ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ଘନଶ୍ୟାମ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ କରିଥଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ଦାଶରଥି ଲେଙ୍କା, ନଳିନୀ ରାଉତରାୟ, ଅଭିରାମ ସାହୁ, ପ୍ରଦୀପ ନାୟକ, ଅକ୍ଷୟ ମିଶ୍ର, ଅଭିରାମ ପତି ପ୍ରମୁଖ ଉପସ୍ଥିତ ଥିଲେ।

## ମଣ୍ଡଳସ୍ତରୀୟ ସ୍ୱାଧୀନତା ଦିବସ ଶୀର୍ଷକ ପ୍ରତିଯୋଗିତା



ମାର୍ଶାଘାଇ, ୭।୮ (ସମିସ): ମାର୍ଶାଘାଇ ବ୍ଲକ୍ ଶିଳିପୁର ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ସ୍ୱାଧୀନତା ଦିବସ ଶୀର୍ଷକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ୍ ଭାରପ୍ରାପ୍ତ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ବେଉରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦେଶକୁ ସ୍ୱାଧୀନ କରିଥିବା ବରପୁତ୍ରଙ୍କ ଗାଥା, ତ୍ୟାଗ, ବଳିଦାନ ବିଦ୍ୟାଳୟ ଛାତ୍ରଛାତ୍ରୀ ଯେପରି ଜାଣିପାରିବେ, ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱାଧୀନତା ଦିବସ ଶୀର୍ଷକ ପ୍ରତିଯୋଗିତା ଆୟୋଜନର ମୂଳଲକ୍ଷ୍ୟ ବୋଲି ମୁଖ୍ୟଅତିଥି କହିଥିଲେ। ସମ୍ମାନିତ ଅତିଥି ଭାବେ ଶାସନିପଡ଼ା ଉପ୍ରା ବିଦ୍ୟାୟ ପ୍ରଧାନଶିକ୍ଷକ ପ୍ରଦୀପ୍ତ କୁମାର ଲେଙ୍କା, ରାମିଆଗଞ୍ଜ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପାର୍ଥ ସାହୁ, ପ୍ରଧାନଶିକ୍ଷକ ଅମରେନ୍ଦ୍ର ଲେଙ୍କା, ପ୍ରଧାନ ଶିକ୍ଷୟିତ୍ରୀ ବବିତା ସାହୁ, ସିଆରସିସି ଗଗନ କୁମାର ସ୍ୱାଇଁ, ହୃଷିକେଶ ସ୍ୱାଇଁ, ଲକ୍ଷ୍ମଣ ଦାସ, ନିମାଇଁ ବେହେରା, ପଲ୍ଲବୀ ରାଉତ, ନିବେଦିତା ଦାସ, ଇତିଶ୍ରୀ ବେହେରା, ଅଜୟ ଭଦ୍ର ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ପ୍ରତିଯୋଗିତାରେ ୫୮ଟି ବିଦ୍ୟାଳୟରୁ ୯୪ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଭାଗ-୧ ବକ୍ତୃତା ପ୍ରତିଯୋଗିତାରେ ଦିବ୍ୟାଂଶୁ ସ୍ୱାଇଁ, ସଙ୍ଗୀତରେ ରୋଜାଲିନୀ ବେହେରା, ଚିତ୍ରାଙ୍କନରେ ଅପର୍ଣ୍ଣା ଦାଶ ପ୍ରଥମ ସ୍ଥାନ ଲାଭ କରିଥିବାବେଳେ ବିଭାଗ-୨ ବକ୍ତୃତାରେ ସୁଚିସ୍ମିତା, ସଂଗୀତରେ ଆକାଂକ୍ଷା ଦାସ, ଚିତ୍ରାଙ୍କନରେ ରାଜଶ୍ରୀ ପ୍ରଧାନ ପ୍ରଥମ, ବିଭାଗ- ୩ ବକ୍ତୃତାରେ ଅଭିରୁପ୍ସା ପରିଡ଼ା, ସଂଗୀତରେ ମୀରାରାଣୀ ପଲାଇ, ଚିତ୍ରାଙ୍କନରେ ଜ୍ୟୋତିପ୍ରଜ୍ଞା ଦାସ ପ୍ରଥମ ହୋଇଥିଲେ। ଗ୍ରୁପ୍ ଡ୍ୟାନ୍ସରେ ଗ୍ୟାଲେକ୍ସି ଇଣ୍ଟିଗାର୍ଲ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛି। ପ୍ରାରମ୍ଭରେ ସିଆରସିସି ଦୀପକ ବେହେରା ବେଦ ପାଠ କରିଥିଲେ। ସିଆରସିସ ନିରଞ୍ଜନ ରାଉଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସିଆରସିସି ଅରୁପାନନ୍ଦ ଜ୍ଞାନଭଦ୍ର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ପରଲୋକରେ ଟାଣୁଆ ବିଜେଡି ସଂଗଠକ



ଆଳି, ୭।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଭୂଇଁପୁର ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ତଥା ବରିଷ୍ଠ ବିଜେଡି ନେତା ଜୟନ୍ତ ଜେନା (୭୦)ଙ୍କ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଛି। ଜୟନ୍ତ ଦୀର୍ଘଦିନ ଧରି ଲିଭରଜନିତ ରୋଗରେ ପୀଡ଼ିତ ଥିଲେ। ଏକ ମାସରୁ ଊର୍ଦ୍ଧ୍ୱ ଜଣ୍ଡିସ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ମେଡିକାଲ ରେଚିକିତ୍ସାଧୀନ ଥିଲେ। ଗତକାଲି ବିଳମ୍ବିତ ରାତିରେ ତାଙ୍କର ଦେହାନ୍ତ ହୋଇଯାଇଛି। ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ପ୍ରଦ୍ୟୁମ୍ନ ଦାସ, ଯୁବ ବିଜେଡି ସଭାପତି କେଦାର ନାଥ ବେହେରା, ଭୂଇଁପୁର ସରପଞ୍ଚ ରେସ୍ମାରାଣୀ ମଲ୍ଲିକ, ଫସିଧା ସରପଞ୍ଚ ଦୀପକ ଭୂୟାଁ, କୁଳିଅଣା ସରପଞ୍ଚ ସୁବ୍ରତ ନାୟକ, କଳସପୁର ସରପଞ୍ଚ ସୁଧୀର ମଲ୍ଲିକ, ପ୍ରିୟବ୍ରତ ପାତ୍ର ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିବାବେଳେ ବିଧାୟକ ପ୍ରତାପ କେଶରୀ ଦେବ, ପିସିସି ସମ୍ପାଦିକ ଦେବସ୍ମିତା ଶର୍ମା, କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ତାଙ୍କର ମରଶରୀରକୁ ତାଙ୍କ ଜନ୍ମସ୍ଥାନ ଭୂଇଁପୁରକୁ ଅଣାଯାଇ ଏକ ଶୋଭାଯାତ୍ରାରେ ଗ୍ରାମ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ଚିରଞ୍ଜୀବ ମୁଖାଗ୍ନି ଦେଇଥିଲେ।

## ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପରଲୋକ



ଆଳି, ୭।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଅନ୍ତର୍ଗତ ମାଣିକପଟଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଅବସରପ୍ରାପ୍ତ ସେନା କର୍ମଚାରୀ ଶରତ ରାଉତ (୫୭)ଙ୍କ ଆଜି ପରଲୋକ ହୋଇଯାଇଛି। ସେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଆଜି ସକାଳ ୮.୩୦ ମିନିଟ୍ ସମୟରେ ରେ ଦେହାନ୍ତ ହୋଇଯାଇଛି। ତାଙ୍କ ମୃତ୍ୟୁରେ କୁଢ଼ି, ମାଣିକପାଟଣା, ରମ୍ଭିଳା, ସିଙ୍ଗିରି ସମେତ ସାରା ଆଳି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ, ରାଜନେତା, ଶତାଧିକ ଗ୍ରାମବାସୀ ଶୋକ ପ୍ରକାଶ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁଅ ଶୁଭେନ୍ଦୁ ମୁଖାଗ୍ନି ଦେଇଥିଲେ।

## ଗୋଡ଼ ଉପରେ ଚଢ଼ିଗଲା ବସ୍; ଜଣେ ଗୁରୁତର

ଆଳି, ୭।୮ (ସମିସ): ଆଳି ଥାନା ଅନ୍ତର୍ଗତ ଆଳି-ଚାନ୍ଦବାଲି ମୁଖ୍ୟ ରାସ୍ତାର ଆଠକୋଣିଆ ଛକ ନିକଟରେ ଏକ ବସ୍ ଜଣେ ବ୍ୟକ୍ତିଙ୍କ ଗୋଡ଼ ଉପରେ ଚଢ଼ିଯିବା ଫଳରେ ସେ ଗୁରୁତର ଆହତ



ହୋଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ୍ ମୂଳବସନ୍ତ ଅଧୀନ ନଶିପୁର ଅଞ୍ଚଳର ସହଦେବ ବେହେରା (୪୯) ତାଙ୍କ ସ୍ତ୍ରୀ ପ୍ରମିଳାଙ୍କ ସହ ଆଳିରୁ ନିଜ ଗାଁ ନଶିପୁରକୁ ଫେରିବା ପାଇଁ ବସ୍‌କୁ ଅପେକ୍ଷା କରିଥିଲେ। ଅପରାହ୍ନ ୪ଟା ସମୟରେ ଏକ ଘରୋଇ ବସ୍ ଆସିବା ପରେ ପତ୍ନୀ ପ୍ରମିଳା ବସ୍ ଭିତରକୁ ଚଢି ସାରିବା ପରେ ସହଦେବ ବସ୍ ମଧ୍ୟକୁ ଯିବା ସମୟରେ ବସ୍‌ଟି ଆଗକୁ ଚାଲିଯିବା ଫଳରେ ସେ ତଳେ ପଡ଼ିଯାଇଥିଲେ। ସେ ତଳେ ପଡିଯିବା ଫଳରେ ତାଙ୍କ ବାମ ଗୋଡ଼ ଉପରେ ଚକ ଚଢିଯାଇ ତାଙ୍କ ବାମ ଗୋଡ଼ର ପାଦ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

## ବେବି ଫ୍ରେଣ୍ଡଲି ହସ୍‌ପିଟାଲ ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ପୁରସ୍କୃତ



କେନ୍ଦ୍ରାପଡ଼ା, ୭।୮ (ସମିସ): ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଗୁରୁବାର ଗୀତ ଗୋବିନ୍ଦ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ବେବି ଫ୍ରେଣ୍ଡଲି ହସ୍‌ପିଟାଲ ପୁରସ୍କାର ଲାଭ କରିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏଡିଏମଓ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ ମାନପତ୍ର ସହ ୧୦,୦୦୦ ଟଙ୍କାର ଚେକ୍ ଗ୍ରହଣ କରିଛନ୍ତି।

ରାଜ୍ୟ ସ୍ତରରୁ ଶିଶୁ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଡା. ଆଦିତ୍ୟ ମହାପାତ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନର ରାଜ୍ୟ ଡାଟା ମ୍ୟାନେଜର ଜଗବନ୍ଧୁ ଭୋଇ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପୁଷ୍ଟି ପୁନର୍ବାସ କେନ୍ଦ୍ର, ପ୍ରସବ ପରବର୍ତ୍ତୀ ସେବା ୱାର୍ଡ, ସ୍ୱତନ୍ତ୍ର ନବଜାତ ସେବା ୟୁନିଟ ଆଦିକୁ ମୂଲ୍ୟାୟନ କରିଥିବାରୁ କେନ୍ଦ୍ରାପଡ଼ା ଜିଲ୍ଲା ଏହି ସମ୍ମାନଜନକ ପୁରସ୍କାର ପାଇଁ ହକଦାର ହୋଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସ୍ତରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋରଞ୍ଜନ ରାଉତ, ଏଡିଏମଓ ମେଡ଼ିକାଲ ଡ. ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର, ବରିଷ୍ଠ ଶିଶୁ ବିଶେଷଜ୍ଞ ଡା. କିଶୋର ଚନ୍ଦ୍ର ମିଶ୍ର, ହସ୍‌ପିଟାଲ ମ୍ୟାନେଜର ସୁଭାଶିଷ ସାଠୁଆ, ପ୍ରଭାତ ନାୟକ, ଡେପୁଟି ମ୍ୟାନେଜର ସୁକାନ୍ତ ପ୍ରଧାନ, ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତି ରଞ୍ଜନ ପରିଡ଼ା, ଡିପିଏମ ଡା. ମନୋରଞ୍ଜନ ସାହୁ ପ୍ରମୁଖ ତଦାରଖ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମ୍ୟାଟ୍ରନ ନର୍ସିଂ ଅଫିସର ବାସନ୍ତୀ ନାୟକ, ଲେବର ରୁମ୍‌ର ନର୍ସିଂ ଅଫିସର ଇନଚାର୍ଜ ଅଞ୍ଜନାବାଳା ସାହୁ, ପ୍ରସବ ପରବର୍ତ୍ତୀ କକ୍ଷର ନର୍ସିଂ ଇନ୍‌ଚାର୍ଜ ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ସ୍ୱତନ୍ତ୍ର ନବଜାତ କକ୍ଷ ଇନ୍‌ଚାର୍ଜ ଦମୟନ୍ତୀ ରାଉତ, ପୁଷ୍ଟି ପୁନର୍ବାସ କେନ୍ଦ୍ରର ପରାମର୍ଶଦାତ୍ରୀ ଅମ୍ରିତା ଜେନା, ଆରଏମ୍‌ଏନ ସିଏଚ୍ ସେବାର ପରାମର୍ଶଦାତ୍ରୀ ସସ୍ମିତା ଦାସ ପ୍ରମୁଖ ଏହାକୁ ଦେଖାଶୁଣା କରୁଛନ୍ତି। ଏଥିପୂର୍ବରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଦୁଇଥର ବେବି ଫ୍ରେଣ୍ଡଲୀ ହସ୍‌ପିଟାଲ୍ ଭାବେ ପୁରସ୍କୃତ ହୋଇଛି।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା; ୩ ଆହତ

ଆଳି, ୭।୮ (ସମିସ): ଆଳି ଥାନା ଅନ୍ତର୍ଗତ ଗୋବିନ୍ଦପୁର ପୋଲ ନିକଟରେ ଆଜି ସନ୍ଧ୍ୟାରେ ଦୁଇ ବାଇକ୍ ମୁହଁମୁହିଁ ଧକ୍କା ହେବା ଫଳରେ ଦୁର୍ଘଟଣା ଘଟି ଦୁଇଜଣ ଯୁବତୀଙ୍କ ସହ ଜଣେ ଯୁବକ ଆହତ ହୋଇଥିବା ଜଣାପଡ଼ିଛି। ଆଳି ଥାନା ଅଧୀନ ଅରଗଳ ଗ୍ରାମର ସଂଗ୍ରାମ ନାୟକ (୨୨), ଶର୍ମିଷ୍ଠା ନାୟକ (୧୭) ଓ ମାହାରାକୂଳ ଗ୍ରାମର ଫୁସନ ମଲିକ (୧୭) ଯାଜପୁର ଜିଲ୍ଲା ସିଂହପୁରକୁ ଏକ ଜରୁରୀ କାମରେ ଯାଇଥିଲେ। ସେଠାରୁ ଫେରୁଥିବା ସମୟରେ ଗୋବିନ୍ଦପୁର ପୋଲ ନିକଟରେ ଅପରପକ୍ଷରୁ ଆସୁଥିବା ଏକ ବାଇକ୍ ହଠାତ ଆଗକୁ ଆସିଯାଇଥିଲା। ଫଳରେ ଉଭୟଙ୍କ ପରସ୍ପର ମୁହାଁମୁହିଁ ଧକ୍କା ହୋଇ ସଂଗ୍ରାମଙ୍କ ଡାହାଣ କାନ୍ଧ, ଶର୍ମିଷ୍ଠାଙ୍କ ମୁଣ୍ଡ ଓ ଦେହ ସହିତ ଫୁସନଙ୍କ ଡାହାଣ ଗୋଡ଼ରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଏକ ଅଟୋ ଯୋଗେ ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସମସ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୭।୮ (ସମିସ): ସ୍ଥାନୀୟ ଧୋୟାଞ୍ଚଳର ଫସିଧା ପଞ୍ଚାୟତ ଠାକୁରପାଟଣା ଗ୍ରାମର ନିରାକାର ସାହୁ (୬୫) ପୋଖରୀକୁ ଶୌଚ ହେବାକୁ ଯାଇ ଗୋଡ଼ ଖସିଯିବାରୁ ଗଭୀର ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ଗତ ୩ ଦିନ ତଳୁ ନିରାକାର ନିଖୋଜ ଥିଲେ। ପରିବାର ଲୋକ ବହୁତ ଖୋଜାଖୋଜି କରିବାପରେ ଦୁଇଦିନ ପରେ ଗ୍ରାମ ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମୃତ ପରିବାରକୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

### ଜିଲ୍ଲାପାଳଙ୍କୁ ଭେଟିଲା ଉତିକଣ ସଂଗ୍ରାମ ପରିଷଦ

## ବିଭିନ୍ନ ପ୍ରକଳ୍ପ ଦୁର୍ନୀତିର ତଦନ୍ତ ଦାବି

ମାଳିପୁର, ୭।୮ (ସମିସ):



ପଟ୍ଟାମୁଣ୍ଡାଇ ବ୍ଲକର ସରକାରୀ କାର୍ଯ୍ୟାଳୟରେ ବିଭିନ୍ନ ପ୍ରକଳ୍ପରେ ହୋଇଥିବା ଦୁର୍ନୀତି ଧୀରେ ଧୀରେ ପଦାକୁ ଆସିବାରେ ଲାଗିଛି। ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ ଓ ବ୍ଲକ କାର୍ଯ୍ୟାଳୟ ସବୁଠାରେ ଦୁର୍ନୀତି ଚେର ଲମ୍ବି ଲମ୍ବି ଚାଲିଥିବାବେଳେ ଅଧିକାରୀଙ୍କ ପକ୍ଷରୁ ଜନସାଧାରଣଙ୍କୁ ଓ ସରକାରଙ୍କୁ ଭୁଲ ରିପୋର୍ଟ ଦେଇ କୋଟି କୋଟି ଟଙ୍କା ହଡପ କରିବାକୁ ମସୁଧା କରାଯାଉଥିବା ଅଭିଯୋଗ ଆସିଛି। ନିକଟ ଅତୀତରେ ମାଳିପୁରଠାରୁ ବଳଭଦ୍ରପୁର ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ହୋଇଥିବା ଦୁର୍ନୀତିର ଅଭିଯୋଗ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଜିଲ୍ଲାପାଳଙ୍କୁ ମିଥ୍ୟା ରିପୋର୍ଟ ଦେଇଥିବା ଗ୍ରାମବାସୀ ଜାଣିବାକୁ ପାଇଥିଲେ। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ଅନ୍ୟଏକ ପ୍ରକଳ୍ପରେ ଶାସନଠାରୁ ମାଳିପୁର ପର୍ଯ୍ୟନ୍ତ ରାସ୍ତାର ଆଲୋକୀକରଣ କାର୍ଯ୍ୟ ସରିଯାଇଥିବା ଦର୍ଶାଯାଇଥିବାବେଳେ ଉକ୍ତ ଅଞ୍ଚଳରେ ଗୋଟିଏ ବି ଲାଇଟ ଖୁଣ୍ଟ ନ ଲାଗି ସମସ୍ତ ସରକାରୀ ଅନୁଦାନ ଅର୍ଥ ହଡପ କରାଯାଇଥିବା ଅଞ୍ଚଳବାସୀଙ୍କ ତରଫରୁ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇଠାରୁ ମଦନପୁର ପର୍ଯ୍ୟନ୍ତ ବନ୍ୟା ବନ୍ଧ ରାସ୍ତାରେ ହୋଇଥିବା ଦୁନୀତି ବିରୁଦ୍ଧରେ ହୋଇଥିବା ଜନସ୍ୱାର୍ଥ ମାମଲା ବହୁଦିନ ହେଲା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶୁଣାଣି ନ ହୋଇ ପଡ଼ିରହିଛି। ଏସବୁ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେବାକୁ ଜିଲ୍ଲାପାଳଙ୍କୁ ଉତିକଣ ସଂଗ୍ରାମ ପରିଷଦ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଉତିକଣ ସଂଗ୍ରାମ ପରିଷଦର ସଭାପତି ପ୍ରଶାନ୍ତ ମହାନ୍ତି, ବରିଷ୍ଠ ସଦସ୍ୟ ତୀର୍ଥ ପରିଡା, ଗୋପୀନାଥ ପଣ୍ଡା, ରମାକାନ୍ତ ଦାଶ, ଆଶିଷ ମଲ୍ଲିକ, ଅର୍ଜୁନ ସାହୁ, ବାସୁଦେବ ପାତ୍ର, ଦେବାଶିଷ ରାଉଳ, ରାହାସ ମଲିକ, ଭ୍ରମରବର ନାୟକ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଦୁର୍ନୀତିର ତଦନ୍ତ କରିବା ସହିତ ଦୋଷୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

### କୃମିନାଶକ ଦିବସ ପାଳନ ନିମନ୍ତେ ଟାସ୍କଫୋର୍ସ କମିଟି ବୈଠକ

# ୨,୩୭,୬୦୦ ଶିଶୁଙ୍କୁ କୃମିନାଶକ ଔଷଧ ବଣ୍ଟନ ଲକ୍ଷ୍ୟ

ଜଗତସିଂହପୁର, ୭।୮ (ସମିସ)



ଆଜି ଅପରାହ୍ନରେ ଓସ୍ୱାନ ଭିସି ହଲରେ ଜାତୀୟ କୃମିନାଶକ ଦିବସର ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଜେ. ସୋନାଲ ଅଧ୍ୟକ୍ଷତା କରିଥିଲେ। ଅଗଷ୍ଟ ୧୨ ତାରିଖରେ ଜିଲ୍ଲାସ୍ତରୀୟ ଜାତୀୟ କୃମି ନାଶକ ଦିବସ ପାଳନ କରାଯିବ। ଏଥିରେ ଏକ ବର୍ଷରୁ ୧୯ ବର୍ଷ ବୟସର ସମସ୍ତ ଶିଶୁ, କିଶୋର ଓ ଯୁବକଙ୍କୁ ସ୍କୁଲ, କଲେଜ ଓ ଅଙ୍ଗନବାଡି କେନ୍ଦ୍ରରେ କୃମିନାଶକ ବଟିକା ଓ ସିରପ ଦିଆଯିବ। ୧ରୁ ୫ ବର୍ଷ ମଧ୍ୟରେ ଥିବା ଶିଶୁଙ୍କୁ ସିରପ, ୬ରୁ ୧୯ ବର୍ଷର କିଶୋର ଓ କିଶୋରୀ ତଥା ଯୁବକ ଓ ଯୁବତୀଙ୍କୁ ବଟିକା ଦିଆଯିବ। ଏତଦ୍‌ବ୍ୟତୀତ ୨୦-୨୪ ବୟସର ପ୍ରଜନନକ୍ଷମ ମହିଳାଙ୍କୁ ମଧ୍ୟ କୃମିନାଶକ ବଟିକା ଦିଆଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଜିଲ୍ଲାରେ ମୋଟ ୨,୩୭,୬୦୦ ଶିଶୁଙ୍କୁ କୃମିନଶକ ଔଷଧ ବଣ୍ଟନ କରାଯିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଯେଉଁମାନେ ସେହିଦିନ ବଟିକା କିମ୍ବା ସିରପ ଖାଇ ନ ପାରିବେ ସେମାନଙ୍କୁ ଅଗଷ୍ଟ ୧୯ରେ ଏହା ଦିଆଯିବ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଶିଶୁ ବିକାଶ ବିଭାଗକୁ ସାମିଲ କରାଯାଇଥିବାବେଳେ ଔଷଧ ବଣ୍ଟନରେ ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ, ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହିତ ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତା ସହଯୋଗ କରିବେ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜେନ୍ଦ୍ର ପାଣିଗ୍ରାହୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାର (ପରିବାର କଲ୍ୟାଣ) ଡା ପ୍ରମୋଦ ବାରିକ, ଡା ଶତ୍ରୁଘ୍ନ ଦାସ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରିଣୀ, ଏସ୍‌ଡିଓ ଆରଡବ୍ଲୁଏସଏସ, ଜିଲ୍ଲା ଶିକ୍ଷା ଅଧିକାରୀ, ନିର୍ବାହୀ ଅଧିକାରୀ ପୌର ପରିଷଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗରୁ ଡା. ବାସନ୍ତୀ ପାଲ୍ ଓ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରିଣୀ ସୋନାଲି ପ୍ରିୟଦର୍ଶିନୀ, ତୃପ୍ତିରାଣୀ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଡେପୁଟୀ ମ୍ୟାନେଜର ସନ୍ଧ୍ୟାରାଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଅସହାୟ ମହିଳାଙ୍କୁ ଭତ୍ତା ପ୍ରଦାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



ଜଗତସିଂହପୁର, ୭।୮ (ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ସାଁପୁର ପଞ୍ଚାୟତ ଦେଢଶ୍ୱରଦେଉଳି ଗ୍ରାମର ଅସହାୟ ମହିଳା ଲକ୍ଷ୍ମୀପ୍ରିୟା ଭୋଇଙ୍କୁ ମିଳିନି ଭତ୍ତା। ବିବାହର ମାତ୍ର ଚାରିବର୍ଷ ପରେ ସ୍ୱାମୀଙ୍କ ସହିତ ମନୋମାଳିନ୍ୟ ଯୋଗୁଁ ଭଦ୍ରଲୋକଙ୍କ ଉପସ୍ଥିତିରେ ଲକ୍ଷ୍ମୀପ୍ରିୟାଙ୍କ ବିବାହ ବିଚ୍ଛେଦ ହୋଇଥିଲା। ସେ ସବୁଦିନ ପାଇଁ ଶାଶୂଘର ଛାଡ଼ି ନିଜ ଝିଅ ସହିତ ବାପଘରେ ରହୁଛନ୍ତି। ଏହି ମାଆ ଓ ଝିଅ ଦୁଇଜଣଙ୍କ ଦୁଃଖ କଷ୍ଟରେ ଦିନ କଟୁଛି। ଏବେ ଚଳିବା ପାଇଁ ଆର୍ଥିକ ସ୍ଥିତି ଶୋଚନୀୟ ହୋଇପଡ଼ିଛି। ଏଭଳି ସମୟରେ ଲକ୍ଷ୍ମୀପ୍ରିୟା ଆଶୀର୍ବାଦ ସେବା ସଂଗଠନ ସଭାପତି ଜଗନ୍ନାଥ ବେହେରା ଓ ଜୟରାମ ସ୍ୱାଇଁଙ୍କ ସହଯୋଗରେ ଜିଲ୍ଲାପାଳଙ୍କୁ ଭେଟି ମାସିକ ଭତ୍ତା କରାଇ ଦେବା ସହିତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି କରିଛନ୍ତି।

## ଅସୁସ୍ଥ ଷଣ୍ଢର ଚିକିତ୍ସା କଲେ ବନ୍ଦର ଥାନା କନେଷ୍ଟବଳ ଓ ହିନ୍ଦୁ ସେନା



ବାଲିକୁଦା, ୭।୮ (ସମିସ): ବାଲିକୁଦା ବ୍ଲକ୍ ମରିଚପୁର ପଞ୍ଚାୟତର ଧନୁହର ବେଲାରୀ-ମରିଚପୁର ରାସ୍ତା କଡ଼ରେ ପଡିରହିଥିବା ଅସୁସ୍ଥ ଷଣ୍ଢକୁ ଚିକିତ୍ସା କରାଇଛନ୍ତି ବନ୍ଦର ଥାନାର ଦୁଇ କନେଷ୍ଟବଳ ଓ ହିନ୍ଦୁ ସେନା। ଏହି ରାସ୍ତାରେ ଅସୁସ୍ଥ ଷଣ୍ଢଟି ପଡ଼ିରହିଥିବା ଦେଖି ବନ୍ଦର ସାମୁଦ୍ରିକ ଥାନା କନେଷ୍ଟବଳ ମାନସ ସାହୁ ଓ ଦିଲ୍ଲୀପ ମଲ୍ଲିକ ହିନ୍ଦୁ ସେନାଙ୍କର ସହଯୋଗ ଚାହିଁଥିଲେ। ଧନୁହର ବେଲାରୀର ହିନ୍ଦୁ ସେନା କର୍ମକର୍ତ୍ତା ପଞ୍ଚାନନ ସ୍ୱାଇଁ ପହଞ୍ଚି ଗୋମିତ୍ର ଜ୍ଞାନରଂଜନ ବିଶ୍ୱାଳଙ୍କୁ ଯୋଗାଯୋଗ କରିଥିଲେ। ଥାନା କର୍ମଚାରୀ ଓ ହିନ୍ଦୁ ସେନାଙ୍କର ମିଳିତ ସହଯୋଗରେ ଷଣ୍ଢର ଚିକିତ୍ସା ସମ୍ଭବ ହୋଇପାରିଛି। ଥାନା ପକ୍ଷରୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସମାଜିକ କାର୍ଯ୍ୟ କରିବାକୁ କର୍ମଚାରୀ ତତ୍ପର ହେବାର ଦେଖାଯାଉଛି। ଗତକାଲି ମଧ୍ୟ ଫୁଲପାଟଣା ନିକଟରେ ଘଟିଥିବା ଏକ ସଡକ ଦୁର୍ଘଟଣାରେ ଥାନାର କନେଷ୍ଟବଳ ଆମ୍ବୁଲାନ୍ସ ଡାକି ଆହତଙ୍କୁ ମେଡ଼ିକାଲ ପଠାଇଥିଲେ।

## ସୁନାକର ବେହେରା ଦୁର୍ନୀତି ନିବାରଣ ସଂଗଠନ ରାଜ୍ୟ ସମ୍ପାଦକ ନିଯୁକ୍ତ



ପାରାଦୀପ, ୭।୮ (ସମିସ): ସମାଜସେବୀ ଡକ୍ଟର ସୁନାକର ବେହେରାଙ୍କୁ ଦୁର୍ନୀତି ନିବାରଣ ସଂଗଠନର ରାଜ୍ୟ ସମ୍ପାଦକ ଦାୟିତ୍ୱ ମିଳିଛି। ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଂଗଠନ ଦ୍ୱାରା ଓଡ଼ିଶା ରାଜ୍ୟର ରାଜ୍ୟ ସମ୍ପାଦକ ରୂପେ ନିଯୁକ୍ତି ପ୍ରଦାନ କରାଯାଇଛି। ଡଃ ବେହେରା ସମାଜିକ କ୍ଷେତ୍ରରେ ନିସ୍ୱାର୍ଥପର ସେବା କରିଆସିଥିବାରୁ ତାଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ନିକଟରେ ତାଙ୍କୁ ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦର ଜାତୀୟ ମୁଖପାତ୍ର ଓ ଓଡ଼ିଶା ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ବିଭିନ୍ନ ସରକାରୀ ଓ ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହିତ ନିଜକୁ ସାମିଲ କରି ସାମାଜିକ ପ୍ରଗତି, ସଂସ୍କାର, ଜନକଲ୍ୟାଣ କ୍ଷେତ୍ରରେ ସେ ନିଜକୁ ସମର୍ପଣ କରିଛନ୍ତି। ଏ ନେଇ ଶ୍ରୀ ବେହେରା ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଂଗଠନର ଆବାହକ ସୁବ୍ରତ କୁମାର ନନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉଦ୍‌ଯାପିତ



ପାରାଦୀପ, ୭।୮ (ସମିସ): ପାରାଦୀପ ମ୍ୟୁନିସିପାଲଟି ଅଧୀନ ଭିତରଗଡ କଲୋନୀର କଲ୍ୟାଣୀ ମଣ୍ଡପରେ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ, ଗୋଆ କାର୍ବନ ଲିମିଟେଡର ମିଳିତ ଆନୁକୂଲ୍ୟରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଅଗଷ୍ଟ ୧ରୁ ୭ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ରହିଥିଲା ସ୍ତନ୍ୟପାନକୁ ପ୍ରାଥମିକତା ଦିଅନ୍ତୁ, ନିରନ୍ତର ସହାୟତା ପ୍ରଦାନର ବ୍ୟବସ୍ଥା କରନ୍ତୁ। ଏହି କାର୍ଯ୍ୟକ୍ରମ ଭିତରଗଡ କଲୋନୀ କଲ୍ୟାଣୀ ମଣ୍ଡପ ଆୟୋଜିତ ହୋଇଥିଲା। ଏଥିରେ ୧୦୦ରୁ ଅଧିକ ମାଆ, ସ୍ତନ୍ୟପାନ କରାଉଥିବା ମାଆ, କିଶୋରୀ ଝିଅ, ଆଶା ଓ ଅଙ୍ଗନବାଡ଼ି କର୍ମୀ, ସ୍ୱାସ୍ଥ୍ୟ କର୍ମଚାରୀ ଓ ସ୍ଥାନୀୟ ଜନପ୍ରତିନିଧି ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ୱାର୍ଡ ଅଫିସର, ସଫେଇ କର୍ମଚାରୀ ଓ ଗୋଆ କାର୍ବନର ଅଧିକାରୀ ଅତିଥି ରୂପେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଶେଷଜ୍ଞ ଓ ସ୍ୱାସ୍ଥ୍ୟ କର୍ମୀ ସ୍ତନ୍ୟପାନର ଗୁରୁତ୍ୱ, ଉପକାରିତା, ଠିକ୍ ପ୍ରଣାଳୀ, କ'ଣ କରିବା ଓ କ'ଣ ନକରିବା ଉପରେ ଆଲୋଚନା କରାଯାଇଥିଲା। ଶିଶୁ ଜନ୍ମ ପରେ ୧ ଘଣ୍ଟା ମଧ୍ୟରେ ସ୍ତନ୍ୟ ଆରମ୍ଭ କରିବା, ୬ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ ଓ ୨ ବର୍ଷ ଓ ତାହାଠାରୁ ଅଧିକ ସମୟ ପର୍ଯ୍ୟନ୍ତ ସ୍ତନ୍ୟପାନ ଜାରି ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ମାଆମାନେ ଓ କିଶୋରୀମାନେ କୁଇଜ୍ ପ୍ରତିଯୋଗିତା, ସୁସ୍ଥ ଶିଶୁ ପ୍ରତିଯୋଗିତା, ଅଭିନୟ ଓ ଅନ୍ୟାନ୍ୟ ସୃଜନାନକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିଥିଲେ। ବିଜେତାଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷରେ ଏକ ସାମୂହିକ ଛବି ତୋଳାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନର ପ୍ରକଳ୍ପ ଅଧିକାରୀ ସ୍ଥିତପ୍ରଜ୍ଞ ଦାସ, ଗୋଷ୍ଠୀ ସହାୟକ ଜ୍ଞାନରଞ୍ଜନ ବେହେରା, ହେମଲତା ମହାନ୍ତ, ମିଲିଲତା ସୂତାର, ସୌମ୍ୟରଞ୍ଜନ ରାଉତଙ୍କ ସମେତ ବହୁ ମହିଳା ଯୋଗଦାନ କରି ସହଯୋଗ କରିଥିଲେ।

## ସମଙ୍ଗରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ




ଜଗତସିଂହପୁର, ୭।୮ (ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ସମଙ୍ଗ ପଞ୍ଚାୟତର ଗୁଡ଼ିଆସାହିସ୍ଥ ବାସୁଦେବ କ୍ଲବ ପ୍ରାଙ୍ଗଣରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ୩ ନମ୍ବର ଜୋନ୍ ସଂଯୋଜକ ସମୀର କୁମାର ପଟ୍ଟନାୟକ, ସ୍ଥାନୀୟ ସମିତି ସଭ୍ୟ ଦୀପକ ସ୍ୱାଇଁ, ରଞ୍ଜିତ ସ୍ୱାଇଁ, ତରୁଣ ରାଉତରାୟ, ଭଞ୍ଜକିଶୋର ସ୍ୱାଇଁ, ଅରୁନ୍ଧତୀ ବେହେରା, ଗୋଲେଖ ମହାରଣା, ଦୋଳଗୋବିନ୍ଦ ସାହୁ, ନିହାର ନାୟକ, ଆରିଫ ଅଲି, ରୁଦ୍ର ବେହେରା, ଚନ୍ଦନ ସ୍ୱାଇଁ, ବିଶ୍ୱଜିତ୍ ସ୍ୱାଇଁ, ଫିରୋଜ ଖାଁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପରେ ସମଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଧାୟକ ପହଞ୍ଚି ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଓ ପରିଚାଳନା କମିଟି ସଦସ୍ୟଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହାପରେ ସମଙ୍ଗ ବିଟ୍ ହାଉସରେ ପହଞ୍ଚି ପୁଲିସ କର୍ମଚାରୀଙ୍କ ସହ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ।

## ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ; ଥାନାରେ ଅଭିଯୋଗ

ରଘୁନାଥପୁର, ୭।୮ (ସମିସ): ରଘୁନାଥପୁର ବ୍ଲକ୍ ରଘୁନାଥପୁର ଅଧୀନସ୍ଥ ସାଦେଇପୁର ପଞ୍ଚାୟତରେ ଘଟିଥିବା ଏକ ଅଭାବନୀୟ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ବୁଧବାର ଅପରାହ୍ନରେ ଗ୍ରାମର ଜଣେ ମହିଳା ସନ୍ଧ୍ୟାରେ ନଦୀପଠାକୁ ଗାଈ ଓ ଛେଳି ଆଣିବାକୁ ଯାଉଥିବାବେଳେ ଉକ୍ତ ଗ୍ରାମର ସନ୍ତୋଷ ଦାସ (ଚଗଲା) ନାମକ ଜଣେ ଯୁବକ ମହିଳାଙ୍କୁ ଏକୁଟିଆ ପାଇ ଦୁଷ୍କର୍ମ ଉଦ୍ୟମ କରିବା ସହ ମାଡ଼ ମାରିଥିଲା। ମହିଳା ଜୋରରେ ଚିତ୍କାର କରିବାରୁ ପାଟିଶୁଣି ଗ୍ରାମର ଲୋକେ ସେଠାରେ ପହଞ୍ଚି ଯିବାରୁ ଯୁବକ ଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଗ୍ରାମବାସୀ ସହଯୋଗରେ ମହିଳା ଓ ତାଙ୍କ ସ୍ୱାମୀ ରଘୁନାଥପୁର ଥାନାରେ ଯୁବକଙ୍କ ନାମରେ ଅଭିଯୋଗ କରିଛନ୍ତି। ପୁଲିସ ପୀଡ଼ିତାଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ମାଇନା କରାଇବା ସହିତ ୧୭୦/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଆଇଆଇସି ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି। ଏସ୍‌ଆଇ ରୀତାଞ୍ଜଳି ନାୟକ ଏହି ଘଟଣାର ତଦନ୍ତ ଭାର ଗ୍ରହଣ କରିଛନ୍ତି। ଖୁବଶୀଘ୍ର ଆସାମୀକୁ ଧରାଯିବ ବୋଲି ଥାନା ଅଧିକାରୀ ସେଠୀ ପ୍ରକାଶ କରିଛନ୍ତି।

## ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ




ଜଗତସିଂହପୁର, ୭।୮ (ସମିସ): ଆଜି ପୂର୍ବାହ୍ନରେ ଅନ୍ତର୍ଜାତୀୟ ସମବାୟ ବର୍ଷ ଉପଲକ୍ଷେ ସମବାୟ ମନ୍ତ୍ରାଳୟର ପଦକ୍ଷେପ ଓ ବ୍ୟବସାୟର ବିବିଧତା ସମ୍ପର୍କିତ ଏକ କର୍ମଶାଳା ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଜେ.ସୋନାଲ କୃଷକଙ୍କୁ ତୃଣମୂଳ ସ୍ତରରେ ସଚେତନତା ଶିବିର ଆୟୋଜନ କରାଯାଇ ସରକାରଙ୍କ ବିଭିନ୍ନ ଯୋଜନା ମତ୍ସ୍ୟ, ପଶୁପାଳନ, କୁକୁଡ଼ା ଚାଷ, କ୍ଷୀର ଉତ୍ପାଦନ ବିଷୟରେ ଅବଗତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜଗତସିଂହପୁର ସମବାୟ ସମିତି ସମୂହର ଉପନିବନ୍ଧକ ପ୍ରଭାତ ଚନ୍ଦ୍ର ଶତପଥି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାବାଡର୍‌ର ଡିଡିଏମ ବିଦ୍ୟୁତଲତା ବେହେରା, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକ ଅନନ୍ତ କୁମାର ସାମଲ, ଜିଲ୍ଲା ମତ୍ସ୍ୟ ଅଧିକାରିଣୀ ରେଶ୍ମାରାଣୀ ସିଂ, ଏସଡିଭିଓ ଶଶାଙ୍କ ଶେଖର ସ୍ୱାଇଁ ଓ ଓମ୍ଫେଡ଼ର ସାଧାରଣ ପରିଚାଳକ ଦିଗମ୍ବର ନାୟକ ପ୍ରମୁଖ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଜଗତସିଂହପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉପନିବନ୍ଧକ, ସମବାୟ ସମିତି ସମୂହ ଓ ସହକାରୀ ନିବନ୍ଧକଙ୍କ, ସମବାୟ ସମିତି ସମୂହ କାର୍ଯ୍ୟାଳୟର ବିବେକାନନ୍ଦ ବେହେରା, ରାଖାଲ ଚନ୍ଦ୍ର ସାମଲ, ସୁମନ ବେହେରା, ମିତାଲି ବୋଷ, ଚିତ୍ରା ଚିନ୍ମୟୀ ଦାସ, ପିଙ୍କି ହଂସଦା, ରୁବୁ ମହାନ୍ତି, ସ୍ୱର୍ଣ୍ଣଲତା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନାରୀ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲା ବିଜେଡି



ଏରସମା, ୭।୮ (ସମିସ): ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ଯୁବ ବିଜେଡି ସଭାପତି ପାର୍ଥସାରଥୀ ରାଉତଙ୍କ ନେତୃତ୍ୱରେ ରାଜ୍ୟରେ ନାରୀ ସୁରକ୍ଷା ପାଇଁ ଗୁରୁବାର ପୂର୍ବାହ୍ନରେ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଓ ବ୍ରଜକିଶୋର ସଂସ୍କୃତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏରସମା ମୁଖ୍ୟବଜାରରୁ ଏରସମା ଥାନା ପର୍ଯ୍ୟନ୍ତ ଏକ ପଦଯାତ୍ରା ଦେଖିବାକୁ ମିଳିଥିଲା। ରାଜ୍ୟରେ ନାରୀ ନିର୍ଯାତନା ଓ ନାରୀ ସୁରକ୍ଷା ପାଇଁ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ପାର୍ଥସାରଥୀ ରାଉତ କହିଛନ୍ତି। ଏହି ପଦଯାତ୍ରାରେ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିବାବେଳେ ଏରସମା ବ୍ଲକ ବିଜୁଜନତା ଦଳର ଯୁବ ଉପସଭାପତି ଲୋକନାଥ ରାଉତ, ଏରସମା ବ୍ଲକ ଛାତ୍ର ସଭାପତି ସୋନକ ସାସମଲ, କାର୍ଯ୍ୟକାରୀ ସଭାପତି ଚନ୍ଦନ ମଲ୍ଲିକ, ରାକେଶ ସ୍ୱାଇଁ, ଏରସମା ବ୍ଲକ ପୂର୍ବତନ ଚେୟାରମ୍ୟାନ ମାନସ ସେଠୀ, ପ୍ରଣବ ସ୍ୱାଇଁ, ପ୍ରମୁଖ ଉପସ୍ଥିତ ଥିଲେ। ନାରୀ ସୁରକ୍ଷା ପାଇଁ ଛାତ୍ରୀମାନେ ଏକ ସ୍ମାରକ ପତ୍ର ଏରସମା ଥାନା ଅଧିକାରୀଙ୍କୁ ପ୍ରଦାନ କରିଥିଲେ।

## 'ଏସଭିଏମ୍ କଲେଜ ଗଣ୍ଡଗୋଳରେ ଏବିଭିପିର ସଂପୃକ୍ତି ନାହିଁ'

ଜଗତସିଂହପୁର, ୭।୮ (ସମିସ): ଜଗତସିଂହପୁର ଜିଲ୍ଲା ସଦର ମହକୁମାରେ ଥିବା ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଘଟିଯାଇଥିବା ଘଟଣାରେ ବିଦ୍ୟାର୍ଥୀ ପରିଷଦର କୌଣସି ସଂପୃକ୍ତି ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଏବିଭିପିର ଜିଲ୍ଲା ସଂଯୋଜକ ସତ୍ୟ ମହାନ୍ତି। ଯେଉଁ ଘଟଣା ଘଟିଗଲା ସେଥିପାଇଁ ବିଦ୍ୟାର୍ଥୀ ପରିଷଦ ମର୍ମାହତ ଓ ଏହାକୁ ଦୃଢ଼ ଭାବରେ ନିନ୍ଦା କରୁଛି। ଆଗାମୀ ଦିନରେ ଛାତ୍ର ସଂସଦ ନିର୍ବାଚନ ଥିବା ହେତୁ କିଛି ଛାତ୍ର ସଂଗଠନ ଏହାକୁ ଏବିଭିପି ଘଟାଇଛି ବୋଲି ମିଛ ଚର୍ଚ୍ଚା କରୁଛନ୍ତି। ଯାହା ଭିତ୍ତିହୀନ ବୋଲି କହିଛନ୍ତି ସତ୍ୟ। ବିଦ୍ୟାର୍ଥୀ ପରିଷଦ ଏଭଳି ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ପୁଲିସ ଏହାର ନିରପେକ୍ଷ ତଦନ୍ତ କରି ଦୋଷୀକୁ କଠୋର ଦଣ୍ଡ ଦେଉ ବୋଲି ଦାବି କରୁଛି।

## ଅଧ୍ୟକ୍ଷ ଅଜୟ ମୁଦୁଲି ସମ୍ବର୍ଦ୍ଧିତ

ବାଲିକୁଦା, ୭।୮ (ସମିସ): ବାଲିକୁଦା ବ୍ଲକ ସାରଳା ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଅଜୟ କୁମାର ମୁଦୁଲିଙ୍କୁ ତାଙ୍କର ସାରସ୍ୱତ କୃତୀ ପାଇଁ ବ୍ୟାସ ଫାଉଣ୍ଡେସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ତିର୍ତ୍ତୋଲର ଶିଶୁ ଅନନ୍ତ ଆଶ୍ରମ ଅରିଲୋଠାରେ ଆୟୋଜିତ ବ୍ୟାସ ଫାଉଣ୍ଡେସନର ବାର୍ଷିକ ଉତ୍ସବରେ ବ୍ୟାସ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିରେ ଆଧାତ୍ମିକ ଗୁରୁ ପୂଜ୍ୟ ପୂଜକ ପଦ୍ମଶ୍ରୀ ବାବା ବଳିଆ, ଜଗତସିଂହପୁର ଜିଲ୍ଲାର ପ୍ରାକ୍ତନ ସାଂସଦ ଡକ୍ଟର କୁଳମଣି ସାମଲ, ଓଡ଼ିଶା ବିଧାନସଭାର ପ୍ରାକ୍ତନ ସଚିବ ଦାଶରଥି ଶତପଥୀ, ଗାୟକ ଶେଖର ଜଗନ୍ନାଥ ବେହେରା, ମୁଖ୍ୟ ଉପଦେଷ୍ଟା ଆଡଭୋକେଟ ଡକ୍ଟର ବିରନାରାୟଣ ପାତ୍ର, ପ୍ରଖ୍ୟାତ ଶିଳ୍ପପତି ଶରତଚନ୍ଦ୍ର ଖୁଣ୍ଟିଆ, ସମାଜସେବୀ କ୍ଷେତ୍ରମୋହନ ଦାସ, ରାଜନେତା ଶିଶିର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବରୁ ପ୍ରାଦେଶିକ ଜାତୀୟ ପ୍ରତିଭା ଭାବେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି। ତାଙ୍କର ଏହି ସମ୍ବର୍ଦ୍ଧନା ପାଇବା ଯୋଗୁଁ ବାଲିକୁଦା ଅଞ୍ଚଳର ବିଭିନ୍ନ ବର୍ଗର ଜନସାଧାରଣଙ୍କ ପକ୍ଷରୁ ଶ୍ରୀ ମୁଦୁଲିଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ଉତ୍ତରେଶ୍ୱରୀ ମନ୍ଦିର ହୁଣ୍ଡିରୁ ୭୬୩୯୧ ଟଙ୍କା ବାହାରିଲା



ଏରସମା/ତିର୍ତ୍ତୋଲ, ୭।୮ (ଇମିସ): ତିର୍ତ୍ତୋଲ ଥାନା ଅଧୀନ ଇବ୍ରିସିଂସ୍ଥ ଶ୍ରୀଉତ୍ତରେଶ୍ୱରୀ ଠାକୁରାଣୀ ମନ୍ଦିର ହୁଣ୍ଡିରୁ ୭୬୩୯୧ ଟଙ୍କା ବାହାରିଛି। ଟ୍ରଷ୍ଟି ତିର୍ତ୍ତୋଲ ତହସିଲଦାର, ଥାନା ଅଧିକାରୀ, ଜିଲ୍ଲା ଦେବୋତ୍ତର ବିଭାଗ ଇନସ୍ପେକ୍ଟର, ତହସିଲ କର୍ମଚାରୀ, ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀଙ୍କ ଉପସ୍ଥିତରେ ହୁଣ୍ଡି ଖୋଲାଯାଇଥିଲା। ସମସ୍ତ ଟଙ୍କା ଠାକୁରାଣୀଙ୍କ ନାମରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଆକାଉଣ୍ଟରେ ଜମା କରାଯାଇଥିଲା।

## 'ନିଶାମଣି ଖୁଣ୍ଟିଆ ସମାଜବାଦୀ ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ'

ତିର୍ତ୍ତୋଲ, ୭।୮ (ସମିସ): ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ପ୍ରଜା ସମାଜବାଦୀ ଦଳ ନେତା, ପୂର୍ବତନ ବିଧାୟକ, ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ, ଶ୍ରମିକ ନେତା, ସର୍ବଭାରତୀୟ ହିନ୍ଦ୍ ମଜଦୂର ସଂଘର ସଭାପତି ନିଶାମଣି ଖୁଣ୍ଟିଆଙ୍କ ୪୪ତମ ଶ୍ରାଦ୍ଧ ଦିବସ ତାଙ୍କ ନିଜ ପଞ୍ଚାୟତ ଗୋବିନ୍ଦପୁରର ଭଟ୍ଟ ଗ୍ରାମସ୍ଥ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇଯାଇଛି।




ଏ ଉପଲକ୍ଷେ ଆୟୋଜିତ ସଭାରେ ନିଶାମଣି ଖୁଣ୍ଟିଆ ସ୍ମୃତି କମିଟି, ଗୋବିନ୍ଦପୁର ସଭାପତି ଡଃ ପୀତାମ୍ବର ରାଉତ ଅଧ୍ୟକ୍ଷତା କରିଥିଲେ। ସ୍ୱର୍ଗତ ଖୁଣ୍ଟିଆଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଥିବା ଛତ୍ରମଠ ତରାପୁର ଗ୍ରାମର ଧୁନଚନ୍ଦ୍ର ସେନାପତି, ଗୋବିନ୍ଦପୁରର ନିରଞ୍ଜନ ବେଉରା, ସୁରେନ୍ଦ୍ର ବେଉରା, ଦେବବ୍ରତ ମହାନ୍ତି, ଜଗନ୍ନାଥପୁରର ଗଗନ ଖଣ୍ଡୁଆଳ, କିରଣ୍ଟି ଗ୍ରାମର ପୂର୍ବତନ ପ୍ରଧାନଶିକ୍ଷକ ଅକ୍ଷୟ ସାହୁ, ଭଟ୍ଟଗ୍ରାମର ମଧୁ ସାହୁ, ସୁଧାକର ବରାଳ, ସରୋଜ ଦାସ, ନରେନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ତାଙ୍କର ମହାନ ସଂଗ୍ରାମୀ ଜୀବନର ସ୍ମୃତିଚାରଣ କରିଥିଲେ। ସ୍ମୃତି କମିଟି ସମ୍ପାଦକ ରଞ୍ଜନ ଖୁଣ୍ଟିଆ ସ୍ମୃତିଚାରଣ କରି ସେ ଓଡ଼ିଶାର ସମାଜବାଦୀ ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ। ଭାଗଚାଷୀ ଆନ୍ଦୋଳନ ତାଙ୍କର ଅବଦାନ ବୋଲି ମତବ୍ୟକ୍ତ କରି ଧନ୍ୟବାଦ ପ୍ରଦାନ କରିଥିଲେ।

### ନାରୀ ନିର୍ଯାତନା ବୃଦ୍ଧିର ପ୍ରତିବାଦ

# ଜିଲ୍ଲା ଯୁବ-ଛାତ୍ର ବିଜେଡିର ଏସ୍‌ପିଙ୍କୁ ଦାବିପତ୍ର

ଜଗତସିଂହପୁର, ୭।୮ (ସମିସ)



ଜଗତସିଂହପୁର ଜିଲ୍ଲା ସମେତ ସମଗ୍ର ଓଡ଼ିଶାରେ ଦିନକୁ ଦିନ ଛାତ୍ରୀ ଓ ମହିଳାଙ୍କ ଉପରେ ଦୁଷ୍କର୍ମ ଓ ନିର୍ଯାତନା ବଢି ଚାଲିଛି। ବିଶେଷକରି ବିଗତ ୧୩ ମାସର ବିଜେପି ସରକାର ଶାସନ କାଳରେ ଏଭଳି ଅପରାଧ ଚରମ ସୀମାରେ ପହଞ୍ଚିଛି। ଯଦ୍ୱାରା କଲେଜ ଛାତ୍ରୀଙ୍କଠାରୁ ଆରମ୍ଭ କରି ଯୁବତୀ ଓ ମହିଳା ଏକୁଟିଆ ବାହାରକୁ ବାହାରିବା ପାଇଁ ନିଜକୁ ସୁରକ୍ଷିତ ମଣୁନାହାନ୍ତି। କିଛିମାସ ମଧ୍ୟରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଘଟିଥିବା ଦୁଷ୍କର୍ମ ଓ ନିର୍ଯାତନା ଘଟଣା ଏହାର ବଳିଷ୍ଠ ପ୍ରମାଣ ବୋଲି ବିଜୁ ଛାତ୍ର ଓ ଯୁବ ଜନତା ଦଳ ଅଭିଯୋଗ ଉଠାଇଛି। ଏହାର ପ୍ରତିବାଦ ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଜଗତସିଂହପୁର ଜିଲ୍ଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଆଜି ଏସପି ଭବାନୀ ଶଙ୍କର ଉଦଗାତାଙ୍କୁ ଏ ସମ୍ପର୍କିତ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ଛାତ୍ର ବିଜେଡି ସଭାପତି ଇଂ ସମିତ କୁମାର ଲେଙ୍କାଙ୍କ ନେତୃତ୍ୱରେ ଛାତ୍ର ଓ ଯୁବ ବିଜେଡି ନେତା ଓ କର୍ମୀ ଏକ ଶୋଭାଯାତ୍ରାରେ କଲେଜ ଛକରୁ ବାହାରି ସହର ପରିକ୍ରମା କରିବା ପରେ ଏସପିଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଏସପିଙ୍କୁ ଦାବିପତ୍ର ପ୍ରଦାନ ସହିତ ଉପରୋକ୍ତ ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଜଗତସିଂହପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରତିରଞ୍ଜନ ବେହେରା, ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର, ଯୁବନେତା ପ୍ରଶାନ୍ତ ମଲ୍ଲିକ, ଛାତ୍ର ବିଜେଡି ସଭାପତି ସମିତ ଲେଙ୍କା, ଆଇନଜୀବୀ ସରୋଜ ବିଶ୍ୱାଳ, ପାରିଷଦ ମନୋଜ ମହାନ୍ତି, ଲୋକନାଥ ସ୍ୱାଇଁ, ରୂପେଇ ହେମ୍ବ୍ରମ, ଅମନ ମହାପାତ୍ର ପ୍ରମୁଖଙ୍କ ସମେତ ଶତାଧିକ ଯୁବକ ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୭.୨୫ • ପାଉଣ୍ଡ ୧୧୭.୯୬
- ୟୁରୋ ୧୦୨.୭୬ • ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୪,୦୦୦ (ନୂଆଦିଲ୍ଲୀ)
- ରୁପା : ୧,୧୭,୨୨୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୦,୬୨୩.୦୦
- ନିଫ୍ଟି ୨୪,୫୯୬.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

**ଲାଗୁ ହେଲା ଟ୍ରମ୍ପ୍ ଶୁଳ୍କ**

# ଆଜିଠୁ ୨୫%, ଅବଶିଷ୍ଟ ୨୫% ୨୭ରୁ

ନୂଆଦିଲ୍ଲୀ,୭।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ଲାଗୁ ହୋଇଥିବା ୨୫% ଆମଦାନୀ ଶୁଳ୍କ ଆଜିଠାରୁ କାର୍ଯ୍ୟକାରୀ ହେବ। ଏହି ଶୁଳ୍କ ଲାଗୁ ହେବାର ଗୋଟିଏ ଦିନ ପୂର୍ବରୁ, ଟ୍ରମ୍ପ୍ ରୁଷ ସହିତ ବାଣିଜ୍ୟ କାରବାରକୁ ନେଇ ଭାରତ ଉପରେ ଜୋରିମାନା ସ୍ୱରୂପ ଅତିରିକ୍ତ ୨୫% ଶୁଳ୍କ ଘୋଷଣା କରିଥିଲେ। ବର୍ଦ୍ଧିତ ଶୁଳ୍କ ଅଗଷ୍ଟ ୨୭ରୁ ଲାଗୁ ହେବ। ଅର୍ଥାତ୍,ଚଳିତ ମାସ ଶେଷ ସୁଦ୍ଧା ଭାରତରୁ ଆମେରିକା ଯାଉଥିବା ଉତ୍ପାଦ ଉପରେ ମୋଟ ଶୁଳ୍କ ୫୦% ପହଞ୍ଚିବ। ଟ୍ରମ୍ପ ରାଷ୍ଟ୍ରପତି ପଦ ଗ୍ରହଣ



କରିବାର ପ୍ରାୟ ଏକ ମାସ ପରେ, ଫେବୃଆରୀରେ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚନା ଆରମ୍ଭ ହୋଇଥିଲା। ଅର୍ଥାତ୍, ଭାରତ ପ୍ରଥମ କିଛି ଦେଶ ମଧ୍ୟରେ ଥିଲା ଯେଉଁମାନେ ଯଥାଶୀଘ୍ର ଆମେରିକା ସହିତ ବାଣିଜ୍ୟ ଚୁକ୍ତିକୁ ପ୍ରାଥମିକତା ଦେଇଥିଲେ। ଉଭୟ ଦେଶ ବାଣିଜ୍ୟ ଆଲୋଚନା ପାଇଁ ସେମାନଙ୍କର ପ୍ରତିନିଧିମଣ୍ଡଳୀ ମଧ୍ୟ ଘୋଷଣା କରିଥିଲେ। ତଥାପି, ଗତ ୫ ମାସ ମଧ୍ୟରେ ୫ଟି ବୈଠକ ସତ୍ତ୍ୱେ ଭାରତ-ଆମେରିକା ଏକ ଚୁକ୍ତିରେ ପହଞ୍ଚି ପାରି ନାହାନ୍ତି। ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଚଳିତ ବର୍ଷ ଏପ୍ରିଲରେ ଭାରତ ଗସ୍ତ କରିଥିଲେ। ତାଙ୍କ ସହିତ ଆସିଥିବା ପ୍ରତିନିଧି ଦଳ ମଧ୍ୟ ଭାରତ ସହିତ ଆଲୋଚନାର ଡ୍ରାଫ୍ଟକୁ ଚୂଡ଼ାନ୍ତ କରିଥିଲେ। ଏହି ବୈଠକ ପରେ ଭାରତକୁ ଅନେକ କ୍ଷେତ୍ରରେ ରିଆତି ମିଳିଥିଲା କୁହାଯାଉଥିଲା। ସେତେବେଳେ ଭାରତ ଆମେରିକାକୁ ଏହାର ଶିଳ୍ପ ଉତ୍ପାଦର ରପ୍ତାନି ଉପରେ କୌଣସି ଶୁଳ୍କ ଲାଗୁ ନ କରିବାକୁ ପ୍ରସ୍ତାବ ଦେଇଥିଲା। ଆମେରିକାରୁ ଭାରତକୁ ହେଉଥିବା ମୋଟ ରପ୍ତାନିର ୪୦% ହେଉଛି ଶିଳ୍ପ ଉତ୍ପାଦ। ଭାରତ ମଦ ସହିତ ଆମେରିକୀୟ କାର ଉପରେ ଶୁଳ୍କ ହାର ହ୍ରାସ କରିବାକୁ ରାଜି ହୋଇଥିଲା। ଏହାସହିତ, ଆମେରିକାର ଦ୍ୱିପାକ୍ଷିକ ବାଣିଜ୍ୟ ନିଅଣ୍ଟ ୪୫ ବିଲିୟନ ଡଲାର ହ୍ରାସ କରିବା ପାଇଁ ଏହାର ଶକ୍ତି ଏବଂ ଅସ୍ତ୍ରଶସ୍ତ୍ର କ୍ରୟକୁ ୨୫ ବିଲିୟନ ଡଲାର ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦେଇଥିଲା। କୁହାଯାଏ ଯେ ୫ମ ପର୍ଯ୍ୟାୟ ବୈଠକ ଆସିବା ପର୍ଯ୍ୟନ୍ତ, ଉଭୟ ଦେଶ ସେମାନଙ୍କର ମତଭେଦ ଦୂର କରିଥିଲେ। ଟ୍ରମ୍ପ୍ ଏ ସମ୍ପର୍କରେ ଶୀଘ୍ର ଏକ 'ବଡ଼ ଚୁକ୍ତି' କରିବାକୁ ମଧ୍ୟ ଘୋଷଣା କରିଥିଲେ। ତଥାପି, ଏହା ସତ୍ତ୍ୱେ ଟ୍ରମ୍ପ ପ୍ରଶାସନ ଭାରତରୁ ଶୁଳ୍କ ହ୍ରାସରେ ଖୁସି ନ ଥିଲା। ଅନ୍ୟପକ୍ଷରେ, ଭାରତୀୟ ଅଧିକାରୀମାନେ ଆଶା କରୁଥିଲେ ଯେ ସେମାନେ କେବଳ ଶୁଳ୍କ ରିଆତି ଦେଇ ସେମାନଙ୍କର କୃଷି ଏବଂ ଦୁଗ୍ଧ କ୍ଷେତ୍ରକୁ ରକ୍ଷା କରିପାରିବେ। ଅନ୍ୟପକ୍ଷରେ, ଭାରତୀୟ ଅଧିକାରୀମାନେ ଭାରତ ପାଇଁ କିଛି କ୍ଷେତ୍ରକୁ ଗୁରୁତ୍ୱପୂର୍ଣ୍ଣ ବୋଲି କହି ଆମେରିକୀୟ ଦାବି ଆଗରେ ମୁଣ୍ଡ ନୁଆଁଇ ନ ଥିଲେ।

## ୩୧,୫୦୦ କୋଟି ଟଙ୍କାର ବୋଇଂ ଚୁକ୍ତି ରଦ୍ଦ

ଶୁଳ୍କ କ୍ଷେତ୍ରରେ ଟ୍ରମ୍ପ ପ୍ରଶାସନକୁ ଭାରତ ବଡ଼ ଝଟକା ଦେଇଛି। ଆମେରିକା ସହ ଭାରତ ୩୧,୫୦୦ କୋଟି ଟଙ୍କାର ବୋଇଂ ଚୁକ୍ତିକୁ ରଦ୍ଦ କରିଦେଇଛି। ଭାରତ ଏହି ନିଷ୍ପତ୍ତି ସେତେବେଳେ ନେଇଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଭାରତ ଉପରେ ଅତିରିକ୍ତ ୨୫% ଶୁଳ୍କ ଘୋଷଣା କରିଛନ୍ତି। ରିପୋର୍ଟ ଅନୁସାର ଭାରତୀୟ ନୌସେନା ପି-୮ ସାମୁଦ୍ରିକ ବିମାନ କ୍ରୟ ନିମନ୍ତେ ଚୁକ୍ତି କରିଥିଲା। ଏବେ କୁହାଯାଉଛି ଏହି ଚୁକ୍ତି ବାତିଲ କରିଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ ଭାରତ ଉପରେ ଆମେରିକା ୫୦% ଟାରିଫ ଲାଗୁ କରିଛି। ରିପୋର୍ଟ ଅନୁସାରେ ଆମେରିକାଠାରୁ ଭାରତ ଏଫ-୩୫ ଯୁଦ୍ଧ ବିମାନ ମଧ୍ୟ କିଣିବ ନାହିଁ। ସୂଚନାନୁସାରେ ଜୁଲାଇ ୨୦୨୫ରେ ଭାରତ ଆମେରିକୀୟ କମ୍ପାନୀ ବୋଇଂ ସହିତ ୩୧,୫୦୦ କୋଟି ଟଙ୍କାର ଚୁକ୍ତି କରିଥିଲା।

## ଶୁଳ୍କ ଲାଗୁ ପରେ ସେୟାର ବଜାରରେ ୟୁ-ଟର୍ଣ୍ଣ

**ସେନ୍‌ସେକ୍ସରେ ୮୦ ପଏଣ୍ଟ ବୃଦ୍ଧି**

ମୁମ୍ବଇ,୭।୮ (ଏଜେନ୍ସି): ଟ୍ରମ୍ପଙ୍କ ୫୦ ପ୍ରତିଶତ ଶୁଳ୍କ ଯୋଗୁଁ ଗୁରୁବାର ଷ୍ଟକ୍ ବଜାର ବହୁତ ଭୟଭୀତ ହୋଇଥିଲା, ଗୋଟିଏ ସମୟରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ପ୍ରମୁଖ ସୂଚକାଙ୍କ ସେନସେକ୍ସ ୭୦୦ ପଏଣ୍ଟରୁ ଅଧିକ ହ୍ରାସ ସହିତ କାରବାର କରୁଥିଲା। ଏହାପରେ ଷ୍ଟକ୍ ବଜାରରେ ଏକ ୟୁ-ଟର୍ଣ୍ଣ ଦେଖାଯାଇଥିଲା। ଅପରାହ୍ନ ୧ଟା ୩୦ ପରେ ଷ୍ଟକ୍ ବଜାରରେ ପୁନରୁଦ୍ଧାର ଦେଖାଯାଇଥିଲା। ବଜାର ବନ୍ଦ ହେବାର କିଛି ମିନିଟ୍ ପୂର୍ବରୁ ସେନସେକ୍ସ ୧୨୦ ପଏଣ୍ଟରୁ ଅଧିକ ବୃଦ୍ଧି ସହିତ କାରବାର କରୁଥିବା ଦେଖାଯାଇଥିଲା। ଯେତେବେଳେ ଷ୍ଟକ୍ ବଜାର ବନ୍ଦ ହୋଇଥିଲା, ସେତେବେଳେ ଏହା ଉପରମୁହାଁ ହୋଇଥିଲା।

**ଆମେରିକା ଟାରିଫ୍‌କୁ ନେଇ ପ୍ରଧାନମନ୍ତ୍ରୀଙ୍କୁ ଘେରିଲେ ରାହୁଲ**

## ଭାରତକୁ ଆର୍ଥିକ ବ୍ଲାକମେଲ୍ କରୁଛି ଆମେରିକା

ନୂଆଦିଲ୍ଲୀ,୭।୮ (ଏଜେନ୍ସି): ଟ୍ରମ୍ପ ଭାରତ ଉପରେ ୫୦% ଶୁଳ୍କ ଘୋଷଣା କରିବା ପରେ ରାଜନୀତି ତେଜିଛି। କଂଗ୍ରେସ ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛି। ବୁଧବାର କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏକ ପୋଷ୍ଟ କରି କହିଛନ୍ତି '୫୦%ଶୁଳ୍କ ଲାଗୁ କରି ଆମେରିକା ଭାରତକୁ ଆର୍ଥିକ ଭାବରେ ବ୍ଲାକମେଲ୍ କରୁଛି। ଏପରି କରି ଅନୁଚିତ ବାଣିଜ୍ୟ ଚୁକ୍ତି ପାଇଁ ଧମକାଉଛି ଆମେରିକା। ଆଉ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିରବତା ଜନସାଧାରଣଙ୍କ ଉପରେ ଚାପ ନ ପକାଉ। ଏହା ପୂର୍ବରୁ ମଧ୍ୟ ରାହୁଲ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ଉପରେ ନୀରବତା ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସମାଲୋଚନା କରିଥିଲେ। ରାହୁଲ କହିଥିଲେ "ଆଦାନୀ ଉପରେ ଆମେରିକାର ତଦନ୍ତ" ଯୋଗୁ ବାରମ୍ବାର ଶୁଳ୍କ ଧମକ ଦେବା ସତ୍ତ୍ୱେ ଟ୍ରମ୍ପଙ୍କ ବିରୁଦ୍ଧରେ ପ୍ରଧାନମନ୍ତ୍ରୀ ମୋଦୀ କହିପାରିବେ ନାହିଁ।

# ଟ୍ରମ୍ପ୍‌ଙ୍କ ରାଗ ପଛରେ ଅସ୍ତ୍ରବିରତି

ନୂଆଦିଲ୍ଲୀ,୭।୮ (ଏଜେନ୍ସି): ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦% ଶୁଳ୍କ ଲଗାଇବା ପାଇଁ ଯେଉଁ କାରଣ ଦେଇଛନ୍ତି ତାହା ହେଉଛି ରୁଷରୁ ତେଲ କିଣିବା, କିନ୍ତୁ ଟ୍ରମ୍ପ ଯାହା କହୁଛନ୍ତି ତାହା କ'ଣ ଏକମାତ୍ର ସତ୍ୟ। ଯଦି ଏହା କେବଳ ରୁଷ ତେଲ ବିଷୟରେ ହୋଇଥାନ୍ତା, ତେବେ ଚୀନ ଉପରେ ମଧ୍ୟ ଶୁଳ୍କ ଲଗାଯାଇଥାନ୍ତା, ଯଦି ଏହା କେବଳ ତେଲ ବିଷୟରେ ହୋଇଥାନ୍ତା, ତେବେ ୟୁରୋପୀୟ ସଂଘ(ଇୟୁ) ଉପରେ ମଧ୍ୟ ଶୁଳ୍କ ଲଗାଯାଇଥାନ୍ତା। ଭାରତ ଉପରେ କେବଳ ଶୁଳ୍କ ଲଗାଯାଇନାହିଁ, ବରଂ ଏକ ଜୋରିମାନା ମଧ୍ୟ ଲଗାଯାଇଛି। ଏହି ଦଣ୍ଡ ଏହି କଥାର ପ୍ରମାଣ ଯେ ଟ୍ରମ୍ପଙ୍କ ଶୁଳ୍କ ଲଗାଯିବା ପଛରେ ରୁଷ ତେଲ ନୁହେଁ ବରଂ ଅନ୍ୟ କିଛି ଖେଳ ଅଛି। ପ୍ରଥମ ଘଟଣା ହେଉଛି, ଯେତେବେଳେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଅପରେସନ ସିନ୍ଦୁର ଆରମ୍ଭ କରି ପାକିସ୍ତାନର ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିଦେଲା ଏବଂ ପାକିସ୍ତାନରେ ବିନାଶ କରିବା ପରେ ପାକିସ୍ତାନର ଅନୁରୋଧରେ ଅପରେସନ ସିନ୍ଦୁର ବନ୍ଦ କରିଦେଲା। ଟ୍ରମ୍ପ ଏହାକୁ ଯୁଦ୍ଧବିରତି ବୋଲି କହି ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବନ୍ଦ କରିବାର ଶ୍ରେୟ ନେବାକୁ ଚେଷ୍ଟା କଲେ। ସଂସଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିଲେ ଯେ ବିଶ୍ୱର କୌଣସି ଦେଶ ତାଙ୍କୁ ଏହି ଯୁଦ୍ଧ ବନ୍ଦ କରିବାକୁ କହିନାହାଁନ୍ତି। ଏହାଛଡା ବିଶ୍ୱର ବିଭିନ୍ନ ଦେଶରେ ଯୁଦ୍ଧ ବନ୍ଦ କରି ଶାନ୍ତି ପ୍ରୟାସ କରୁଥିବାରୁ ନୋବେଲ ପୁରସ୍କାର ପାଇଁ ଟ୍ରମ୍ପ୍‌ଙ୍କୁ ଭାରତ ସମର୍ଥନ କରୁ ନ ଥିବା ପ୍ରସଙ୍ଗକୁ ଆମେରିକା ରାଷ୍ଟ୍ରପତି ସହଜରେ ହଜମ କରୁପାରୁ ନ ଥିଲେ।

ଏହି ଶୁଳ୍କର ଆଉ ଏକ ବଡ଼ କାରଣ ହେଉଛି, ଟ୍ରମ୍ପଙ୍କ ବ୍ୟକ୍ତିଗତ ଅହଂକାର। ତାହା ହେଉଛି ବ୍ୟବସାୟ ଯାହା ବିଷୟରେ ଟ୍ରମ୍ପ ବାରମ୍ବାର ସମଗ୍ର ବିଶ୍ୱକୁ ଧମକ ଦେଉଛନ୍ତି। ଯେତେବେଳେ ଟ୍ରମ୍ପ ଭାରତ ସହିତ ବ୍ୟବସାୟର ଗଣିତ ଦେଖିଲେ ଯେ, ଆମେରିକା ଭାରତକୁ କମ୍ ବିକ୍ରି କରେ ଏବଂ ଅଧିକ କିଣେ। ତେଣୁ ଟ୍ରମ୍ପ ଏହି ବାଣିଜ୍ୟ ନିଅଣ୍ଟ ହ୍ରାସ କରିବା ପାଇଁ ଭାରତ ଉପରେ ଚାପ ପକାଇଲେ, କିନ୍ତୁ ଭୁଲ ସ୍ଥାନରେ। ଟ୍ରମ୍ପ ଚାହୁଁଥିଲେ ଯେ ଭାରତ ଆମେରିକା ପାଇଁ କୃଷି ଏବଂ କ୍ଷୀର ଉତ୍ପାଦ ପାଇଁ ବଜାର ଖୋଲି ଦେଉ। ଯାହା ଦ୍ୱାରା ଆମେରିକା ଭାରତକୁ ତା'ର ସାମଗ୍ରୀ ବିକ୍ରି କରିପାରିବ।

# ରାଜଧାନୀରେ ସ୍କୋଡାର ନୂଆ ଶୋ' ରୁମ୍ 'ଏମ୍ପୋରିଓ ସ୍କୋଡା'



ଭୁବନେଶ୍ୱର, ୭।୮ (ସମିସ): ନେଟୱାର୍କ ସମ୍ପ୍ରସାରଣର ଅଂଶସ୍ୱରୂପ ସ୍କୋଡା ଅଟୋ ଇଣ୍ଡିଆ ପକ୍ଷରୁ ଭୁବନେଶ୍ୱରର ରଘୁନାଥପୁରଠାରେ ନୂଆ ଶୋ' ରୁମ୍ 'ଏମ୍ପୋରିଓ ସ୍କୋଡା' ଖୋଲିଛି। ଏହା ସହ ଦୁଇଟି ନୂଆ ଟଚ୍ ପଏଣ୍ଟ ମଧ୍ୟ ଖୋଲାଯାଇଛି। ନୂଆ ଶୋ ' ରୁମ୍‌କୁ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ଅଶିଷ ଗୁପ୍ତା ଉଦ୍‌ଘାଟନ କରି ଭୁବନେଶ୍ୱର ଓ ଓଡ଼ିଶା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର। ଏହି ନୂତନ ଟଚ୍ ପଏଣ୍ଟ ସେଣ୍ଟର ଆମ ଦେଶବ୍ୟାପୀ ନେଟୱାର୍କ ବିକାଶର ଏକ ପ୍ରମାଣ। ଏହା ଗ୍ରାହକଙ୍କୁ ଉତ୍କୃଷ୍ଟ ସେଲ୍ସ ଓ ଆଫ୍ଟରସେଲ୍ସ ଅନୁଭବ ଦେବା ଆମର ପ୍ରତିବଦ୍ଧତାକୁ ପ୍ରମାଣିତ କରିବ। ଏହି ଅବସରରେ ଏମ୍ପୋରିଓ ଆଲ୍ଲିଡ଼ ପ୍ରାଇଭେଟ ଲିମିଟେଡ଼ର ଡିଲର୍ ପ୍ରିନ୍ସିପାଲ୍ ଅବିନାଶ ସାମଲ କହିଥିଲେ ଯେ ସ୍କୋଡା ଗୁଣବତ୍ତା, ଗ୍ରାହକ ସେବା ପାଇଁ ପରିଚିତ। ଭୁବନେଶ୍ୱରରେ ଏହି ନୂଆ ସୁବିଧା ସହ ଆମେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ପାଇଁ ଗର୍ବିତ । ଆଗାମୀ ଦିନରେ ଆଉ ଅଧିକ ଓ ଉନ୍ନତ ଗ୍ରାହକ

**ଦୁଇଟି ନୂଆ ଟଚ୍ ପଏଣ୍ଟ ଉଦ୍‌ଘାଟିତ**

ସେବା ଦେବା ପାଇଁ ଆମେ ସର୍ବଦା ପ୍ରତିବଦ୍ଧ। ସ୍କୋଡା ଅଟୋ ଇଣ୍ଡିଆର କୁସାକ, ସ୍ଲାଭିଆ, କୋଡିଅକ ଓ ଇନିଆକ ପରି ଲୋକପ୍ରିୟ ଗାଡି ଏଠାରେ ଉପଲବ୍ଧ । ଗ୍ରାହକମାନେ ଅନେକ ଆଫ୍ଟରସେଲ୍ସ ପ୍ରୋଗ୍ରାମ୍ – ସୁପର କେୟାର , ଏକ୍ସଟେଣ୍ଡେଡ୍ ୱାରାଣ୍ଟି, ଭାଲ୍ୟୁ ସର୍ଭିସ୍ ପ୍ଲାନ୍ ପରି ସୁବିଧା ଉପଭୋଗ କରିପାରିବେ। ଏବେ ସ୍କୋଡା ଅଟୋ ଇଣ୍ଡିଆର ୩୦୦ରୁ ଅଧିକ ଟଚ୍‌ପଏଣ୍ଟ ୧୭୬ଟି ସହରରେ ବ୍ୟାପିଛି, ଯାହା ଦେଶରେ ଗ୍ରାହକ ସମ୍ପର୍କ ବୃଦ୍ଧିରେ ମୂଳ ଭୂମିକା ଗ୍ରହଣ କରିଛି। ଏହି ଅବସରରେ ବର୍ଷା ପ୍ରିୟଦର୍ଶିନୀ ସ୍ୱାଇଁ, ଅଧ୍ୟକ୍ଷ ଗଙ୍ଗାଧର ସାମଲଙ୍କ ସହ ସ୍କୋଡା ସ୍କୋଡା ଅଟୋ ଇଣ୍ଡିଆର ଅନୀଲା, ପ୍ରଦୀପ କେମ୍ପାନ୍ନା, ବିଜୁ, ସୁଦୀପ ପୁରୀ ଓ ମିଥିନ ପ୍ରମୁଖ ପ୍ରତିନିଧି ରୂପେ ଯୋଗଦେଇଥିଲେ।

**'ୱି ଓମେନ୍ ୱାଣ୍ଟ କନ୍‌କ୍ଲେଭ ୨୦୨୫'**

# ଶୈଫାଳିକା ପଣ୍ଡାଙ୍କୁ ଶକ୍ତି ପୁରସ୍କାର

ଭୁବନେଶ୍ୱର,୭।୮ (ସମିସ: ଇମ୍ପାର କର୍ପୋରେଟ ସାମାଜିକ କଲ୍ୟାଣ ଶାଖା ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନର ପ୍ରତିଷ୍ଠାତା ଏବଂ ସିଇଓ ଶୈଫାଳିକା ପଣ୍ଡା ନୂଆଦିଲ୍ଲୀଠାରେ ' ୱି ଓମେନ୍ ୱାଣ୍ଟ କନକ୍ଲେଭ ଆଣ୍ଡ ଶକ୍ତି ଆୱାର୍ଡ଼ ୨୦୨୫' ରେ ପ୍ରତିଷ୍ଠିତ ଶକ୍ତି ପୁରସ୍କାର ସହ ସମ୍ମାନିତ ହୋଇଛନ୍ତି। ଏହାବ୍ୟତୀତ, ଆଜିର ବିଶ୍ୱରେ



ଆତ୍ମବିଶ୍ୱାସୀ ଝିଅମାନଙ୍କୁ ବୃଦ୍ଧି କରିବା ଉପରେ ଧ୍ୟାନ କେନ୍ଦ୍ରିତ ଏକ ପ୍ୟାନେଲରେ ଶ୍ରୀମତୀ ପଣ୍ଡା ଆଲୋକପାତ କରିଥିଲେ ଯେ ଝିଅମାନଙ୍କ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବା ପରିବର୍ତ୍ତନର ନେତୃତ୍ୱ ନେଉଥିବା ଆତ୍ମବିଶ୍ୱାସୀ ମହିଳାମାନଙ୍କୁ ଗଢ଼ି ତୋଳିବାରେ ବହୁତ ସାହାଯ୍ୟ କରେ। ଏହି ବର୍ଷର 'ୱି ଓମେନ୍ ୱାଣ୍ଟ କନକ୍ଲେଭ ଆଣ୍ଡ ଶକ୍ତି ଆୱାର୍ଡ଼ ୨୦୨୫' ସଂସ୍କରଣରେ ଡ. ଶଶି ଥରୁର ଏବଂ କେନ୍ଦ୍ର ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍‌ଙ୍କ ମୁଖ୍ୟ ଭାଷଣ ଅନ୍ତର୍ଭୁକ୍ତ ହୋଇଥିଲା ଏବଂ ନେତୃତ୍ୱ, ଗଣମାଧ୍ୟମରେ ପ୍ରତିନିଧିତ୍ୱ, ସୁରକ୍ଷା ଏବଂ ନ୍ୟାୟ ଏବଂ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଭାରତୀୟ ମହିଳାଙ୍କ ଦୈନନ୍ଦିନ ବାସ୍ତବତା ଭଳି ବିଷୟବସ୍ତୁ ଉପରେ ଚିନ୍ତାପ୍ରବଣ ପ୍ୟାନେଲ ଆଲୋଚନା ଅନ୍ତର୍ଭୁକ୍ତ ହୋଇଥିଲା। ଏକତା କପୁର, ଦିୟା ମିର୍ଜା, ଶବାନା ଆଜମୀ, ନିମ୍ରତ୍ କୌର୍ ଏବଂ ଡିଜାଇନର ରିତୁ ବେରୀ ଙ୍କ ପରି ସାଂସ୍କୃତିକ ବ୍ୟକ୍ତିତ୍ୱ ସେମାନଙ୍କ ଯାତ୍ରାର ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ, ଯେତେବେଳେ ପ୍ରିୟଙ୍କା ଚତୁର୍ବେଦୀ,ହର୍ ସିମ୍ରତ କୌର ବାଦଲ ଏବଂ ଲେଫ୍ଟନାଣ୍ଟ ଜେନେରାଲ ସାଧନା ସକ୍ସେନା ନାୟାର (ଅବସରପ୍ରାପ୍ତ) ପରି ରାଜନୈତିକ ସ୍ୱର ପ୍ରଶାସନ ଏବଂ ସାର୍ବଜନୀନ ସେବାର ଦୃଷ୍ଟିକୋଣ ଆଣିଥିଲେ। ଏହି କାର୍ଯ୍ୟକ୍ରମରେ ଡ୍ରୋନ୍ ଦିଦି ଏବଂ ଲକ୍ଷପତି ଦିଦିମାନଙ୍କ ସମେତ ତୃଣମୂଳ ସ୍ତରରେ ପରିବର୍ତ୍ତନକାରୀ ଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

# ହାତୀ ମାଧୁରୀ ନନ୍ଦିନୀ ମଠକୁ ଫେରିବାରେ ସୁପ୍ରିମକୋର୍ଟରେ ସାଥ ଦେବ ବନତାରା

ମୁମ୍ବଇ,୭।୮ (ଏଜେନ୍ସି): ହାତୀ 'ମାଧୁରୀ'କୁ ନେଇ ବନତାରା ପକ୍ଷରୁ ପ୍ରେସ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଯେଉଁଥିରେ କୁହାଯାଇଛି ଯେ, ଜୈନ ମଠ ଓ କୋହ୍ଲାପୁର ଲୋକଙ୍କ ପାଇଁ ମାଧୁରୀକୁ ନେଇ ଥିବା ଗଭୀର ଧାର୍ମିକ ଓ ସାଂସ୍କୃତିକ ଗୁରୁତ୍ୱକୁ ସ୍ୱୀକାର କରୁଛି। ୩ ବର୍ଷ ବୟସରୁ ସେ ଲୋକଙ୍କ ଗହଣରେ ରହିଆସୁଥିଲା। ଲୋକଙ୍କ ଭାବାବେଗ ସହ ଜଡ଼ିତ ଥିଲା। ଆଧ୍ୟାତ୍ମିକ ଓ ସମୁଦାୟ ଜୀବନର ଅଙ୍ଗ ରୂପେ ଅବିଚ୍ଛିନ୍ନ ଅଂଶ ରହିଥିଲା 'ମାଧୁରୀ'। ଆମେ ସେହି ଭକ୍ତ, ଜୈନ ମଠର ନେତୃତ୍ୱ , ବ୍ୟାପକ ସମୁଦାୟଙ୍କ ଭାବନା, ଚିନ୍ତାକୁ ସ୍ୱୀକାର ଓ ସମ୍ମାନ କରୁଛୁ। ଯେଉଁମାନେ କୋହ୍ଲାପୁରରେ ମାଧୁରୀଙ୍କ ଉପସ୍ଥିତି ପ୍ରତି ନିଜ ଆସକ୍ତି ପ୍ରକାଶ କରିଛନ୍ତି। ଆହୁରି ମଧ୍ୟ କୁହାଯାଇଛି ଯେ, ଏହି ମାମଲାରେ ବନତାରା ଭୂମିକା କେବଳ ସର୍ବୋଚ୍ଚ ନ୍ୟାୟାଳୟ ଓ ବମ୍ବେ ହାଇକୋର୍ଟ ଦ୍ୱାରା ଜାରି କରାଯାଇଥିବା ବାଧ୍ୟକର ନିର୍ଦ୍ଦେଶାବଳୀ ଅନୁଯାୟୀ କାର୍ଯ୍ୟ କରିବା

**ମାଧୁରୀ'କୁ ନେଇ ବନତାରା ପକ୍ଷରୁ ସ୍ପଷ୍ଟୋକ୍ତି**

ପର୍ଯ୍ୟନ୍ତ ସୀମିତ ଥିଲା। ମାଧୁରୀଙ୍କୁ ସ୍ଥାନାନ୍ତର କରିବା ନିଷ୍ପତ୍ତି ନ୍ୟାୟିକ ଅଧିକାର ଅଧୀନରେ ନିଆଯାଇଥିଲା। ବନତାରାର ଭୂମିକା ଉତ୍ପୀଡ଼ନର ଶିକାର ଏବଂ ଭୟରେ ଥିବା ପଶୁମାନଙ୍କୁ ଉଦ୍ଧାର, ଚିକିତ୍ସା, ଯତ୍ନ ଓ ଥଇଥାନ ବ୍ୟବସ୍ଥା କରାଇଥାଏ। ବନତାରା ନା ସ୍ଥାନାନ୍ତର କରିବା ଆରମ୍ଭ କରିଛି ନା ସୁପାରିସ କରିଛି। ଧାର୍ମିକ ପ୍ରଥା ବା ଭାବନାକୁ ଆଘାତ ଦେବା ଭଳି କୌଣସି କାମ କରାଯାଇ ନାହିଁ ଓ ଏହାର ଆମର ଉଦ୍ଦେଶ୍ୟ ନୁହେଁ ବୋଲି ବନତାରା ପକ୍ଷରୁ କୁହାଯାଇଛି। ଆଇନଗତ ଆଚରଣ, ଦାୟିତ୍ୱପୂର୍ଣ୍ଣ ପଶୁ ଯତ୍ନ ଓ ସମୁଦାୟ ସହଯୋଗ ପ୍ରତି ଆମର ଅନୁଗତି ଅନୁଯାୟୀ, ବନତାରା ଜୈନ ମଠ ଓ ମହାରାଷ୍ଟ୍ର ସରକାର ଦ୍ୱାରା ନ୍ୟାୟାଳୟଙ୍କ ହସ୍ତକ୍ଷେପରେ ମାଧୁରୀଙ୍କୁ ପୁଣିଥରେ କୋହ୍ଲାପୁରକୁ ଆଣିବା ପାଇଁ ଦାଖଲ ହେବାକୁ ଯାଉଥିବା ସମସ୍ତ ଆବେଦନକୁ ପୂର୍ଣ୍ଣ ସମର୍ଥନ ଦେବ। ନ୍ୟାୟାଳୟ ଅନୁମତି ଅଧୀନରେ ବନତାରା ମାଧୁରୀକୁ ସୁରକ୍ଷିତ ଓ ସମ୍ମାନଜନକ ଭାବେ ଫେରାଇବା ପାଇଁ ପୂର୍ଣ୍ଣ ପ୍ରଯୁକ୍ତି ଓ ପଶୁ ଚିକିତ୍ସା ସାହାଯ୍ୟ ପ୍ରଦାନ କରିବ।

# କିଆ କାରେନ୍ସ କ୍ଲାଭିସ୍ ଇଭିର ବଜାର ପ୍ରବେଶ



କଟକ,୭।୮ (ସମିସ): କିଆ ଇଣ୍ଡିଆ ଲିମିଟେଡ ଇଭି୬ କାର ପୂର୍ବରୁ ବଜାରକୁ ଛାଡିଥିବାବେଳେ ଆଜି କାରେନ୍ସ କ୍ଲାଭିସ ଇଭିର ବଜାର ପ୍ରବେଶ କରାଇଛି। ଭୁବନେଶ୍ୱର ପାହାଳସ୍ଥିତ ସୋ'ରୁମ୍‌ରେ ସେଣ୍ଟ୍ରାଲ କିଆର ଏମ୍‌ଡି ବିଶାଳ ଧୱନ୍, ଡାଇରେକ୍ଟର ଆଦର୍ଶ ଧୱନ୍ ଓ ସେଲ୍ସ (ଜିଏମ୍) ପ୍ରଶାନ୍ତ ବେହେରାଙ୍କ ଉପସ୍ଥିତରେ ଏହାକୁ ମୁଖ୍ୟ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କର ଉପମହାପ୍ରବନ୍ଧକ ନିଶାନ୍ତ ବଜାର ପ୍ରବେଶ କରାଇଥିଲେ। ଆଡଭାନ୍ସ ଟେକ୍ନୋଲୋଜିରେ ନିର୍ମିତ ଏହି ଗାଡ଼ି ୭ ସିଟ୍ ବିଶିଷ୍ଟ କାର୍ ହୋଇଥିଲାବେଳେ ଏଥିରେ ଡବଲ ବ୍ୟାଟେରୀର ସୁବିଧା ରହିଛି। ୪୨ କିଲୋୱାଟ ଆୱାର କ୍ଷମତା ରଖିଥିବା ବ୍ୟାଟେରୀ ଥରେ ଚାର୍ଜ ହେଲେ ୪୦୪ କିମିର ଓ ୫୧.୪ କିଲୋୱାଟ ଆୱାର କ୍ଷମତା ରଖିଥିବା ବ୍ୟାଟେରୀ ଥରେ ଚାର୍ଜ ହେଲେ ୪୯୦ କିମି ଯାଇପାରିବ ବୋଲି ଶ୍ରୀ ଧାୱନ୍ କହିଛନ୍ତି। ଗାଡ଼ିର ଏକ୍ସ ଶୋ' ରୁମ ମୂଲ୍ୟ ସର୍ବନିମ୍ନ ୧୭.୯୯ ଲକ୍ଷ ଟଙ୍କାରୁ ସର୍ବାଧିକ ୨୪. ୫୦ ଲକ୍ଷ ଟଙ୍କା ରହିଛି। ଆଇଭରୀ ସିଲିଭର, ଇମ୍ପରିଆଲ ବ୍ଲୁ, ବ୍ଲାକ, ହ୍ୟାଇଟ,ପିଟର ଅଲିଭ ,ଗ୍ରେ ଭଳି ୬ ଟି ରଙ୍ଗରେ ଉପଲବ୍ଧ ଏହି କାର ପାଇଁ ବିଭିନ୍ନ ପେଟ୍ରୋଲ ଟାଙ୍କିରେ ଚାର୍ଜିଙ୍ଗ ପଏଣ୍ଟ ମାନ ମଧ୍ୟ ରହିଛି। ଏହାର ବାହାର ଓ ଭିତର ଡିଜାଇନ୍ ଉଚ୍ଚକୋଟୀର ହେବା ବ୍ୟତୀତ ୨୦ ଟି ଅଟନୋମସ ଆଡାସ ଲେଭଲ ୨.୦ଯାହାକି ବ୍ୟବହାର କରୁଥିବା ବ୍ୟକ୍ତିର ସୁବିଧା ଓ ସୁରକ୍ଷା ସୁଦୃଢ଼ କରେ ବୋଲି ଜିଏମ୍ ଶ୍ରୀ ବେହେରା କହିଛନ୍ତି। ବଜାର ପ୍ରବେଶ ଅବସରରେ ସେଣ୍ଟ୍ରାଲ କିଆର ଏଜିଏମ୍ ଆଲାଏଡ ଅରବିନ୍ଦ ସିହ୍ନା, ଏଜି ଏମ୍ ସେଲ୍ସ ସରୋଜ କୁଅଁର ,ସିନିୟର୍ ସେଲସ ମ୍ୟାନେଜର ପ୍ରମୋଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ନାଲ୍‌କୋର ପ୍ରଥମ ତ୍ରୈମାସିକ ଫଳାଫଳରେ ୭୭% ଅଭିବୃଦ୍ଧି

ଭୁବନେଶ୍ୱର, ୭।୮ (ସମିସ): ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ଼ (ନାଲକୋ) ପକ୍ଷରୁ ଆର୍ଥିକ ବର୍ଷ ୨୦୨୫-୨୬ ର ପ୍ରଥମ ତ୍ରୈମାସିକ ଫଳାଫଳ ଘୋଷିତ ହୋଇଛି। ପ୍ରଥମ ତ୍ରୈମାସିକରେ କମ୍ପାନୀ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲାବେଳେ ଆର୍ଥିକ କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ହାସଲ କରିଛି। ଆଜି ଭୁବନେଶ୍ୱରରେ ଅନୁଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀର ବୈଠକରେ ରେକର୍ଡରେ କରାଯାଇଥିବା ଫଳାଫଳ ଅନୁଯାୟୀ, ନାଲକୋ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଜୁନ୍ ୩୦ ତାରିଖରେ ଶେଷ ହୋଇଥିବା ପ୍ରଥମ ତ୍ରୈମାସିକରେ ୭୭% ଅଭିବୃଦ୍ଧି ସହ ୧୦୬୪ କୋଟି ଟଙ୍କାର ନିଟ୍ ଲାଭ ଅର୍ଜନ କରିଛି, ଯାହା ପୂର୍ବ ବର୍ଷର ସମାନ ତ୍ରୈମାସିକରେ ୬୦୧ କୋଟି ଟଙ୍କା ଥିଲା। ଚଳିତ ତ୍ରୈମାସିକରେ କମ୍ପାନୀ ମଧ୍ୟ ୩୮୦୭ କୋଟି ଟଙ୍କାର ବ୍ୟବସାୟ କରିଛି। ନାଲକୋ ବୋର୍ଡ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରତି ଇକ୍ୱିଟି ସେୟାର ପିଛା ଟ ୨.୫୦ଙ୍କା ହିସାବରେ ୪୫୯.୧୬ କୋଟି ଟଙ୍କା ଚୂଡ଼ାନ୍ତ ଲାଭାଂଶ ସୁପାରିଶ କରିଛି, ଯାହା ଆଗାମୀ ୪୪ତମ ବାର୍ଷିକ ସାଧାରଣ ବୈଠକରେ ସେୟାରଧାରକମାନଙ୍କ ଅନୁମୋଦନ ନିମନ୍ତେ ଉପସ୍ଥାପନା କରାଯିବ। ଏଥିସହ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମୋଟ ଲାଭାଂଶ ପ୍ରଦାନ ପରିମାଣ ୧୯୨୮.୪୬ କୋଟି ଟଙ୍କା ହେବ।ନାଲକୋ ବୋର୍ଡର ସକ୍ଷମ ମାର୍ଗଦର୍ଶନ ତଥା କର୍ମଚାରୀ, ସହଯୋଗୀ ଏବଂ ଅଂଶୀଦାରମାନଙ୍କ ପ୍ରତିବଦ୍ଧତା ଫଳରେ



କମ୍ପାନୀ ପ୍ରଥମ ତ୍ରୈମାସିକର ଉଲ୍ଲେଖନୀୟ ପ୍ରଦର୍ଶନ ହାସଲ କରିଛି ବୋଲି ସିଏମଡି ଶ୍ରୀ ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ଜୀବନସାଥୀଙ୍କ ସହଯୋଗ ମିଳିପାରେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

**ବୃଷ:** କୌଣସି କାର୍ଯ୍ୟ ବିଗିଡ଼ିପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ସ୍ୱଭାବରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ। ଦୀର୍ଘ ଦିନର ଆଶା ପୂରଣ ହେବ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। କୌଣସି କଥାକୁ ନେଇ ମନ ଉଣା ହୋଇପାରେ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ଅତିଥି ସତ୍କାର କରିପାରନ୍ତି।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। କାମରୁ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଆୟ ଓ ବ୍ୟୟ ସମାନ ରହିବ।

**ଧନୁ:** ଆତ୍ମବିଶ୍ୱାସ ବଢ଼ିବ। କାମ କରିବାରେ ସକ୍ଷମ ହେବେ ନାହିଁ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ନକାରାତ୍ମକ ଚିନ୍ତାଧାର ଦୂର ହେବ। ଅଫିସ ସହକର୍ମୀଙ୍କ ସହଯୋଗରେ କାମ ପୂରା କରିବେ।

**ମକର:** ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ବିଚଳିତ ହେବା ବ୍ୟର୍ଥ। ପରିବାର ଲୋକଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିପାରେ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ। ବିବାହ ବିଳମ୍ବ ହେବ।

**ମୀନ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

## ଆଜିର ଇତିହାସ

- ୧୫୪୯- ଫ୍ରାନ୍ସ, ଇଂଲଣ୍ଡ ବିପକ୍ଷରେ ଯୁଦ୍ଧ ଘୋଷଣା କଲା।
- ୧୮୬୪- ଜେନେଭାରେ ରେଡକ୍ରସ୍‌ର ସ୍ଥାପନା ହେଲା।
- ୧୮୯୯- ଏ.ଟି. ମାର୍ଶଲ ରେଫ୍ରିଜେଟରକୁ ପେଟେଣ୍ଟ କରାଇଲେ।
- ୧୯୪୫- ସୋଭିଏତ୍ ସଂଘ ଜାପାନ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୯୦- ଇରାକ୍ ଓ କୁଏତ୍ ଔପଚାରିକ ଭାବେ ଏକୀକରଣ କଥା ଘୋଷଣା କଲେ।
- ୨୦୧୩- ପାକିସ୍ତାନର କ୍ୱେଟାରେ ହୋଇଥିବା ଆତ୍ମଘାତୀ ଆକ୍ରମଣରେ ୨୮ ଲୋକଙ୍କ ପ୍ରାଣହାନି।



### କୀଟପତଙ୍ଗଙ୍କୁ ଅସ୍ତ୍ର କରିବ ଚୀନ୍

# ମହୁମାଛି ପିନ୍ଧିବ ବିପଜ୍ଜନକ ଡିଭାଇସ୍

ମୁଖ୍ୟତଃ ବର୍ଷା ଏବଂ ଶୀତଦିନରେ ଘରେ ତଥା ଘର ବାହାରେ ମଶା, ମାଛି ଆଦି ଦେଖାଯାନ୍ତି। ମଶା, ଡାଆଁଶ, ମାଛି, ମହୁମାଛି କବଳରୁ ରକ୍ଷା କରିବାକୁ ଲୋକେ ଘରଦ୍ୱାର ପରିଷ୍କାର କରନ୍ତି। ହେଲେ ଏହି କୀଟପତଙ୍ଗଗୁଡ଼ିକ ମଣିଷ ଇଚ୍ଛା ମୁତାବିକ ଏବେ କାମ କରିବେ। ଚୀନ୍‌ରେ ଏପରି ଏକ ମହୁମାଛି ପ୍ରସ୍ତୁତ କରାଯାଉଛି, ଯାହା ମଣିଷର ଇଶାରାରେ ଚାଲିବ। ପ୍ରଥମ ଥର ପାଇଁ ବେଜିଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ବିଆଇଟି)ର ପ୍ରଫେସର ଝାଓ ଜେଲିଆଙ୍ଗ ଏବଂ ତାଙ୍କର ଟିମ୍ କୀଟର ମସ୍ତିଷ୍କ ନିୟନ୍ତ୍ରଣ ପାଇଁ ଏହି ବିକଳ୍ପ ଖୋଜିଛନ୍ତି। ଏଥିପାଇଁ ସେମାନେ ଏକ ସୂକ୍ଷ୍ମ ଯନ୍ତ୍ରକୁ ମହୁମାଛିର ପିଠିରେ ବାନ୍ଧିବେ। ଏହି ଉପକରଣର ଓଜନ ମହୁମାଛିର ମହୁ ଥଳି ସହିତ ସମାନ। ଏହା ପାଖାପାଖି ୭୪ ମିଲିଗ୍ରାମ୍ ହେବ। ଏହି ଉପକରଣଟି ମହୁମାଛିର ପିଠିରେ ବନ୍ଧା ଯିବା ସହ ତିନିଟି ପତଳା ଛୁଞ୍ଚି ମାଧ୍ୟମରେ ତା'ର ମସ୍ତିଷ୍କ ସହିତ ସଂଯୁକ୍ତ ହେବ। ବୈଦ୍ୟୁତିକ ସଙ୍କେତ ସାହାଯ୍ୟରେ ଏଥିରେ ମହୁମାଛିକୁ ନିର୍ଦ୍ଦେଶ ପଠାଯିବ। ଏହି ଗବେଷଣା 'ଚାଇନିଜ ଜର୍ଣ୍ଣାଲ ଅଫ୍ ମେକାନିକାଲ ଇଞ୍ଜିନିୟରିଂ'ରେ ପ୍ରକାଶ କରାଯାଇଛି। ଯେତେବେଳେ ଏହାକୁ ପରୀକ୍ଷା କରାଯାଇଥିଲା, ସେତେବେଳେ ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ ମହୁମାଛି ୧୦ ଥରରୁ ୯ ଥର ସଠିକ୍ ଦିଗରେ ଉଡ଼ିଥିଲା। ତେଣୁ ଏହି ପରୀକ୍ଷଣର ସଫଳତାକୁ ଦୃଷ୍ଟିରେ ରଖି କୁହାଯାଉଛି ଯେ, ମହୁମାଛି ଭବିଷ୍ୟତରେ ସେନା ପାଇଁ ଗୁପ୍ତଚର ଭାବେ କାମ କରିପାରିବ। ଏହାବାଦ୍ ଭୂମିକମ୍ପ ପରି ଘଟଣା ପରେ ଭଗ୍ନାବଶେଷରେ ଫସି ରହିଥିବା ଲୋକଙ୍କୁ ମଧ୍ୟ ଖୋଜିବାରେ ମଧ୍ୟ ସଫଳ ହେବ। ତେବେ ଏହା ପୂର୍ବରୁ ସିଙ୍ଗାପୁରରେ ମଧ୍ୟ ଏହିପ୍ରକାର ଏକ ଉପକରଣ ବିକଶିତ କରାଯାଇଥିଲା। ଅବଶ୍ୟ ସେହି ଉପକରଣଟି ଚୀନ୍‌ର ଉପକରଣଠାରୁ ତିନି ଗୁଣ ଭାରି ଥିଲା। ଯାହାଫଳରେ ଉପକରଣଟି କେବଳ ଧୀର ଗତିରେ ଗତି କରୁଥିବା ପୋକ ଯେପରିକି ଗୋବର ପୋକ ଏବଂ ଅସରପା ଉପରେ ହିଁ କାମ କରିପାରୁଥିଲା।

# ଛଅ ବର୍ଷ ପରେ ବଲିଉଡ୍‌କୁ ଫେରିବେ ପ୍ରିୟଙ୍କା



ବଲିଉଡ୍‌ଠାରୁ ଆରମ୍ଭ କରି ହଲିଉଡ୍‌ରେ ନିଜର ଅଭିନୟର ଯାଦୁ ଦେଖାଇଛନ୍ତି ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା। ଶେଷ ଥର ପାଇଁ ପ୍ରିୟଙ୍କା ବଲିଉଡ୍ ଫିଲ୍ମ 'ଦ ସ୍କାଏ ଇଜ୍ ପିଙ୍କ୍'ରେ ନଜର ଆସିଥିଲେ। ଏବେ ସେ ଦୀର୍ଘ ଛଅ ବର୍ଷ ପରେ ବଲିଉଡ୍‌କୁ ଫେରୁଛନ୍ତି। ପ୍ରିୟଙ୍କା ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଁସାଲୀଙ୍କ ଫିଲ୍ମ ମାଧ୍ୟମରେ ପରଦାକୁ ଫେରିବେ ବୋଲି ଚର୍ଚ୍ଚା ହେଉଛି। ସଞ୍ଜୟଙ୍କ ଫିଲ୍ମ ' ଲଭ୍ ଆଣ୍ଡ ୱାର୍'ରେ ସେ ନଜର ଆସିବେ। କିନ୍ତୁ ଏଯାବତ୍ ଏନେଇ ପ୍ରିୟଙ୍କା କି ସଞ୍ଜୟ ବିଧିବଦ୍ଧ ଭାବେ କିଛି କହି ନାହାନ୍ତି। ଏଥିରେ ପ୍ରିୟଙ୍କାଙ୍କର ଏକ ଡ୍ୟାନ୍ସ ନମ୍ବର ରହିବ ବୋଲି କୁହାଯାଉଛି। ଏହା ପୂର୍ବରୁ ପ୍ରିୟଙ୍କା ସଞ୍ଜୟଙ୍କ ଫିଲ୍ମ 'ରାମ ଲୀଲା'ର 'ରାମ ଚାହେ ଲୀଲା' ଗୀତରେ ଜବରଦସ୍ତ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ଗୀତଟି ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଥିଲା। 'ଲଭ୍ ଆଣ୍ଡ ୱାର୍' ଫିଲ୍ମରେ ଲିଡ୍ ରୋଲରେ ରଣବୀର କପୁର, ଆଲିଆ ଭଟ୍ଟ ଓ ଭିକି କୌଶଲ ନଜର ଆସିବେ। ଏଠାରେ ପ୍ରକାଶ ଥାଉ କି, ୨୦୧୫ ମସିହାରେ ପ୍ରିୟଙ୍କା ଆମେରିକା ଚାଲି ଯାଇଥିଲେ। ଏହାପରେ ସେ ମାତ୍ର ଦୁଇଟି ବଲିଉଡ୍ ଫିଲ୍ମରେ କାମ କରିଛନ୍ତି। ସେ ଶେଷ ଥର ପାଇଁ 'ଦ ସ୍କାଏ ଇଜ୍ ପିଙ୍କ୍' ଫିଲ୍ମରେ ନଜର ଆସିଥିଲେ। ଏହା ୨୦୧୯ ରେ ମୁକ୍ତିଲାଭ କରିଥିଲା।

# ସବୁବେଳେ ଜୋତା ପିନ୍ଧିବା ଭଲ ନୁହେଁ



ସାଧାରଣତଃ ସ୍କୁଲ, କଲେଜ ତଥା ଅଫିସ୍ ଯାଉଥିବା ଲୋକେ ଦୀର୍ଘ ସମୟ ପର୍ଯ୍ୟନ୍ତ ଜୋତା ପିନ୍ଧିଥାନ୍ତି। କାରଣ ଜୋତା ପାଦ ପାଇଁ ଆରାମଦାୟକ ହୋଇଥାଏ। ହେଲେ ଏବେ ପ୍ରଶ୍ନ ଉଠୁଛି ଦିନସାରା ଜୋତା ପିନ୍ଧି ରହିବା ପାଦ ପାଇଁ କେତେ ଭଲ? ଏ ନେଇ ମୁମ୍ବାଇର କୋକିଳାବେନ୍ ହସପିଟାଲର ଅର୍ଥୋପେଡିକ୍ ସର୍ଜନ ଡା. ବିକାଶ ବାସା ଲୋକଙ୍କୁ ସଚେତନ କରାଇଛନ୍ତି। ସେ କହିଛନ୍ତି, ଦୀର୍ଘ ସମୟ ପର୍ଯ୍ୟନ୍ତ ଜୋତା ପିନ୍ଧିବା ଦ୍ୱାରା ପାଦ ଏକ ବିଶେଷ ଭଙ୍ଗୀରେ ଲକ୍ ବା ଛନ୍ଦି ହୋଇଯାଏ। ଏହାଦ୍ୱାରା ପାଦର ମାଂସପେଶୀ ଅପେକ୍ଷାକୃତ ଅଧିକ ଶକ୍ତ ହେବା ସହ ଭିତରୁ ଦୁର୍ବଳ ହେବାକୁ ଲାଗେ। ଲଗାତାର ଏଭଳି ହେବା ଦ୍ୱାରା ପାଦର ସ୍ୱାଭାବିକ ଚଳନକ୍ରିୟା ହ୍ରାସ ପାଏ। ଫଳରେ ଦୀର୍ଘ ଦିନ ଧରି ପାଦ ସମସ୍ୟା ଲାଗି ରହେ। ମୁଖ୍ୟତଃ ଏହା ପାଦରେ ଟାଇଟ୍ ହୋଇ ରହୁଥିବା ଜୋତା ଯୋଗୁ ହୋଇଥାଏ। ତେବେ ପାଦକୁ ଗୋଟିଏ ପୋଜିସନରେ ଦୀର୍ଘ ସମୟ ଧରି ରଖିବା ଦ୍ୱାରା ମାଂସପେଶୀଗୁଡ଼ିକ ମଧ୍ୟ ଦୁର୍ବଳ ହୋଇଯାଏ। ଏଥିଯୋଗୁ ପାଦରେ ଯନ୍ତ୍ରଣା ହେବା ସହ ପ୍ଲାଣ୍ଟର ଫାସାଇଟିସ୍ ଭଳି ଅନ୍ୟ ସମସ୍ୟା ମଧ୍ୟ ଦେଖାଯାଇପାରେ। ସେହିପରି ଯେଉଁ ଜୋତା ପାଦକୁ ଆଦୌ ହଲିବାକୁ ଦିଏ ନାହିଁ ଏବଂ ପାଦରେ ଠିକ୍ ଭାବେ ଫିଟିଂ ହୋଇ ନ ଥାଏ, ଏଭଳି ଜୋତା ଯୋଗୁଁ ପାଦରେ ସଂକ୍ରମଣ ତଥା ଚମ ଉତୁରିବା ଭଳି ସମସ୍ୟା ସୃଷ୍ଟି ହୁଏ। ଅନ୍ୟପଟେ ଭୁଲ ସାଇଜ୍‌ର ଓ ଅଧିକ ଫିଟିଂ ଜୋତା ପିନ୍ଧିବା ଦ୍ୱାରା ପାଦ ଓ ଅଣ୍ଟାରେ ଯନ୍ତ୍ରଣା ହୋଇଥାଏ। ସେହିପରି ଦିନ ତମାମ ଜୋତା ପିନ୍ଧିବା ଦ୍ୱାରା ପାଦରୁ ଅଧିକ ଝାଳ ବହେ ଏବଂ ଖରାଦିନେ ଏହା ବେଶି ବଢ଼ିଯାଏ। ଯଦ୍ୱାରା ପାଦରେ କବକ ଏବଂ ଜୀବାଣୁଜନିତ ସଂକ୍ରମଣ ହୋଇଥାଏ। ତେଣୁ କିଛି ସମୟ ବ୍ୟବଧାନରେ ପାଦରୁ ଜୋତା ବାହାର କରିବା ପାଇଁ ସେ ଲୋକଙ୍କୁ ପରାମର୍ଶ ଦେଇଛନ୍ତି।






### ଚୁଟ୍‌କିରେ ଦୂର ହେବ

# ଗ୍ୟାସ୍-ପେଟଫମ୍ପା ସମସ୍ୟା

**ବର୍ତ୍ତମାନ ସମୟରେ ଖାଦ୍ୟପେୟ ଶୈଳୀ, ଶାରୀରିକ ସକ୍ରିୟତାର ଅଭାବ, ଅତ୍ୟଧିକ ତେଲ ମସଲା ଓ ରାଗଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ, ଅତିଗରିଷ୍ଠ ଭୋଜନ ଆଦି ଦ୍ୱାରା ଗ୍ୟାସ୍, ପେଟ ଫାମ୍ପିବା, ଅମ୍ଳ ଏବଂ କୋଷ୍ଠକାଠିନ୍ୟ ଆଦି ସାଧାରଣ ସମସ୍ୟା ଭାବେ ଉଭା ହୋଇଛି। ଏହାଦ୍ୱାରା ଅଣନିଃଶ୍ୱାସୀ ଲାଗିବା, ଭୋକ ନ ଲାଗିବା, ମୁଣ୍ଡ ବିନ୍ଧିବା, ତଣ୍ଟି ଓ ଛାତି ଜଳାପୋଡ଼ା, ବାନ୍ତି ହେବା ଆଦି ଲକ୍ଷଣ ଦେଖାଯାଇଥାଏ। ଏସବୁ ସମସ୍ୟାକୁ ନିୟନ୍ତ୍ରଣ କରିବାକୁ ଅଧିକାଂଶ ଡାକ୍ତରଙ୍କ ବିନା ପରାମର୍ଶରେ ବି ଔଷଧ ସେବନ କରିଥାନ୍ତି। ଯଦିଓ ଔଷଧ ସେବନରୁ ଆରାମ ମିଳିଥାଏ ହେଲେ ଏହାର ବିଭିନ୍ନ ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଇପାରେ। ତେଣୁ ଏକ୍ଷେତ୍ରରେ ଘରୋଇ ଚିକିତ୍ସା ଉପାୟ ଆପଣାଇ ପାରିବେ।**

ପାନ ମଧୁରୀ, ଜିରା ଏବଂ ଜୁଆଣିକୁ ଅନୁମୋଦିତ ହାରରେ ମିଶାଇ ଏହାକୁ ଅଳ୍ପ ଆଞ୍ଚରେ ହାଲୁକା ଭାଜି ଦିଅନ୍ତୁ। ଏହି ମିଶ୍ରଣକୁ ଗୁଣ୍ଡ କରି ନିର୍ଦ୍ଦିଷ୍ଟ ପରିମାଣରେ ସେବନ କଲେ, ଗ୍ୟାସ୍, ଅମ୍ଳ, ପେଟଫାମ୍ପିବା ସମସ୍ୟାରୁ ଉପଶମ ମିଳିଥାଏ। ଏହା ପାଚନତନ୍ତ୍ରକୁ ସକ୍ରିୟ କରି ଚୟାପଚୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ। ଯାହାଦ୍ୱାରା ଓଜନ ନିୟନ୍ତ୍ରଣ ହୋଇପାରେ। ଆୟୁର୍ବେଦ ଚିକିତ୍ସକଙ୍କ ମତଅନୁଯାୟୀ ପାନ ମଧୁରୀ, ଜିରା ଏବଂ ଜୁଆଣି ତିନିଟିରେ ଭରପୁର ଆଣ୍ଟିଅକ୍ସିଡାଣ୍ଟ ଓ ଔଷଧୀୟ ତତ୍ତ୍ୱ ରହିଛି। ଏହାକୁ ମିଶାଇ ଖାଇବା ଦ୍ୱାରା ଏହା ପାଚନଶକ୍ତିକୁ ମଜବୁତ କରିଥାଏ।

ଶରୀରରେ ଜମା ହୋଇଥିବା ଦୂଷିତ ପଦାର୍ଥକୁ ବାହାର କରିବାରେ ସହାୟକ ହୋଇଥାଏ। ପେଟକୁ ସଫା କରିବା ସହ ଗ୍ୟାସ୍ ଓ ଅପଚ କମ୍ କରିଥାଏ। ତେଣୁ ଏହି ଗୁଣ୍ଡରେ ଅଳ୍ପ ହେଙ୍ଗୁ କିମ୍ବା କଳା ଲୁଣ ମିଶାଇ ମଧ୍ୟାହ୍ନ ଭୋଜନ ଏବଂ ରାତ୍ର ଭୋଜନ ପରେ ଅଧା ଚାମଚ ଉଷୁମ ପାଣି ସହିତ ମିଶାଇ ପିଇପାରିବେ।

ସେହିପରି ସାଧାରଣଭାବେ ଜିରା, ପାନ ମଧୁରୀ, ଜୁଆଣି ଭଜା ହୋଇ ନ ଥିଲେ, ଏହାକୁ ପାଣିରେ ଫୁଟାଇ ସକାଳୁ ପିଇ ହେବ। ଖାଲି ପାଣିରେ ମଧ୍ୟ ରାତିସାରା ଏହାକୁ ବତୁରାଇ ସକାଳୁ ଏହାକୁ ଛାଣି ସେହି ପାଣି ପିଇବା ଦ୍ୱାରା ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, କୋଷ୍ଠକାଠିନ୍ୟ ଉପଶମ କରିବାରେ ସହାୟକ ହୋଇଥାଏ। ସେହିପରି ଖାଦ୍ୟ ଖାଇବାର ଘଣ୍ଟାଏ ପରେ ପାଣି ପିଇବା ଦରକାର। ରାତ୍ରି ଭୋଜନରେ ଅଳ୍ପ ଖାଦ୍ୟ ଖାଇବା ଆବଶ୍ୟକ। ପଞ୍ଚଗବ୍ୟ ଔଷଧଆକାରରେ ଗୋମୂତ୍ର ଅର୍କ, ଜୀବନଧାରା, ଗାୟତ୍ରୀ ଚୂର୍ଣ୍ଣ, ହରିଡ଼ା ଚୂର୍ଣ୍ଣ ଆଦି ସେବନ କଲେ, ଗ୍ୟାସ୍ ସମସ୍ୟାରୁ ମୁକ୍ତି ମିଳିଥାଏ।

### ମେରୁଦଣ୍ଡ ଯନ୍ତ୍ରଣାକୁ କମ୍ କରିପାରେ

# ବୈଦ୍ୟୁତିକ ଅନ୍ତର୍ସ୍ଥାପନ ଉପକରଣ

ମେରୁଦଣ୍ଡ ମନୁଷ୍ୟ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଭୁଲ୍ ଶୈଳୀରେ ଦୀର୍ଘ ସମୟ ବସିବା, ବୟସ ବୃଦ୍ଧି, ମୋଟାପଣ, ଜୀବନଶୈଳୀ ଆଦି ଯୋଗୁଁ ମେରୁଦଣ୍ଡ ଯନ୍ତ୍ରଣା ହୋଇଥାଏ। ମେରୁଦଣ୍ଡରେ ଆଘାତ ଲାଗିଲେ, ଅସହ୍ୟ ଯନ୍ତ୍ରଣା ଜୀବନକୁ ପ୍ରଭାବିତ କରିଥାଏ। ତେବେ ଏହି ସମସ୍ୟାରୁ ଉପଶମ ପାଇଁ ମୁଖ୍ୟତଃ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ, ଫିଜିଓଥେରାପି କିମ୍ବା ଆବଶ୍ୟକସ୍ଥଳେ ସର୍ଜରୀ କରାଯାଇଥାଏ। ହେଲେ ନ୍ୟୁଜିଲ୍ୟାଣ୍ଡ, ଅକ୍‌ଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକଙ୍କ ଏକ ଟିମ୍ ଏକ ବୈଦ୍ୟୁତିକ ଅନ୍ତର୍ସ୍ଥାପନଯୁକ୍ତ ଉପକରଣ ବିକଶିତ କରିଛନ୍ତି। ଯାହାକି ମେରୁଦଣ୍ଡରେ ଆଘାତ ଲାଗିଲା ପରେ ବି ଏହାର ବ୍ୟବହାର ଚଲାବୁଲା କରିବା କ୍ଷମତାକୁ ପୁନଃସ୍ଥାପତି କରିପାରିବ। ଉକ୍ତ ବୈଦ୍ୟୁତିକ ଉପକରଣଟି ପିନ୍ଧିବା ଯୋଗ୍ୟ। ଅକଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ୱାଇପାପା ତୌମାତା ରାଓ ଫାର୍ମାସୀ ସ୍କୁଲର ଜଣେ ବରିଷ୍ଠ ଗବେଷଣା ଫେଲୋ, ମୁଖ୍ୟ ଗବେଷକ ଡା. ବ୍ରୁସ୍ ହାରଲାଣ୍ଡ ଏବଂ ତାଙ୍କର ଟିମ୍ ବିକଶିତ କରିଥିବା ଏହି ଉପକରଣଟି ବହୁତ ପତଳା, ହାଲୁକା ଭାବେ ଡିଜାଇନ୍ କରାଯାଇଛି। ଡ. ହାରଲାଣ୍ଡ କୁହନ୍ତି, ମେରୁଦଣ୍ଡ ଅସହ୍ୟ ଯନ୍ତ୍ରଣାରୁ ଆଶ୍ୱସ୍ତି ପାଇବାକୁ ଏହି ଉପକରଣକୁ ମେରୁଦଣ୍ଡରେ ଲଗାଯାଇଥାଏ। ବିଶେଷକରି ଯେଉଁସ୍ଥାନରେ ଆଘାତ ଲାଗିଥାଏ, ଉପକରଣଟି ସେଠାରେ ଆଲୋକ ଏବଂ ନିୟନ୍ତ୍ରିତ ବିଦ୍ୟୁତ୍ ପ୍ରବାହ ପଠାଇଥାଏ। ଫଳରେ ଏହା କ୍ଷତ ସ୍ଥାନକୁ ଭରିବାରେ ସାହାଯ୍ୟ କରିଥାଏ। ଏହା ସ୍ନାୟୁଆରୋଗ୍ୟକୁ ଉତ୍ତେଜିତ କରିବାକୁ ପ୍ରାକୃତିକ ବିକାଶ ମୂଳକ ସଙ୍କେତକୁ ଅନୁକରଣ କରିଥାଏ। ଫଳରେ ମେରୁଦଣ୍ଡ ପୁଣି କାର୍ଯ୍ୟକ୍ଷମ ହୋଇପାରେ। ବୈଜ୍ଞାନିକମାନେ ପ୍ରାଥମିକ ପର୍ଯ୍ୟାୟରେ ମୂଷା ଉପରେ ପରୀକ୍ଷା କରିଥିଲେ। ଏଥିରୁ ପ୍ରାକୃତିକ ରୂପେ ସୁସ୍ଥ ହେବା ତୁଳନାରେ ବୈଦ୍ୟୁତିକ ଉତ୍ତେଜନା ଜରିଆରେ କ'ଣ ପାର୍ଥକ୍ୟ ରହୁଛି ତାହା ଦେଖିବାକୁ ମିଳିଥିଲା। ଚାରି ସପ୍ତାହ ଧରି ଯେଉଁ ମୂଷାଙ୍କୁ ବୈଦ୍ୟୁତିକ ଉତ୍ତେଜନା ଚିକିତ୍ସା ଦିଆଯାଉଥିଲା। ଆଦୌ ଏହି ଚିକିତ୍ସା ଦିଆଯାଉନଥିବା ମୂଷାଙ୍କ ତୁଳନାରେ ସେମାନଙ୍କର ଚାଲିବା କ୍ଷମତା ଅପେକ୍ଷାକୃତ ଭଲ ଥିଲା। ୧୨ ସପ୍ତାହ ଧରି ଅଧ୍ୟୟନ କରାଯାଇଥିବାବେଳେ ଉକ୍ତ ମୂଷାମାନେ ହାଲୁକା ସ୍ପର୍ଶରେ ଶୀଘ୍ର ପ୍ରତିକ୍ରିୟା ଦେବା ଆରମ୍ଭ କରିଥିବା ଦେଖାଯାଇଥିଲା। ତେଣୁ ବୈଜ୍ଞାନିକମାନେ ଏହି ଗବେଷଣାରେ ସମ୍ପୂର୍ଣ୍ଣ ଭାବେ ସଫଳତା ପାଇବା ପରେ ଏହା ଆଗାମୀ ଦିନରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂତନ ପରିବର୍ତ୍ତନ ଆଣିପାରିବ।



# ପୁଣି ଡରାଉଛି ଚିକନଗୁନିଆ

**ବର୍ଷାଦିନେ ବାୟୁମଣ୍ଡଳ ଆର୍ଦ୍ରତା ବୃଦ୍ଧି ଓ ସନ୍ତସନ୍ତିଆ ପରିବେଶ ଯୋଗୁଁ ଜୀବାଣୁ, ଭୂତାଣୁ ଓ କବକ ସହଜରେ ବୃଦ୍ଧି ପାଆନ୍ତି। ଏହି ଦିନେ ଭୂତାଣୁ ଓ ଜୀବାଣୁ ଜନିତ ଜ୍ୱର ସାଧାରଣ କଥା। ତେବେ ବିଭିନ୍ନ ସ୍ଥାନରେ ପାଣି ଜମିଯାଉଥିବାରୁ ମଶା, ମାଛି ବଂଶବିସ୍ତାର କରିଥାନ୍ତି। ସଂକ୍ରମଣ, ଫ୍ଲୁ ତଥା ମଶାମାଛିଙ୍କଠାରୁ ବିଭିନ୍ନ ରୋଗ ସୃଷ୍ଟି ହୁଏ। ଏହି କ୍ରମରେ ଏବେ ଚିକନଗୁନିଆ ଚିନ୍ତାର କାରଣ ସାଜିଛି। ୨୦ ବର୍ଷ ପୂର୍ବରୁ ଏହି ଭୂତାଣୁ ସାରା ବିଶ୍ୱରେ ହଇଚଇ ସୃଷ୍ଟି କରିଥିଲା। ଆଉ ଏବେ ଏହା ଲୋକଙ୍କ ମଧ୍ୟରେ ପୁଣି ଆତଙ୍କ ସୃଷ୍ଟି କରିଛି। ମାୟୋଟେ, ମରିସସ ଆଦି ଦ୍ୱୀପ ସମେତ ଆଫ୍ରିକୀୟ ଦେଶ ପରେ ଚୀନ୍‌ରେ ଚିକନଗୁନିଆ ପୁଣି ବ୍ୟାପିବାରେ ଲାଗିଛି। ଏନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ମଧ୍ୟ ସତର୍କତା ଜାରି କରିଛି। ତେବେ ଏହି ଜ୍ୱରର କାରଣ, ଲକ୍ଷଣ ଓ ଚିକିତ୍ସା ବିଷୟରେ ଜାଣିବା...**



ଚିକନଗୁନିଆ ଏକ ଭୂତାଣୁ ଜନିତ ରୋଗ। ମଶା କାମୁଡିବା ଦ୍ୱାରା ଏହା ବ୍ୟାପିଥାଏ। ଏହାକୁ ଚିକନଗୁନିଆ ଜ୍ୱର ବୋଲି କୁହାଯାଏ। ମୁଖ୍ୟତଃ ବର୍ଷାଦିନେ ଏହା ଲୋକଙ୍କୁ ଅଧିକ ପ୍ରଭାବିତ କରିଥାଏ। ଚିକନଗୁନିଆ ଏଡିସ୍ ଏଜିପ୍ଟ ଏବଂ ଏଡିସ୍ ଆଲବୋପିକ୍ଟସ୍ ମଶା କାମୁଡ଼ିବା ଦ୍ୱାରା ହୋଇଥାଏ। ଏହି ମଶା ସାଧାରଣତଃ ଦିନରେ ଅଧିକ ସକ୍ରିୟ ରହିଥାନ୍ତି। ତେଣୁ ଏହି ସଂକ୍ରମିତ ମଶା ଜଣଙ୍କୁ କାମୁଡ଼ିଲେ, ଭୂତାଣୁ ଉକ୍ତ ବ୍ୟକ୍ତିଙ୍କ ରକ୍ତରେ ପ୍ରବେଶ କରି ଶରୀରରେ ଦ୍ରୁତ ଗତିରେ ବ୍ୟାପିପାରେ। ଏହା ଶରୀରର ମାଂସପେଶୀ ଏବଂ ସ୍ନାୟୁକୁ ଅଧିକ ପ୍ରଭାବିତ କରେ।

**ଲକ୍ଷଣ:** ଭୂତାଣୁ ସଂକ୍ରମଣ ହେବାର କିଛି ଦିନ ପରେ ଚିକନଗୁନିଆର ଲକ୍ଷଣଗୁଡ଼ିକ ଦେଖାଯାଏ। ରୋଗୀଙ୍କୁ ପ୍ରବଳ ଯନ୍ତ୍ରଣା ଏବଂ ଦୁର୍ବଳତାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ପୀଡ଼ିତ ବ୍ୟକ୍ତିଙ୍କୁ ଅତ୍ୟଧିକ ଜ୍ୱର, ପ୍ରବଳ ଗଣ୍ଠି ଯନ୍ତ୍ରଣା, ମାଂସପେଶୀ ବିନ୍ଧିବା ଭଳି ଲକ୍ଷଣ ଦେଖାଯାଏ। ଗଣ୍ଠି ଯନ୍ତ୍ରଣା ସପ୍ତାହରୁ ପ୍ରାୟ ମାସେ ପର୍ଯ୍ୟନ୍ତ ରହିପାରେ। ଏହାସହ ମୁଣ୍ଡବିନ୍ଧା, ଥକ୍କାପଣ, ଥଣ୍ଡା ଲାଗିବା, ବାନ୍ତି, ଆଖି ଯନ୍ତ୍ରଣା, ଶରୀରରେ ଲାଲ୍ ଫୋଟକା ଭଳି ଦେଖାଦେଇପାରେ। ପ୍ରାୟତଃ ଲକ୍ଷଣଗୁଡିକ ଡେଙ୍ଗୁ ପରି ହୋଇଥିବାରୁ ଏହି ରୋଗକୁ ସଠିକ୍ ଭାବେ ଚିହ୍ନଟ କରିବାରେ ବିଳମ୍ବ ହୋଇପାରେ। ଏହି ସଂକ୍ରମଣ, ବୟସ୍କ, ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଥିବା ବ୍ୟକ୍ତିଙ୍କଠାରେ ଗମ୍ଭୀର ରୂପ ନେଇପାରେ।

**ଜ୍ୱର ନିୟନ୍ତ୍ରଣ ପାଇଁ ଉପାୟ:** ଉପରୋକ୍ତ ଲକ୍ଷଣ ଶରୀରରେ ପ୍ରକାଶ ପାଇଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସା କରିବା ଜରୁରି। ଚିକନଗୁନିଆର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। ଜ୍ୱରର ତୀବ୍ରତାକୁ ନିୟନ୍ତ୍ରଣ କରିବାକୁ ସହାୟକ ଚିକିତ୍ସା ଦିଆଯାଏ। ରୋଗୀଙ୍କୁ ତରଳପେୟ ଓ ହାଲୁକା ଭୋଜନ କରିବା ସହ ଆରାମ କରିବାକୁ ଡାକ୍ତର ପରାମର୍ଶ ଦିଅନ୍ତି। ସେହିପରି ମଶା ନ ହେବାକୁ ଘର ଚତୁଃପାର୍ଶ୍ୱରେ ପାଣି ଜମା ହେବାକୁ ଦିଅନ୍ତୁନି। ଶରୀରକୁ ଘୋଡ଼ାଇ ରଖୁଥିବା ପୋଷାକ ପିନ୍ଧନ୍ତୁ। ମଶା ନିୟନ୍ତ୍ରଣ ପାଇଁ ମଶାରୀ ଟାଙ୍ଗି ଶୋଇବା ସହିତ କଏଲ, ଲିକ୍ୟୁଡି ଆଦି ବ୍ୟବହାର କରିପାରିବେ। ଯେଉଁ ସ୍ଥାନରେ ଭୂତାଣୁ ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପୁଛି ସେଠାକୁ ଯାଆନ୍ତୁନି। ଦୈନିକ ଶାରୀରିକ କାର୍ଯ୍ୟ କରିବା ଆବଶ୍ୟକ।

# ସାଇ ସ୍ୱରୂପଙ୍କୁ କ୍ରମାଗତ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ




## ଜାତୀୟ ଜୁନିଅର ଜଳକ୍ରୀଡ଼ା

ଭୁବନେଶ୍ୱର, ୭ ।୮ (ସମିସ): ଓଡ଼ିଶାର ଯୁବ ଓ ଉଦୀୟମାନ ସନ୍ତରଣକାରୀ ସାଇ ସ୍ୱରୂପ ସ୍ୱାଇଁଙ୍କ ଦମ୍‌ଦାର ପ୍ରଦର୍ଶନ ଚଳିତ ୫୧ତମ ଜାତୀୟ ଜୁନିଅର ଜଳକ୍ରୀଡ଼ା ପ୍ରତିଯୋଗିତାରେ ଜାରି ରହିଛି। ଅହମ୍ମଦାବାଦରେ ଚାଲିଥିବା ଏହି ଜଳକ୍ରୀଡ଼ା ପ୍ରତିଯୋଗିତାରେ ସାଇ ସ୍ୱରୂପ କ୍ରମାଗତ ୨ୟ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଐତିହାସିକ ସଫଳତା ଆଣିଛନ୍ତି। ଗୁରୁବାର ସେ ପୁରୁଷ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ଦୂରତାକୁ ସାଇ ସ୍ୱରୂପ ଏକ ମିନିଟ୍ ୧୦.୬୧ ସେକେଣ୍ଡରେ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ଏଥିପୂର୍ବରୁ ସେ ବୁଧବାର ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ମଧ୍ୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ରାଜ୍ୟର ପ୍ରଥମ ପୁରୁଷ ସନ୍ତରଣକାରୀ ଭାବେ ସାଇ ସ୍ୱରୂପ କୌଣସି ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ଏବେ ସେ ଏହି ଐତିହାସିକ ସଫଳତାରେ ଆଉ ଏକ ସ୍ୱର୍ଣ୍ଣ ପଦକ ଯୋଡ଼ିଛନ୍ତି। ଚଳିତ ଜାତୀୟ ପ୍ରତିଯୋଗିତାରେ ସାଇ ସ୍ୱରୂପଙ୍କ ଏହା ୩ୟ ପଦକ ଥିଲା। ସେ ମଧ୍ୟ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ କାଂସ୍ୟ ପଦକ ହାସଲ କରିଥିଲେ।

ସାଇଙ୍କ ଏହି କ୍ରମାଗତ ସଫଳତା ଲାଗି ତାଙ୍କ ନିକଟକୁ ଓଡ଼ିଶା କ୍ରୀଡ଼ା ଜଗତରୁ ଶୁଭେଚ୍ଛାର ସୁଅ ଛୁଟିଛି। ସାଇଙ୍କ ଘର କଟକ ବାରଙ୍ଗରେ ହୋଇଥିବାବେଳେ ତାଙ୍କ ବାପା ସୁବାସ ଚନ୍ଦ୍ର ସ୍ୱାଇଁ ଓ ମାତା ରୁନୁ ସ୍ୱାଇଁ ଉଭୟ ରାଜ୍ୟ ପୁଲିସ ବିଭାଗରେ କାର୍ଯ୍ୟରତ ରହିଛନ୍ତି। ବର୍ତ୍ତମାନ ସେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ-୧ରେ ଅଧ୍ୟୟନରତ। ଗତ ରାଜ୍ୟ ର୍‌ୟାଙ୍କିଙ୍ଗ ସନ୍ତରଣରେ ସାଇ ସ୍ୱରୂପ ୮ଟି ସ୍ୱର୍ଣ୍ଣ ପଦକ ଜିତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଳିଙ୍ଗ ଷ୍ଟାଡିୟମସ୍ଥିତ ଆକ୍ୱାଟିକ ହାଇପରଫର୍ମାନ୍ସ ସେଣ୍ଟରରେ ସେ ବର୍ତ୍ତମାନ ପ୍ରଶିକ୍ଷଣ ନେଉଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ସାଇ ସ୍ୱରୂପଙ୍କ ପୂର୍ବରୁ ରାଜ୍ୟର ଏକମାତ୍ର ପୁରୁଷ ସନ୍ତରଣକାରୀ ଭାବେ ରଙ୍କନିଧି ସେଠ୍ ୧୯୯୧ରେ କୋଲକାତାରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିଅର ସନ୍ତରଣରେ କାଂସ୍ୟ ପଦକ ଜିତିଥିଲେ। ଓଡ଼ିଶାର ପୁରୁଷ ସନ୍ତରଣକାରୀ ଭାବେ ରଙ୍କନିଧି ଗତ ୩୪ ବର୍ଷ ଧରି ଏକମାତ୍ର ଜାତୀୟ ପଦକ ବିଜେତା ରହିଥିଲେ।

■ ୪ ବର୍ଷର ବାସନ୍ଦ ଶେଷ ପରେ

## ଅନ୍ତର୍ଜାତୀୟ କ୍ରିକେଟକୁ ଫେରିଲେ ଟେଲର୍

ହରାରେ, ୭।୮ (ଏଜେନ୍ସି): ଦୀର୍ଘ ୪ ବର୍ଷର ବାସନ୍ଦ ପରେ ଜିମ୍ବାୱେର ଷ୍ଟାର କ୍ରିକେଟର ବ୍ରେଣ୍ଡାନ ଟେଲର ପୁଣିଥରେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିଛନ୍ତି। ଆଜି ଏଠାରେ ନ୍ୟୁଜିଲାଣ୍ଡ ସହ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ସେ ଜିମ୍ବାୱେ ପକ୍ଷରୁ ଖେଳିଥିଲେ। ଜିମ୍ବାୱେ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ୧୨୫ରେ ଅଲଆଉଟ ହୋଇଥିଲାବେଳେ ଇନିଂସ ଓପନ କରିଥିବା ଟେଲର ସର୍ବାଧିକ



୪୪ ରନ୍ କରିଥିଲେ। ୱିକେଟରକ୍ଷକ ତାଫଜୱା ସିଗା ୩୩ ରନ୍ କରିଥିଲେ। ପତିପକ୍ଷ ଦଳର ମ୍ୟାଟ୍ ହେନରୀ ୫ଟି ଓ ୨୩ ବର୍ଷୀୟ ଡେବ୍ୟୁଟାଣ୍ଟ ଅଲରାଉଣ୍ଡର ଜାକାରୀ ଫୋକ୍ସ ୪ଟି ୱିକେଟ ପାଇଥିଲେ। ଜବାବରେ ପ୍ରଥମ ଦିନ ଷ୍ଟମ୍ପ୍‌ସ ସୁଦ୍ଧା ନ୍ୟୁଜିଲାଣ୍ଡ ୧ ୱିକେଟ୍ ବିନିମୟରେ ୧୭୪ ରନ୍ କରିନେଇଛି। ଏହି ସମୟରେ ଡେଭନ କନୱେ ୭୯ ଓ ଜ୍ୟାକବ୍ ଡଫି ୮ ରନ୍‌ରେ ବ୍ୟାଟିଂ କରୁଥିଲେ। ୱିଲ ୟଙ୍ଗ୍ ୭୪ ରନ୍ କରି ଆଉଟ୍ ହୋଇଛନ୍ତି। ସୂଚନାଯୋଗ୍ୟ ୪ ବର୍ଷ ପୂର୍ବେ ଭାରତ ଗସ୍ତରେ ଆସିଥିବା ଜିମ୍ବାୱେର ଟେଲର ଜଣେ ଭାରତୀୟ ବୁକିଙ୍କଠାରୁ ୧୫,୦୦୦ ଡଲାର ଲାଞ୍ଚ ନେଇ ଧରାପଡ଼ିଥିଲେ। ଫଳରେ ତାଙ୍କୁ ସମସ୍ତ ପ୍ରକାର କ୍ରିକେଟରୁ ୪ ବର୍ଷ ଲାଗି ଆଇସିସି ବାସନ୍ଦ କରିଥିଲା।

## ଫିଫା ର୍‌ୟାଙ୍କିଙ୍ଗ୍‌ରେ ଭାରତର ଉନ୍ନତି

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଦୀର୍ଘ ୨ ବର୍ଷର ବ୍ୟବଧାନ ପରେ ଭାରତୀୟ ମହିଳା ଫୁଟବଲ ଦଳର ର୍‌ୟାଙ୍କିଙ୍ଗ ଶ୍ରେଷ୍ଠ ହୋଇଛି। ସର୍ବଶେଷ ପ୍ରକାଶିତ ର୍‌ୟାଙ୍କିଙ୍ଗ୍‌ରେ ଭାରତର ସ୍ଥାନ ୬୩ରେ ପହଞ୍ଚିଛି। ପୂର୍ବରୁ ୨୦୨୩ ଅଗଷ୍ଟ ୨୧ରେ ଭାରତ ଫିଫା ର୍‌ୟାଙ୍କିଙ୍ଗ୍‌ରେ ୬୧ତମ ସ୍ଥାନରେ ଥିଲା। ନିକଟରେ ନିଜଠାରୁ ଉନ୍ନତ ର୍‌ୟାଙ୍କିଙ୍ଗ୍ ଦଳ ଥାଇଲାଣ୍ଡକୁ ପରାସ୍ତ କରି ଏଏଫ୍‌ସି ମହିଳା ଏସିଆ କପ୍‌କୁ ଯୋଗ୍ୟତା ଅର୍ଜନ କରିବା ପରେ ଭାରତର ର୍‌ୟାଙ୍କିଙ୍ଗ୍‌ରେ ଉନ୍ନତି ହୋଇଛି।

## ପ୍ରଥମ ଟି-୨୦ରେ ହାରିଲେ ଭାରତୀୟ ମହିଳା

ମ୍ୟାକୟ, ୭।୮ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଆସିଥିବା ଭାରତୀୟ ମହିଳା-ଏ’ କ୍ରିକେଟ ଦଳ ସେମାନଙ୍କ ପ୍ରଥମ ମ୍ୟାଚ୍‌ରେ ପରାଜିତ ହୋଇଛନ୍ତି। ଏଠାରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲି-ଏ’ ୧୩ ରନ୍‌ରେ ଭାରତ-ଏ’କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ-ଏ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୩୭ ରନ୍ କରିଥିଲା। ଏହା କମ୍ ସ୍କୋର ହୋଇଥିଲେ ମଧ୍ୟ ଭାରତ-ଏ’ ସମାନ ସଂଖ୍ୟକ ଓଭର ଖେଳି ୫ ୱିକେଟରେ ୧୨୪ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରେମା ରାୱତ ୩ଟି ୱିକେଟ ନେଇଥିଲାବେଳେ ଉମା ଛେତ୍ରୀ ୩୧ ଓ ରାଘବୀ ବିସ୍ତ ୩୩ ରନ୍ କରିଥିଲେ। ଶେଫାଳି ବର୍ମା ୩ ରନ୍‌ରେ ଆଉଟ ହୋଇଥିଲେ। ଏହି ଗସ୍ତରେ ଭାରତ-ଏ’ ୩ଟି ଟି-୨୦, ୩ଟି ୫୦ ଓଭର ବିଶିଷ୍ଟ ମ୍ୟାଚ୍ ଓ ଗୋଟିଏ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।

## ‘ବାଲନ୍ ଡି ଓର୍’ ପୁରସ୍କାର ଦୌଡ଼ରେ ସ୍ଥାନ ପାଇଲେନି ମେସି, ରୋନାଲ୍ଡୋ

ପ୍ୟାରିସ, ୭ ।୮ (ଏଜେନ୍ସି): ବିଶ୍ୱର ସର୍ବଶ୍ରେଷ୍ଠ ଫୁଟ୍‌ବଲ ପୁରସ୍କାର ‘ବାଲନ୍ ଡି ଓର୍’ ଲାଗି ଗୁରୁବାର ଆୟୋଜକଙ୍କ ପକ୍ଷରୁ ମନୋନୀତ ୩୦ ଜଣିଆ ସଂକ୍ଷିପ୍ତ ତାଲିକା ପ୍ରକାଶ ପାଇଛି। ଯେଉଁଥିରେ ଦୁଇ କିମ୍ବଦନ୍ତୀ ଖେଳାଳି ଆର୍ଜେଣ୍ଟିନାର ଲିଓନେଲ୍ ମେସି ଓ ପର୍ତ୍ତୁଗାଲର କ୍ରିଷ୍ଟିଆନ ରୋନାଲ୍ଡୋଙ୍କ ନାମ ପାଇନାହିଁ। ଫ୍ରାନ୍ସ ତାରକା କିଲିଆନ୍ ଏମ୍‌ବାପ୍ପେ ଓ ଓଉସମାନେ ଡେମ୍ବେଲଙ୍କ ସମେତ ଇଜିପ୍ଟର ମହମ୍ମଦ ସାଲାହ ପ୍ରମୁଖ ଏହି ତାଲିକାରେ ରହିଛନ୍ତି। ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି)ର ଫରୱାର୍ଡ ଡେମ୍ବେଲ ଏଥର ‘ବାଲନ୍ ଡି ଓର୍’ ପୁରସ୍କାର ଜିତିବା ଲାଗି ପ୍ରମୁଖ ଦାବିଦାର୍ ରହିଛନ୍ତି। ସେ ଉଭୟ ଦେଶ ଓ କ୍ଲବ ପାଇଁ ୩୬ ଗୋଲ୍ ଦେଇଥିବାବେଳେ ୧୩ରେ ସହାୟତା କରିଥିଲେ। ପ୍ରକାଶଯୋଗ୍ୟ, ମେସି ଓ ରୋନାଲ୍ଡୋ ମିଳିତ ଭାବେ ୧୩ଥର ଏହି ପୁରସ୍କାର ଜିତିଛନ୍ତି। ଯେଉଁଥିରେ ମେସି ରେକର୍ଡ ୮ ଥର ଓ ରୋନାଲ୍ଡୋ ୫ଥର ବାଲନ୍ ଡି ଓର୍ ଟ୍ରଫି ହାସଲ କରିଛନ୍ତି।

# ଆଶଙ୍କାରେ ଆଇଏସ୍‌ଏଲ୍; ସେପ୍ଟେମ୍ବରରେ ସୁପର କପ୍

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଭାରତର ଶ୍ରେଷ୍ଠ ଫୁଟବଲ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ର ଆୟୋଜନ ଆଶଙ୍କାରେ। ଏ ସମ୍ପର୍କରେ ଆଇଏସ୍‌ଏଲ୍‌ରେ ସାମିଲ ଥିବା ୧୩ଟି ଯାକ ଫ୍ରାଞ୍ଚାଇଜ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଓ ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ସଭାପତି କଲ୍ୟାଣ ଚୌବେଙ୍କ ସହ ଆଜି ଅନୁଷ୍ଠିତ ବୈଠକରେ ଏହି ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ କିଛି ନିଷ୍ପତ୍ତି ହୋଇ ପାରିଲାନି। ବରଂ ସିଜନ ଶେଷରେ ଆୟୋଜିତ ହେଉଥିବା ସୁପର କପ୍ ଫୁଟବଲ ସେପ୍ଟେମ୍ବର ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ଆୟୋଜିତ ହେବ ବୋଲି ଏଆଇଏଫ୍‌ଏଫ୍ ସଭାପତି ଚୌବେ କହିବା ପରେ ଆଇଏସ୍‌ଏଲ୍ ଚଳିତବର୍ଷ ଆଉ ହେବ ନାହିଁ ବୋଲି ସିଇଓ ମାନେ ବିଶ୍ୱାସ କରୁଛନ୍ତି। ଏହି ବୈଠକରେ ସମସ୍ତ ୧୩ଟି ଯାକ କ୍ଲବ୍ ଅଂଶଗ୍ରହଣ କରିଥିଲେ। ଚୌବେଙ୍କ ମତରେ ଆସନ୍ତା ସପ୍ତାହକ ମଧ୍ୟରେ ଏହି ବୈଠକ ଦ୍ୱିତୀୟଥର ଆୟୋଜିତ ହେବ। ଏହା ପରେ କିଛି ଗୋଟାଏ ସମାଧାନର ରାସ୍ତା ବାହାରିବ। ଆଇଏସ୍‌ଏଲ୍ ବାତିଲ କିମ୍ବା ସ୍ଥଗିତ ହେବ ନାହିଁ। ଏହା ବିଳମ୍ବରେ ହେବ ଓ ଫର୍ମାଟ ବଦଳିବ ବୋଲି ସେ କହିଛନ୍ତି। ଏହାର ଅର୍ଥ ଯଦି ବି ଏହି ମାର୍କମରା ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୁଏ, ସେଥିଲାଗି ଅନେକ କସରତ କରିବାକୁ ପଡ଼ିବ। ଏଥିଲାଗି ସିଜନ ଶେଷରେ ଆୟୋଜିତ ହେଉଥିବା ସୁପର କପ୍‌କୁ ସିଜନ ଆରମ୍ଭରେ ଆୟୋଜନ କରିବାକୁ ଏଆଇଏଫ୍‌ଏଫ୍



ଯୋଜନା କରୁଛି। ଯାହା ଫଳରେ ଭାରତୀୟ ଖେଳାଳି, କ୍ଲବ୍ ଫିଟ୍ ରହି ପାରିବେ। ଅକ୍ଟୋବର ୯ ଓ ୧୦ରେ ଭାରତର ଏଏଫ୍‌ସି ଏସିଆନ୍ କପ୍ କ୍ୱାଲିଫାଇଂ ମୁକାବିଲା ସିଙ୍ଗାପୁର ସହ ଅକ୍ଟୋବର ୯ ଓ ୧୪ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏଥିଲାଗି ଏଆଇଏଫ୍‌ଏଫ୍ ସୁପର କପ୍ ଆଗୁଆ ଆୟୋଜନ କରୁଛି। ସୁପର କପ୍ ଶେଷ ହେଲା ବେଳକୁ କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ।

ଏହା ମଧ୍ୟରେ ଆଇଏସ୍‌ଏଲ୍‌ର ଆୟୋଜକ ନୀତା ଅମ୍ବାନୀଙ୍କ ଫୁଟବଲ ସ୍ପୋର୍ଟ୍ସ ଡେଭଲପ୍‌ମେଣ୍ଟ ଲିଃ (ଏଫ୍‌ଏସ୍‌ଡିଏଲ୍) ଓ ଏଆଇଏଫ୍‌ଏଫ୍ ମଧ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ଯେଉଁ ମାଷ୍ଟର ରାଇଟସ ରାଜିନାମା ହୋଇଥିଲା ତାହାର ଅବଧି ଡିସେମ୍ବର ୮ରେ ଶେଷ ହେବ। କିନ୍ତୁ ଟୁର୍ଣ୍ଣାମେଣ୍ଟ ଆୟୋଜନ ରାଜିନାମାର ନବୀକରଣ ଲାଗି ନୀତାଙ୍କ କମ୍ପାନୀ ପକ୍ଷରୁ କୌଣସି ଆଗ୍ରହ ପ୍ରକାଶ ପାଉନାହିଁ। ବିଶେଷ କରି ଏଫ୍‌ଏସ୍‌ଡିଏଲ୍ ସହ ଥିବା କମ୍ପାନୀଗୁଡିକ ଆଉ ନବୀକରଣ କରିବାକୁ ଚାହିଁନାହାନ୍ତି। ସେମାନେ ଏହି ଟୁର୍ଣ୍ଣାମେଣ୍ଟ ଲାଗି ଯେତିକି ଅର୍ଥ ଦେଉଛନ୍ତି ତାହା ଫେରୁ ନାହିଁ। ଭାରତରେ ଆଇଏସ୍‌ଏଲ୍‌ର ଲୋକପ୍ରିୟତା ହେଲା ନାହିଁ କିମ୍ବା ଦର୍ଶକ ଏହାକୁ ବିଶେଷ ଦେଖୁନାହାନ୍ତି। ଏଣୁ ବିଜ୍ଞାପନଦାତା ମାନେ ମଧ୍ୟ ଏଥିପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଭଳି ସ୍ଥିତିରେ ଏଆଇଏଫ୍‌ଏଫ୍ ଏତେ ବଡ଼ ବଜେଟର ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବା ସମ୍ଭବ ନୁହେଁ। ସଭାପତି ଚୌବେ ବାରମ୍ବାର ଏ ସମ୍ପର୍କରେ ଆୟୋଜକଙ୍କ ସହ ଆଲୋଚନା କରି ବିଫଳ ହୋଇସାରିଲେଣି। ସେ ବିକଳ୍ପ ଆୟୋଜନ ସନ୍ଧାନରେ ଥାଇ ବିଫଳ ହୋଇଛନ୍ତି। ଏଣୁ ଏହାର ଆୟୋଜନ ହେବା ସମ୍ଭବ ନୁହେଁ ବୋଲି ଟିମ୍ ଗୁଡିକର ସିଇଓଙ୍କର ଉପଲବ୍ଧ ହୋଇଛି।

ଏହା ମଧ୍ୟରେ ଓଡ଼ିଶା ଏଫ୍‌ସି, ବେଙ୍ଗାଲୁରୁ ଏଫ୍‌ସି ଓ ଚେନ୍ନାଇନ୍ ଏଫ୍‌ସି ତାହାର ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କ ଚୁକ୍ତିନାମାକୁ ଚଳିତବର୍ଷ ବାତିଲ କରିଛନ୍ତି। ସେମାନେ ଚାହିଁଲେ ଚଳିତବର୍ଷ ଅନ୍ୟ କୌଣସି ଟୁର୍ଣ୍ଣାମେଣ୍ଟ କିମ୍ବା କ୍ଲବ୍ ପକ୍ଷରୁ ଖେଳିପାରିବେ। ଏହାର ଅର୍ଥ ଏହି ୩ଟି ଆଇଏସ୍‌ଏଲ କ୍ଲବ୍ ଯେତେବେଳେ ପ୍ରସ୍ତୁତି ଜୋରଦାର କରିବା କଥା, ସେତେବେଳେ କ୍ଲବ୍‌କୁ ଭାଙ୍ଗିଦେଇଛନ୍ତି। ଏହା ଫଳରେ ଟୁର୍ଣ୍ଣାମେଣ୍ଟ କିପରି ଆୟୋଜିତ ହେବ ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ୍। କ୍ଲବ୍ ଗୁଡିକୁ ଆଶ୍ୱାସନା ଦେବା ଓ ଭାରତୀୟ ଖେଳାଳିମାନଙ୍କୁ ସିଙ୍ଗାପୁର ବିପକ୍ଷ ଏଏଫ୍‌ସି ଏସିଆନ୍ କପ୍ କ୍ୱାଲିଫାଇଂ ମୁକାବିଲା ଲାଗି ଫିଟ ରଖିବା ସକାଶେ ସୁପର କପ୍ ଆଗୁଆ କରିବାକୁ ଏଆଇଏଫ୍‌ଏଫ୍ ପକ୍ଷରୁ ଯୋଜନା କରାଯାଇଛି। କିନ୍ତୁ ଆଇଏସ୍‌ଏଲ୍ ଆୟୋଜନ ସମ୍ପର୍କରେ କିଛି ନିଷ୍ପତ୍ତି ହୋଇପାରିନାହିଁ।

## ଗିଲ୍‌ଙ୍କୁ ଉତ୍ତରାଞ୍ଚଳ, ଜୁରେଲଙ୍କୁ କେନ୍ଦ୍ରାଞ୍ଚଳର ନେତୃତ୍ୱ




ଦୁଲୀପ୍ ଟ୍ରଫି

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜକୁ ୨-୨ରେ ଡ୍ର ରଖିବା ପରେ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଆଉ ଏକ ବଡ଼ ଦାୟିତ୍ୱ ମିଳିଛି। ଚଳିତ ମାସ ୨୮ରୁ ଆରମ୍ଭ ହେବାକୁ ଥିବା ଦୁଲୀପ୍ ଟ୍ରଫି ଲାଗି ଗିଲ୍‌ଙ୍କୁ ଉତ୍ତରାଞ୍ଚଳ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ଗିଲ୍‌ଙ୍କ ବ୍ୟତୀତ ଉତ୍ତରାଞ୍ଚଳ ଦଳରେ ଅନେକ ତାରକା ଖେଳାଳି ରହିଛନ୍ତି। ସେମାନଙ୍କ ମଧ୍ୟରେ ଅର୍ଶଦୀପ୍ ସିଂହ, ହର୍ଷିତ ରାଣା, ଅଂଶୁଲ କାମ୍ବୋଜ, ଆୟୁଷ ବଦୋନୀ ପ୍ରମୁଖ ରହିଛନ୍ତି। କ୍ୱାର୍ଟର ଫାଇନାଲରେ ଉତ୍ତରାଞ୍ଚଳର ମୁକାବିଲା ଇଶାନ କିଶାନଙ୍କ ପୂର୍ବାଞ୍ଚଳ ଦଳ ସହ ହେବ। ସେହିଭଳି ଗୁରୁବାର କେନ୍ଦ୍ରାଞ୍ଚଳ ଦଳ ମଧ୍ୟ ଘୋଷଣା କରାଯାଇଛି। ୱିକେଟ୍‌କିପର ଧ୍ରୁବ ଜୁରେଲଙ୍କୁ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଦଳରେ ଆଇପିଏଲ୍ ଟ୍ରଫି ବିଜୟୀ ଅଧିନାୟକ ରଜତ ପଟିଦାର, କୁଲଦୀପ୍ ଯାଦବ, ଆଦିତ୍ୟ ଥାକରେ, ଦୀପକ ଚହର, ଖଲିଲ ଅହମ୍ମଦଙ୍କ ଭଳି ତାରକା ଖେଳାଳି ରହିଛନ୍ତି।

ଉଲ୍ଲେଖଯୋଗ୍ୟ, ଦୁଲୀପ୍ ଟ୍ରଫି ସହ ବିସିସିଆଇର ୨୦୨୫-୨୬ ଘରୋଇ କ୍ରିକେଟ୍ ସିଜନ ଆରମ୍ଭ ହେବ। ଏଥର ୬ ଦଳୀୟ ଜୋନାଲ୍ ଫର୍ମାଟ୍‌ରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳ ସିଧାସଳଖ ସେମିଫାଇନାଲ ଖେଳିବାର ସୁଯୋଗ ପାଇଛନ୍ତି। ସେହିଭଳି କେନ୍ଦ୍ରାଞ୍ଚଳ ଓ ଉତ୍ତରପୂର୍ବାଞ୍ଚଳ ମଧ୍ୟରେ ଅନ୍ୟ ଏକ କ୍ୱାର୍ଟର ଫାଇନାଲ ଅଗଷ୍ଟ ୨୮ରୁ ଆରମ୍ଭ ହେବ। ଦୁଇ କ୍ୱାର୍ଟର ଫାଇନାଲର ବିଜେତା ସେମିଫାଇନାଲରେ ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳକୁ ଭେଟିବେ।

## ବିଏଫ୍‌ଆଇ ବିରୋଧରେ ଗୁରୁତର ଅଭିଯୋଗ ଆଣିଲେ ଲଭ୍‌ଲିନା

ନୂଆଦିଲ୍ଲୀ, ୭ ।୮ (ଏଜେନ୍ସି): ଭାରତର ତାରକା ମହିଳା ବକ୍ସର ଲଭଲିନା ବୋରଗୋହେଁ ଏକ ଗୁରୁତର ଅଭିଯୋଗ ଆଣିଛନ୍ତି। ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍‌ଆଇ)ର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ଅବସରପ୍ରାପ୍ତ କର୍ଣ୍ଣେଲ ଅରୁଣ ମଲିକ ତାଙ୍କ ପ୍ରତି ଭେଦଭାବ ଓ ଅପମାନଜନକ ଆଚରଣ ପ୍ରଦର୍ଶନ କରିଥିବା ନେଇ ଲଭ୍‌ଲିନା ଅଭିଯୋଗ କରିଛନ୍ତି। ଦୁଇ ପୃଷ୍ଠା ସମ୍ବଳିତ ଏହି ଅଭିଯୋଗ ପତ୍ରକୁ ଲଭଲିନା କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ, ସାଇ ନିର୍ଦ୍ଦେଶକ ହରି ରଞ୍ଜନ ରାଓ, ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ (ଟପ୍ସ)ର ଅଫିସିଆଲ୍ ଓ ବିଏଫ୍‌ଆଇ ନିକଟକୁ ପଠାଇଛନ୍ତି। ରିପୋର୍ଟରୁ ଜଣାପଡ଼ିଛି ଯେ, ଜୁଲାଇ ୮ରେ ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ (ଟପ୍ସ)ର ଜୁମ୍ ବୈଠକରେ ଏହି ଅଘଟଣ ଘଟିଥିଲା। ଏହି ବୈଠକରେ ଲଭଲିନା ଅନୁରୋଧ କରିଥିଲେ ଯେ ତାଙ୍କର ଆଗାମୀ ୟୁରୋପ ପ୍ରଶିକ୍ଷଣ ଲାଗି ପ୍ରଣମିକା ବୋରୋଙ୍କୁ ସେ ବ୍ୟକ୍ତିଗତ ପ୍ରଶିକ୍ଷକ ଭାବେ ନେବାକୁ ଚାହୁଁଛନ୍ତି। ଏଥିଲାଗି ତାଙ୍କୁ ଅନୁମତି ଦିଆଯାଉ। କିନ୍ତୁ ଏହି ସମୟରେ ଅରୁଣ ମଲିକ ତାଙ୍କୁ ଅପମାନିତ କରି କହିଥିଲେ, ‘ଚୁପ୍ ରୁହ ଆମେ ଯାହା କହୁଛୁ ମୁଣ୍ଡ ତଳକୁ କରି ତାହାକୁ ଶୁଣ’। ଲଭଲିନା ଅଭିଯୋଗ ପତ୍ରରେ ଏହା ଦର୍ଶାଇଛନ୍ତି।

## ଜାଭେଲିନ୍ ଦିବସ ପାଳିଲା ଓଡ଼ିଶା



କଟକ, ୭।୮ (ସମିସ): ଭାରତର ନୀରଜ ଚୋପ୍ରା ଅଗଷ୍ଟ ୭ ତାରିଖରେ ଅଲିମ୍ପିକ୍ସରେ ଜାଭେଲିନ୍‌ରେ ଐତିହାସିକ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଏହି ସଫଳତା ଭାରତ ଲାଗି ଥିଲା ବିରଳ। ଯାହା ଫଳରେ ନୀରଜଙ୍କ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟ ପରଠାରୁ ଭାରତରେ ଅଗଷ୍ଟ ୭କୁ ଜାଭେଲିନ୍ ଦିବସ ଭାବେ ପାଳନ କରାଯାଇଆସୁଛି। ଓଡ଼ିଶାରେ ମଧ୍ୟ ଏହି ଦିବସ ଆଜି ଓଡ଼ିଶା ଆଥଲେଟିକ୍ ସଂଘ ପାଳନ କରିଥିଲା। ଏଥିଲାଗି ସମଗ୍ର ଓଡ଼ିଶାରୁ ୬୦ଜଣ ଜାଭେଲିନ୍ ଫିଙ୍ଗାଳି ଏଠାରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଆଥଲେଟିକ୍ସ କୋଚ୍ ଚିତ୍ତରଞ୍ଜନ ମହାପାତ୍ର ଓ ଶୈଳେନ୍ଦ୍ର ପ୍ରସନ୍ନ ବର୍ମା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ନ୍ୟାସନାଲ ଟେକ୍ନିକାଲ ଅଫିସିଆଲ ଭବାନୀ ଶଙ୍କର ଜେନା ଏହି ଉତ୍ସବରେ ସଭାପତିତ୍ୱ କରିଥିଲାବେଳେ ଅନେକ ଆଥଲେଟ ଓ କୋଚ୍ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ୨୦୨୧ ଅଗଷ୍ଟ ୭ରେ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ନୀରଜ ଚୋପ୍ରା ଜାଭେଲିନ୍‌ରେ ସ୍ୱର୍ଣ୍ଣପଦକ ଜିତି ଇତିହାସ ସୃଷ୍ଟି କରିଥିଲେ।

ଟେନିସ୍ ଇତିହାସରେ ରେକର୍ଡ ପୁରସ୍କାର ରାଶି

## ୟୁଏସ୍ ଓପନ୍ ଚାମ୍ପିଅନଙ୍କୁ ମିଳିବ ୪୩.୭୫ କୋଟି

ନ୍ୟୁୟର୍କ, ୭ ।୮ (ଏଜେନ୍ସି): ଚଳିତ ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ଚଳିତ ମାସ ୨୪ ତାରିଖରୁ ଆରମ୍ଭ ହେବ। ୟୁଏସ୍ ଓପନ୍‌ର ଏହା ହେବ ୧୪୫ତମ ସଂସ୍କରଣ। ଏହି ମେଗା ଇଭେଣ୍ଟ ଲାଗି ଆୟୋଜକ ୟୁଏସ୍ ଟେନିସ ସଂଘ ପକ୍ଷରୁ ପୁରସ୍କାର ରାଶି ଘୋଷଣା କରାଯାଇଛି। ଏଥର ୟୁଏସ୍ ଓପନ୍‌ରେ ମୋଟ୍ ପୁରସ୍କାର ରାଶି ୯୦ ମିଲିୟନ ଡଲାର ରଖାଯାଇଛି। ଯାହାକି ଭାରତୀୟ ମୁଦ୍ରାରେ ୭ ଶହ ୮୭ କୋଟି ୩୧ ଲକ୍ଷ ଟଙ୍କା ହେବ। ଗତ ସଂସ୍କରଣ ତୁଳନାରେ ଏଥର ମୋଟ୍ ପୁରସ୍କାର ରାଶିରେ ୨୦ ପ୍ରତିଶତ ବୃଦ୍ଧି ଘଟିଛି। ଗତବର୍ଷ ୬ ଶହ ୫୬ କୋଟି ୨୦ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ଦିଆଯାଇଥିଲା। ବିଶ୍ୱ ଟେନିସରେ ଆୟୋଜନ କରାଯାଉଥିବା ଯେକୌଣସି ଟୁର୍ଣ୍ଣାମେଣ୍ଟରେ ଏହା ରେକର୍ଡ




ପୁରସ୍କାର ରାଶି ହୋଇଛି। ଯଦି ଗତ ମାସରେ ଅନୁଷ୍ଠିତ ହୋଇଥିବା ୱିମ୍ବଲଡନ ଉପରେ ନଜର ପକାଇବା ତେବେ ସେହି ଟୁର୍ଣ୍ଣାମେଣ୍ଟର ମୋଟ୍ ପୁରସ୍କାର ରାଶି ୭୩ ମିଲିୟନ ଡଲାର (୬ ଶହ ୩୮ କୋଟି ୫୦ ଲକ୍ଷ ଟଙ୍କା) ପ୍ରଦାନ କରାଯାଇଥିଲା।

ଅପରପକ୍ଷରେ ଏଥର ୟୁଏସ୍ ଓପନ୍‌ର ପୁରୁଷ ଓ ମହିଳା ସିଙ୍ଗଲ୍ସ ଚାମ୍ପିଅନଙ୍କୁ ଆଖିଦୃଶିଆ ରାଶି ମିଳିବ। ପୁରୁଷ ଓ ମହିଳା ସିଙ୍ଗଲ୍ସ ବିଜେତା ଏଥର ୫ ମିଲିୟନ ଡଲାର ତଥା ୪୩ କୋଟି ୭୫ ଲକ୍ଷ ଟଙ୍କା ସାଙ୍ଗରେ ନେଇ ଘରକୁ ଯିବେ। ୨୦୨୪ରେ ୟୁଏସ୍ ଓପନ୍ ବିଜେତାକୁ ୩୧ କୋଟି ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଅର୍ଥାତ୍ ଚଳିତ ବର୍ଷ ଏହି ରାଶିରେ ୩୯ ପ୍ରତିଶତ ବୃଦ୍ଧି କରାଯାଇଛି। ସେହିଭଳି ଯେଉଁ ଖେଳାଳି ପ୍ରଥମ ରାଉଣ୍ଡରୁ ବିଦାୟ ନେବେ ସେ ୯୬ ଲକ୍ଷ ଟଙ୍କା ପାଇବେ।

## ଜୁନିଅର ମହିଳା ହକି କ୍ୱାର୍ଟରରେ ଓଡ଼ିଶା

ଭୁବନେଶ୍ୱର, ୭ ।୮ (ସମିସ): ଆନ୍ଧ୍ର ପ୍ରଦେଶରେ ଚାଲିଥିବା ଜାତୀୟ ଜୁନିଅର ମହିଳା ହକି ଚାମ୍ପିଅନସିପ୍ (ଡିଭିଜନ-ଏ)ରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପୁଲ୍-ଡି’ରେ ସ୍ଥାନ ପାଇଥିବା ଓଡ଼ିଶା ୨ ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୩ ପଏଣ୍ଟ ପାଇ ମହାରାଷ୍ଟ୍ର (୬) ପଛକୁ ୨ୟ ସ୍ଥାନରେ ରହିଥିଲା। ମହାରାଷ୍ଟ୍ର ଏହାର ଶେଷ ପୁଲ୍ ମୁକାବିଲାରେ ଗୁରୁବାର ଆନ୍ଧ୍ର ପ୍ରଦେଶକୁ ୫-୧ ଗୋଲ୍‌ରେ ହରାଇବା ପରେ ଓଡ଼ିଶାର କ୍ୱାର୍ଟର ଫାଇନାଲ ଖେଳିବା ସ୍ପଷ୍ଟ ହୋଇଥିଲା। ଶନିବାର କ୍ୱାର୍ଟର ଫାଇନାଲ ଖେଳାଯିବ। ଏଥିରେ ଓଡ଼ିଶାର ମୁକାବିଲା ଶକ୍ତିଶାଳୀ ହରିୟାଣା ସହ ହେବ। ପୁଲ୍-ସି’ରେ ହରିୟାଣା ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହ ୪ ପଏଣ୍ଟ ପାଇ ଶୀର୍ଷରେ ରହିଥିଲା। ଅନ୍ୟ ୩ଟି କ୍ୱାର୍ଟରରେ ମହାରାଷ୍ଟ-ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ-ଛତିଶଗଡ଼ ଏବଂ ଝାଡ଼ଖଣ୍ଡ-ପଞ୍ଜାବ ସାମ୍ନାସାମ୍ନି ହେବେ।

## ସିବିଏସ୍‌ଇ କ୍ଲଷ୍ଟର-୨ ଆଥ୍‌ଲେଟିକ୍ସ ମିଟ୍ ଆରମ୍ଭ



ଭୁବନେଶ୍ୱର, ୭ ।୮ (ସମିସ): ସ୍ଥାନୀୟ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ଗୁରୁବାର ସିବିଏସ୍‌ଇ କ୍ଲଷ୍ଟର-୨ ଆଥ୍‌ଲେଟିକ୍ସ ମିଟ୍ ଉଦ୍‌ଘାଟିତ ହୋଇଯାଇଛି। ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ) ଓ କିଟ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ଆସନ୍ତା ୧୧ ତାରିଖରେ ଉଦ୍‌ଯାପିତ ହେବ। ଏଥିରେ ସିବିଏସ୍‌ଇ ରିଜିଅନର ୧୧୫ ସ୍କୁଲର ହଜାରେରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି। ସକାଳେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସିବିଏସ୍‌ଇର ପର୍ଯ୍ୟବେକ୍ଷକ ସୋନୁ କାମାତ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ପ୍ରିନ୍ସିପାଲ୍ ସଞ୍ଜୟ ସୁଆର, ଅଧକ୍ଷା ଡ. ମୋନାଲିସା ବଳ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଂଶଗ୍ରହଣକାରୀ ସମସ୍ତ କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ ଅଫିସଆଲ୍‌ଙ୍କୁ ଏହି ପ୍ରତିଯୋଗିତା ଲାଗି ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS